# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୭/୨୦୨୩ (୧୮ ପୃଷ୍ଠା) | Bhubaneswar, Thursday, August 17/2023 | Page 18 | ₹ 7.00

୪୯ଶ ଭାଗ ୨୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 262 | ମୂଲ୍ୟ ₹୭/-




**ଅଲ ହିଲାଲରେ ନେମାର**

ପିଏସ୍‌ଜି ଛାଡି ବାର୍ଷିକ ୧୦୦ ମିଲିୟନ୍ ଡଲାର ଚୁକ୍ତିରେ ଦୁଇ ବର୍ଷ ପାଇଁ ଅଲ ହିଲାଲରେ ଯୋଗ ଦେଇଛନ୍ତି ବ୍ରାଜିଲର ତାରକା ଷ୍ଟ୍ରାଇକର ନେମାର୍।

୧୭

୦୨

**ଡାକ୍ତରଖାନାରେ ଜରିନ୍**

ନିକଟରେ ଅଭିନେତ୍ରୀ ଜରିନ୍ ଖାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରୀକ୍ଷା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡ଼ିଛି।





ସମାନ କାମକୁ ସମାନ ଦରମା ସମେତ ୧୦ ଦଫା ଦାବିରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆୟୋଜିତ ବିକ୍ଷୋଭ ସମାବେଶ। **(ଫଟୋ–ବିକାଶ ନାୟକ)**

# ଭୁବନେଶ୍ୱର ମେଟ୍ରୋ ଟ୍ରେନ ପ୍ରକଳ୍ପର ଡିପିଆର୍ ଚୂଡ଼ାନ୍ତ

## ୨୬ କି.ମି.ରେ ରହିବ ୨୦ ଷ୍ଟେଶନ

**ଭୁବନେଶ୍ୱର,୧୬।୮ (ଅନିଲ ଦାସ)**

ବହୁ ପ୍ରତୀକ୍ଷିତ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଡିଟେଲ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର) ଦିଲ୍ଲୀ ମେଟ୍ରୋ ରେଳ କର୍ପୋରଶନ(ଡିଏମ୍‌ଆର୍‌ସି) ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛି। ଲୋକସେବା ଭବନଠାରେ ମେଟ୍ରୋ ରେଳ ପ୍ରକଳ୍ପ ବୈଠକରେ ଡିଏମ୍‌ଆର୍‌ସି ଏହି ଡିପିଆର୍ ପ୍ରଦାନ କରିଛି। ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଗତ କିଛିଦିନ ଧରି ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଡିଏମ୍‌ଆର୍‌ସି ପକ୍ଷରୁ ଟ୍ରାଫିକ୍, ଜିଓ ଟେକ୍ନିକାଲ ଇନ୍‌ଭେଷ୍ଟିଗେଶନ, ପୋପୋଗ୍ରାଫିକ୍ ସର୍ଭେ, ପରିବେଶ ଓ ସାମାଜିକ ପ୍ରଭାବ ଉପରେ ସର୍ଭେ କରାଯାଇଥିଲା। ଏହା ପରେ ଡିଏମ୍‌ଆର୍‌ସି ପକ୍ଷରୁ ଏହି ରିପୋର୍ଟ ପ୍ରଦାନ କରାଯାଇଛି।

ଡିପିଆର ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ମେଟ୍ରୋ ରେଳ ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ କ୍ୟାପିଟାଲ ହସ୍ପିଟାଲ, ଶିଶୁଭବନ, ବାପୁଜୀନଗର, ଭୁବନେଶ୍ୱର ରେଳ ଷ୍ଟେଶନ, ରାମ ମନ୍ଦିର ଛକ, ବାଣୀବିହାର, ଆଚାର୍ଯ୍ୟ ବିହାର, ଜୟଦେବ ବିହାର ଛକ, ଜାଭିୟର ଛକ, ରେଳ ସଦନ, ଡିଷ୍ଟ୍ରିକ୍ଟ ସେଣ୍ଟର, ଡମଣା ଛକ, ପଟିଆ ଛକ, କିଟ୍ ଛକ, ନନ୍ଦନବିହାର, ରଘୁନାଥପୁର, ନନ୍ଦନକାନନ ଜୁଲୋଜିକାଲ ପାର୍କ, ☞ପୃଷ୍ଠା–୪

### ନିର୍ଗୁଣ୍ଡିରୁ ବାରଙ୍ଗ, ଖୋର୍ଦ୍ଧା ରୋଡ୍‌ରୁ ବିଜୟନଗରମ୍ ଯାଏ ନିର୍ମାଣ ହେବ ତୃତୀୟ ରେଳ ଲାଇନ

**ଭୁବନେଶ୍ୱର,୧୬।୮ (ଅଭିଜିତ ଦାସ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା କେନ୍ଦ୍ର କ୍ୟାବିନେଟ ବୈଠକରେ ରେଳ ବିଭାଗର ନୂତନ ରେଳ ଲାଇନ ଓ ଲାଇନଗୁଡ଼ିକର ନବୀକରଣ ସହ ୭ଟି ମଲ୍ଟି ଟ୍ରାକିଂ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏଥିପାଇଁ ମୋଟ ୩୨ ହଜାର ୫୦୦ କୋଟି ଟଙ୍କା ବ୍ୟୟ ଆକଳନ କରାଯାଇଛି। ଏଥିମଧ୍ୟରେ ପୂର୍ବତଟ ରେଳପଥର ଓଡ଼ିଶାର ନିର୍ଗୁଣ୍ଡିରୁ ବାରଙ୍ଗ ଓ ଖୋର୍ଦ୍ଧା ରୋଡ୍‌ରୁ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ପର୍ଯ୍ୟନ୍ତ ତୃତୀୟ ରେଳ ଲାଇନ ନିର୍ମାଣ ପ୍ରକଳ୍ପ ରହିଛି। ଅନ୍ୟ ପ୍ରକଳ୍ପଗୁଡ଼ିକ ହେଲା ଗୋରଖପୁର–କ୍ୟାଣ୍ଟ–ବାଲ୍ମୀକି ନଗର, ମୁଦଖେଡ–ମେଦଚାଲ–ମହବୁବ୍‌ନଗର–ଧୋନେ, ଗୁଣ୍ଟୁର–ବବିନଗର ଓ ଚୋପାନ–ଚୁନୁର ରେଳ ଲାଇନର ଦୋହରୀକରଣ କରାଯିବ। ସେହିପରି ସମାଖିଆଲି–ଗାନ୍ଧୀଧାମ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

କିମ୍ବଦନ୍ତୀରେ କୃଷ୍ଣଙ୍କ ଭଉଣୀ

# ସିଜେଆଇ ଆଣିଲେ ନୂଆ ଶବ୍ଦାବଳୀ

## କୋର୍ଟରେ ମହିଳାଙ୍କ ବିରୋଧରେ ଆପତ୍ତିଜନକ ଶବ୍ଦ ବନ୍ଦ ହେବ

**ନୂଆଦିଲ୍ଲୀ,୧୬।୮ (ପି.ଟି.)**

ଦେଶର କୋର୍ଟଗୁଡ଼ିକରେ ଆଗକୁ ଇଭ୍–ଟିଜିଂ, ପ୍ରଷ୍ଟିଟ୍ୟୁଟ୍ ଓ ହାଉସ୍‌ୱାଇଫ୍ ଭଳି ଶବ୍ଦ ବ୍ୟବହାର କରାଯିବ ନାହିଁ। ଇଭ୍–ଟିଜିଂ ପରିବର୍ତ୍ତେ ଷ୍ଟ୍ରିଟ୍ ସେକ୍ସୁଆଲ ହ୍ୟାରାସ୍‌ମେଣ୍ଟ, ପ୍ରଷ୍ଟିଟ୍ୟୁଟ୍ ବଦଳରେ ସେକ୍ସ ୱାର୍କର ଏବଂ ହାଉସ୍‌ୱାଇଫ୍ ସ୍ଥାନରେ ହୋମ୍‌ମେକର ଭଳି ଶବ୍ଦ ପ୍ରୟୋଗ କରାଯିବ। ସୁପ୍ରିମକୋର୍ଟ ବୁଧବାର ଲିଙ୍ଗଗତ ରୁଢ଼ୀବାଦିତାକୁ ଦର୍ଶାଉଥିବା ଶବ୍ଦଗୁଡ଼ିକୁ ହଟାଇ ବ୍ୟବହାରଯୋଗ୍ୟ ବିକଳ୍ପ ଶବ୍ଦାବଳୀ ସମ୍ବଳିତ ଏକ ହ୍ୟାଣ୍ଡବୁକ୍ ଲଞ୍ଚ କରିଛନ୍ତି।

ଜମ୍ମୁ–କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନକାରୀ ସମ୍ବିଧାନର ପୂର୍ବ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଅନେକ ପିଟିଶନ

### ଆଫେୟାର, ହାଉସ୍‌ୱାଇଫ୍, ଇଭ୍‌ଟିଜିଂ ଭଳି ଶବ୍ଦ ବ୍ୟବହାର ହେବନାହିଁ

ସୁପ୍ରିମକୋର୍ଟରେ ଦାଖଲ କରାଯାଇଛି। ସେଗୁଡ଼ିକର ଶୁଣାଣି ପାଇଁ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ବସିବା ପରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏ ସମ୍ପର୍କିତ ହ୍ୟାଣ୍ଡବୁକ୍ ଉନ୍ମୋଚନ କରିଥିଲେ। ଏହି ଅବସରରେ ସିଜେଆଇ କହିଥିଲେ, ଏହି ପୁସ୍ତକ ବିଚାରପତି ଓ ଓକିଲମାନଙ୍କୁ ମହିଳାଙ୍କ ବିରୋଧରେ ଆପତ୍ତିଜନକ ଭାଷା ବ୍ୟବହାରରୁ ନିବୃତ୍ତ ରଖିବ। ସର୍ବୋଚ୍ଚ ଅଦାଲତ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ମହିଳାଙ୍କ ବିରୋଧରେ ଆପତ୍ତିଜନକ ଶବ୍ଦ ଚିହ୍ନଟ ଦିଗରେ ବିଚାରପତି ଓ ଆଇନ ବୃତ୍ତିଧାରୀଙ୍କୁ 'ହ୍ୟାଣ୍ଡବୁକ୍ ଅନ୍ କମ୍ବାଟିଂ ଜେଣ୍ଡର ଷ୍ଟେରିଓଟାଇପ୍ସ' ସହାୟକ ହେବ। ଏହି ହ୍ୟାଣ୍ଡବୁକ୍‌ରେ ଲିଙ୍ଗଗତ ଭେଦଭାବକୁ ଦର୍ଶାଉଥିବା ଏକ ଅନୁପଯୁକ୍ତ ଶବ୍ଦାବଳୀ ରହିଛି, ଯାହା ପରିବର୍ତ୍ତେ କେଉଁସବୁ ବିକଳ୍ପ ଶବ୍ଦ ବ୍ୟବହାର କରାଯାଇପାରିବ ତାହା ମଧ୍ୟ ଉଲ୍ଲେଖ କରାଯାଇଛି। ଉପଯୁକ୍ତ ଶବ୍ଦଗୁଡ଼ିକୁ ନେଇ ସମାନତା ଉପରେ ଆଧାରିତ ଏକ ପୁସ୍ତକ ସମାଜରେ ସମାନତା ଆଣିବା ସହ ନ୍ୟାୟପାଳିକା ପାଇଁ ନୂଆ ଯାତ୍ରାରେ ସହାୟକ ହେବ। ୩୦ ପୃଷ୍ଠା ସମ୍ବଳିତ ଏହି ହ୍ୟାଣ୍ଡବୁକ୍‌ରେ ସର୍ବୋଚ୍ଚ ଅଦାଲତ ରୁଢ଼ୀବାଦୀ ଶବ୍ଦ ଓ ସେଗୁଡ଼ିକର ବିକଳ୍ପ ☞ପୃଷ୍ଠା–୪

# ବୃତ୍ତିଗତ ବ୍ୟବସାୟୀଙ୍କୁ ୫% ସୁଧରେ ମିଳିବ ୧ଲକ୍ଷ

**କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ**

■ **୧୬୯ ସହରରେ ଗଡ଼ିବ ୧୦ ହଜାର ଇ-ବସ୍**

**ନୂଆଦିଲ୍ଲୀ,୧୬।୮ (ପି.ଟି.)**

ପିଏମ୍ ବିଶ୍ୱକର୍ମା ଯୋଜନା ପାଇଁ କେନ୍ଦ୍ର କ୍ୟାବିନେଟ ବୁଧବାର ୧୩,୦୦୦ କୋଟି ଟଙ୍କା ମଞ୍ଜୁର କରିଛି। ଏହି ସ୍କିମ୍‌ରେ ପ୍ରାୟ ୩୦ ଲକ୍ଷ ବୃତ୍ତିଗତ ବ୍ୟବସାୟୀ ତଥା ବୁଣାକାର, ସୁନାରି, ଲୁହାର, ଲଣ୍ଡ୍ରି ୱାର୍କର, ବାରିକଙ୍କ ସମେତ ପାରମ୍ପରିକ କଳାକାର ଓ କାରିଗର ଉପକୃତ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସ୍ୱାଧୀନତା ଦିବସ ପାଳନ ଅବସରରେ ଦେଶବାସୀଙ୍କୁ ☞ପୃଷ୍ଠା–୪

# ସାପଚୋରି ର୍‍ୟାକେଟ୍ ଠାବ

## ୨୯ ନାଗ ଜବତ, ୩ ଗିରଫ

**ଭୁବନେଶ୍ୱର, (ଅସମାପିକା ସାହୁ)/ ବାଲେଶ୍ୱର, ୧୬।୮ (ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଗ୍ରାମରେ ବାଲେଶ୍ୱର ବନଖଣ୍ଡ ପକ୍ଷରୁ ଚଢ଼ାଉ କରାଯାଇ ୨୯ଟି ନାଗ ସାପ ଜବତ ସହ ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଭୋଗରାଇ ଅଞ୍ଚଳର କମଲଲୋଚନ ପଣ୍ଡା (୩୬), ଭେଲୋରା ଗୌରାଙ୍ଗ ଗିରି (୩୫) ଓ ଗମ୍ଭାରିଆ ଅଞ୍ଚଳର ମମତା ମହାନା(୨୭)। ଏନେଇ ଚାନ୍ଦିପୁର ବନ୍ୟପ୍ରାଣୀ ବନାଞ୍ଚଳ ରେଞ୍ଜରେ ମାମଲା ନଂ. ୩୨/୨୦୨୩–୨୪ ରୁଜୁ କରାଯାଇଛି। ଚାନ୍ଦିପୁର ରେଞ୍ଜ ଅଫିସ କାର୍ଯ୍ୟାଳୟରେ ଅଭିଯୁକ୍ତଙ୍କୁ ଅଟକ ରଖି ବାଲେଶ୍ୱର ଡିଏଫ୍‌ଓ ଖୁସୱନ୍ତ ସିଂ ପଚରାଉଚରା ଜାରି ରଖିଛନ୍ତି। ସାପଗୁଡ଼ିକୁ ଅଭିଯୁକ୍ତମାନେ କେଉଁଠୁ ଆଣିଥିଲେ, କାହା ପାଖରୁ ଆଣିଥିଲେ, କେଉଁମାନଙ୍କୁ ବିଷ ବିକ୍ରି କରୁଥିଲେ, କେତେ ଦିନ ହେଲା ଏ ସାପ ବା ବିଷ କାରବାର କରୁଥିଲେ, ଏନେଇ ସେମାନଙ୍କୁ ଗୁଡ଼େଇ ତୁଡେଇ ଜେରା କରାଯାଉଛି। ଗିରଫ ୩ଜଣଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।

ସୂଚନାନୁସାରେ, ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କୌଣସି ସୂତ୍ରରୁ ଖବର ପାଇ ସ୍ଥାନୀୟ ବନ ବିଭାଗ ସହିତ ଯୋଗାଯୋଗ କରିଥିଲେ ଏବଂ ବୁଧବାର ଚଢ଼ାଉ କରିବା ପାଇଁ ଯୋଜନା କରିଥିଲେ। ବୁଧବାର ସକାଳେ ଶୁଭେନ୍ଦୁ, ସ୍ନେକ୍ ହେଲ୍ପ ଲାଇନର ଲଳିତ ମୋହନ ପଣ୍ଡା ଏବଂ ☞ପୃଷ୍ଠା–୪

# ଚନ୍ଦ୍ରପୃଷ୍ଠରୁ ୧୫୦ କି.ମି. ଦୂରରେ ଚନ୍ଦ୍ରଯାନ–୩

**ନୂଆଦିଲ୍ଲୀ,୧୬।୮**

ଚନ୍ଦ୍ରଯାନ–୩ ଚନ୍ଦ୍ରପୃଷ୍ଠରେ ସଫଳତାର ସହ ଅବତରଣ କରିବ ବୋଲି ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ(ଇସ୍ରୋ) ପକ୍ଷରୁ ଏହାର ଉତ୍‌କ୍ଷେପଣବେଳେ କୁହାଯାଇଥିଲା। ଏହି ମହାକାଶଯାନ ବର୍ତ୍ତମାନ ତା'ର ପୂର୍ବ ନିର୍ଦ୍ଧାରିତ ତାରିଖ ଅର୍ଥାତ୍ ଅଗଷ୍ଟ ୨୩ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାକୁ ଯାଉଛି। ଚନ୍ଦ୍ରଯାନ–୩ର ସଫଳ ଅବତରଣ ପରେ ଆମେରିକା, ରୁଷିଆ, ଚାଇନା ପରେ ଭାରତ ପୃଥିବୀର ଚତୁର୍ଥ ରାଷ୍ଟ୍ର




ଭାବେ ଚନ୍ଦ୍ର ଅଭିଯାନ ମାଇଲଖୁଣ୍ଟ ଅତିକ୍ରମ କରିବ। ଭାରତର ଏହି ଅଭିଯାନ ଜୁଲାଇ ୧୪ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ଆରମ୍ଭ ହୋଇଥିଲା। ୧୬ ତାରିଖ ସକାଳ ସୁଦ୍ଧା ଏହା ଚନ୍ଦ୍ରପୃଷ୍ଠଠାରୁ ୧୫୦ କି.ମି. ଦୂରରେ ରହିଛି ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଅଗଷ୍ଟ ୧୭ରେ ଏହାର ଲାଣ୍ଡର ମୋଡ୍ୟୁଲ ପ୍ରୋପୁଲଜନ ମୋଡ୍ୟୁଲଠାରୁ ଅଲଗା ହୋଇଯିବ। ଏହାପରେ ବିକ୍ରମ ଲାଣ୍ଡରକୁ ପୁଣିଥରେ ଦୀର୍ଘବୃତ୍ତାକାର କକ୍ଷରେ ସ୍ଥାପିତ କରିବାକୁ ହେବ। ☞ପୃଷ୍ଠା–୪







**ନୂଆଦିଲ୍ଲୀ:** ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ଦିବସରେ ତାଙ୍କ ସ୍ମାରକୀ ସଦୈବ ଅଟଳରେ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଉପସ୍ଥିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନକର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଅନ୍ୟ ନେତୃବୃନ୍ଦ।

# କୋଟା ପାଲଟିଛି ଆତ୍ମହତ୍ୟା ରାଜଧାନୀ

## ଏବର୍ଷ ଗଲାଣି ୨୧ ଛାତ୍ରୀଛାତ୍ରଙ୍କ ଜୀବନ

ଜୟପୁର,୧୬।୮

'ଭାରତର କୋଚିଂ କ୍ୟାପିଟାଲ' ଭାବେ ପରିଚିତ ରାଜସ୍ଥାନର କୋଟା 'ଆତ୍ମହତ୍ୟାର ରାଜଧାନୀ' ରୂପେ ମଧ୍ୟ ଦୁର୍ନାମ ମୁଣ୍ଡାଇଲାଣି। କାରଣ ନିୟମିତ ବ୍ୟବଧାନରେ ଜଣେ ପରେ ଜଣେ ଛାତ୍ରୀ କିମ୍ବା ଛାତ୍ରଙ୍କ ମୃତଦେହ ଏଠାରେ ଠାବ ହେଉଛି। ଏହି କ୍ରମରେ ବିହାରର ଗୟାରୁ ଆସି ଆଇଆଇଟି ପାଇଁ ପ୍ରସ୍ତୁତି ଚଳାଇଥିବା ୧୮ ବର୍ଷୀୟ କୋଚିଂ ଛାତ୍ର ବାଲ୍ମିକୀ ପ୍ରସାଦ ଜାଙ୍ଗିଦ ସୋମବାର ରାତିରେ ନିଜ ଜୀବନ ନେଇଛନ୍ତି। କେବଳ ଅଗଷ୍ଟ ମାସରେ ଏହା ହେଉଛି ଚତୁର୍ଥ ଆତ୍ମହତ୍ୟା। ଗତ ଜାନୁୟାରୀରୁ ଅଦ୍ୟାବଧି ୨୧ ଛାତ୍ରୀଛାତ୍ର ଆତ୍ମହତ୍ୟା କଲେଣି।

ସ୍ଥାନୀୟ ପୋଲିସ ଅଫିସର ପରମଜିତଙ୍କ କହିବାନୁସାରେ ସୋମବାର ରାତି ୧୦ଟାରେ ଘଟଣା ଘଟିଥିବାବେଳେ ଏସମ୍ପର୍କରେ ମଙ୍ଗଳବାର ରାତି ୮ଟାରେ ଫୋନ୍ କଲ୍ ଯାଇଥିଲା। ଦେଶବାସୀ ସ୍ୱାଧୀନତା ଦିବସ ପାଳନ କରୁଥିବାବେଳେ ଛୁଟିଦିନ ହୋଇଥିବାରୁ ଛାତ୍ରୀଛାତ୍ର ନିଜ ରୁମ୍‌ରେ ଥିଲେ। ବାଲ୍ମିକିଙ୍କୁ ମଙ୍ଗଳବାର ରାତି ୭ଟା ଯାଏ ଅନ୍ୟ ଛାତ୍ରୀଛାତ୍ର ନ ଦେଖିବାରୁ ଚିନ୍ତା ବଢ଼ିଯାଇଥିଲା। ତାଙ୍କ ପାଖ ରୁମ୍‌ରେ ରହୁଥିବା ଅନ୍ୟ ଜଣେ ଛାତ୍ର ବାଲ୍ମୀକି ଅନୁପସ୍ଥିତ ଥିବା ଦେଖି କବାଟ ବାଡେଇଥିଲେ। କିନ୍ତୁ କିଛି ଉତ୍ତର ମିଳି ନ ଥିଲା। ଫଳରେ ଘର ମାଲିକଙ୍କୁ ଖବର ଦିଆଯାଇଥିଲା। ସେ ପ୍ରାୟ ଅଧଘଣ୍ଟା ପରେ ଆସି ବାଲ୍ମୀକିଙ୍କୁ ଡ଼ାକିଥିଲେ। କବାଟ ନ ଖୋଲିବାରୁ ପୋଲିସକୁ ଖବର ଦିଆଯାଇଥିଲା। ରାତି ୮ଟାରେ ଝରକାପଟୁ ପୋଲିସ



ଦେଖିଥିଲା ବାଲ୍ମୀକିଙ୍କ ଝୁଲନ୍ତା ମୃତଦେହ। ଏହି ଦୁଃଖଦ ଖବର ତାଙ୍କ ପରିବାରକୁ ମଧ୍ୟ ଦିଆଗଲା।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ବାଲ୍ମିକୀ ଆଇଆଇଟି ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ତାଙ୍କ ବାପା ବିନୋଦ (ସେନାର ଜଣେ ଅବସରପ୍ରାପ୍ତ ସୁବେଦାର) ଓ ଅନ୍ୟ ସମ୍ପର୍କୀୟ ମାନେ ବୁଧବାର ସକାଳେ କୋଟାରେ ପହଞ୍ଚିଥିଲେ। ବିନୋଦ କହିଛନ୍ତି, ବାଲ୍ମୀକିଙ୍କୁ କୋଟାକୁ ପଠାଇବା ପାଇଁ ସେମାନେ ଚାହୁଁନଥିଲେ। କିନ୍ତୁ, ବାଲ୍ମିକୀ ଜିଦ୍ ଧରିବାରୁ ବାଧ୍ୟ ହୋଇ ପାଠପଢ଼ିବା ପାଇଁ ଛାଡ଼ିଥିଲେ। କୋଟାରେ ପ୍ରାୟ ୪୦ଟି ସାନବଡ଼ ଶିଳ୍ପ ରହିଛି। ସେଠାକୁ ପାଖାପାଖି ଦେଢ଼ଲକ୍ଷ ଇଞ୍ଜିନିୟରିଂ ଓ ମେଡିକାଲ ଆଶାୟୀ ଆସିଥାନ୍ତି। ସାରା ଦେଶର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଜେଇଇ ମେନ୍ ପ୍ରସ୍ତୁତି ପାଇଁ କୋଚିଂ ହେବାକୁ ଆସନ୍ତି। ଭାରତରେ ଇଞ୍ଜିନିୟରିଂ ଓ ମେଡିକାଲ କ୍ୟାରିୟର ପାଇଁ ମହତ୍ତ୍ୱ କାଂକ୍ଷୀ ମାତାପିତା ନିଜ ପିଲାଙ୍କୁ ପଠାଇଥାନ୍ତି। କୋଚିଂ ଇନଷ୍ଟିଚ୍ୟୁଟ୍‌ଗୁଡ଼ିକ ଏହି ପାଗଳପ୍ରାୟ ପ୍ରତିଦ୍ୱନ୍ଦ୍ୱିତାର ଭରପୂର ଫାଇଦା ଉଠାନ୍ତି। ଦେଶର କୋଚିଂ କ୍ୟାପିଟାଲ ଭାବେ ପରିଚିତ ଏହି ସହର କିଛି ବର୍ଷ ହେବ ସୁଇସାଇଡ ସିଟିର ଦୁର୍ନାମ ମୁଣ୍ଡାଇଛି। ପ୍ରଶାସନ ଓ ଇନ୍‌ଷ୍ଟିଚ୍ୟୁଟଗୁଡ଼ିକ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଯେ ପର୍ଯ୍ୟାପ୍ତ ନୁହେଁ ତାହା ବାଲ୍ମୀକିଙ୍କ ଆତ୍ମହତ୍ୟା ଭଳି ଅନେକ ଘଟଣା ପ୍ରମାଣିତ କରୁଛି।

# ବିଶ୍ୱମିତ୍ର ହୋଇଛି ଭାରତର ପରିଚୟ

## ଲାଲ୍‌କିଲାରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

ନୂଆଦିଲ୍ଲୀ,୧୬।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦେଶବାସୀଙ୍କୁ ୭୭ତମ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇବା ସହ ଭାରତ ବର୍ତ୍ତମାନ ବିଶ୍ୱମିତ୍ର ଭାବେ ଉଭାହୋଇଛି ବୋଲି କହିଥିଲେ। ଏଥିସହ ଆଗାମୀ ଲୋକସଭା ନିର୍ବାଚନରେ ପୁଣିଥରେ ବିଜୟୀ ହେବାର ଦାବି କରି କହିଥିଲେ, ଆସନ୍ତାବର୍ଷ ଲାଲକିଲାରୁ ଦେଶର ଉପଲବ୍ଧି ଏବଂ ଦେଶର ଗୌରବ ଗାନ କରିବି। ଯେଉଁ ଯୋଜନାଗୁଡିକର ଶିଳାନ୍ୟାସ କରିଛି ସେଗୁଡିକର ଉଦ୍‌ଘାଟନ କରିବି। ପ୍ରଧାନମନ୍ତ୍ରୀ ମଣିପୁର ପ୍ରସଙ୍ଗରେ ମଧ୍ୟ କହିଥିଲେ। ଏଥିସହ ବାରିକ ଏବଂ ସୁନା କାମକୁ କୌଳିକ ବୃତ୍ତି କରି ଗୁଜୁରାଣ ମେଣ୍ଟାଉଥିବା ଲୋକଙ୍କ ଲାଗି ବିଶ୍ୱକର୍ମା ଯୋଜନା ଘୋଷଣା କରିଥିଲେ। ଏଥିରେ ପ୍ରାରମ୍ଭିକ ଭାବେ ୧୨ ହଜାରରୁ ୧୫ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଥିଲେ।

# ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ

## ଜାପାନରେ ଭୟଙ୍କର ବାତ୍ୟା

ଟୋକିଓ,୧୬।୮

ଜାପାନରେ ଭୟଙ୍କର ବାତ୍ୟା କାରଣରୁ ୯୦୦ ବିମାନ ରଦ୍ଦ କରାଯାଇଥିବାବେଳେ ୨ ଲକ୍ଷ ୪୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସେହିପରି ଏହି ଘଟଣାରେ ୨୪ ଜଣ ଲୋକ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ସଙ୍କଟାପନ୍ନ ରହିଛି। ପ୍ରଶାନ୍ତ ମହାସାଗରରୁ ସୃଷ୍ଟି ହୋଇଥିବା ଏହି ବାତ୍ୟା ମଙ୍ଗଳବାର ସକାଳେ ୱାକାୟାମା ସହର ଦକ୍ଷିଣ ଭାଗରେ ସ୍ଥଳଭାଗ ଛୁଇଁଥିଲା। ଫଳରେ ମୁଷଳଧାରାରେ ବର୍ଷା ହେବା ସହ ବାତ୍ୟା ହୋଇଥିଲା। ସ୍ଥାନୀୟ ପ୍ରଶାସନ ପକ୍ଷରୁ ବନ୍ୟା ଏବଂ ଭୂସ୍ଖଳନ ନେଇ ସତର୍କତା ଜାରି କରାଯାଇଛି। କାରଣ କିଛି ନଦୀ ଏବେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି।

## କୃଷ୍ଣ ଜନ୍ମଭୂମି ନିକଟରେ ବେଆଇନ ନିର୍ମାଣ

# ୧୦ ଦିନ ପାଇଁ ଉଚ୍ଛେଦ ବନ୍ଦକଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୬।୮:** ଉତ୍ତରପ୍ରଦେଶର ମଥୁରା କୃଷ୍ଣ ଜନ୍ମଭୂମି ନିକଟରେ ରେଲୱେ କର୍ତ୍ତୃପକ୍ଷଙ୍କ ବେଆଇନ ଉଚ୍ଛେଦ ଅଭିଯାନକୁ ବୁଧବାର ସୁପ୍ରିମକୋର୍ଟ ୧୦ ଦିନ ପାଇଁ ସ୍ଥଗିତ ରଖିଛନ୍ତି। ଜଷ୍ଟିସ ଅନିରୁଦ୍ଧ ବୋଷଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ଓ ଅନ୍ୟ ପକ୍ଷ ମାନଙ୍କୁ ନୋଟିସ କରିଛନ୍ତି। ମନ୍ଦିର ପରିସରରେ ୧୦ଦିନ ପାଇଁ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ହିମାଚଳରେ ବର୍ଷା ବିପ୍ଳାତ: ୭୧ ମୃତ

**ଶିମ୍ଲା,୧୬।୮:** ହିମାଚଳ ପ୍ରଦେଶର ସୁଖବିନ୍ଦର ସୁଖୁ ସରକାରଙ୍କ ଆଗରେ ହିମାଳୟସମ ଚାଲେଞ୍ଜ ସୃଷ୍ଟି ହୋଇଛି। ରବିବାରଠାରୁ ଲାଗି ରହିଥିବା ବର୍ଷା ଯୋଗୁ ସମର ହିଲ୍, ଫଗଲି ଏବଂ କ୍ରିଷ୍ଟା ନଗରରେ ଭୂସ୍ଖଳନ ଘଟିଛି। ବର୍ଷାଯୋଗୁ ୩ ଦିନରେ ୭୧ ଜଣଙ୍କ ମୃତ୍ୟୁ ଘଟିଛି।

# ଆର୍‌ପିଏଫ୍ କନ୍‌ଷ୍ଟେବଲ ବହିଷ୍କୃତ

## ଜୟପୁର-ମୁମ୍ବାଇ ଏକ୍ସପ୍ରେସ ଗୁଳିକାଣ୍ଡ

ମୁମ୍ବାଇ,୧୬।୮

ଜୟପୁର-ମୁମ୍ବାଇ ଏକ୍ସପ୍ରେସ୍ ଗୁଳିକାଣ୍ଡ ଘଟଣାର ଅଭିଯୁକ୍ତ ଆର୍‌ପିଏଫ୍ କନ୍‌ଷ୍ଟେବଲ ଚେତନ ସିଂଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଗତ ୧୧ ତାରିଖରେ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇବା ଲାଗି କୋର୍ଟ ନିର୍ଦ୍ଦେଶ ଦେବା ପରେ ଚେତନ ବର୍ତ୍ତମାନ ଠାଣେ କେନ୍ଦ୍ରୀୟ କାରାଗାରରେ ଅଛନ୍ତି। ଜୁଲାଇ ୩୧ ତାରିଖରେ ଏହି ଘଟଣା ଘଟିଥିଲା। ଜୟପୁର-ମୁମ୍ବାଇ ଏକ୍ସପ୍ରେସ୍‌ରେ ନିଜ ସହକର୍ମୀଙ୍କ ସହ ଏସ୍କର୍ଟ ଡ୍ୟୁଟିରେ ଥିବାବେଳେ ସିନିୟର ଅଧିକାରୀ ଟିକାରାମ ମୀନାଙ୍କ ସମେତ ଅନ୍ୟ ୩ ଜଣଙ୍କୁ ଗୁଳିକରି ହତ୍ୟା କରିଥିଲେ। ଅପରପକ୍ଷେ ଅସୁସ୍ଥ ଥିବା ସତ୍ତ୍ୱେ ତାଙ୍କ ଉପର ଅଧିକାରୀ ତାଙ୍କୁ ଛୁଟି ଦେଉନ ଥିବା ଚେତନ ଅଭିଯୋଗ କରିଛନ୍ତି ବୋଲି ରେଳପଥ ପୋଲିସ କହିଛି। ଗୁଳିକାଣ୍ଡ ଭିଆଇବା ବେଳେ ଚେତନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ



ଚେତନ ସିଂ

ନାମ ଉଚ୍ଚାରଣ କରିଥିବା ନିକଟରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଅନ୍ୟଏକ ରିପୋର୍ଟ ଅନୁସାରେ ଚେତନ ଜଣେ ବୁର୍ଖା ପିନ୍ଧିଥିବା ମହିଳାଙ୍କୁ 'ଜୟ ମାତାଦି' କହିବାକୁ ବାଧ୍ୟ କରିଥିଲେ।

# ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଶେୟାର: ୧.୨ ବିଲିୟନ ଡଲାର କ୍ଷତିପୂରଣ ନିର୍ଦ୍ଦେଶ

ୱାଶିଂଟନ,୧୬।୮

ଜଣେ ଆମେରିକୀୟ ମହିଳାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ତାଙ୍କ ପୂର୍ବତନ ପ୍ରେମିକ ସୋସିଆଲ ମିଡିଆରେ ଶେୟାର କରିଥିଲେ। ୨୦୨୨ ଏପ୍ରିଲରେ ମହିଳା କୋର୍ଟର ଆଶ୍ରୟ ନେବା ପରେ ୧.୨ ବିଲିୟନ ଡଲାର କ୍ଷତିପୂରଣ ଦେବାକୁ ବୟଫ୍ରେଣ୍ଡଙ୍କୁ ନିର୍ଦ୍ଦେଶ ହୋଇଛି। ମହିଳାଙ୍କ ଅଭିଯୋଗ ଅନୁସାରେ ୨୦୧୬ରୁ ମରକ୍ୟୁସ୍ ଜାମଲ୍ ଜ୍ୟାକସନ୍‌ଙ୍କ ସହ ସେ ଡେଟିଂ କରୁଥିଲେ। ଅକ୍ଟୋବର ୨୦୨୧ରେ ଉଭୟଙ୍କ ବ୍ରେକ୍‌ଅପ୍ ହୋଇଥିଲା। ବ୍ରେକ୍‌ଅପ୍ ପରେ ମହିଳାଙ୍କ ଅଜାଣତରେ ଅଭିଯୁକ୍ତ ଏହିସବୁ ଫଟୋଗୁଡ଼ିକୁ ଫେସ୍‌ବୁକ୍, ଟୁଇଟର, ୟୁଟ୍ୟୁବ୍ ଭଳି ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରିଥିଲେ। ଏପରିକି ଅଭିଯୁକ୍ତ ଜ୍ୟାକ୍‌ସନ ମହିଳାଙ୍କ ଫୋନ୍, ସୋସିଆଲ ମିଡିଆ ଆକାଉଣ୍ଟ, ଇମେଲ୍ ମଧ୍ୟ ବ୍ୟବହାର କରୁଥିଲେ। କୋର୍ଟ ପୀଡ଼ିତାଙ୍କୁ ଉପରୋକ୍ତ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମଦ ପିଇ ଇଫେଲ୍ ଟାୱାର ଚଢ଼ିଲେ ପର୍ଯ୍ୟଟକ

ପ୍ୟାରିସ, ୧୬।୮

ପ୍ୟାରିସର ଇଫେଲ୍ ଟାୱାରରେ ଦୁଇ ମଦ୍ୟପ ଆମେରିକୀୟ ପର୍ଯ୍ୟଟକ ଗତ ସୋମବାର ଉନ୍ମତ୍ତକାଣ୍ଡ ଭିଆଇଥିଲେ। ଉଭୟେ ଟାୱାରର ଦ୍ୱିତୀୟ ଏବଂ ତୃତୀୟ ମହଲା ମଝିରେ ଶୋଇ ପଡିଥିଲେ। ଟାୱାର ପରିଚାଳନା କର୍ତ୍ତୃପକ୍ଷଙ୍କ ସୂଚନାନୁସାରେ ଉଭୟ ପର୍ଯ୍ୟଟକ ଟାୱାରରେ ପ୍ରବେଶ କରିବା ପାଇଁ ରବିବାର ରାତି ପ୍ରାୟ ୧୦.୪୦ ମିନିଟ୍‌ରେ ଟିକେଟ କିଣିଥିଲେ। କିନ୍ତୁ ସୁରକ୍ଷାବଳୟ ଭେଦ କରି ଉଭୟେ ଟାୱାର ଉପରକୁ ଚାଲିଯାଇଥିଲେ। ଏହାପରେ ଅଗ୍ନିଶମ କର୍ମଚାରୀ, ସ୍ୱତନ୍ତ୍ର ପ୍ରଶିକ୍ଷିତ କର୍ମଚାରୀ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଉଭୟଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ, ଗତ ଶନିବାର ଇଫେଲ୍ ଟାୱାରରେ ବୋମା ଥିବାର ସୂଚନା ପାଇବା ପରେ ପୋଲିସ ଏହାକୁ ଖାଲି କରିଥିଲା।



# କୋର୍ଟଙ୍କୁ ନ ଜଣାଇ ବିଦେଶ ଯାଇପାରିବେ ଜାକ୍‌ଲିନ



ନୂଆଦିଲ୍ଲୀ,୧୬।୮

ବଲିଉଡ୍ ଅଭିନେତ୍ରୀ ଜାକ୍‌ଲିନ ଫର୍ନାଣ୍ଡିଜ୍ ଏଣିକି ବିଦେଶ ଗସ୍ତ କରିପାରିବେ। ଏନେଇ ଦିଲ୍ଲୀର ଏକ କୋର୍ଟ ତାଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କ ୨୦୦ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଜାକ୍‌ଲିନଙ୍କ ବିଦେଶ ଯାତ୍ରା ଉପରେ ପୂର୍ବରୁ ରୋକ୍ ଲାଗିଥିଲା। ସ୍ୱତନ୍ତ୍ର ବିଚାରପତି ଶୈଳେନ୍ଦ୍ର ମଲିକ ଗତ ନଭେମ୍ବର ୧୫ରେ ତାଙ୍କୁ ଜାମିନ ଦେବାବେଳେ କୋର୍ଟଙ୍କ ବିନା ଅନୁମତିରେ ବିଦେଶ ଯାଇପାରିବେ ନାହିଁ ବୋଲି କହିଥିଲେ। ଇତିମଧ୍ୟରେ ଜାକ୍‌ଲିନ ଏହି ସର୍ତ୍ତ ଉଲ୍ଲଂଘନ କରି ନ ଥିବାରୁ ଅଗଷ୍ଟ ୧୦ ରାୟରେ ପରିବର୍ତ୍ତନ ଆଣିଛନ୍ତି।

# ପାକିସ୍ତାନରେ ପେଟ୍ରୋଲ ୨୯୦ ଟଙ୍କା




ନୂଆଦିଲ୍ଲୀ,୧୬।୮

ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନରେ ଏବେ ତୈଳ ଦର ରେକର୍ଡସ୍ତରରେ ପହଞ୍ଚିଛି। ଦେଶରେ କାମଚଳା ସରକାର ଦାୟିତ୍ୱ ନେବାର ୪୮ ଘଣ୍ଟା ନ ପୂରୁଣୁ ତୈଳଦର ଲିଟର ପିଛା ୨୦ଟଙ୍କା(ପାକିସ୍ତାନ ରୁପିରେ ଦର) ବୃଦ୍ଧି ଘଟିଛି। ଏହି ଦର ବୁଧବାରଠାରୁ ଲାଗୁ ହୋଇଛି। କାମଚଳା ପ୍ରଧାନମନ୍ତ୍ରୀ ଅନୱ୍ୱରୁଲ ହକ୍ କକରଙ୍କ ଅନୁମୋଦନ ପରେ ଏନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପରିବର୍ତ୍ତିତ ଦର ସୂଚୀ ମଙ୍ଗଳବାର ବିଳମ୍ବିତ ରାତିରେ ପ୍ରକାଶ ପାଇଛି। ଅନ୍ତର୍ଜାତୀୟସ୍ତରରେ ପେଟ୍ରୋଲିୟମ ଉତ୍ପାଦର ଦରବୃଦ୍ଧି ଘଟିଥିବାରୁ ଦେଶରେ ଏହି ଦରବୃଦ୍ଧି ଘଟିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ କିରୋସିନ ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ। ଶରିଫ୍ ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଥିବା ନୀତି ଅନୁସାରେ କାମଚଳା ସରକାର ମଧ୍ୟ ତୈଳ ଦର ବୃଦ୍ଧି ଘଟାଇଛନ୍ତି। ଏହି ହିସାବରେ କହିବାକୁ ଗଲେ ଗତ ୧୫ ଦିନ ମଧ୍ୟରେ ଦେଶରେ ତୈଳଦର ପ୍ରାୟ ୪୦ ଟଙ୍କା ବୃଦ୍ଧି ଘଟିଲାଣି।

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍)ର ଚୁକ୍ତିନାମା ଅନୁସାରେ ରାଜନୈତିକ ଅସ୍ଥିରତା ଯୋଗୁଁ ପାକିସ୍ତାନର ଅର୍ଥନୀତି କ୍ରମାଗତ ବିଗିଡିବାରେ ଲାଗିଛି। ଶେହବାଜ ଶରିଫ କାମଚଳା ସରକାରଙ୍କ ହାତରେ ଦେଶର କ୍ଷମତା ଟେକି ଦେଇଛନ୍ତି। ଆସନ୍ତା ନିର୍ବାଚନ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସୂଚୀ ପ୍ରକାଶ ପାଇନାହିଁ। ସେହିପରି ଜେଲରେ ବନ୍ଦୀ ଜୀବନ ବିତାଉଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ରାଜନୈତିକ ଜୀବନକୁ ନେଇ ମଧ୍ୟ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ ପାକିସ୍ତାନର ୧ ରୁପି ହେଉଛି ଭାରତୀୟ ମୁଦ୍ରାରେ ୨୮ ପଇସା।

# ଡାକ୍ତରଖାନାରେ ଜରିନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଜରିନ୍ ଖାନ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ସେ ନିକଟରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପରୀକ୍ଷା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ସାମ୍ନା ଆସିଛି। ଜ୍ୱରରେ ତାଙ୍କ ଶରୀରରେ ଅଧିକ ଯନ୍ତ୍ରଣା ହେଉଥିବା ସେ କହିଛନ୍ତି। ଏନେଇ ଜରିନ୍ ସୋସିଆଲ ମିଡିଆରେ ପ୍ରଶଂସକଙ୍କୁ ଜଣାଇଛନ୍ତି। ଏହା ପୂର୍ବରୁ ସେ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଛାଡ଼ିଥିଲେ। ତେବେ ଜରିନ୍ ୨୦୧୦ରେ ବଲିଉଡ୍ ଭାଇଜାନ୍ ସଲମାନ ଖାନ୍‌ଙ୍କ ସହ ଫିଲ୍ମ 'ବୀର' ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏତେ ବଡ଼ ଷ୍ଟାରଙ୍କ ସହ ସିନେମା କରିଥିଲେ ମଧ୍ୟ ଫିଲ୍ମ ଫ୍ଲପ ହୋଇଥିଲା। ଏହା ପରେ ସେ ୨୦୧୧ରେ କମେଡି- ଡ୍ରାମାରେ ଅଭିନୟ କରିଥିଲେ। ଏଥିସହ ସେ 'ରେଡି', 'ହାଉସଫୁଲ-୨', 'ହେଟ ଷ୍ଟୋରି-୩', 'ଅକ୍ସର-୨', '୧୯୨୧', 'ହମ୍ ଭି ଅକେଲେ ତୁମ୍ ଭି ଅକେଲେ' ଆଦି ଫିଲ୍ମରେ ନଜରକୁ ଆସିଥିଲେ। ଅନେକ ଚଳଚ୍ଚିତ୍ରରେ କାମ କରିଥିଲେ ମଧ୍ୟ ତାଙ୍କୁ ସେପରି ସଫଳତା ମିଳିପାରିନି। ନିକଟରେ ତାଙ୍କ ଅସଫଳ ପାଇଁ ଅଭିନେତ୍ରୀ କ୍ୟାଟ୍ରିନାଙ୍କୁ ଦାୟୀ ମଧ୍ୟ କରିଥିଲେ ଜରିନ୍।




LOVED IN 70 COUNTRIES
BAJAJ
THE WORLD'S FAVOURITE INDIAN
POWER YOUR MANIA
₹3 000*/- ପର୍ଯ୍ୟନ୍ତର କ୍ୟାଶ୍‌ବ୍ୟାକ୍ ସହିତ
150 Twin Disc
125 Neon
ବର୍ଗମାଳା ଆରମ୍ଭ ହେଉଛି ₹86 720#/- ରୁ
ଆକର୍ଷକ ଡାଉନ୍ ପେମେଣ୍ଟ ଆରମ୍ଭ ହେଉଛି ₹7222#/-ରୁ
pulsar
DEFINITELY MALE
72198 21111
BAJAJ FINANCE LTD - AF
BAJAJ SECURE • AMC • ROAD SIDE ASSISTANCE
*ସର୍ତ୍ତ ଓ ନିୟମାବଳୀ ଲାଗିବ । *କ୍ୟାଶ୍‌ବ୍ୟାକ୍ ପଲ୍‌ସର୍ 150 Twin Disc ପ୍ରକାର ସକାଶେ ପ୍ରଯୁଜ୍ୟ । #ପଲ୍‌ସର୍ 125 Neon ପ୍ରକାର ପାଇଁ ପ୍ରାରମ୍ଭିକ ମୂଲ୍ୟ ଓ ଡାଉନ୍ ପେମେଣ୍ଟ । ପ୍ରୋସେସିଙ୍ଗ ଫୀସ୍ ଓ ଅନ୍ୟାନ୍ୟ ଚାର୍ଜେସ୍ ଡାଉନ୍ ପେମେଣ୍ଟ ବହିର୍ଭୁତ ଅଟେ ଏବଂ ତାହା କ୍ରେଡିଟ୍ ପାରାମିଟର୍‌ସ ପୂରଣ ହେବା ଆଧାରିତ । ଫାଇନାନ୍‌ସିଅର୍‌ଙ୍କ ନିଜସ୍ୱ ନିର୍ଣ୍ଣୟ ଉପରେ ଫାଇନାନ୍‌ସ ନିର୍ଭର କରେ । ବଜାଜ ଅଟୋ ବିନା ଅଗ୍ରୀମ୍ ସୂଚନାରେ ଯେକୌଣସି ବା ସବୁ ଅଫର୍‌କୁ ପ୍ରତ୍ୟାହାର କରିବାର ଅଧିକାର ରଖିଛି । ପ୍ରଦର୍ଶିତ ଷ୍ଟଣ୍ଟସ, ଏକ୍ସପର୍ଟଙ୍କ ଦ୍ୱାରା ପ୍ରୋଫେଶନାଲ୍ ସୁପରଭିଜନ୍ ଅନ୍ତର୍ଗତ, ସାଧାରଣ ଜନତା ବା ସାଧାରଣ ସଡ଼କ ଠାରୁ ଅନ୍ୟତ୍ର ନିୟନ୍ତ୍ରିତ ଓ ଆବଦ୍ଧ ପରିବେଶରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ । ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମ ପାଳନ କରନ୍ତୁ । ଏଏମ୍‌ସି ବିଶେଷ ମଡେଲ୍‌ସ ଆଉ ବିଶେଷ ପ୍ରଦେଶ ମାନଙ୍କରେ ଉପଲବ୍ଧ । ଅଧିକ ବିବରଣୀ ପାଇଁ ବଜାଜ ଡୀଲର୍‌ଙ୍କୁ ସମ୍ପର୍କ କରନ୍ତୁ । ରୋଡ୍ ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଅନ୍ତର୍ଭୁକ୍ତ ଅଟେ ।
Authorised Dealers for BAJAJ Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722 • Chandikhole TARINI BAJAJ 9937310800. Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Sundarpada 9777042612, Iginia 7064422415, Rasulgad 9937284842, Nimapada 9437030368, Charichak 7381082130, Kaktpur 9776125534, Tangi 8984562569, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576, Athgarh 9937289417, Bidharpur 7008503281, Banki 7381082130, Rambha 7381099445. Narsinghpur 7978288573, Badamba 9937643504 Adaspur 9439735529, Pattamundai 7064987720, Balikuda 9861130954, Kendrapara 7008576945, Nischintakoili 8917622159


MARUTI SUZUKI ARENA
BREZZA
HOT AND TECHY
BREZZA
THE CITY-BRED SUV
Electric Sunroof
Head Up Display
360 View Camera
6 Airbags
Next Gen Suzuki Connect
BREZZA
E-BOOK* TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI ARENA DEALERSHIP
JYOTE MOTORS
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950 BASUDEVPUR: 9798190190
NARAYANI MOTORS
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.
PURI HIGHWAY PIPILI: 9583022013.
SKY AUTOMOBILES
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 7381045357. NARSINGHPUR: 7381045357.
KAMAKHYANAGAR: 7381045357. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.
TUSHI MOTORS
CUTTACK: 9078076450.
PANIKOILI: 9078076450.
ATHAGARH: 9078076450.
ODYSSEY MOTORS
ANGUL: 7752076136, 9776901481.
PALLAHARA: 7873565435, 9437831123.
*Terms and conditions apply. Creative Visualization. Black Glass on the vehicle is due to lighting effect. Features and accessories shown may not be part of standard fitment. Images used are for illustration purposes only **Ex – Showroom Price Delhi.

**ଆଜିର ମନ୍ତବ୍ୟ**

ଜି ୨୦ର ଅଧ୍ୟକ୍ଷତା କରୁଥିବା ଭାରତ 'ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ' କଥା କହୁଥିବାବେଳେ ଦେଶର ଗୋଟିଏ ରାଜ୍ୟ ଜଳୁଥିବାରୁ ବିଶ୍ୱରେ ବିଶ୍ୱସନୀୟତା ହରାଇବସିଛି। **-ଶଶୀ ଥରୁର୍, କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାହିଁକିରେ**
**ଶାକର ଖଣ୍ଡିକ ଚୁନା ହୋଇଗଲେ**
**ତାହାର ମଧୁର ଯାଏ କିରେ ?**

ଶାକର ଏକ ମିଠା ଜାତୀୟ ପଦାର୍ଥ ହୋଇଥିବାବେଳେ ଏହାର ଯେକୌଣସି ଅଂଶକୁ ଚାଖିଲେ ମଧ ତାହା ମିଠା ବା ମଧୁର ଲାଗିଥାଏ। ପରୋକ୍ଷରେ ଗୁଣି ଜ୍ଞାନୀ ବ୍ୟକ୍ତି ଯେତେ ଦାରିଦ୍ର୍ୟର ତାଡ଼ନାରେ ଚାପିହେଲେ ମଧ ତାଙ୍କ ଗୁଣ ଗରିମା କେବେହେଲେ ନଷ୍ଟ ହୁଏ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚିଙ୍ଗୁଡ଼ି ମାଛର ଝୋଳ,**
**ମାଆଟି ପୁଅଟି ଖାଇ ଜାଣିଥିଲେ**
**ବୋହୂଟା ଆସିଲେ ଗୋଳ।**

ସାଧାରଣତଃ ପରିବାରର ସଦସ୍ୟଙ୍କ ସଂଖ୍ୟା ଯେତେ ବଢ଼େ ଖାଦ୍ୟର ଆବଶ୍ୟକତା ସେତେ ଅଧିକ ଦେଖାଦିଏ। ତେଣୁ ଖାଦ୍ୟର ଆବଶ୍ୟକତା ବା ପରିମାଣ ପରିବାରର ସଦସ୍ୟଙ୍କ ସଂଖ୍ୟା ଉପରେ ନିର୍ଭର କରେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିପଜ୍ଜନକ ସ୍ଥିତିରେ ନାଟମଣ୍ଡପ, ଜଗମୋହନ

**କଟକ,୧୬।୮ (କାର୍ତ୍ତିକ ସାହୁ)**

### ଆମିକସ୍ କ୍ୟୁରିଙ୍କ ରିପୋର୍ଟରେ ଶ୍ରୀମନ୍ଦିର ନିରାପତ୍ତା

- **ମରାମତି, ପୁନରୁଦ୍ଧାରକୁ ଅଗ୍ରାଧିକାର ଦିଆଯାଉ**
- **୧/୨ ମାସ ମଧ୍ୟରେ ସତ୍ୟପାଠ ଦାଖଲ କରୁ ଏଏସ୍ଆଇ**

ପୁରୀ ଶ୍ରୀମନ୍ଦିରରେ ନାଟମଣ୍ଡପ ଓ ଜଗମୋହନ ବିପଜ୍ଜନକ ସ୍ଥିତିରେ ରହିଛି। କୌଣସି ମୁହୂର୍ତ୍ତରେ ଅଘଟଣ ଘଟିପାରେ। ତେଣୁ ଶ୍ରୀମନ୍ଦିର ନିରାପତ୍ତା ଦୃଷ୍ଟିରୁ ନାଟମଣ୍ଡପ ଭିତରେ ଫାଟିଥିବା ବିମ୍ ଏବଂ ଜଗମୋହନର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ କରାଯିବା ନିମନ୍ତେ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି ଆମିକସ୍ କ୍ୟୁରି ଇଞ୍ଜିନିୟର ଏନ୍. କେ. ମହାନ୍ତି। ଏଥିସହ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ମାସେ କିମ୍ବା ୨ ମାସ ମଧ୍ୟରେ ହାଇକୋର୍ଟଙ୍କୁ ନିୟମିତ ଭାବେ ମରାମତି କାର୍ଯ୍ୟ ସମ୍ପର୍କରେ ସତ୍ୟପାଠ ମାଧ୍ୟମରେ ଅବଗତ କରୁ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ସୂଚନା ଅନୁସାରେ, ଆମିକସ୍ କ୍ୟୁରି ଶ୍ରୀମନ୍ଦିର ପରିଦର୍ଶନ କରି ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟର ଆବଶ୍ୟକତା ସମ୍ପର୍କରେ ଏଏସ୍ଆଇ ଅଧିକାରୀ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା କରିଥିବା ରିପୋର୍ଟରେ ଦର୍ଶାଇଛନ୍ତି। ପ୍ରଥମେ ଶ୍ରୀମନ୍ଦିର ନାଟମଣ୍ଡପ ଭିତରେ ଫାଟିଥିବା ବିମ୍ର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଜରୁରୀ ହୋଇଛି। ଏ ବାବଦରେ ଗତ ଜୁନ୍ ୨୨ ତାରିଖରେ ଆମିକସ୍ କ୍ୟୁରି ନୂଆଦିଲ୍ଲୀଠାରେ ଏଏସ୍ଆଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ୨୦୧୮ରୁ ହୋଇ ନ ଥିବା ନାଟମଣ୍ଡପର ମରାମତି କାର୍ଯ୍ୟକୁ ଗୁରୁତର ସହ ନେବା ପାଇଁ ସେ ଦର୍ଶାଇଥିଲେ। ସେହିପରି ନାଟମଣ୍ଡପ ଭିତରେ ଫାଟିଥିବା ବିମ୍ ମରାମତି ପ୍ରସଙ୍ଗକୁ ନେଇ ଆମିକସ୍ କ୍ୟୁରି ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକଙ୍କୁ ଗତ ୧୧ ତାରିଖରେ ଅଗ୍ରାଧିକାର ଭିତ୍ତିରେ ଏହାର ମରାମତି କରିବାକୁ ଅନୁରୋଧ କରିଥିଲେ। ମୁଖ୍ୟ ପ୍ରଶାସକ ଆସନ୍ତା ୨୧ ତାରିଖରେ ଏଏସ୍ଆଇ ଅଧିକାରୀଙ୍କ ସହ ଏକ ବୈଠକ କରି ଏ ବାବଦରେ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଗତ ଜୁନ୍ ୨୨ ତାରିଖରେ ପୂର୍ତ୍ତ ଓ ଗୃହ ବିଭାଗ ଇଞ୍ଜିନିୟର ଇନ୍ ଚିଫ୍ ଡ. ଏନ୍. ସି. ପାଲଙ୍କ ସମେତ ଅନ୍ୟ ବିଶେଷଜ୍ଞମାନଙ୍କ ସହ ମଧ ଏହି ଫଟା ବିମ୍ ବାବଦରେ ଆମିକସ୍ କ୍ୟୁରି ଆଲୋଚନା କରିଛନ୍ତି। ଏହି ବିମ୍ ମରାମତି କାର୍ଯ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବିଶେଷଜ୍ଞମାନେ ହୃଦ୍‌ବୋଧ କରିଛନ୍ତି। ନାଟମଣ୍ଡପର ଏହି ବିମ୍ କୌଣସି ମୁହୂର୍ତ୍ତରେ ଭାଙ୍ଗି ଖସିପଡ଼ିବାର ଆଶଙ୍କା ରହିଛି। ଏହି ବିମ୍ ଉଭୟ ପାର୍ଶ୍ୱରେ ଏକ କାଣ୍ଟିଲିଭର ଭଳି ଧରିରଖିଛି। ତେଣୁ ଏହାର ମରାମତି ସମ୍ପର୍କିତ କାର୍ଯ୍ୟକୁ ଏଏସ୍ଆଇ ଅଧିକାରୀମାନେ ପ୍ରାଥମିକତା ଦେବା ସହ ନିୟମିତ ଭାବେ ଏନେଇ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିବାକୁ ଆମିକସ୍ କ୍ୟୁରୀ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏଥିସହ ଛାତ ଉପର ଡ୍ରେନେଜ୍ ବ୍ୟବସ୍ଥା ଓ ପାଣି ଗଳିବାକୁ ରୋକିବା ପାଇଁ ଆବଶ୍ୟକ କାର୍ଯ୍ୟ ଶେଷ ହୋଇଛି ଏବଂ ବାକି କାର୍ଯ୍ୟ ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଏଏସ୍ଆଇ ଦ୍ୱାରା ଶେଷ କରାଯିବ।

ଦ୍ୱିତୀୟରେ ଜଗମୋହନର ବାହାର ପିଢ଼ାସ୍ତର ବହୁତ ଚାପରେ ଅଛି। ଏହାର ପ୍ରଥମ ଓ ଦ୍ୱିତୀୟ ପିଢ଼ାସ୍ତର ଦୁର୍ବଳ ଥିବା ନେଇ ୨୦୨୨ ସେପ୍ଟେମ୍ବର ୧୭ରେ ପରିଦର୍ଶନ ପରେ ଆମିକସ୍ କ୍ୟୁରି ଚିହ୍ନଟ କରିଥିଲେ। ଏଥିରେ ଫାଟ ସୃଷ୍ଟି ହେବା ସହ ପଥର ଯୋଡ଼ାରେ ଥିବା ଚୂନ ପ୍ଲାଷ୍ଟର ଦୁର୍ବଳ ହୋଇଛି। ସେଥିରେ ଲଗାଯାଇଥିବା ଲୁହା କ୍ଲାମ୍ପ ନଷ୍ଟ ହେଲାଣି। ଜଗମୋହନ ପୂର୍ବ ଏବଂ ଦକ୍ଷିଣ-ପୂର୍ବ କୋଣରେ ଥିବା ଏହି ନଷ୍ଟ ଅଂଶ ନାଟମଣ୍ଡପ ଛାତରୁ ଦୃଶ୍ୟମାନ ହେଉଛି। ସୂଚନାଯୋଗ୍ୟ, ଏଏସ୍ଆଇ କୋର୍ କମିଟି ୨୦୧୭ରେ ଜଗମୋହନର ବାହାର ପ୍ଲାଷ୍ଟର ଛଡ଼ାଇବା ସହ ବାହାର ପାର୍ଶ୍ୱ ଗଡ଼ାଣିଆ ଛାତର ସଂରକ୍ଷଣ କାର୍ଯ୍ୟ କରିବାକୁ ପୁରୀରେ କାର୍ଯ୍ୟରତ ଏଏସ୍ଆଇ ଟିମ୍‌କୁ ପରାମର୍ଶ ଦେଇଥିଲେ। ସେହିପରି ଦୁର୍ବଳ ଚୂନ ପ୍ଲାଷ୍ଟର ଭିତରେ ଥିବା ପଥରଗୁଡ଼ିକର ସ୍ଥିତି ପରଖିବା ପାଇଁ ମଧ ଏଏସ୍ଆଇ ଟିମ୍ ପରାମର୍ଶ ଦେଇଥିଲେ। ଏ ବାବଦରେ ବହୁ କୋର୍ କମିଟି ବୈଠକରେ ଆଲୋଚନା ହୋଇଛି। ମାତ୍ର ଏଏସ୍ଆଇ କାର୍ଯ୍ୟ ଆରମ୍ଭ କରି ଯେତିକି ଗୁରୁତର ସହ କରିବା କଥା ତାହା କରୁ ନାହିଁ। ହାଇକୋର୍ଟରେ ଆବେଦନକାରୀ ଦିଲ୍ଲୀପ ମହାପାତ୍ରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଆଲୋକ ମହାପାତ୍ରଙ୍କ କହିବାନୁସାରେ, ଏଏସ୍ଆଇ ହାଇକୋର୍ଟଙ୍କୁ ଭୁଲ୍ ତଥ୍ୟ ପ୍ରଦାନ କରିଆସୁଛନ୍ତି। ପୂର୍ବରୁ ନାଟମଣ୍ଡପ ଓ ଜଗମୋହନ କାର୍ଯ୍ୟ ଶେଷ ହୋଇଥିବା ନେଇ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିବାବେଳେ ଏବେ ଆମିକସ୍ କ୍ୟୁରିଙ୍କ ରିପୋର୍ଟ ପରେ ଏଏସ୍ଆଇ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଆମେ ମିସ୍ କେସ୍ ଫାଇଲ୍ କରିବୁ ବୋଲି ସେ କହିଛନ୍ତି।

# ଭୁବନେଶ୍ୱରରୁ ଓଡ଼ିଶା ପ୍ରୋପାଗଣ୍ଡା ମୁଖ୍ୟ ଗିରଫ

**ଭୁବନେଶ୍ୱର,୧୬।୮ (ସତ୍ୟଜିତ୍ ରାଉତ)**

**ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା**



ରତ୍ନାକର ପଲାଇ

ଏସ୍‌ଟିଏ କ୍ରିପ୍ଟୋ ଟୋକନ୍' ନାଁରେ ଲୋକଙ୍କୁ ଭୁଆଁ ବୁଲାଇ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଭୁବନେଶ୍ୱରରୁ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରତ୍ନାକର ପଲାଇ (୪୫)। ରତ୍ନାକର ଓଡ଼ିଶା ଏସ୍‌ଟିଏର ପ୍ରୋପାଗଣ୍ଡା ମୁଖ୍ୟ ତଥା ସୋସିଆଲ୍ ମିଡିଆ ଏନ୍‌ଫ୍ଲୁଏନ୍‌ସର୍ ଅଛନ୍ତି। ରତ୍ନାକରଙ୍କୁ ବୁଧବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ଏସ୍‌ଟିଏ ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁ ଏବଂ ଓଡ଼ିଶା ମୁଖ୍ୟ ଭଦ୍ରକର ନୀରୋଦ ଦାସଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ଏବେ ଗିରଫ ସଂଖ୍ୟା ୩ରେ ପହଞ୍ଚିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଜାରି ରଖିଛି। ରତ୍ନାକର କର୍ଣ୍ଣାଟକ ବିଶ୍ୱବିଦ୍ୟାଳୟରେ ଆଇଟିରେ ଏମ୍‌ଟେକ୍ କରିଛନ୍ତି। ସେ ନିଜକୁ ଇଣ୍ଟରନ୍ୟାଶନାଲ ସ୍ପିକର୍ ଓ ଇନ୍‌ଭେଷ୍ଟମେଣ୍ଟ ଗୁରୁ ଆଦି ବୋଲି କହୁଥିଲେ। ଗୁରୁତେଜ ଓ ନୀରୋଦଙ୍କ ଯୋଗାଯୋଗରେ ରହି ରତ୍ନାକର ଏସ୍‌ଟିଏର ଏକ ୟୁଟ୍ୟୁବ୍ ଚ୍ୟାନେଲ ଚଳାଉଥିଲେ। ଏପରିକି ବିଭିନ୍ନ ବ୍ୟାନ୍‌ର କରି ସେ ଏସ୍‌ଟିଏର ପ୍ରଚାର ପ୍ରସାର କରୁଥିଲେ। ରତ୍ନାକର ଅପ୍-ଲାଇନ୍ ମେମ୍ବର ହୋଇଥିବାବେଳେ ତାଙ୍କ ଅଧୀନରେ ବହୁ ଡାଉନ୍-ଲାଇନ୍ ମେମ୍ବର ରହିଛନ୍ତି। ରତ୍ନାକର ନୟାପଲ୍ଲୀରେ 'ଲର୍ନ ଟୁ ଅର୍ନ' ନାମରେ ଏକ ଇନ୍‌ଷ୍ଟିଚ୍ୟୁଟ୍ ମଧ ଖୋଲିଛନ୍ତି। ଏପରିକି ଗୋଆରେ ବଡ଼ କାର୍ଯ୍ୟକ୍ରମବେଳେ ରତ୍ନାକର ମଧ ସେଠାକୁ ଯାଇଥିଲେ। ତେବେ ରତ୍ନାକର ବହୁ ଲୋକଙ୍କୁ ଏସ୍‌ଟିଏରେ ଯୋଡ଼ିଥିବାରୁ ତାଙ୍କଠାରୁ ବହୁ ତଥ୍ୟ ପାଇବାକୁ ଇଓଡବ୍ଲ୍ୟୁ ଆଶା ରଖିଛି। ଏପରିକି ତାଙ୍କୁ ରିମାଣ୍ଡରେ ମଧ ଆଣି ଜେରା କରିବାକୁ ଯୋଜନା ଚାଲିଛି। ଅନ୍ୟପକ୍ଷରେ ଗୁର୍‌ତେଜ୍ ଓ ନୀରୋଦଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୫ଦିନିଆ ରିମାଣ୍ଡବେଳେ ଇଓଡବ୍ଲ୍ୟୁ ସେମାନଙ୍କଠୁ ବହୁ ତଥ୍ୟ ପାଇଛି। ବୁଧବାର ରିମାଣ୍ଡ ସରୁଥିବାରୁ ସେମାନଙ୍କୁ ଇଓଡବ୍ଲ୍ୟୁ ଆଉ ଥରେ ରିମାଣ୍ଡରେ ଆଣିବାକୁ ଯୋଜନା ରଖିଥିବା ସୂଚନା ମିଳିଛି। ସେପଟେ ୟୁରୋପୀୟ ନାଗରିକ ଡେଭିଡ୍ ଗେଜ୍ ଏହି ଠକେଇ ର୍‍ୟାକେଟର ମାଷ୍ଟରମାଇଣ୍ଡ ରହିଥିବାରୁ ତାଙ୍କୁ ମଧ ଠାବ କରିବାକୁ ଇଓଡବ୍ଲ୍ୟୁ ଉଦ୍ୟମ କରୁଛି।

# ଅଧିକାର ପାଇଁ ରାଜରାସ୍ତାରେ ଶିକ୍ଷୟିତ୍ରୀ ଶିକ୍ଷକ

**ଭୁବନେଶ୍ୱର,୧୬।୮ (ଅନୁରାଧା ମହାରଣା)**

### ରାଜଧାନୀରେ ବିକ୍ଷୋଭ ସମାବେଶ

- **ସମାନ କାମକୁ ସମାନ ଦରମା ସହ ୧୦ ଦଫା ଦାବି**
- **ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅହୋରାତ୍ର ଧାରଣା**

ଦାବି ଦିବସରେ ନିଜ ଅଧିକାର ପାଇବାକୁ ୫୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସମାନ କାମକୁ ସମାନ ଦରମା ସହ ୧୦ଦଫା ଦାବି ନେଇ ପୁଣି ଆନ୍ଦୋଳନ ଆରମ୍ଭ କରିଛନ୍ତି। ବୁଧବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓସ୍ଟା) ପକ୍ଷରୁ ଭୁବନେଶ୍ୱରଠାରେ ବିକ୍ଷୋଭ ସମାବେଶ କରାଯାଇଥିବାବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅହୋରାତ୍ର ଧାରଣାରେ ବସିବେ ବୋଲି ଆନ୍ଦୋଳନରତ ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ପ୍ରଥମେ ସେମାନେ ରାଜଧାନୀରେ ଏକାଠି ହେବା ପରେ ମାଷ୍ଟରକ୍ୟାଣ୍ଟିନ ଛକରୁ ପ୍ରତିବାଦ ଯାତ୍ରାରେ ବିଧାନସଭା ଅଭିମୁଖେ ବାହାରିଥିଲେ। ସରକାରୀ ଅବହେଳାରୁ ନିଜ ଅଧିକାରରୁ ବଞ୍ଚିତ ହୋଇଥିବା ନେଇ ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ନାରାବାଜି କରିଥିଲେ। ରାଜ୍ୟର ବିଭିନ୍ନ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ଅର୍ଥ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ଦାବି ପୂରଣ ନ ହେବାରୁ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହୋଇଥିବା କୁହାଯାଇଛି। ଗୋଟିଏ ବିଦ୍ୟାଳୟ ଭିତରେ ସମାନ ଯୋଗ୍ୟତା ଥାଇ ସମାନ କାର୍ଯ୍ୟ କରୁଥିବା ଶିକ୍ଷକଙ୍କ ଭିତରେ ଦରମା, ଚାକିରି ସର୍ତ୍ତାବଳୀ ଆଦିରେ ତାରତମ୍ୟ ନ ରଖିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ପ୍ରାଥମିକଠାରୁ ମାଧ୍ୟମିକ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକରେ ଶୂନ୍ୟ ପଡ଼ିଥିବା ଶିକ୍ଷକ ଓ ପ୍ରଧାନଶିକ୍ଷକ ପଦବୀକୁ ତୁରନ୍ତ ପୂରଣ କରାଯାଉ ଓ ଶିକ୍ଷକମାନଙ୍କୁ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ ନ କରି ସମ୍ପୂର୍ଣ୍ଣ ଶିକ୍ଷଣ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଅନ୍ୟତମ ଦାବି ରଖାଯାଇଛି। ସେହିଭଳି ଚାକିରିରୁ ଅବସର ନେଇଯାଉଥିବା ଶିକ୍ଷକଙ୍କ ପେନ୍‌ସନ୍, ଭବିଷ୍ୟନିଧି ପାଣ୍ଠି ମିଳିବାରେ ଅନିୟମିତତା ଦେଖାଯାଉଥିବାରୁ ସେମାନେ ଅମଲାତାନ୍ତ୍ରିକ ଚକ୍ରାନ୍ତର ଶିକାର ହୋଇ ବାରମ୍ବାର ଶିକ୍ଷାବିଭାଗର ବିଭିନ୍ନ ଦପ୍ତରକୁ ଦୌଡ଼ିବାକୁ ବାଧ ହେଉଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ବେତନ ପ୍ରଦାନ, ଅବସର ନେଉଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କୁ ପେନ୍‌ସନ୍ ଏବଂ ଅବସରକାଳୀନ ସୁବିଧା ପ୍ରଦାନ, ବିଦ୍ୟାଳୟରେ ଖାଲିପଡ଼ିଥିବା ପଦବୀରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ନିଯୁକ୍ତି, ୬୪୮ ବିଦ୍ୟାଳୟକୁ ସରକାରୀକରଣ, ୧୧୦ ବାଳିକା ବିଦ୍ୟାଳୟ ପ୍ରତି କରାଯାଉଥିବା ଅବିଚାରକୁ ଦୂର କରିବା, ୨୦୦୪ରୁ ୨୦୧୩ ମସିହା ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ୨୮୦୦ଗ୍ରେଡ୍ ପେ'ରେ ଥିବା ଅସଙ୍ଗତି ଦୂରୀକରଣ, ୪୮ ବର୍ଷରେ ପଦାର୍ପଣ କରିଥିବା ହିନ୍ଦୀ, ସଂସ୍କୃତ ଓ କ୍ରୀଡ଼ା ଶିକ୍ଷକଙ୍କୁ ଟି.ଜି ସ୍କେଲ୍‌ର ମାନ୍ୟତା ପ୍ରଦାନ, ନୂତନ ପେନ୍‌ସନ୍ ପରିବର୍ତ୍ତେ ପୁରାତନ ପେନ୍‌ସନ୍‌ର ପୁନଃପ୍ରଚଳନ, ବିଦ୍ୟାଳୟରେ କାର୍ଯ୍ୟରତ କିରାଣିଙ୍କୁ ଯୋଗ୍ୟତାଭିତ୍ତିରେ ପଦୋନ୍ନତି ଓ ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା ଆଦି ଦାବି ରହିଛି।

## ପ୍ରଥମ ପୃଷ୍ଠାରୁ...

### ସିଜେଆଇ ଆଣିଲେ ...

ସମ୍ପର୍କରେ ବିବରଣୀ ଦିଆଯାଇଛି। ସେକ୍ସୁଏଲ୍ସେସ, ହୋର୍, ସ୍ଲଟ୍, ହାରଲୋଟ୍, ଫାଲେନ୍ ଓମେନ, ଇଜି ଭର୍ଚ୍ୟୁ, ଚେଷ୍ଟ ଓମେନ, ହ୍ୟୁମାନ୍ ଅଫ୍ ଲୁଜ୍ ମୋରାଲ୍ସ ପରିବର୍ତ୍ତେ ଓମେନ୍ ବ୍ୟବହାର କରିବାକୁ ଏଥିରେ ପରାମର୍ଶ ଦିଆଯାଇଛି। ହୁକର ଓ ପ୍ରୋଷ୍ଟିଚ୍ୟୁଟ୍ ବଦଳରେ ସେକ୍ସ ୱାର୍କର ବ୍ୟବହାର ପାଇଁ କୁହାଯାଇଛି। ସେହିପରି ଡ୍ୟୁଟିଫୁଲ୍ ୱାଇଫ୍, ଫେଥ୍‌ଫୁଲ୍ ୱାଇଫ୍, ଗୁଡ୍ ୱାଇଫ୍, ଓବିଡେଣ୍ଟ ୱାଇଫ୍ ପରିବର୍ତ୍ତେ କେବଳ ୱାଇଫ୍ ଉଚ୍ଚାରଣ କରାଯିବ।

### ସାପଚୋରି ର୍‍ୟାକେଟ୍ ...

ଦୁର୍ଗାମାଧବ ମହାପାତ୍ର ସକାଳ ୬ଟାରେ ବାଲେଶ୍ୱରରେ ପହଞ୍ଚିଥିଲେ। ବାଲେଶ୍ୱର ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ ଦିଗନ୍ତ ଏବଂ ଜଳେଶ୍ୱର ରେଞ୍ଜ ଅଧିକାରୀ ଜୟଶ୍ରୀ ମୁର୍ମୁ ସର୍ଚ୍ଚ ୱାରେଣ୍ଟ ଧରି ପ୍ରସ୍ତୁତ ହୋଇ ରହିଥିଲେ। କମଳଲୋଚନ ପଣ୍ଡା ଓ ମମତା ମାହାନା ଥିବା ଘର ଭିତରେ ସକାଳ ୮ଟା ବେଳେ ବାଲେଶ୍ୱର ଏସିଏଫ୍ ଦିଗନ୍ତଙ୍କ ଟିମ୍ ଚଢ଼ାଉ କରି ୨୭ଟି ପେଡ଼ିରେ ଥିବା ନାଗ ସାପଙ୍କୁ ଜବତ କରିଥିଲେ। ପରେ କମଳଙ୍କଠାରୁ ସୂଚନା ପାଇ ଗୌରାଙ୍ଗ ଗିରି ଘରେ ଚଢ଼ାଉ କରି ଆଉ ଦୁଇଟି ସାପ ଜବତ କରାଯାଇଥିଲା। ତେବେ ଗୌରାଙ୍ଗ ଗିରିଙ୍କୁ ସ୍ଥାନୀୟ ହାଟ ଭିତରୁ ଗିରଫ କଲାବେଳେ ଚାପା ଉତ୍ତେଜନା ମଧ ଦେଖା ଯାଇଥିଲା। ବାଲେଶ୍ୱର ଟାଉନରେ ଥିବା ଚାନ୍ଦିପୁର ରେଞ୍ଜ କାର୍ଯ୍ୟାଳୟକୁ ୩ଅଭିଯୁକ୍ତଙ୍କ ସହିତ ୨୯ ସାପକୁ ଅଣାଯାଇଥିଲା। ସେଠାରେ ସବୁ ସାପଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମପାମପି କାମ କରିବାରେ ସ୍ନେକ୍ ହେଲ୍ପ ଲାଇନ ଟିମ୍ ବନ ବିଭାଗକୁ ସହାୟତା କରିଥିଲା। ଯାଞ୍ଚ ସମୟରେ ଅଧିକାଂଶ ସାପଙ୍କ ବିଷ ଦାନ୍ତ ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିବାବେଳେ ଏପରି କି କେତେକଙ୍କ ବିଷଗ୍ରନ୍ଥିକୁ ବାହାର କରାଯାଇଥିଲା। ତେବେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କରିବା ପରେ କେଉଁ ସାପଙ୍କୁ ଜଙ୍ଗଲରେ ପ୍ରାକୃତିକ ଆବାସରେ ଛଡ଼ାଯିବ କିମ୍ବା ଚିଡ଼ିଆଖାନାକୁ ଥଇଥାନ ପାଇଁ ପଠାଯିବ ତାହା ପରବର୍ତ୍ତୀ ପର୍ଯ୍ୟାୟରେ ସ୍ଥିର କରାଯିବ।

ଏନେଇ ବାଲେଶ୍ୱର ଡିଏଫ୍‌ଓ ଖୁସୱନ୍ତ ସିଂ କହିଛନ୍ତି, ତଦନ୍ତ ଜାରି ରହିଛି ଏବଂ ଆମେ ସବୁ ଦିଗକୁ ଆଖିରେ ରଖି ରାଜ୍ୟ ବାହାର ଲିଙ୍କ୍ ଅଛି ବା ନାହିଁ ସେ ବିଷୟରେ ତର୍ଜମା କରାଯାଉଛି। ଶୁଭେନ୍ଦୁ କହିଛନ୍ତି, ଏତେ ସଂଖ୍ୟକ ବିଷଧର ସାପ ସେ ଦୁଇଜଣ ଲୋକଙ୍କ କାମ ନୁହେଁ। ସ୍ଥାନୀୟ କିମ୍ବା ପଡ଼ୋଶୀ ଜିଲାର ସାପ ଧରାଳିଙ୍କ ସମ୍ପୃକ୍ତି ଅଛି କି ନାହିଁ ତାହା ଅଭିଯୁକ୍ତଙ୍କ ମୋବାଇଲ କଲ୍ ରେକର୍ଡ ଯାଞ୍ଚ କଲେ ଜଣାପଡ଼ିବ। ସାପଗୁଡ଼ିକୁ ଗାଁ ଯାତ୍ରାରେ ମନୋରଞ୍ଜନ ପାଇଁ ବ୍ୟବହାର କରାଯାଉଥିବା ଅଭିଯୁକ୍ତମାନେ କହୁଥିବାବେଳେ ଏତେ ସଂଖ୍ୟକ ବିଷଧର ସାପଙ୍କୁ କିପରି ଯାତ୍ରାରେ ପ୍ରଦର୍ଶନ କରିବାକୁ ଲୋକମାନେ ସୁଯୋଗ ଦେଉଥିଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ କମଳଲୋଚନଙ୍କ ପାଖରୁ ଏକ ଖପୁରି ଓ ହାଡ଼ ମଧ ଜବତ ହୋଇଛି। ସେହି ଖପୁରି ହନୁ ମାଙ୍କଡ଼ର ବୋଲି କମଳ ଜେରା ସମୟରେ କହିଥିବା ଜଣାପଡ଼ିଛି। ତେବେ ତାହା ମାଙ୍କଡ଼ର ବୋଲି ନିଶ୍ଚିତ ହେବା ପାଇଁ ତାକୁ ଓୟୁଏଟି ଭେଟେରିନାରୀ କଲେଜରେ ଥିବା ସେଣ୍ଟର ଫର୍ ୱାଇଲ୍ଡଲାଇଫ ହେଲ୍‌ଥକୁ ପଠାଯିବ ବୋଲି ଏସିଏଫ୍ ଦିଗନ୍ତ କହିଛନ୍ତି।

### ବୃତ୍ତିଗତ ବ୍ୟବସାୟୀଙ୍କୁ ...

ଉଦ୍‌ବୋଧନ ଦେଇ ଏହି ଘୋଷଣା କରିଥିଲେ। ଉକ୍ତ ଯୋଜନା ଅଧୀନରେ କାରିଗରମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨ ଲକ୍ଷ ଟଙ୍କା ରିହାତିରେ ଋଣ ଦିଆଯିବ ବୋଲି କ୍ୟାବିନେଟ ବୈଠକ ପରେ ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଋଣ ଅର୍ଥ ଉପରେ ସର୍ବାଧିକ ୫% ସୁଧ ଲାଗିବ। ଆସନ୍ତା ସେପ୍ଟେମ୍ବର ୧୭ରେ ବିଶ୍ୱକର୍ମା ଜୟନ୍ତୀ ପାଳନ ବେଳେ ଏହି ଯୋଜନାର ଶୁଭାରମ୍ଭ କରାଯିବ। ଏହା ୧୮ଟି ପାରମ୍ପରିକ ବାଣିଜ୍ୟ ଆରମ୍ଭ କରିବାରେ ସହାୟକ ହେବ। ୫ ବର୍ଷ ମଧ୍ୟରେ ୧୩,୦୦୦ କୋଟି ଟଙ୍କା ବ୍ୟୟ କରାଯିବ। ପ୍ରାୟ ୩୦ ଲକ୍ଷ ବିଶେଷକରି ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ର ଲୋକେ ଉପକୃତ ହେବେ। ହିତାଧିକାରୀମାନଙ୍କୁ ଦକ୍ଷତା ବିକାଶ, ଟୁଲ୍ କିଟ୍ସ, ଡିଜିଟାଲ ଟ୍ରାଞ୍ଜାକଶନ୍, ମାର୍କେଟିଂ ସପୋର୍ଟ ମଧ ପ୍ରଦାନ କରାଯିବ।

ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୀତି ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିଇଏ) ବୈଠକରେ ବିଶ୍ୱକର୍ମା ସମେତ ଆଉ କେତେକ ଯୋଜନାକୁ ମଞ୍ଜୁରୀ ମିଳିଛି। ସିସିଇଏ ପିଏମ୍-ଇ-ବସ୍ ସେବା ଯୋଜନାକୁ ମଧ ଅନୁମୋଦନ କରିଛି। ଏହି ଯୋଜନାରେ ଇ-ବସ୍‌ଗୁଡ଼ିକୁ ସରକାର ୧୦ ବର୍ଷ ପାଇଁ ସମର୍ଥନ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ମୋଟ ୧୬୯ ସହରରେ ୧୦,୦୦୦ ଇ-ବସ୍ ଗଡ଼ିବ। ଏହାବାଦ ଗ୍ରୀନ୍ ଅର୍ବାନ ମୋବିଲିଟି ଅଧୀନର ଦେଶର ୧୮୧ ସହରରେ ପିପିପି ମୋଡ୍‌ରେ ଚଳାଚଳ କରିବ।

### ଚନ୍ଦ୍ରପୃଷ୍ଠରୁ ୧୫୦ କି.ମି. ...

ଚନ୍ଦ୍ରୟାନ-୩ର ସଫଳ ଅବତରଣ ତାରିଖର ସପ୍ତାହ ପୂର୍ବରୁ ବୁଧବାର ଇସ୍ରୋ ଏହାର ସମସ୍ତ ପ୍ରକ୍ରିୟା ଶେଷ କରିଛି। ଚନ୍ଦ୍ରୟାନ-୩କୁ ବୁଧବାର ୧୫୩ କି.ମି.x ୧୬୩ କି.ମି. କକ୍ଷପଥରେ ସ୍ଥାପିତ କରାଯାଇଛି ବୋଲି ଇସ୍ରୋ କହିଛି। ଇସ୍ରୋ ମୁଖ୍ୟ ଏସ୍. ସୋମନାଥ କହିଛନ୍ତି, ଚନ୍ଦ୍ରୟାନ-୩ର ଲାଣ୍ଡର ବିକ୍ରମ ଅଗଷ୍ଟ ୨୩ରେ ଅବତରଣ କରିବ। ଯଦି କୌଣସି କାରଣରୁ ଏହାର ଇଞ୍ଜିନ ବନ୍ଦ ହୋଇଯାଏ ତେବେ ବି ଏହାର ସଫଳତାର ସହ ଯେପରି ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ସେଥିପ୍ରତି ଦୃଷ୍ଟି ଦିଆଯିବ।

### ଭୁବନେଶ୍ୱର ମେଟ୍ରୋ ଟ୍ରେନ ...

ଫୁଲପୋଖରୀ, ତ୍ରିଶୂଳିଆ ଛକ ଏବଂ କଟକ ଯାଏ ଚଳାଚଳ କରିବ। ମେଟ୍ରୋ ରେଳ ୨୦ଟି ଷ୍ଟେଶନ ଦେଇ ୨୬ କିଲୋମିଟର ଯାଏ ଚାଲିବ ବୋଲି ଡିପିଆର୍‌ରେ ଉଲ୍ଲେଖ କରାଯାଇଛି।

ଏଥିସହିତ ପରବର୍ତ୍ତୀ ସମୟରେ ମେଟ୍ରୋ ରେଳକୁ ଖୋର୍ଦ୍ଧା, ପୁରୀ ଏବଂ କଟକ-ଭୁବନେଶ୍ୱର ସହରର ଅନ୍ୟାନ୍ୟ ସ୍ଥାନକୁ ସଂଯୋଗ କରାଯିବ। ୨୦୨୩ ଏପ୍ରିଲ ପହିଲା ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିମାନବନ୍ଦରରୁ କଟକର ତ୍ରିଶୂଳିଆ ଯାଏ ମେଟ୍ରୋ ରେଳ ପ୍ରକଳ୍ପକୁ ଅନୁମୋଦନ କରିଥିଲେ। ଏହାର ଡିପିଆର୍ ପ୍ରସ୍ତୁତ ପାଇଁ ରାଜ୍ୟ ସରକାର ଡିଏମ୍‌ଆର୍‌ସିକୁ ଦାୟିତ୍ୱ ଦେଇଥିଲେ। ଇତିମଧ୍ୟରେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଅଗଷ୍ଟ ୩ ତାରିଖରେ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେଶନ ଲିମିଟେଡ(ବିଏମ୍‌ଆରସିଏଲ୍) ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ସହ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ଜେନେରାଲ ମ୍ୟାନେଜର (ପ୍ରଶାସନ) ନିଯୁକ୍ତ କରିଛନ୍ତି।

ଡିଏମ୍‌ଆର୍‌ସି ପ୍ରାରମ୍ଭିକ ପର୍ଯ୍ୟାୟରେ ତ୍ରିଶୂଳିଆରୁ ଭୁବନେଶ୍ୱର ବିମାନବନ୍ଦର ପର୍ଯ୍ୟନ୍ତ ପ୍ରତି ୧ କିଲୋମିଟର ଦୂରତାରେ ମାଟି ପରୀକ୍ଷା କରିଛି। ମୃତ୍ତିକାର କେଉଁ ସ୍ତରରେ ପଥର ଅଛି ଓ ଏହାର ସମ୍ଭାଳିବା କ୍ଷମତା କେତେ ଅଛି ସେନେଇ ସର୍ଭେ କରାଯାଇଛି। ମେଟ୍ରୋ ରେଳର ଭୂତଳ ପଥ ପାଇଁ ଯେଉଁ ପିଲାର ହେବ ତା'ର ଫାଉଣ୍ଡେଶନ ଡିଜାଇନ କିଭଳି ହେବ ସେ ସମସ୍ତ ତଥ୍ୟ ଡିପିଆର୍‌ରେ ଉଲ୍ଲେଖ କରାଯାଇଛି।

ବର୍ତ୍ତମାନ ଯୋଜନା ଅନୁଯାୟୀ ବିମାନବନ୍ଦରରୁ ତ୍ରିଶୂଳିଆ ଯାଏ ୨୬ କିମି ଟ୍ରଙ୍କ୍ ରୁଟ୍‌ରେ ୪୫୦ ସ୍ପାନ୍ ତିଆରି କରାଯିବ। ପ୍ରତି ୫୦ ମିଟର ଦୂରତାରେ ଗୋଟିଏ ଲେଖାଏ ସ୍ପାନ୍ ଛିଡ଼ା ହେବ। ସମସ୍ତ ପ୍ରକଳ୍ପରେ ପ୍ରାୟ ୮ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ପ୍ରତି ୧ କିମି ମେଟ୍ରୋ ରେଳ ରାସ୍ତା ତିଆରି ପାଇଁ ପ୍ରାୟ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି।

ଗତ ଦୁଇଦିନ ତଳେ ଭୁବନେଶ୍ୱର ରେଳ ଷ୍ଟେଶନରେ ତେଜସ୍ ରେକଯୁକ୍ତ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍‌ର ଶୁଭାରମ୍ଭ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମେଟ୍ରୋ ରେଳ ପ୍ରକଳ୍ପକୁ ନେଇ ରାଜ୍ୟ ସରକାରଙ୍କୁ କଟାକ୍ଷ କରିଥିଲେ। ସେ କହିଥିଲେ, ୪-୫ ଜଣ ବାବୁ ସକାଳୁ ସକାଳୁ ଉଠି ବୁଲୁଛନ୍ତି ଆଉ ଫଟୋ ଉଠାଇ ଘୋଷଣା କରିଦେଉଛନ୍ତି ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ହେବ। ମୁଁ ଯେତିକି ଜାଣିଛି କେନ୍ଦ୍ର-ରାଜ୍ୟ ମିଳିତ ଉଦ୍ୟମରେ ଏହି ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ହୁଏ। ଖାଲି ୪-୫ ବାବୁ ଯାଇ ସକାଳୁ ସକାଳୁ ବୁଲି ଫଟୋ ଉଠେଇ ଦେଲେ ମେଟ୍ରୋ ହୋଇଯାଏନି ବୋଲି କହିଥିଲେ। ଧର୍ମେନ୍ଦ୍ରଙ୍କ ଏପରି ମନ୍ତବ୍ୟର ୪୮ ଘଣ୍ଟା ପରେ ଡିଏମ୍‌ଆର୍‌ସି ରାଜ୍ୟ ସରକାରଙ୍କୁ ଡିପିଆର୍ ପ୍ରଦାନ କରିଛି।

### ନିର୍ଗୁଣ୍ଡିରୁ ବାରଙ୍ଗ, ଖୋର୍ଦ୍ଧା ରୋଡ୍‌ରୁ ...

ରେଳ ଲାଇନ୍‌ରେ ଚତୁର୍ଥ ଲାଇନ ବିଛାଯିବ। ତେବେ ଏହି ପ୍ରକଳ୍ପରେ ଓଡ଼ିଶା, ବିହାର, ଆନ୍ଧ୍ରପ୍ରଦେଶ, ଗୁଜରାଟ, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗର ୩୫ ଜିଲାକୁ ସାମିଲ କରାଯାଇଛି। ପ୍ରକଳ୍ପ ଶେଷ ହେବା ପରେ ଭାରତୀୟ ରେଳରେ ୨ ହଜାର ୩୩୯ କି.ମି. ରେଲୱେ ନେଟ୍‌ୱର୍କ ବୃଦ୍ଧି ହେବା ସହ ପ୍ରକଳ୍ପ ନିର୍ମାଣ ସମୟରେ ୭.୬ କୋଟି ଲୋକ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ପାଇବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ରେଳ ଯାତ୍ରୀଙ୍କ ସୁବିଧା ଓ ମାଲ୍ ପରିବହନ କ୍ଷେତ୍ରରେ ଏହି ପ୍ରକଳ୍ପ ସହାୟକ ହେବ। ଖାଦ୍ୟଶସ୍ୟ, ସାର, କୋଇଲା, ସିମେଣ୍ଟ, ଫ୍ଲାଇ-ଆଶ, ଲୁହା, ଇସ୍ପାତ, କ୍ଲିଙ୍କର, ଅଶୋଧିତ ତୈଳ, ଚୂନ ପଥର ଓ ଖାଇବା ତେଲ ଭଳି ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନ କ୍ଷମତା ବୃଦ୍ଧି ପାଇବ। ସେହିପରି ବାର୍ଷିକ ୨୦୦ ନିୟୁତ ଟନ୍ ମାଲ ପରିବହନ କରାଯିବାର ଲକ୍ଷ୍ୟ ରଖାଯାଇଛି। ପଶ୍ଚିମବଙ୍ଗରୁ ଚେନ୍ନାଇ ଯାଏ ଅଧିକାଂଶ ଶ୍ରମିକ, ଛାତ୍ରୀଛାତ୍ର ଯାତାୟାତ କରନ୍ତି। ବିଭିନ୍ନ ସମୟରେ ଟ୍ରେନ୍‌ଗୁଡ଼ିକ ବିଳମ୍ବ ହେଉଥିବାରୁ ଓଡ଼ିଶାରେ ନିର୍ଗୁଣ୍ଡିରୁ ବାରଙ୍ଗ ଏବଂ ଖୋର୍ଦ୍ଧା ରୋଡ୍‌ରୁ ବିଜୟନଗରମ୍ ଯାଏ ମୋଟ ୪୧୭.୬ କି.ମି.ର ତୃତୀୟ ରେଳ ଲାଇନ ଲାଗି ୫ହଜାର ୬୧୮ କୋଟି ବ୍ୟୟ ଅଟକଳ କରାଯାଇଛି। ଭାଇଜାକ୍‌ରୁ ଚେନ୍ନାଇ ଯାଏ ତୃତୀୟ ରେଳ ଲାଇନର ଡିପିଆର୍ ପ୍ରସ୍ତୁତି ଚାଲିଛି। ସେହିପରି ଓଡ଼ିଶାର ତୃତୀୟ ଲାଇନ ନିର୍ମାଣରେ ବିରୂପା ନଦୀରେ ୪୮୮ ମିଟର, ମହାନଦୀରେ ୨୦୯୬ ମିଟର, କାଠଯୋଡ଼ିରେ ୮୨୨ ମିଟର, ରୁଷିକୁଲ୍ୟାରେ ୪୫୭ ମିଟର, ବଂଶଧାରାରେ ୪୧୦ ମିଟର ଓ କୁଆଖାଇରେ ୮୨୨ ମିଟର ପୋଲ ନିର୍ମାଣ କରାଯିବ। ପ୍ରକଳ୍ପ ଦ୍ୱାରା ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ ଦେଇ ପୂର୍ବ ରାଜ୍ୟ, ପଶ୍ଚିମବଙ୍ଗ ଓ ତାମିଲନାଡୁକୁ ଅଧିକ ସଂଖ୍ୟକ ଟ୍ରେନ୍ ଚଳାଚଳ କରାଯାଇପାରିବ। ଏହାସହ ୨୦୨୪ ମାର୍ଚ୍ଚ ସୁଦ୍ଧା ବନ୍ଦେ ଭାରତ ଏକ୍ସପ୍ରେସର ସ୍ଲିପର କୋଚ୍‌ର ପ୍ରସ୍ତୁତି ସରିବ। ସେହିପରି ଫେବୃଆରୀରୁ ବନ୍ଦେ ଭାରତର ୩ଟି ସଂସ୍କରଣ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅର୍ଥଲାଭର ଯୋଗ ରହିଛି। କିନ୍ତୁ ପାଇବେ ଯେତିକି ତା'ଠାରୁ ଅଧିକ ବ୍ୟୟକରି ଅନୁତପ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଚେଷ୍ଟା କରୁଥିବା କାମ ଓ ପରିବହନରେ ସଫଳତା ପାଇବେ। ଘର ଲୋକଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ।

**ବୃଷ** ପରିବାରର ପରାମର୍ଶକ୍ରମେ କୌଣସି କାର୍ଯ୍ୟାରମ୍ଭକୁ ପ୍ରାଥମିକତା ପ୍ରଦାନ କରିପାରନ୍ତି। ଧାର୍ମିକ ଅନୁଷ୍ଠାନରେ ନିଜକୁ ସାମିଲ କରିବାର ସୁଯୋଗ ବନ୍ଧୁଙ୍କ ମାଧ୍ୟମରେ ଆସିପାରେ। ସାମାଜିକ ସ୍ତରରେ ହାତରୁ ଖାଇ ପର ପାଇଁ ଖଟି ମନସ୍ତାପ କରିବାକୁ ପଡ଼ିପାରେ। ପଡ଼ୋଶୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି।

**ମିଥୁନ** ଆଜି ସକାଳୁ ସକାଳୁ ବନ୍ଧୁଙ୍କଠାରୁ କୌଣସି ଖବର ଶୁଣି ମନଟା ଖୁସି ହୋଇଯିବ। ଆନୁଷ୍ଠାନିକ କାର୍ଯ୍ୟ ଲାଗି ଆଲୋଚନା କରିପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାମ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଅଚାନକ ଭାବେ ବନ୍ଧୁଙ୍କ ଆମନ୍ତ୍ରଣ ପାଇ ଯାତ୍ରା କରିପାରନ୍ତି।

**କର୍କଟ** ସାଧାରଣ କଥାକୁ କେନ୍ଦ୍ରକରି ପିଲାମାନଙ୍କ ଉପରେ ବେଶି ରାଗିପାରନ୍ତି। ନିଜ ସ୍ୱାର୍ଥ ସାଧନ ଦିଗରେ ଅନ୍ୟକୁ ନିୟୋଜିତ କରିବା ସକାଶେ ଯୋଜନା କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଦ୍ୱନ୍ଦ୍ୱ ଓ ପ୍ରତିଦ୍ୱନ୍ଦ୍ୱିତାର ଅବସାନ ଘଟିବ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନ ଯାତ୍ରା କରିବାକୁ ପଡ଼ିପାରେ।

**ସିଂହ** ଅଧସ୍ତନ କର୍ମଚାରୀଙ୍କ ସହମତିରେ କାମ କଲେ ଉପକୃତ ହେବେ। ସଭାସମିତି ଓ ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ। ଅନିୟମିତ ଆହାର ଗ୍ରହଣ ଫଳରେ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଯେକୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ ସଫଳତା ପାଇପାରନ୍ତି।

**କନ୍ୟା** ଆଜି କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପରିବହନ ଓ ନୂତନ ବ୍ୟବସାୟରେ ଆଶାଜନକ ଫଳ ପାଇବେ। ପରକଥାରେ ମନଦେଇ ନିଜ ଘର କାମକୁ ଅବହେଳା କରିବେ। ଅଟକି ରହିଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ଦିଗରେ ଅନ୍ୟମାନଙ୍କ ସହଯୋଗ ଲୋଡ଼ିବେ।

**ତୁଳା** ଆଜି ଏପରି ଏକ ଶୁଭଖବର ପାଇବେ, ଯାହା ମନକୁ ପ୍ରଫୁଲ୍ଲିତ କରିଦେବ। ପିଲାଙ୍କ ଦୁର୍ବଳ ସ୍ୱାସ୍ଥ୍ୟ କିମ୍ବା ବୟସ୍କ ପିଲାଙ୍କ ବିଶୃଙ୍ଖଳିତ ଆଚରଣ ମନକୁ ବିଭ୍ରାନ୍ତ କରିପାରେ। ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ି ଚାଲନ୍ତୁ, ଦେଖିବେ ସବୁକିଛି ଠିକ୍ ହୋଇଯିବ। ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ସମସ୍ୟା ସୃଷ୍ଟି କରିପାରନ୍ତି।

**ବିଛା** ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ସରଳରେ ଅତିବାହିତ ହେବ। କାମଗୁଡ଼ିକ ସାମାନ୍ୟ ଚେଷ୍ଟା ଓ ବିଳମ୍ବିତ ସମୟରେ ସାଧିତ ହୋଇପାରେ। ଅନାବଶ୍ୟକ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ଧନୁ** କିଛି ସୁବିଧା ଅସୁବିଧା ସମ୍ପର୍କରେ ପରିବାର ଭିତରେ ଆଲୋଚନା କରିପାରନ୍ତି। ଅଫିସ୍‌ରେ ଧୀରପାଣି ପଥର କାଟେ ନୀତିରେ କାମ ହାସଲ ପାଇଁ ଚେଷ୍ଟିତ ହେବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବା ସାଙ୍ଗକୁ ଟେନ୍‌ସନ୍ କିଛିମାତ୍ରାରେ କମିଯିବ। ବ୍ୟବସାୟ କ୍ଷେତ୍ରରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ।

**ମକର** ଦୂରଦର୍ଶିତା ଓ ବିଚାରଶୀଳ କାରଣରୁ କୌଣସି ଅସୁବିଧା ହେବନାହିଁ। ଶ୍ରବଣାର କିନ୍ତୁ ଦୀର୍ଘଦିନ ହେଲା ରୋଗ, ଋଣ ଓ ଶତ୍ରୁତା ଲାଗିରହିବା କାରଣରୁ ମନ ଭଲ ରହିବ ନାହିଁ। ବିବାଦୀୟ ଘଟଣାରେ ବିଜୟୀ ହେବେ ଓ ବ୍ୟବସାୟ ତଥା ପରିବହନରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**କୁମ୍ଭ** ଯେଉଁ କାମଟି ଦୀର୍ଘଦିନ ହେଲା ହୋଇପାରି ନ ଥିଲା ଆଜି ତାହା ହୋଇଯିବ। ସହକର୍ମୀଙ୍କ ସହିତ ଆଲୋଚନାରେ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳିନେବେ। କର୍ମକ୍ଷେତ୍ରରେ ଯାହାକୁ ଯାହା କହିବେ ସେମାନେ ସହଯୋଗର ହାତ ବଢ଼ାଇବେ। ବ୍ୟବସାୟରେ ସଫଳତା ମିଳିବ।

**ମୀନ** କର୍ମକ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ। କୌଣସି ସୂତ୍ରରୁ ଶୁଣା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବାର ଆଶଙ୍କା ରହିଛି। ସଭାସମିତି, ସଙ୍ଗଠନ, ସାଂସ୍କୃତିକ କାର୍ଯ୍ୟ ତଥା ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବା ପାଇଁ ଚେଷ୍ଟିତ ହେବେ।

ଆଜି ସିଂହ ସଂକ୍ରାନ୍ତି, ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ପ୍ରତିପଦା ଗୁରୁବାର, ଚାତୁର୍ମାସ୍ୟା ବ୍ରତ, ଅଗଷ୍ଟ ୧୭ ତାରିଖ, ରାଶି ନକ୍ଷତ୍ର-ମଘା/ସିଂହ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୦ମି. ଗତେ ଘ.୦୭।୧୨ମି. ମଧ୍ୟେ, ଘ.୧୦।୩୪ମି. ଗତେ ଘ.୦୧।୦୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୫ମି. ଗତେ ଘ.୦୩।୦୦ମି. ମଧ୍ୟେ ରାହୁକାଳ ।।

## ସାପ ବିଷ ରାକେଟ୍ ଠାବ, ୨୯ ନାଗ ଜବତ




# ବଜ୍ରପାତରେ ୮ ମୃତ

**ରୂପସା(ବାଞ୍ଛାନିଧି ଦେ)/ବସ୍ତା(ହରିଶଙ୍କର ପାଢୀ)/ତିହିଡ଼ି/ଚାନ୍ଦବାଲି(ସଞ୍ଜିତ୍ ବଳ/କିଶାନ ପାତ୍ର/ଅଶୋକ ପଣ୍ଡା)/ବୈଶିଙ୍ଗା( ରତନ ଦାଶ), ୧୬।୮**

ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାରେ ବୁଧବାର ବଜ୍ରପାତ ହୋଇ ୮ ଜଣଙ୍କ ମୃତ୍ୟୁ ହୋଇଛି। ବାଲେଶ୍ୱର ଜିଲାରେ ୪, ଭଦ୍ରକରେ ୩ ଓ ମୟୂରଭଞ୍ଜ ଜିଲାରେ ଜଣଙ୍କର ମୃତ୍ୟୁ ହୋଇଛି।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତ ପଣିସାପଡା ଗ୍ରାମର ମକରଧ୍ୱଜ ବେହେରା ନିଜ ଘର ଚାଳ ଉପରକୁ ଉଠିଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସନ୍ତୋଷପୁର ପଞ୍ଚାୟତ ଥେଙ୍ଗ ଗ୍ରାମର ଶମ୍ଭୁନାଥ ସାହୁ ବିଲ କାମ ପାଇଁ କୁଳିଦା ପଞ୍ଚାୟତ ବେଲଗାଁ ଗାଁ ପାଖ ମହାଜନିଆ ସାହିକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇ ପ୍ରାଣ ହରାଇଥିଲେ। ପତ୍ରଝଡ଼ା ପଞ୍ଚାୟତ ମହାଦେବସରାଇ ଗ୍ରାମର ବିକାଶ ବିନ୍ଧାଣି ଓ କାହ୍ନୁ ମୁର୍ମୁ ବିଲରୁ କାମ ସାରି ଘରକୁ ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇ ପ୍ରାଣ ହରାଇଛନ୍ତି। ମୃତକମାନଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଗୁରୁବାର ବ୍ୟବଚ୍ଛେଦ କରାଯିବ। ମହାଦେବସରାଇ ଗ୍ରାମର ୫ଜଣ ନିମାଇଁ ମାଝି, ସୂର୍ଯ୍ୟ ସୋରେନ, ଠେଲା ମୁର୍ମୁ, ନବ ସୋରେନ ଓ ସୁକୁଲ ସୋରେନ ଗୁରୁତର ଆହତ ହୋଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି। ଭଦ୍ରକ ଜିଲା ତିହିଡ଼ି ଓ ଚାନ୍ଦବାଲି ବ୍ଲକରେ ଅପରାହ୍ନରେ ବଜ୍ରପାତ ଯୋଗୁ ୩ ପ୍ରାଣହାନୀ ଘଟିଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ତିହିଡ଼ି ବ୍ଲକ ପୀରହାଟ ଥାନା ବାମନବିନ୍ଧା ପଞ୍ଚାୟତ ଅଧୀନ ସନ୍ଦକପୁର ଗ୍ରାମର ଯଦୁନାଥ ସେଠୀ(୫୫) ବିଲକୁ କାମ କରିବାକୁ ଯାଇଥିବା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ସୁରେନ୍ଦ୍ର ବାରିକ(୨୪)ଗୁରୁତର ହୋଇଛନ୍ତି। ସେହିପରି ଚାନ୍ଦବାଲି ବ୍ଲକର ପୃଥକ ସ୍ଥାନରେ ବଜ୍ରପାତରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଉତ୍ତୁକୁଡ଼ା ପଞ୍ଚାୟତର ସିଙ୍ଗିଟି ଗାଁରେ ମୟୂରଭଞ୍ଜ ଜିଲାରୁ କୃଷି କାର୍ଯ୍ୟ ପାଇଁ ଆସିଥିବା ମା' ଘୁମୁନା ସିଂଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଝିଅ ସୀମା ଗୁରୁତର ହୋଇଛନ୍ତି। ଖେରଙ୍ଗ ପଞ୍ଚାୟତରେ ପ୍ରଫୁଲ୍ଲ ମାଝୀଙ୍କ ପୁଅ ପ୍ରତାପଙ୍କର ମୃତ୍ୟୁ ହୋଇଛି। ମୌସୁଧା ପଞ୍ଚାୟତ ଫାର୍ସିବନ୍ଧ ଗାଁରେ ବଜ୍ରପାତ ଯୋଗୁ ଧନେଶ୍ୱର ବାରିକ ଓ ସୁମନ୍ତ ସାହୁ ଗୁରୁତର ହୋଇଛନ୍ତି।

ସେହିପରି ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ହରିପୁର ଗ୍ରାମରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁଆମରାସ୍ଥିତ ବଡକ୍ଷୀରପଦା ଗ୍ରାମର ସ୍ୱର୍ଗତ ବାବୁଲା ସିଂଙ୍କ ସ୍ତ୍ରୀ ଚୁନି(୨୨)। ଚୁନି ବାପ ଘର ଗାଁର କିଛି ମହିଳାଙ୍କ ସହିତ ଧାନବିଲ ବାଛିବାକୁ ଯାଇ ଫେରୁଥିବା ବେଳେ ବଜ୍ରପାତରେ ପ୍ରାଣ ହରାଇଥିଲେ। ତାଙ୍କ ସହ ଥିବା ବାସନ୍ତୀ ସିଂ ଗୁରୁତର ହୋଇଛନ୍ତି।

# କାମାକ୍ଷାନଗରରେ ହେବ ନାଲ୍କୋର ମିନି ପ୍ଲାଣ୍ଟ

## ସ୍ଥାନ ପରିଦର୍ଶନ କଲେ ମନ୍ତ୍ରୀ, ଅଧିକାରୀ

**କାମାକ୍ଷାନଗର, ୧୬।୮ (ସୁଧୀର ପରିଡ଼ା/ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାଦୁଆ ପଞ୍ଚାୟତର ଭାଗୀରଥିପୁର ଏବଂ ମର୍କଟା ଗ୍ରାମରେ ନବରତ୍ନ ମାନ୍ୟତାପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍କୋର ମିନି ପ୍ଲାଣ୍ଟ ପ୍ରତିଷ୍ଠା ହେବ। ଏ ନେଇ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବୁଧବାର ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ନାଲ୍କୋର ପଦସ୍ଥ ଅଧିକାରୀ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନ ବୁଲି ଦେଖିଛନ୍ତି। ନାଲ୍କୋର ଏହି ମିନିପ୍ଲାଣ୍ଟ ପ୍ରତିଷ୍ଠା ହେଲେ ଶିଳ୍ପବିହୀନ କାମାକ୍ଷାନଗର ଅର୍ଥନୀତିରେ ବଡ଼ଧରଣର ପରିବର୍ତ୍ତନ ହେବ। ସ୍ଥାନୀୟ ଲୋକଙ୍କୁ କର୍ମ ନିୟୋଜନ ମିଳିବ ବୋଲି ଆଶାପ୍ରକାଶ ପାଇଛି।

ଢେଙ୍କାନାଳ ଜିଲାର କାମାକ୍ଷାନଗରରେ ଆବଶ୍ୟକ ଭିତ୍ତିଭୂମି, ସଡ଼କପଥ, ରେଳପଥରେ ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ରହିଛି। ହେଲେ ଏଠାରେ କୌଣସି ଶିଳ୍ପ ପ୍ରତିଷ୍ଠାନ ନ ଥିବାରୁ ଦକ୍ଷ ମାନବସମ୍ବଳର ଉପଯୁକ୍ତ ବ୍ୟବହାର ହୋଇପାରୁ ନ ଥିବା ଅଭିଯୋଗ ହୋଇଆସୁଥିଲା। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ମନ୍ତ୍ରୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବ୍ଲକରେ ଏକ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବାବେଳେ ନାଲ୍କୋ ଏଥିପ୍ରତି ଆଗ୍ରହ ଦେଖାଇଛି। ଏଠାରେ ଆଲୁମିନିୟମ ଉତ୍ପାଦନରେ ବ୍ୟବହୃତ ବିଭିନ୍ନ ସାମଗ୍ରୀର ବିଶୁଦ୍ଧୀକରଣ କରାଯିବ। ଏଥିଲାଗି କମ୍ପାନୀକୁ ଭାଗୀରଥିପୁର ଏବଂ ମର୍କଟା ଗ୍ରାମରେ ଆବଶ୍ୟକ ଜମି ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନ ପରିଦର୍ଶନ ସମୟରେ ନଗରପାଳ ଧର୍ମାନନ୍ଦ ପରିଡା, ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ଗ୍ରାମବାସୀ ଉପସ୍ଥିତ ଥିଲେ। ଅନ୍ୟପଟେ କାମାକ୍ଷାନଗର ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।



ପ୍ରସ୍ତାବିତ ପ୍ରକଳ୍ପ ସ୍ଥଳରେ ମନ୍ତ୍ରୀ, ନାଲ୍କୋର ପଦସ୍ଥ ଅଧିକାରୀ, ନଗରପାଳଙ୍କ ସମେତ ଅନ୍ୟମାନେ।

# ଫେବୃୟାରୀ ୧୪ରୁ ଯୁକ୍ତ୨ ପରୀକ୍ଷା

**ଭୁବନେଶ୍ୱର, ୧୬।୮(ଅସମାପିକା ସାହୁ)**

**୨୦୨୩-୨୪ ଏକାଡେମିକ କ୍ୟାଲେଣ୍ଡର ପ୍ରକାଶ**

**ମେ' ପ୍ରଥମ ସପ୍ତାହ ସୁଦ୍ଧା ରେଜଲ୍ଟ**

୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ବୁଧବାର ଏକାଡେମିକ କ୍ୟାଲେଣ୍ଡର ପ୍ରକାଶ ପାଇଛି। ସିଏଚ୍ଏସ୍ଇ ଦ୍ୱାରା ପରିଚାଳିତ ଯୁକ୍ତ୨ ଦ୍ୱିତୀୟ ବର୍ଷ ବା ଦ୍ୱାଦଶ ଶ୍ରେଣୀ ବାର୍ଷିକ ଥିଓରୀ ପରୀକ୍ଷା ଆସନ୍ତା ଫେବୃୟାରୀ ୧୪ରୁ ଆରମ୍ଭ ହେବ। ଏହା ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ଜାରି ରହିବ। ଏପ୍ରିଲ ଶେଷ ସପ୍ତାହ କିମ୍ବା ମେ' ପ୍ରଥମ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବ। ସେହିପରି ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହରୁ ପ୍ରାକ୍ଟିକାଲ ପରୀକ୍ଷା କରାଯିବ। ଥିଓରୀ ପରୀକ୍ଷାର ଗୋଟିଏ ମାସ ପୂର୍ବରୁ ୨୦୨୪ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ସରକାରୀ ନିର୍ଦ୍ଦେଶନାମା ମୁତାବକ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହୋଇଥିବାବେଳେ ଏକାଡେମିକ କ୍ୟାଲେଣ୍ଡର ଅନୁସାରେ ପରୀକ୍ଷା ଲାଗି ଆସନ୍ତା ଜାନୁୟାରୀ ୧୫ରୁ ୩୦ ତାରିଖ ଯାଏ ପଞ୍ଜୀକରଣ ନମ୍ବର ପାଇଁ ଡକ୍ୟୁମେଣ୍ଟ ଯାଞ୍ଚ ହେବ। ଦ୍ୱିତୀୟ ବର୍ଷ ରେଗୁଲାର ଛାତ୍ରୀଛାତ୍ରଙ୍କ ଅନଲାଇନ୍ ଫର୍ମ ପୂରଣ ଆସନ୍ତା ନଭେମ୍ବର ୧୦ରୁ ଆରମ୍ଭ ହୋଇ ୨୫ରେ ଶେଷ ହେବ। ଏକ୍ସ-ରେଗୁଲାର ପିଲା ଆସନ୍ତା ସେପ୍ଟେମ୍ବର ୧୫ରୁ ୩୦ ମଧ୍ୟରେ ଅନଲାଇନ୍ ଫର୍ମ ପୂରଣ କରିବେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
Required staff for Public Limited Company, Marketing Manager, Sales Manager, Sales Officer, Business Development Executive, Telecaller, Office Executive, Accountant, Web Designer, Architecture, Technician, Driver, Security, Peon.
Mob.: 9040043929

WANTED
Recruitment for Business Leader and Part Time Professional for Twin City
150 years Old Indian Conglomerate is hiring Some Professional for its Expansion of Financial Distribution across Bhubaneswar and Cuttack. (Need all Retired and VRS Employees, Govt. and Pvt.Employees, Prof. Housewife, Business People, Sales staff, Life and Health Insurance Advisor and Others are also Welcome).
9861468116, 9853052345

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ସହସମ୍ପାଦକ
- ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
- ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
Apply immediately to : recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।

## କୁଦରସାହି ଡ୍ୟାମ୍‌ରେ ବୁଡ଼ି ୨ ଶିଶୁ ମୃତ

**ବଡ଼ବିଲ, ୧୬।୮(ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଗନ୍ଧଲପଦା ଗ୍ରାମ ନିକଟ କୁଦରସାହି ଡ୍ୟାମ୍‌ରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ଗନ୍ଧଲପଦା ଗ୍ରାମର ରେସମା ମୁଣ୍ଡାଙ୍କ ପୁଅ ମଦନ ମୁଣ୍ଡା(୯) ଓ ରଘୁ ମୁଣ୍ଡାଙ୍କ କନ୍ୟା ବୁଧୁନି ମୁଣ୍ଡା(୧୦)। ମଙ୍ଗଳବାର ଦେଶବାସୀ ୭୭ତମ ସ୍ୱାଧୀନତା ଦିବସ ପାଳୁଥିଲାବେଳେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ସୂଚନା ଅନୁଯାୟୀ, ଦୁଇ ଶିଶୁ ଗାଧୋଇବାକୁ ଡ୍ୟାମ୍‌କୁ ଯାଇଥିଲେ। ଦୀର୍ଘ ଘଣ୍ଟା ପରେ ମଧ୍ୟ ଉଭୟ ଘରକୁ ନ ଫେରିବାରୁ ସେମାନଙ୍କ ଘର ଲୋକେ ଖୋଜାଖୋଜି କରିଥିଲେ। ଡ୍ୟାମ୍‌ରେ ଭାସୁଥିବା ଦେଖି ଉଭୟଙ୍କୁ ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ରୁଗୁଡ଼ି ଥାନା ଦାୟିତ୍ୱରେ ଥିବା ଅଧିକାରୀ ରବୀନ୍ଦ୍ର ମୁଣ୍ଡାରି କହିଛନ୍ତି।

# ଆଈଙ୍କୁ କଟୁରିରେ ହାଣି ହତ୍ୟା କଲେ ନାତି

**ବାଲିକୁଦା, ୧୬।୮(ତାପସ ସ୍ୱାଇଁ)**

**ପୋକ୍ସୋ ମାମଲାରେ ଜେଲ ଯାଇ ଫେରାର ହୋଇଥିଲେ**

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ନାଗପୁର ପଞ୍ଚାୟତ ଗଦେଇଗିରି ଗାଁରେ ବୁଧବାର ସକାଳେ ଆଈଙ୍କୁ କଟୁରିରେ ହାଣି ନାତି ହତ୍ୟା କରିଛି। ହତ୍ୟା କରିବା ପରେ ଗାଁର ୨ ଜଣ ମହିଳା ଓ ଜଣେ ୬ ବର୍ଷର ଶିଶୁକୁ ମଧ୍ୟ କଟୁରିରେ ଆକ୍ରମଣ କରି ଆହତ କରିଛି। ଆହତଙ୍କ ମଧ୍ୟରେ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ୬ ବର୍ଷର ଶିଶୁଟି ସାମାନ୍ୟ ଆହତ ହୋଇଛି। ଘଟଣା ଘଟାଇ ଅଭିଯୁକ୍ତ ଫେରାର ହୋଇଯିବାକୁ ବସିଥିବା ବେଳେ ଉତ୍ତ୍ୟକ୍ତ ଲୋକଙ୍କ ହାବୁଡ଼ରେ ଧରାପଡ଼ିଛନ୍ତି। ଲୋକେ ଥାନାକୁ ଜଣାଇବାରେ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ନେଇ ଅଟକ ରଖିଛି।

ପୋଲିସ ସୂଚନା ମୁତାବକ, ଅଭିଯୁକ୍ତ ଜଣକ ହେଉଛନ୍ତି ଗଦେଇଗିରି ଗାଁର ଜୀବନ ଜ୍ୟୋତି ସାହୁ(୨୮)। ମୃତକ ହେଉଛନ୍ତି ଅଳାବୋଳ ପଞ୍ଚାୟତ ନରିଲୋ ଗାଁର ଶଙ୍କର ସାହୁଙ୍କ ପତ୍ନୀ ସଖି(୭୫)। ମୃତ ସଖୀଙ୍କ ହତ୍ୟାକାରୀ ହେଉଛନ୍ତି ନିଜ ବଡ଼ ଝିଅର ପୁଅ ନାତି ଜୀବନ। ଜୀବନ ଏକ ନାବାଳିକା ଅପହରଣ ଓ ତା' ପ୍ରତି ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ସେ ଆଳିପିଙ୍ଗଳ ଜେଲରେ ବିଚାରାଧୀନ କଏଦୀ ଥିବା ବେଳେ ଗତବର୍ଷ ଏପ୍ରିଲ ମାସରେ ଜେଲ ପାଚେରି ଡେଇଁ ଚମ୍ପଟ ମାରିଥିଲେ। ସେବେଠାରୁ ସେ ଫେରାର ଥିଲେ। ପୋଲିସ ଖୋଜୁଥିଲେ ମଧ୍ୟ ଜୀବନଙ୍କୁ ପାଇ ନ ଥିଲା। ବୁଧବାର ଜୀବନ ଆସି ଆଈ ସଖୀଙ୍କୁ କଟୁରିରେ ହାଣି ହତ୍ୟା କରିଛି। ଏଥିସହ ୨ ହେମ ଦାସ, ସନ୍ଧ୍ୟା ଦାସ ଓ ୬ ବର୍ଷର ଶିଶୁ କନ୍ୟା ଗୌରୀ ତାଙ୍କ ଆକ୍ରମଣରେ ଆହତ ହୋଇଛନ୍ତି। ମାମୁ ମା'ଙ୍କୁ ହତ୍ୟା ଓ ଏମାନଙ୍କୁ ଆକ୍ରମଣ ପରେ ଖସି ପଳାଇ ଯିବାକୁ ବସିଥିବା ବେଳେ ଉତ୍ତ୍ୟକ୍ତ ଲୋକେ ତାକୁ ମାଡ଼ି ବସି ଅଟକ ରଖିଥିଲେ। ଖବର ପାଇ ଆଇଆଇସି ସଲିଳ ପ୍ରଧାନ ପୋଲିସ ଟିମ ସହ ପହଞ୍ଚି ଅଭିଯୁକ୍ତ ଜୀବନଙ୍କୁ ଥାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛନ୍ତି। ଜୀବନ ହତ୍ୟାରେ ବ୍ୟବହାର କରିଥିବା କଟୁରିକୁ ପୋଲିସ ଜବତ କରିଛି। ଅନ୍ୟପକ୍ଷରେ ତାର ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଥିବା ସନ୍ଧ୍ୟା ଓ ହେମଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଆହତ ଶିଶୁକନ୍ୟାର ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ପୋଲିସ ମୃତଦେହକୁ ଜବତ କରି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତା ସଖୀଙ୍କ ପୁଅ, ଅଭିଯୁକ୍ତ ଜୀବନଙ୍କ ମାମୁ ଲକ୍ଷ୍ମୀଧରଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୪୨୦/୨୩ରେ ହତ୍ୟା ମାମଲା ରୁଜୁ ହୋଇଛି। ଏସ୍‌ଡିପିଓ ରମେଶ ସିଂ ଘଟଣା ସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତ ଅନୁଧ୍ୟାନ କରି ଫେରି ଯାଇଛନ୍ତି।

# ମହିଳାଙ୍କୁ ଟାଣିନେଲା କୁମ୍ଭୀର



ଜ୍ୟୋତ୍ସ୍ନା ଜେନା

**ବରୀ, ୧୬।୮(ମହେନ୍ଦ୍ର ସ୍ୱାଇଁ)**

**ମୃତଦେହ ଜବତ**

ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ଅମଠପୁର ପଞ୍ଚାୟତ ପାଲଟପୁର ଗ୍ରାମରେ ବୁଧବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ଜ୍ୟୋତ୍ସ୍ନା ଜେନା(୩୬) ବିରୂପା ନଦୀକୁ ଶୌଚହେବାକୁ ଯାଇଥିବାବେଳେ ତାଙ୍କୁ କୁମ୍ଭୀର ଟାଣିନେଇ ମାରିଦେଇଛି। ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମହିଳାଙ୍କୁ କୁମ୍ଭୀର ଟାଣି ନେଇଥିବା ଖବର ପ୍ରଚାରିତ ହେବାପରେ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ତାହା ସମ୍ଭବ ହୋଇ ପାରି ନ ଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଖବର ପାଇ ଘଟଣାସ୍ଥଳରେ ବିଧାୟିକା ସୁନନ୍ଦା ଦାସ, ତହସିଲଦାର ତିଲୋତ୍ତମା ପୃଷ୍ଟି ଏବଂ ବରୀ-ରାମଚନ୍ଦ୍ରପୁର ଥାନା ପୋଲିସ ପହଞ୍ଚିଥିଲା। ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ୬୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ତେବେ ବାରମ୍ବାର ଏହି ନଦୀରେ କୁମ୍ଭୀର ଦେଖାଯାଉଥିବା ସାଧାରଣ ଲୋକେ କହୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉନାହିଁ। ଫଳରେ ଏଭଳି ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଘଟଣା ପରେ ଲୋକଙ୍କୁ ବନ୍ୟା ସମୟରେ ନଦୀକୁ ନ ଯିବା ପାଇଁ ପ୍ରଶାସନ ତରଫରୁ ସଚେତନ କରାଯାଇଛି।

# କୋଇଲା ବୋଝେଇ ଟ୍ରେନ୍‌ରୁ ବିଚ୍ଛିନ୍ନ ହେଲା ୮ ବଗି



ବଗି ଅଲଗା ହୋଇ ଯିବା ପରେ ଟ୍ରାକ୍‌ରେ ଅଟକି ରହିଥିବା କୋଇଲା ବୋଝେଇ ଟ୍ରେନ।

**ଟିଟିଲାଗଡ଼, ୧୬।୮(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଖଜୁରପଡ଼ା ରେଳଫାଟକ ନିକଟରେ ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ବିଜୟୱାଡା ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନର ୮ଟି ବଗି ଅଲଗା ହୋଇ ଯାଇଥିଲା। ମଝିରୁ କପ୍ଲିଂ ଛିଣ୍ଡିଯିବାରୁ ଏପରି ହୋଇଥିବା ଜଣାପଡ଼ିଛି। ଏଥିଯୋଗୁ ଘଟଣାସ୍ଥଳରେ ପ୍ରାୟ ୨ଘଣ୍ଟା ଧରି ମାଲ ବୋଝେଇ ଟ୍ରେନ୍‌ଟି ଅଟକି ରହିଥିଲା। ଟ୍ରେନ୍‌ରେ ଶହେରୁ ଊର୍ଦ୍ଧ୍ୱ ବଗିରେ କୋଇଲା ବୋଝେଇ ହୋଇ ଯାଉଥିଲା। ଖବର ପାଇ ରେଳ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକ ମରାମତି ପରେ ଟ୍ରେନ୍ ପୁଣି ଥରେ ଗନ୍ତବ୍ୟସ୍ଥଳକୁ ଯାଇଥିଲା।

# ଫସଲ ହାନି ଚିନ୍ତାରେ ଚାଷୀଙ୍କ ଆତ୍ମହତ୍ୟା

**ମୋହନା, ୧୬।୮(ମନ୍ମଥ ମିଶ୍ର):** ଗଜପତି ଜିଲା ମୋହନା ବ୍ଲକ ଅଡ଼ଵା ଥାନା ଫଟାଚାଞ୍ଚଡା ଗ୍ରାମରେ ଚାଷୀ ଗୌରଚନ୍ଦ୍ର କାର୍ଜି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଲଗାତାର ଫସଲ ହାନି ହେଉଥିବା ବେଳେ ସାହୁକାର ନିକଟରୁ ଋଣ କରଜ କରି ଚାଷ କରିଥିଲେ। ହେଲେ ଚଳିତ ବର୍ଷ ମଧ୍ୟ ଭଲ ଫସଲ ହେଲା ଭଳି ଅନୁଭବ କରି ନ ଥିଲେ, କାରଣ ଜମିରେ ମଞ୍ଜି ପକାଇବା ପରେ ଭଲ ଗଜା ହୋଇ ନ ଥିଲା। ସେଥିଲାଗି ସେ ଚିନ୍ତାରେ ରହୁଥିଲେ ବୋଲି ପରିବାର ଲୋକେ କହିଛନ୍ତି। ଋଣ ଚିନ୍ତାରେ ମଙ୍ଗଳବାର ରାତିରେ କୀଟନାଶକ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ ମୋହନା ମେଡିକାଲ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୋହନା ତହସିଲଦାର ହିମାଂଶୁ ଭୂଷଣ ପଲାଇ, ଅଡ଼ଵା ଆଇଆଇ ସାଗର ଦଳେଇ, ଅଡ଼ଵା ସରପଞ୍ଚ ସୁନେମୀ ଗମାଙ୍ଗ ପହଞ୍ଚି ତଦନ୍ତ କରିଛନ୍ତି।



ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ– ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ – ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। **–ଶ୍ରୀଅରବିନ୍ଦ**



# କିମ୍ବଦନ୍ତୀରେ କୃଷ୍ଣଙ୍କ ଭଉଣୀ



ଦେବଦତ୍ତ ପଟ୍ଟନାୟକ

ମହାରାଷ୍ଟ୍ରର ଏଲୋରାରେ ଥିବା ୨୭ଟି ପୁରାତନ ଗୁମ୍ଫା ମଧ୍ୟରୁ ଗୋଟିକରେ ଏକ ଦେବୀଙ୍କ ମୂର୍ତ୍ତି ଅଛି। ଏହାର ବାମରେ ବିଷ୍ଣୁ ଓ ଡାହାଣରେ ବଳରାମ ଅଛନ୍ତି ବୋଲି ଚିହ୍ନଟ କରାଯାଇଛି। ସେହି ଦେବୀଙ୍କ ନାମ ଏକନମ୍ସା। ସେ ହେଉଛନ୍ତି ପରମ ଦେବୀ ତଥା କୃଷ୍ଣଙ୍କ ଭଉଣୀ। କିନ୍ତୁ ତାଙ୍କ ବାମରେ କୃଷ୍ଣ ନାହାନ୍ତି, ଅଛନ୍ତି ବିଷ୍ଣୁ ଏବଂ ସେ ତାଙ୍କ ୪ ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧରିଛନ୍ତି। ଏହା ଦୁଇଟି ବିଷୟକୁ ସୂଚିତ କରେ। ପ୍ରଥମରେ ଗୋପାଳକ କୃଷ୍ଣଙ୍କ କାହାଣୀକୁ ବୈଦିକ ଦେବତା ବିଷ୍ଣୁଙ୍କ ସହ ଜଡ଼ିତ କରାଯାଇଛି। ଦ୍ୱିତୀୟରେ ମୂର୍ତ୍ତି ଓ ମନ୍ଦିର ଆଧାରିତ ହିନ୍ଦୁଧର୍ମର ଉତ୍ଥାନରେ ଦେବତାଙ୍କୁ ଚତୁର୍ଭୁଜ ଭାବେ ଉପସ୍ଥାପିତ କରାଯାଇଛି। ଏହା ପାଖାପାଖି ୫ମ ଶତାବ୍ଦୀରେ ଗୁପ୍ତ ରାଜବଂଶ ଶାସନରେ ଘଟିଛି।

ବହୁ ପୂର୍ବରୁ ଯେତେବେଳେ କୌଣସି ଧର୍ମୀୟ ଗୋଷ୍ଠୀ ନ ଥିଲା ସେତେବେଳେ ଲୋକେ ହଳୀ ନାମକ ଦେବତାଙ୍କୁ ପୂଜା କରୁଥିଲେ। ସେ ହଳ କରୁଥିବାରୁ ତାଙ୍କ ନାମକରଣ ଏଭଳି କରାଯାଇଥିଲା। ଆଉ ଏକ ଦେବତାଙ୍କୁ ବି ପୂଜା କରାଯାଉଥିଲା, ଯାହାଙ୍କୁ କୁହାଯାଉଥିଲା ଚକ୍ରୀ। ସେ ହାତରେ ବଳଦ ଓ ଘୋଡ଼ା ଦ୍ୱାରା ଟଣାଯାଉଥିବା ଗାଡ଼ିର ଚକ ଧରିଥିଲେ। ମୁଖ୍ୟତଃ ଅଧିକାଂଶ ଲୋକଙ୍କର ଏହି ଦୁଇ ବୃତ୍ତି ରହିଛି ଏବଂ ଉଭୟ ପାଇଁ ଦରକାର ପୃଥିବୀ ବା ଦେବୀ ଏକନମ୍ସା। ଏଣୁ କୃଷି ଓ ପଶୁପାଳନ ଦେବତାଙ୍କ ବିଚାର ପୃଥିବୀଦେବୀଙ୍କ ସହ ଜଡ଼ିତ। ଚକ୍ରଧାରୀ ଏବଂ ହଳ କରୁଥିବା ଦେବତାଙ୍କ ମୂର୍ତ୍ତି ଆମେ ଗ୍ରୀକ୍ ମୁଦ୍ରାରେ ବି ଦେଖିବାକୁ ପାଉ। ଏସବୁ ୨,୧୦୦ ବର୍ଷର ପୁରୁଣା।

ଅଧିକାଂଶ ହିନ୍ଦୁ ପୁରାଣରେ କୁହାଯାଇଛି, ମଥୁରା ରାଜା କଂସଙ୍କୁ ହୋଇଥିବା ଦିବ୍ୟବଣୀ କହେ ଯେ, ତାଙ୍କ ଭଉଣୀଙ୍କ ୮ମ ପୁତ୍ର ତାଙ୍କୁ ମାରିବ। ଗ୍ରୀକ୍ ପୁରାଣରେ ବି ସମାନ ପ୍ରକାର କଥା ଶୁଣାଯାଏ। ସେଥିରେ ଜଣେ ଅତ୍ୟାଚାରୀକୁ ଦୈବୀବାଣୀ ହୋଇଛି ଯେ, ତାଙ୍କୁ ଯିଏ ବଧ କରିବ ସେ ତାଙ୍କ ପରିବାରରେ ହିଁ ଜନ୍ମ ନେବ। କୃଷ୍ଣଙ୍କ କାହାଣୀରେ ସପ୍ତମ ସନ୍ତାନଙ୍କୁ ଅନ୍ୟ ଜଣଙ୍କ ଗର୍ଭରେ ପ୍ରତିସ୍ଥାପିତ କରାଯିବା ଯୋଗୁ ସେ ବଞ୍ଚିଯାଇଛନ୍ତି। ଅଷ୍ଟମ ସନ୍ତାନଙ୍କୁ ନିଆଯାଇ ତା'ବଦଳରେ ଜଣେ ଗୋପାଳକଙ୍କ କନ୍ୟାକୁ ରଖାଯାଇଛି। ଫଳରେ କଂସ ଏହି କନ୍ୟାକୁ ମାରିବାକୁ ଚେଷ୍ଟା କରନ୍ତେ ସେ ଦେବୀ ପାଲଟିଯାଇଛନ୍ତି। ବଞ୍ଚିଯାଇଥିବା ଏହି ୩ ଜଣ ସନ୍ତାନ ବଳରାମ, କୃଷ୍ଣ ଓ ସୁଭଦ୍ରା ହୋଇଛନ୍ତି। କୃଷ୍ଣ ଓ ବଳରାମ କୁସ୍ତିରେ କଂସଙ୍କୁ ବଧ କରିଛନ୍ତି।



ବୌଦ୍ଧଧର୍ମର ଘାଟ ଜାତକରେ ସମାନ ପ୍ରକାର କାହାଣୀକୁ ସାମାନ୍ୟ ଭିନ୍ନ ଭାବେ ବର୍ଣ୍ଣନା କରାଯାଇଛି। କଂସ ତାଙ୍କ ଭଉଣୀଙ୍କୁ ଏକ ଟାୱାର ବା ଉଚ୍ଚ ମିନାର ଉପରେ ଲୁଚାଇ ରଖିଛନ୍ତି। କିନ୍ତୁ ସେହି ଭଉଣୀଙ୍କର ସାଗର ନାମକ ଜଣେ ରାଜକୁମାରଙ୍କ ସହ ଗୁପ୍ତରେ ପ୍ରେମ ସମ୍ପର୍କ ଗଢ଼ି ଉଠିଛି। ଏହା ଜଣାପଡ଼ିବା ପରେ କଂସ କନ୍ୟା ସନ୍ତାନଙ୍କୁ ବଞ୍ଚାଇବାକୁ ରାଜି ହୋଇଛି, କିନ୍ତୁ ପୁତ୍ର ସନ୍ତାନଙ୍କୁ ନୁହେଁ। ଗୋଟିଏ ଝିଅ ଜନ୍ମ ହୋଇଛି ଓ ସେ ବଞ୍ଚିଯାଇଛି। ପରେ କଂସର ଭଉଣୀ ୧୦ଟି ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। କିନ୍ତୁ ସେମାନଙ୍କୁ ଅନ୍ୟତ୍ର ନିଆଯାଇ ସେମାନଙ୍କ ସ୍ଥାନରେ ତାଙ୍କ ଦାସୀଙ୍କ ଗର୍ଭରୁ ମୃତ କନ୍ୟାସନ୍ତାନଙ୍କୁ ରଖାଯାଇଛି, ଯିଏକି ସମାନ ସମୟରେ ସନ୍ତାନ ଜନ୍ମ ଦେଇଛନ୍ତି। ଏହି ୧୦ ଜଣ ରାଜକୁମାର ଦାସୀଙ୍କ ଘରେ ବଢ଼ିଛନ୍ତି ଓ ଯୋଦ୍ଧା ପାଲଟି କଂସଙ୍କୁ ବଧ କରିଛନ୍ତି।

ଜୈନ କାହାଣୀରେ, କଂସଙ୍କୁ ସପ୍ତମ ସନ୍ତାନ ମାରିବ ବୋଲି କୁହାଯାଇଛି, ଅଷ୍ଟମ ସନ୍ତାନ ନୁହେଁ। ୬ଟି ପିଲାଙ୍କୁ ଅନ୍ୟତ୍ର ନିଆଯାଇ ସେମାନଙ୍କ ସ୍ଥାନରେ ଗର୍ଭରୁ ମୃତ ଝିଅମାନଙ୍କୁ ରଖାଯାଇଛି। ୭ମ ସନ୍ତାନ ସ୍ଥାନରେ ନାକ କଟାଯାଇଥିବା ଜଣେ ଜୀବିତ ଝିଅକୁ ରଖାଯାଇଛି, ଯାହାଫଳରେ କଂସ ପ୍ରତି ବିପଦ ହେବାକୁ ଥିବା ଜଣେ ଶକ୍ତିଶାଳୀ ପୁରୁଷଙ୍କୁ ବାହା ହୋଇପାରିବ ନାହିଁ। ତେବେ ବଞ୍ଚିଯାଇଥିବା ଦେବକୀଙ୍କ ଗର୍ଭରୁ ଜନ୍ମିତ ୬ ପୁତ୍ର ସନ୍ତାନ ପରବର୍ତ୍ତୀ ଜୀବନରେ ଜୈନ ସାଧୁ ହୋଇଥିବା ପଢ଼ିବାକୁ ପାଉ। କଂସଙ୍କୁ ୭ମ ସନ୍ତାନ କୃଷ୍ଣ ବଧ କରିଛନ୍ତି। ଦେବକୀ ଆଉ ଗୋଟିଏ ସନ୍ତାନ ଚାହିଁଛନ୍ତି ଓ ତାଙ୍କର ୮ମ ସନ୍ତାନ ହୋଇଛି ଏବଂ ସେ ମଧ ଜୈନ ସନ୍ୟାସୀ ହୋଇଯାଇଛନ୍ତି। ଜୈନ କିମ୍ବଦନ୍ତୀରେ ବଳରାମ ଆଉ ଜଣେ ସ୍ତ୍ରୀ ରୋହିଣୀଙ୍କଠାରୁ ଜନ୍ମ ହୋଇଛନ୍ତି ଏବଂ ସେ ଅହିଂସା ପଥ ବାଛି ନେଇଛନ୍ତି। ଏହା ବ୍ୟତୀତ ଜୈନ କିମ୍ବଦନ୍ତୀରେ ଶୁଣିବାକୁ ମିଳେ ଯେ, ନାକ କଟିଯାଇଥିବା କୃଷ୍ଣଙ୍କ ଭଉଣୀ ଜଣେ ଜୈନ ସନ୍ୟାସିନୀ ହୋଇଯାଇଛନ୍ତି। ଉଲ୍ଲେଖନୀୟ ଯେ, ଓଡ଼ିଶାର ପୁରୀରେ ଦେବୀ ସୁଭଦ୍ରାଙ୍କୁ ଚେପି ନାକୀ ବୋଲି ଉପହାସ ଛଳରେ କୁହାଯାଇଥାଏ, ଯାହା ଜୈନ ପୁରାଣ ସହ ସମ୍ପର୍କ ସ୍ପଷ୍ଟ କରେ।

ଜୈନ ସନ୍ୟାସିନୀ ଭାବେ ଜଙ୍ଗଲରେ ତପସ୍ୟା କରୁଥିବା ସମୟରେ ଆଦିବାସୀମାନେ ତାଙ୍କୁ ଜଣେ ଦେବୀ ଭାବି ଫଳମୂଳ ଦେଇ ଆଖି ବନ୍ଦ କରି ପୂଜା କରିବାବେଳେ ଦେବୀଙ୍କୁ ବାଘ ଆକ୍ରମଣ କରିଛି। ଦେବୀ ବାଘକୁ ରୋକିନାହାନ୍ତି କି ସାହାଯ୍ୟ ଲାଗି କହିନାହାନ୍ତି। ଆଦିବାସୀମାନେ ଆଖି ଖୋଲିବା ପରେ ସେ ବସିଥିବା ସ୍ଥାନରେ ରକ୍ତ ଓ ଅନ୍ତ ଦେଖିଛନ୍ତି। ସେମାନେ ଦେଇଥିବା ଫଳମୂଳରେ ଦେବୀ ଅସନ୍ତୁଷ୍ଟ ହୋଇ ସେହି ଜାଗା ଛାଡ଼ି ଚାଲିଯାଇଛନ୍ତି ଏବଂ ଏହି ରକ୍ତ ଓ ମାଂସ ଚାହାନ୍ତି ବୋଲି ସେମାନେ ନିଶ୍ଚିତ ହୋଇଛନ୍ତି। ଏଣୁ ଏହି ବିଶ୍ୱାସକୁ ଆଧାର କରି ସେତେବେଳେ ଆଦିବାସୀ ପରମ୍ପରାରେ ଦେବୀଙ୍କୁ ମଇଁଷି ବଳି ଦେବା ଆରମ୍ଭ ହୋଇଥିଲା। ଆର୍ଯ୍ୟାବର୍ତ୍ତର ଦକ୍ଷିଣ ଭାଗରେ ବିନ୍ଧ୍ୟ ପାହାଡ଼ ଉପରେ ବିରାଜିତା ବିନ୍ଧ୍ୟବାସିନୀଙ୍କୁ ପୁରାତନ ଆର୍ଯ୍ୟ ଯୁଗରେ ଏଭଳି ବଳି ଦିଆଯାଇଥିଲା।

ସମ୍ଭବତଃ, ବିନ୍ଧ୍ୟର ଉତ୍ତର ଭାଗରେ ୨,୦୦୦ରୁ ଅଧିକ ବର୍ଷ ପୂର୍ବେ ସୁଭଦ୍ରା ଏବଂ ତାଙ୍କ ଭାଇମାନଙ୍କ କାହାଣୀକୁ ହିନ୍ଦୁ, ବୌଦ୍ଧ ଏବଂ ଜୈନ କିମ୍ବଦନ୍ତୀରେ ସନ୍ନିବେସିତ କରାଯାଇଥିଲା। ସେଥିପାଇଁ ମୌର୍ଯ୍ୟ ରାଜବଂଶର ମୁଦ୍ରାରେ ଏବଂ ମଧ୍ୟପ୍ରଦେଶର ଗୁମ୍ଫାଗୁଡ଼ିକର ପଥର ଖୋଦେଇରେ ଏସବୁ ଦେଖିବାକୁ ମିଳେ। ଏଗୁଡ଼ିକ ବି ବିନ୍ଧ୍ୟର ଉତ୍ତର ଭାଗରେ ଅବସ୍ଥିତ। ଜଣେ ଦେବୀ ଓ ୨ ଜଣ ଦେବତାଙ୍କୁ ନେଇ ହିନ୍ଦୁଧର୍ମର ବିଚାର ସମ୍ଭବତଃ ଗୁପ୍ତ ରାଜବଂଶ (୧,୭୦୦ ବର୍ଷ ପୂର୍ବେ) ସମୟରେ ପ୍ରଥମେ ରାଜକୀୟ ସ୍ୱୀକୃତି ଲାଭ କରିଥିଲା। ଏହି କାହାଣୀ କ୍ରମଶଃ ବିନ୍ଧ୍ୟ ପାହାଡ଼ ଅଞ୍ଚଳ ଦେଇ ୧,୦୦୦ ବର୍ଷ ପୂର୍ବେ ଡେକାନ ଅଞ୍ଚଳକୁ ଆସିଥିଲା ଓ ଏଲୋରା ଗୁମ୍ଫାଗୁଡ଼ିକରେ ମୂର୍ତ୍ତିଗୁଡ଼ିକ ଖୋଦିତ ହୋଇଥିଲା। ସେହି ସମୟରେ ଦେବୀଙ୍କୁ ଶକ୍ତି ସହ ଜଡ଼ିତ କରାଯାଇଥିଲା। ଦେବୀଙ୍କ ସହ ଥିବା ଦୁଇ ଦେବତା ତାଙ୍କ ଭାଇ କୃଷ୍ଣ ଓ ବଳରାମ ନ ଥିଲେ। ସେମାନେ ଥିଲେ ଶିବ ଓ ବିଷ୍ଣୁ। ଏହିପରି ଭାବେ ସେହି ଦେବୀଙ୍କୁ ନୂଆ ହିନ୍ଦୁଧର୍ମରେ ନୂଆ ରୂପ ଦିଆଯାଇଥିଲା। ସମୟକ୍ରମେ ଅଧିକାଂଶ ହିନ୍ଦୁ ସମାଜ ଏକନମ୍ସାଙ୍କୁ ଭୁଲିଗଲେ, ଯାହାଙ୍କ ଦୁଇ ପାଖରେ ହଳୀ ଓ ଚକ୍ରୀ ଥିଲେ। ଏହା ବଦଳରେ ୩ ଦେବତା ବ୍ରହ୍ମା , ବିଷ୍ଣୁ ଓ ଶିବଙ୍କୁ ଗୁରୁତ୍ୱ ଦିଆଗଲା।

ଦେବୀଙ୍କ ଏହି ମୂର୍ତ୍ତିର ଦୁଇ ପାଖରେ ଥିବା ୨ ଦେବତାଙ୍କ ମୂର୍ତ୍ତି ଦେଖିବାକୁ ମିଳେ ପୁରୀ ଜଗନ୍ନାଥ ମନ୍ଦିରରେ। କିନ୍ତୁ ଏବକାର ମୂର୍ତ୍ତିର ରୂପ ପାଖାପାଖି ଦ୍ୱାଦଶ ଶତାବ୍ଦୀର। ଏହା ଅନୁମାନ କରାଯାଏ ଯେ, ଏହି ରୂପ ସ୍ଥାନୀୟ ଆଦିବାସୀଙ୍କର ପ୍ରିୟ ଥିଲା ଏବଂ ତାହାକୁ ଓଡ଼ିଶାର ବୈଷ୍ଣବ ମନ୍ଦିରରେ ସଂଯୁକ୍ତ କରାଯାଇଥିଲା। ଏହି ୩ ଦିଅଁ କାଠର ମୂର୍ତ୍ତି। ମଝି ମୂର୍ତ୍ତି ହଳଦିଆ, ବାମରେ କଳା ଓ ଡାହାଣରେ ଧଳା ଦିଅଁ ରହିଛନ୍ତି, ଯେଉଁମାନେ ସୁଭଦ୍ରା, କୃଷ୍ଣ ଓ ବଳରାମ ଭାବେ ଜଣାଶୁଣା। ତେବେ କେତେଜଣଙ୍କ ମତରେ, ଏହି ୩ ଦିଅଁ ହିନ୍ଦୁଧର୍ମର ୩ ଧାରା ଯଥା ଶୈବ (ବଳରାମ), ଶାକ୍ତ (ସୁଭଦ୍ରା) ଏବଂ ବୈଷ୍ଣବ (ଜଗନ୍ନାଥ)କୁ ବୁଝାଏ। ଅନ୍ୟପକ୍ଷରେ ଆଉ କେତେକେ କହନ୍ତି, ଶକ୍ତିଙ୍କ ଦୁଇପାଖରେ କଳା ଭୈରବ ଓ ଧଳା ଭୈରବ ବିଦ୍ୟମାନ।

–devduttofficial@gmail.com

# ପିଲାଦିନ କଥା ମନେରହେନା



ଡା. ସମ୍ରାଟ କର

ଆପଣଙ୍କ ପିଲାଦିନର କଥା ମନେଅଛି? ଘରେ ବଡ଼ ସାନ ଭାଇଭଉଣୀଙ୍କ ସହ କିପରି ଖେଳୁଥିଲେ, ଗାଁ ଦାଣ୍ଡରେ କୁନି ସାଥି ସାଙ୍ଗଙ୍କ ସହ ଧୂଳିବାଲି ଘରର ଫୋପଡ଼ାଫୋପଡ଼ି ଆଉ ମିଳାମିଶା ମନେଅଛି? ଗାଁ ମୁଣ୍ଡ ଅବଧାନଙ୍କ ଚାଟଶାଳୀର ପଣିକିଆ ଘୋଷା ହେଉ ବା ଖରାଦିନେ ଗଛରୁ ନଈପାଣିକୁ ଡେଇଁବାର ସ୍ମୃତି କହିପାରିବେ ଆପଣ? ଏମିତି ଅନେକ କଥା। ପିଲାଦିନର କଥା କେତେଜଣ ମନେରଖନ୍ତି ତ ଆଉ କେତେକ ଲୋକ ଭୁଲିଯାଇଥା'ନ୍ତି। ମାତ୍ର ସ୍ମୃତିବିଜଡ଼ିତ ବାଲ୍ୟକାଳର ସବୁ ଘଟଣା ସ୍ମରଣ କଲାଭଳି ଦକ୍ଷତା କ୍ୱଚିତ୍ ଲୋକଙ୍କର ଥାଏ। କିନ୍ତୁ ପ୍ରଶ୍ନ ହେଉଛି ଏପରି ହୁଏ କାହିଁକି? ଶିଶୁମନସ୍ତ କ୍ଷେତ୍ରକୁ ଦେଖିଲେ ଏପ୍ରକାର ଅବସ୍ଥାକୁ ବାଲ୍ୟ ବିସ୍ମରଣ କୁହାଯାଏ। ସ୍ମରଣଶକ୍ତିକୁ ଅନୁଶୀଳନ କରାଯାଇ ଏହାକୁ ଦୁଇଭାଗରେ ବିଭକ୍ତ କରାଯାଇଛି; ଯଥା– କ୍ଷଣସ୍ଥାୟୀ ସ୍ମୃତିଶକ୍ତି ଓ ଦୀର୍ଘସ୍ଥାୟୀ ସ୍ମୃତିଶକ୍ତି। ଦୀର୍ଘସ୍ଥାୟୀ ସ୍ମରଣଶକ୍ତି ମସ୍ତିଷ୍କର ପ୍ରମୁଖ ବ୍ୟବସ୍ଥାପନା ଅଞ୍ଚଳରେ ମହଜୁଦ୍ ହୋଇ ରହେ। ମାତ୍ର ବାଲ୍ୟ ଅବସ୍ଥାରେ ଏହା ପୂର୍ଣ୍ଣ ବିକଶିତ ହୋଇ ନ ଥାଏ। ପୁଣି ବାଲ୍ୟ ଅବସ୍ଥାରେ କ୍ଷଣସ୍ଥାୟୀ ସ୍ମୃତିଶକ୍ତି ଉପରେ ଶିଶୁ ନିର୍ଭରଶୀଳ ଥାଏ। ଏହି ବ୍ୟବସ୍ଥାରେ କୋଷଗୁଡ଼ିକ ବାରମ୍ବାର ନଷ୍ଟ ହେଉଥିବାରୁ ରେକର୍ଡ ହୋଇ ରହୁଥିବା ସ୍ମୃତି ଉଭେଇଯାଏ। ସେହିପରି ଦ୍ୱିତୀୟ କାରଣଟି ହେଲା କୌଣସି ଘଟଣାକୁ ସ୍ମୃତିପଟ୍ଟରେ ସାଇତି ରଖିବା ବାକ୍‌ଶକ୍ତି ଉପରେ ନିର୍ଭରଶୀଳ। କାରଣ କୌଣସି ଘଟଣା ଉପରେ ଏକାଧିକବାର ଆଲୋଚନା କଲେ ତାହା ମାନସପଟ୍ଟରେ ଲିପିବଦ୍ଧ ହୋଇ ରହିଯାଏ। ମାତ୍ର ଶିଶୁ ଅବସ୍ଥାରେ ବାକ୍‌ଶକ୍ତି ପୂର୍ଣ୍ଣ ବିକଶିତ ହୋଇ ନ ଥିବାରୁ କୌଣସି ଘଟଣା ମନେରଖିବାରେ ଅନ୍ତରାୟ ହୋଇଥାଏ।

ପିଲାଦିନର କଥା ମନେ ନ ରଖିବା ଏକ ରୋଗ ବା ସମସ୍ୟା ବୋଲି ଭାବନ୍ତୁନି। ବୟସ ବଢ଼ିବା ସହ ମଣିଷର ଶାରୀରିକ ଦକ୍ଷତା ଓ ଶକ୍ତି ଦିନକୁ ଦିନ କ୍ଷୟ ହୁଏ। ଏହା ବ୍ୟତୀତ ତେଲଲୁଣ, ଘରସଂସାର ଚାପ ହେଉ ବା କର୍ମଦାୟିତ୍ୱର ବୋଝ, ଆଖପାଖର ବ୍ୟବସ୍ଥା, ଦାୟିତ୍ୱ ଓ ଚାପ ମଧ୍ୟ ଏ କ୍ଷେତ୍ର ପାଇଁ ଅନ୍ୟତମ କାରଣ ହୋଇଥାଏ। ସ୍ମରଣଶକ୍ତି କମ୍ ଥିବା ନେଇ କାହାକୁ ସମାଲୋଚନା କରନ୍ତୁ ନାହିଁ। ଆଉ ଗୋଟିଏ କଥା, ଏ କ୍ଷେତ୍ରରେ ପିଲାମାନଙ୍କୁ ପ୍ରାଥମିକ ଅବସ୍ଥାରେ ଛୋଟ ଛୋଟ ଶବ୍ଦ କୁହନ୍ତୁ, ଯେପରି ସେ ବୁଝିପାରିବ। ଆବଶ୍ୟକ ବିଶ୍ରାମ, ସୁଷମ ଖାଦ୍ୟ ଓ ଶାରୀରିକ ବ୍ୟାୟାମ, ଯୋଗାସନ ଏହା ପାଇଁ ଅମୃତ ସଞ୍ଜୀବନୀ ସଦୃଶ କାମକରେ। ସବୁଜ ପନିପରିବା, ତଟକା ଫଳ ଓ ପୁଷ୍ଟିକର ଖାଦ୍ୟ ବହୁତ ଭଲ। ଏ କ୍ଷେତ୍ରରେ ଘିଅ, କ୍ଷୀର, ଛେନା, କିସ୍‌ମିସ୍ ବା ଛୋଟମାଛ ବହୁତ ହିତକର। ଦେଶୀ ଅଣ୍ଡା ଭଲ କିନ୍ତୁ ଏହାକୁ ଦୈନିକ ନ ଦେଇ ନିୟମିତ ବ୍ୟବଧାନରେ ଦିଅନ୍ତୁ। ଶାରୀରିକ ବ୍ୟାୟାମ ଭାବରେ ସନ୍ତରଣ, ପଦଭ୍ରମଣ, ସାଇକେଲ ଚାଳନା ଖୁବ୍ ଉତ୍ତମ। କେହି କେହି ଯୋଗାସନ ଭିତରେ ଶ୍ରେଷ୍ଠ କୁହାଯାଉଥିବା ଶୀର୍ଷାସନ ବା ସର୍ବାଙ୍ଗାସନକୁ ଗୁରୁତ୍ୱ ଦିଅନ୍ତି କିନ୍ତୁ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆସନ କରିବା ପୂର୍ବରୁ ନିଜ ଶାରୀରିକ କ୍ଷେତ୍ରକୁ ଦେଖନ୍ତୁ। ପିଲାମାନଙ୍କୁ ବର୍ତ୍ତମାନ ସମୟରେ ଅଭିଭାବକମାନେ ବିଭିନ୍ନ ପାଠ୍ୟକ୍ରମ ଓ ଭବିଷ୍ୟତର କର୍ମନିଯୁକ୍ତିର ଏକ ସୁନିଶ୍ଚିତ ଯୋଜନାକୁ ଦୃଷ୍ଟିରେ ରଖି ଅନେକ ପାଠ୍ୟକ୍ରମର ଚାପ ସୃଷ୍ଟି କରୁଛନ୍ତି, ଯାହାକି ପିଲାଟିର ମାନସିକ କ୍ଷେତ୍ରକୁ ଭାରାକ୍ରାନ୍ତ କରିଥାଏ। ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ଶିକ୍ଷାୟତନର ପାଠପଢ଼ାର ଚାପ ଓ ଘରେ ଅଭିଭାବକଙ୍କ ପାଠ ସହ ବ୍ୟକ୍ତିଗତ ଆଚରଣକୁ ନେଇ ଯେଉଁ ମନସ୍ତାତ୍ତ୍ୱିକ ଚାପ ରହିଥାଏ ଏହା ପିଲାର ମାନସିକ ସନ୍ତୁଳନକୁ ବିଗାଡ଼ିଦେବାର ସମ୍ଭାବନା ରଖିଥାଏ। ଯଦି ମନେ ରହୁନାହିଁ ତେବେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। କେହି କହି ଇଆଡୁସିଆଡୁ କଥା କହି ତୁଟ୍‌କା ଚିକିତ୍ସା କଥା କହିଲେ ତାଙ୍କୁ ଆପଣ ଏଡ଼ାଇ ଦିଅନ୍ତୁ। କାରଣ ଏହା ଏକ ରୋଗ ନୁହେଁ ବା ଏହାକୁ ନେଇ ଜଣଙ୍କ ଜୀବନରେ ସେପରି କିଛି କ୍ଷତି ବି ହେବନାହିଁ। ଖୋଲା ପବନ ରହୁଥିବା ସ୍ୱଚ୍ଛ ପରିବେଶସମ୍ପନ୍ନ ସ୍ଥାନରେ କିଛି ସମୟ ନୀରବ ବସନ୍ତୁ। ମୋବାଇଲ, ଲାପ୍‌ଟପ୍, ସୋସିଆଲ ସାଇଟ୍ ଏହାର ବ୍ୟବହାରଠାରୁ ଦୂରେଇ ରଖିବା ଭଲ। ସବୁଠାରୁ ଉତ୍କୃଷ୍ଟ ହେଉଛି କିଛି ସମୟ ଧ୍ୟାନ କରିବା, ଯାହାପାଇଁ ପ୍ରତ୍ୟୁଷର ବ୍ରାହ୍ମ ମୁହୂର୍ତ୍ତ ବା ସନ୍ଧ୍ୟା ସମୟ ଉତ୍ତମ ମୁହୂର୍ତ୍ତ। ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ ଏବଂ ସଦାସର୍ବଦା ନାମ ସ୍ମରଣ କରିବା ଏକ ଭଲ ଅଭ୍ୟାସ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ**
**ମୋ: ୯୧୩୨୪୩୩୩୩୩**

## ଏଇ ଭାରତରେ

ଜଣେ ଏମ୍‌ବିଏ ଡିଗ୍ରୀଧାରୀ କୃଷିରେ ସଫଳତା ପାଇବା ସହ କୃଷମାନଙ୍କୁ ସଶକ୍ତ କରିପାରିଛନ୍ତି ଏବଂ ତାଙ୍କର ଏହି କାର୍ଯ୍ୟ ଅନ୍ୟମାନଙ୍କ ଲାଗି ପ୍ରେରଣା ପାଲଟିଛି। ଆନ୍ଧ୍ରପ୍ରଦେଶ କୁର୍ନୁଲର ସୋମେଶକର ପୋଗୁଲା ଏମ୍‌ବିଏ ଡିଗ୍ରୀ ପରେ ତାଙ୍କ ଗାଁରେ ପ୍ରଥମେ ମାଣ୍ଡିଆ ଚାଷ କରିଥିଲେ। ପରେ ୨୦୧୭ରେ ୩୦ ଜଣ କୃଷକଙ୍କୁ ନେଇ ସେ 'ଅଦିତି ମିଲେଟ୍‌ସ' କମ୍ପାନୀ ଆରମ୍ଭ କରିଥିଲେ। ଏହି ଅଭିଯାନରେ ଏବେ ସେ ୨୦୮ କୃଷକଙ୍କୁ ସାମିଲ କରିଛନ୍ତି ଓ ବର୍ଷକୁ ଏଥିରୁ ଆୟ ହେଉଛି ୨ କୋଟି ଟଙ୍କା। ସେ କୃଷକମାନଙ୍କୁ ମାଣ୍ଡିଆ ଚାଷ ପଦ୍ଧତି ଉପରେ ପ୍ରଶିକ୍ଷଣ ଦେବା ସହ ଭଲ ବଜାର ବ୍ୟବସ୍ଥାରେ ଯୋଡ଼ିବାରେ ସାହାଯ୍ୟ କରୁଛନ୍ତି। ସେ 'ମିଲେଟ୍‌ସ ଟୁ ମିଲିୟନ' ଅଭିଯାନ ମଧ୍ୟ ଆରମ୍ଭ କରିଛନ୍ତି। ସୋମେଶକର ଏବେ କୁର୍ନୁଲର ୭ଟି ଗାଁରେ ଏହି ଚାଷକୁ ପ୍ରୋତ୍ସାହିତ କରୁଛନ୍ତି। ଫ୍ୟାକ୍ଟ୍ରିରେ ମିଲେଟ୍ ପ୍ରୋସେସିଂ କରାଯାଉଛି ଓ ଏଥିରେ ସ୍ଥାନୀୟ ମହିଳାମାନଙ୍କୁ ବି ନିଯୁକ୍ତି ଯୋଗାଇ ଦେଇଛନ୍ତି। ଆଗାମୀ ବର୍ଷରେ ଏହି ଚାଷରେ ଅଧିକ ଗାଁକୁ ସାମିଲ କରିବାର ସେ ଯୋଜନା ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଅଗଷ୍ଟ ୧୯୯୮

- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ ବିଜୟ ଦେ'ଙ୍କ ୭୫ ବର୍ଷ ବୟସରେ ପରଲୋକ।
- ବହୁ ବାଦବିବାଦ ମଧ୍ୟରେ କେନ୍ଦ୍ର ରେଳମନ୍ତ୍ରୀ ନୀତୀଶ କୁମାରଙ୍କ ଦ୍ୱାରା ତାଳଚେର–ସମ୍ବଲପୁର ନୂତନ ରେଳପଥ ଉଦ୍‌ଘାଟିତ।
- ପୂର୍ବ ୟୁକ୍ରେନସ୍ଥିତ ଏକ କୋଇଲା ଖଣିରେ ମିଥେନ ଗ୍ୟାସ୍ ବିସ୍ଫୋରଣ ହେବା ଫଳରେ ୨୪ ଖଣି କର୍ମଚାରୀଙ୍କ ମୃତ୍ୟୁ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | 6 | | | |
| | | | | | | 5 | 6 | 3 |
| | | | 1 | | | | | 7 |
| | | 9 | | 7 | | | 3 | |
| 8 | | | 3 | | 2 | | | |
| | 7 | | | | | | | 2 |
| | | 2 | | | | 1 | | |
| | | 4 | 5 | 9 | 3 | 8 | | |
| | 5 | | 2 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 6 | 2 | 1 | 4 | 5 | 9 | 8 |
| 9 | 2 | 8 | 7 | 5 | 6 | 1 | 3 | 4 |
| 4 | 1 | 5 | 3 | 9 | 8 | 2 | 7 | 6 |
| 5 | 4 | 2 | 1 | 7 | 3 | 8 | 6 | 9 |
| 8 | 9 | 3 | 6 | 2 | 5 | 7 | 4 | 1 |
| 1 | 6 | 7 | 4 | 8 | 9 | 3 | 2 | 5 |
| 6 | 5 | 4 | 8 | 3 | 7 | 9 | 1 | 2 |
| 2 | 7 | 9 | 5 | 6 | 1 | 4 | 8 | 3 |
| 3 | 8 | 1 | 9 | 4 | 2 | 6 | 5 | 7 |

ଗତ ସଂସ୍କରଣର ଉତ୍ତର

# ଦେଖ ସହର କେମିତି ବଦଳୁଛି



ମୀରା ବେଉରା

ଆମ ଭିତରେ ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ନିଜର ଅସଫଳତାକୁ ପ୍ରକାରାନ୍ତରେ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବାକୁ ଏବଂ ନିଜ ମୁଣ୍ଡ ଉପରୁ ଦାୟିତ୍ୱ ଖସାଇବାକୁ ଚେଷ୍ଟା କରନ୍ତି। ଏହି ପ୍ରସଙ୍ଗରେ ବିଖ୍ୟାତ ନାଟ୍ୟକାର ଜର୍ଜ୍ ବର୍ଣ୍ଣାଡ ଶ' କହିଛନ୍ତି, 'ଲୋକେ ସର୍ବଦା ଯେଉଁ ସ୍ତରରେ ଅଛନ୍ତି ସେଥିପାଇଁ ସେମାନେ ସବୁବେଳେ ପରିସ୍ଥିତିକୁ ଦୋଷ ଦେଇଥାନ୍ତି'। ଜର୍ଜ୍ ବର୍ଣ୍ଣାଡ ଶ' କେବେ ପରିସ୍ଥିତିରେ ବିଶ୍ୱାସ କରନ୍ତି ନାହିଁ। ଯେଉଁ ଲୋକମାନେ ଏ ଜଗତରେ ଉନ୍ନତି କରନ୍ତି ସେମାନେ ପରିସ୍ଥିତିକୁ ଦୋଷ ନ ଦେଇ ନିଜେ ଚାହୁଁଥିବା ପରିସ୍ଥିତିକୁ ସୃଷ୍ଟି କରନ୍ତି। ଏଠାରେ ଏହି ପ୍ରସଙ୍ଗ ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଲା ଆଜି ଯେଉଁଭଳି କଟକ ଏବଂ ଭୁବନେଶ୍ୱର ଭଳି ସ୍ମାର୍ଟ ସିଟିରେ ବର୍ଷାର ବିତ୍ପାତ ଘଟୁଛି ଏହା କିଛି ନୂଆ କଥା ନୁହେଁ। ସ୍ମାର୍ଟ ସିଟି ବୋଲାଉଥିବା ଭୁବନେଶ୍ୱରରେ ଏଭଳି ବର୍ଷା ହେଲା ଯେ, ଯାହା ୨୬ ବର୍ଷର ରେକର୍ଡ ଭାଙ୍ଗିଦେଲା ପୂର୍ବରୁ ୧୯୯୭ ଅଗଷ୍ଟ ୨୦ ତାରିଖରେ ଯେଉଁ ବର୍ଷା ହୋଇଥିଲା ତାହା ଥିଲା ୨୪ ଘଣ୍ଟାରେ ୨୫୪.୨ ମିଲିମିଟର। କିନ୍ତୁ ଗତ ଜୁଲାଇ ୩୧ ତାରିଖ ଦିନ ଯେଉଁ ବର୍ଷା ହୋଇଥିଲା ତାହା ସବୁ ରେକର୍ଡ ଭାଙ୍ଗି ୨୪ ଘଣ୍ଟାରେ ୨୫୯.୨ ମିଲିମିଟର ପହଞ୍ଚିଲା। ଆମେ ସତର୍କ ସୂଚନା ପାଇ ମଧ କେତେ ପ୍ରସ୍ତୁତ ଥିଲୁ ତାହା ଏହି ଦୁଇ ପ୍ରମୁଖ ସହରକୁ ଦେଖିଲେ ବୁଝାପଡ଼ିଯିବ। ସବୁବେଳେ ଆମେ ବର୍ଷା ହୋଇସାରିଲାପରେ ତତ୍ପରତା ପ୍ରକାଶ କରି ଅସ୍ତବ୍ୟସ୍ତ ହୋଇପଡ଼ୁ। କିନ୍ତୁ ଆଗରୁ ଆମେ କାହିଁକି ଏଥିପ୍ରତି ଯେତିକି ଦୃଷ୍ଟି ଦେବା କଥା ଦେଇପାରିଲୁ ନାହିଁ। କାହାର ଏଥିପ୍ରତି ନିଘା ନ ଥିଲା। ବର୍ଷା ଜଳରେ ଯେତେବେଳେ ଦୁଇ ସହର ଉବୁଟୁବୁ ହେଉଥିଲା ଆମେ ସମସ୍ତେ ପରିସ୍ଥିତିକୁ ହିଁ ଦୋଷ ଦେଇ ଦାୟିତ୍ୱରୁ ଖସିବା ପାଇଁ ଚେଷ୍ଟା କରୁଥିଲୁ। ବଡ଼ ଦୁଃଖର କଥା ବର୍ଷସାରା ରାସ୍ତାଗୁଡ଼ିକ ଖୋଳାଯାଇ ଯେମିତି ଏହା ମରଣଯନ୍ତା ପାଲଟିଛି । ଖୋଲା ନାଳରେ ପଡ଼ି ଅନେକଙ୍କର ବି ପ୍ରାଣ ଗଲାଣି।

ଏଠାରେ ପ୍ରଶ୍ନ ଉଠୁଛି ଦୁର୍ଘଟଣା ଘଟିଲାପରେ ଯାଇ ଆମେ ସତର୍କ ହେଲାଭଳି ବାହୁସ୍ଫୋଟ ମାରି କଥାହେଉ। ଆଜି ବର୍ଷା ଜଳ ନିଷ୍କାସିତ ନ ହୋଇପାରି ଯେଉଁ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ରାଜରାସ୍ତା ଉପରେ ଆଣ୍ଠୁଏ ଆଣ୍ଠୁଏ ପାଣି ଲହଡ଼ି ଭାଙ୍ଗୁଛି ଏଭଳି ପରିସ୍ଥିତିରେ ଆମେ କିଭଳି ଚୁପ୍ ରହିପାରୁଛୁ। ବୌଦ୍ଧ ଜିଲାରେ ସର୍ବାଧିକ ୩୯୦ ମିଲିମିଟର ବର୍ଷା ହୋଇ କେଉଁଠି ମାଟି କାନ୍ଥ ପଡ଼ି ଲୋକେ ମୃତ୍ୟୁବରଣ କଲେଣି ତ ପୁଣି କେଉଁଠି ମୁକୁଲା ଡ୍ରେନ୍‌ରେ ପିଲାଠୁ ବୃଦ୍ଧା ପଡ଼ି ପ୍ରାଣ ହରେଇଲେଣି। ସତରେ ଆଜି ଜନଜୀବନ ଏହି କୃତ୍ରିମ ବନ୍ୟାରେ ଦୁର୍ବିଷହ ହୋଇପଡ଼ିଛି। ଲୋକମାନଙ୍କର ନାହିଁନଥିବା ଦୁର୍ଦ୍ଦଶା।

ରାଜ୍ୟର ଜଙ୍ଗଲ ସବୁ ନଷ୍ଟ କରିସାରିଲୁଣି। ଧର୍ମକୁ ଆଖିଠାର ମାରି କେବଳ କାଗଜ କଲମରେ ଜଙ୍ଗଲ ବଢ଼ାଇଲୁ ବୋଲି ଆତ୍ମଗର୍ବରେ ଫାଟି ପଡ଼ୁଛୁ। କିନ୍ତୁ ପ୍ରକୃତରେ ଜଙ୍ଗଲକୁ ଧ୍ୱଂସ କରି ଗୁଡ଼ାଏ କଂକ୍ରିଟ୍ ଜଙ୍ଗଲ ସୃଷ୍ଟି କରିସାରିଲୁଣି। ତେବେ କାହାକୁ ଠକୁଛେ? ଆପଣା ହସ୍ତେ ଜିହ୍ୱା ଛେଦିଲା ଭଳି ପରିସ୍ଥିତି ସୃଷ୍ଟି କରୁଛେ। ସହରବାସୀ ତାଙ୍କର ଦୁଃଖ କଷ୍ଟକୁ ଯେତେ ଜଣାଇଲେ ମଧ ଏହି ସମସ୍ୟାର ଗୋଟିଏ ସ୍ଥାୟୀ ସମାଧାନ ହୋଇପାରୁନାହିଁ।

ସବୁବେଳେ ବାହାଘର ବେଳେ ବାଇଗଣରୁଆ ନୀତିରେ ବର୍ଷା ସମୟରେ ହିଁ ଆମେ ନାଳ ସଫା କରିବା ଆଳରେ ନର୍ଦ୍ଦମାକୁ ରାସ୍ତାକଡ଼ରେ ଅଜାଡ଼ି ରାସ୍ତାକୁ ଆହୁରି ଅପରିଷ୍କାର କରିଦେଉଛୁ। ଯେତେ ଚେଷ୍ଟା କଲେ ମଧ କଟକ ଏବଂ ଭୁବନେଶ୍ୱରକୁ ଦୁର୍ଘଟଣା ମୁକ୍ତ କରିପାରୁନାହୁଁ। ଆଉ କେତେ ପିଲାଙ୍କ ଅମୂଲ୍ୟଜୀବନ ଡ୍ରେନ୍‌ରେ ପଡ଼ି ମୃତ୍ୟୁମୁଖରେ ପଡ଼ିଲେ ଆମର ଚେତନାର ଉଦୟ ହେବ, ଆମେ ସତର୍କ ରହିବୁ ତାହା ବୁଝାପଡ଼ୁନାହିଁ। ଆଉ କେତେ ନଳାପାଣିରେ ତିନ୍ତି ବୁଡ଼ି ପାଣି ଘେରରେ ରହିଲେ ଆମେ ଶିକ୍ଷାଲାଭ କରିବୁ? ମୋଟର ଲଗାଇ ନଳାପାଣିକୁ ଯଦି ଘରୁ ବାହାର କରି ଆମେ ପ୍ରସ୍ତୁତ ଓ ସଜାଗ ସତର୍କ ଅଛୁ ବୋଲି କହିବା ତେବେ ଏହାଠାରୁ ବଳି ଦୁର୍ଭାଗ୍ୟ ଆଉ କ'ଣ ଥାଇପାରେ। ଗ୍ରାମରୁ ସହରକୁ ଆକର୍ଷିତ ହୋଇଆସିଥିବା ସହରବାସୀ ଅଙ୍ଗେ ଲିଭାଉଛନ୍ତି ତାଙ୍କର ଦୁର୍ଦ୍ଦଶା। ୧୦୦୦ବର୍ଷର ସହର କଟକ ଧବଳ ଟଗର ଦୁଃଖ ଦୁର୍ଦ୍ଦଶା ମଧ୍ୟ ନ କହିଲେ ଭଲ। ଅସରାଏ ବର୍ଷାରେ ଛୋଟ ଶିଶୁଠାରୁ, ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ସମସ୍ତେ ଖଟ ଉପରେ ଭୋକ ଉପାସରେ ରହୁଛନ୍ତି।



ଇଏତ ଗଲା ଛାତଘର ଲୋକଙ୍କ କଥା। ମୁଣ୍ଡ ଉପରେ ଅସ୍ଥାୟୀ ଛାତ ଥିବା ସହରର ବସ୍ତି ଅଞ୍ଚଳରେ ବାସ କରୁଥିବା ଲୋକଙ୍କ କଥା ପଚାରେ କିଏ? ଏମାନେ ତ ନର୍ଦ୍ଦମା ପାଣିଘେରରେ ମଶା, ମାଛି, ଡାଆଁଶ ପାଖରେ ରହି ଜୀବନ ଜିଇବା ଶିଖିଗଲେଣି। ଏମାନଙ୍କୁ ବର୍ଷା ଆଉ ଏତେ ମାତ୍ରାରେ ବାଧୁନି। ଦିହସୁଆ ହୋଇଗଲାଣି।

ସ୍ୱାଧୀନତାର ୭୬ ବର୍ଷ ଅତିକ୍ରମ କରିଥିଲେ ମଧ ସହରରୁ ନଳାପାଣି ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ହୋଇପାରୁନାହିଁ। ବର୍ଷସାରା ଜାଇକା କାର୍ଯ୍ୟ ଜାରି ରହୁଛି। ଜାଇକା ତ ନୁହେଁ ମନେହେଉଛି ଏହା ଯେପରି ଯନ୍ତ୍ରଣାର ଜାଲ ବିଛାଉଛି। ସହରରେ ମନ୍ଦିର ମଧ ଜଳମଗ୍ନ। କେତେ ଅସହାୟ ସତରେ ଆମ ଠାକୁର। ସହରର ମନ୍ଦିର ଏଭଳି ଜଳମଗ୍ନ ହୋଇ ରହିଛି, ଯାହା ଠାକୁରଙ୍କର ଜଳାଧିବେଶକୁ ବୁଝାଇବ। ତେବେ ଏହି ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାର ପ୍ରତିକାର କେବଳ ବର୍ଷାଦିନେ ଆମେ କାହିଁକି ଚିନ୍ତାକରି କୁମ୍ଭୀର କାନ୍ଦଣା କାନ୍ଦୁଛୁ ତାହା ବୁଝାପଡୁନି। ଯଦିଓ ଏହି ସମସ୍ୟା ନୂଆ ନୁହେଁ ତଥାପି ଆମେ କେବଳ ବର୍ଷାଦିନେ ହିଁ ତତ୍ପରତା ଦେଖାଉଛୁ। ବହୁ ବୁଦ୍ଧିଜୀବୀ, ବୈଜ୍ଞାନିକ, ବରିଷ୍ଠ ଯନ୍ତ୍ରୀ, ପ୍ରଶାସକ, ମେୟର ଅନେକ ଦିନ ଧରି ଏହି ସମସ୍ୟାକୁ ଦେଖି ଆସୁଥିବା ସତ୍ତ୍ୱେ ଏହାର ସ୍ଥାୟୀ ସମାଧାନର ସୂତ୍ର ବାହାର ନ କରି ପରସ୍ପରକୁ କେବଳ କାଦୁଅ ପିଙ୍ଗିବାରେ ବ୍ୟସ୍ତ ରହୁଛନ୍ତି। ଏଇଠି ପ୍ରଶ୍ନ ଉଠୁଚି କେବଳ ବର୍ଷାଦିନରେ ତତ୍ପରତା ନ ଦେଖାଇ ନଗର ଉନ୍ନୟନ ବିଭାଗ ଏବଂ ମହାନଗର ନିଗମ ଅନ୍ୟଦିନରେ ତତ୍ପରତା ଦେଖାଇଲେ ଅସୁବିଧା କେଉଁଠି ରହୁଛି। ଏହା କେବଳ ଗୃହ ନଗର ଉନ୍ନୟନ ବ୍ୟବସ୍ଥାର ଦୟନୀୟ ଚିତ୍ରକୁ ହିଁ ଦର୍ଶାଇଛି। କହିବା କାହାକୁ ଶୁଣିବ କିଏ?

ଏହି ବର୍ଷାଜଳ ଏବଂ ନଳାପାଣି ଯେଉଁ ଘରେ ଘରେ ପଶୁଛି ଏହା ମନୁଷ୍ୟକୃତ ବୋଲି ଧରିବାକୁ ହେବ। ପରିସ୍ଥିତି ଯେତେ ଜଟିଳ ହେଉନା କାହିଁକି ଏହାର ସ୍ଥାୟୀ ପ୍ରତିକାର ହେବା ନିହାତି ଆବଶ୍ୟକ। କୋଟି କୋଟି ଟଙ୍କା ବିନିମୟରେ ରାଜ୍ୟରେ ଯେତେବେଳେ ଖୋଲୁଛି ଅତ୍ୟାଧୁନିକ ଆହାର କେନ୍ଦ୍ର, ଯାହା ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା, ପୁଣି ପଞ୍ଚତାରକା ହୋଟେଲ ଢାଞ୍ଚାରେ ଯେତେବେଳେ ନିର୍ମାଣ ହୋଇପାରୁଛି, ଏହି ସମସ୍ୟା ସମାଧାନ ନ ହେବ କିପରି? ସ୍ମାର୍ଟ ସିଟି ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମରେ ସ୍ମାର୍ଟ ହୃଦୟଟିଏ ଲୋଡ଼ା। ଦକ୍ଷ ବରିଷ୍ଠ ଯନ୍ତ୍ରୀ ତଥା ପ୍ରଶାସକ ବୁଦ୍ଧିଜୀବୀ ସରକାରଙ୍କୁ ଏହି ଦିଗରେ ଉଚିତ ପରାମର୍ଶ ଦେଇ ରାଜ୍ୟକୁ ବିକାଶ କ୍ଷେତ୍ରରେ ଆଗେଇ ନେଇ ସହରର ପ୍ରକୃତ ବିକଶିତ ଚିତ୍ରକୁ ଆଙ୍କିଲେ ହିଁ ରାଜ୍ୟର ବିକାଶ ସମ୍ଭବ ହେବ।

**ରଘୁନାଥଜୀଉ ମହାବିଦ୍ୟାଳୟ**
**ଦେଉଳ ସାହି, ତୁଳସୀପୁର, କଟକ**
**ମୋ: ୯୮୫୩୩୫୦୩୮୪**

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାଧୀନତାର ମର୍ମ

ମହାଶୟ,

ପରାଧୀନତାର ଶୃଙ୍ଖଳକୁ ଛିଣ୍ଡାଇ ଆମେ ଅନେକ ବର୍ଷ ହେଲା ସ୍ୱାଧୀନତାର ସ୍ୱାଦ ଚାଖି ସାରିଲୁଣି। ଅନେକ ଘାତ ପ୍ରତିଘାତ ସହି ଆମକୁ ସ୍ୱାଧୀନତା ଦେଇଥିବା ବରପୁତ୍ରମାନଙ୍କୁ ମନେ ପକାଇ ନିଜକୁ ଗର୍ବିତ ମନେକରୁଛୁ। ଏଇଠି ପ୍ରଶ୍ନ ଉଠେ, ସତରେ କ'ଣ ଆମେ ସ୍ୱାଧୀନ। ରାତି ବାରଟା ନୁହେଁ ଦିନ ବାରଟାରେ ନାରୀଟିଏ ନିଜକୁ ସୁରକ୍ଷିତ ମଣୁନାହିଁ। ଯେଉଁ ଯୁବଗୋଷ୍ଠୀ ଦେଶର ପରବର୍ତ୍ତୀ ରକ୍ଷାକାରୀ ସେହି ଯୁବଗୋଷ୍ଠୀ ନିଶା କବଳରେ କବଳିତ। ଦୟା, ଧର୍ମ, ପରୋପକାରକୁ ଗୁରୁତ୍ୱ ଦେଉନାହାନ୍ତି ଆଜିର ଯୁବଗୋଷ୍ଠୀ। ଲାଞ୍ଚ ଓ ମିଛ ଯେମିତି ଏମାନଙ୍କୁ ଜାବୁଡ଼ି ଧରିଛି। ଦେଶ ଭକ୍ତି, ମାତୃ ଭକ୍ତିଗୁଡ଼ିକୁ ପ୍ରାଧାନ୍ୟ ଦେଇ ଯେପର୍ଯ୍ୟନ୍ତ ଯୁବଗୋଷ୍ଠୀ ସ୍ୱାଧୀନତାର ପ୍ରକୃତ ମର୍ମକୁ ଅନୁଭବ ନ କରିଛନ୍ତି, ସେପର୍ଯ୍ୟନ୍ତ ଆମେ ସ୍ୱାଧୀନତା ଦିବସର ପ୍ରକୃତ ଅର୍ଥ ବୁଝିପାରିବା ନାହିଁ।

**–ଅଶୋକ ରାଉଳ, ଅଢ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୀରସ ଧରଣୀ ବସେ ଚାହିଁ ଯଥା ବରଷା
ଆଶାରେ
ପ୍ରକାଶିବ ଛନ୍ଦ ତା'ର ପଲ୍ଲବିତ କୁସୁମ–ଭାଷାରେ
ଛନ୍ଦହୀନ ରମଣୀର ଅପ୍ରକାଶ ପ୍ରାଣ
ଅକାରଣ ଭଜେ ମ୍ରିୟମାଣ।
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ




ଆଗାମୀ ଲୋକ ସଭା ନିର୍ବାଚନ ପ୍ରସ୍ତୁତି ନେଇ ନୂଆଦିଲ୍ଲୀଠାରେ ବୁଧବାର ଆୟୋଜିତ ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, କେ.ସି. ଭେନୁଗୋପାଲ ଏବଂ ଦିଲ୍ଲୀ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ।

# ରଘୁବଂଶ କଥା ଉଠାଇଲେ ମେହବୁବା

ନୂଆଦିଲ୍ଲୀ,୧୬।୮



ମେହବୁବା ମୁଫତି

ପିପୁଲ୍ସ ଡେମୋକ୍ରାଟିକ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫତି ବୁଧବାର ସୁପ୍ରିମକୋର୍ଟ ଧାରା ୩୭୦ ମାମଲାର ଶୁଣାଣି କରିଥିବାରୁ ବହୁତ ଖୁସି ଥିବା କହିଛନ୍ତି। ଏହି ସମୟରେ ସେ ପ୍ରଭୁ ରାମଙ୍କ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଧାରା ୩୭୦ ରଦ୍ଦକୁ ଚ୍ୟାଲେଞ୍ଜ କରୁଥିବା ଆବେଦନ ଉପରେ ଚାଲିଥିବା ଶୁଣାଣିରେ ଯୋଗଦେବା ପାଇଁ ନୂଆଦିଲ୍ଲୀରେ ପହଞ୍ଚିଥିବା ମୁଫ୍ତି କହିଥିଲେ,ବହୁସଂଖ୍ୟକବାଦ ଆଧାରରେ ଦେଶ ଚାଲିପାରିବ ନାହିଁ। ଏହି ଦେଶ ସମ୍ବିଧାନ ଅନୁଯାୟୀ ଚାଲିବ। ପ୍ରଭୁ ରାମ ଏବଂ ରଘୁ ରାଜବଂଶ ବିଷୟରେ ଉଲ୍ଲେଖ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା କହିଛନ୍ତି,ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଉପରେ ଆମର ବିଶ୍ୱାସ ରହିଛି। ମୁଁ ସେମାନଙ୍କୁ ନିବେଦନ କରିବାକୁ ଚାହେଁ ଯେ, ଦେଶ ରଘୁକୁଲ ରିତ ସଦା ଚଲି ଆଏ, ପ୍ରାଣ ଜାୟେ ପର ବଚନ ନ ଜାୟେ ନୀତିରେ ବିଶ୍ୱାସ କରେ। ହିନ୍ଦୁ ପୁରାଣରେ ଭଗବାନ ରାମଙ୍କ ସହ ଜଡିତ ରଘୁବଂଶ ଏହି ନୀତିରେ ବିଶ୍ୱାସ କରିଥିଲେ ଯେ, ତୁମେ ତୁମର ପ୍ରତିଜ୍ଞା କେବେ ଭାଙ୍ଗିବ ନାହିଁ। ଏଥିପାଇଁ ଜୀବନ ହରାଇବାକୁ ପଡିଲେ ମଧ୍ୟ ଚିନ୍ତା ନାହିଁ। ମେହବୁବା ମୁଫତି କହିଛନ୍ତି, ଧାରା ୩୭୦ ରଦ୍ଦ କରିବା ପ୍ରସଙ୍ଗ ୧୯୪୭ରେ ଭାରତର ଲୋକ ଏବଂ କଶ୍ମୀରର ମୂଳ ବାସିନ୍ଦାଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ସହିତ ଜଡିତ। ସୁପ୍ରିମକୋର୍ଟ ଏହା ଶୁଣୁଥିବାରୁ ମୁଁ ବହୁତ ଖୁସି। ଏହା କେବଳ ଏକ ଆଇନଗତ ପ୍ରସଙ୍ଗ ନୁହେଁ। ଜମ୍ମୁ କଶ୍ମୀରବାସୀଙ୍କ ପାଇଁ ଏହା ଏକ ଭାବପ୍ରବଣ ପ୍ରସଙ୍ଗ। ଜମ୍ମୁ କଶ୍ମୀରର ଲୋକଙ୍କ ପାଇଁ ସ୍ୱର ହୋଇଥିବାରୁ ଆମେ ଓକିଲମାନଙ୍କୁ କୃତଜ୍ଞତା ଜଣାଉଛୁ।

# ଭାଜପାରୁ କୌଣସି ଅଫର ମିଳିନାହିଁ: ଶରଦ ପାୱାର

ପୁଣେ,୧୬।୮

ମହାରାଷ୍ଟ୍ରରେ ଚାଲିଥିବା ରାଜନୈତିକ ଅସ୍ଥିରତା ମଧ୍ୟରେ ଏନସିପି ସୁପ୍ରିମୋ ଶରଦ ପାୱାର ବୁଧବାର ଭାଜପାରୁ କୌଣସି ଅଫର୍ ମିଳି ନ ଥିବା ସ୍ପଷ୍ଟ କରିଛନ୍ତି। ଶରଦ ପାୱାର କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ ଚୌହ୍ୱାନଙ୍କ ଦାବିକୁ ଖଣ୍ଡନ କରି କହିଛନ୍ତି, ମୋତେ ଭାଜପା ପକ୍ଷରୁ କୌଣସି ଅଫର୍ ଦିଆଯାଇନାହିଁ। ଅଜିତ ପାୱାରଙ୍କ ସହ ହୋଇଥିବା ବୈଠକରେ କୌଣସି ରାଜନୈତିକ ଆଲୋଚନା ହୋଇନାହିଁ। ଭାଜପାର ଅଫର ପାଇଁ ଅଜିତ ଏବଂ ଶରଦଙ୍କ ମଧ୍ୟରେ ଏକ ଗୁପ୍ତ ବୈଠକ ହୋଇଥିବା ଚୌହ୍ୱାନ ଦାବି କରିଥିଲେ।

ଛତ୍ରପତି ସମ୍ଭାଜୀ ନଗରରେ ଏନ୍‌ସିପି ମୁଖ୍ୟ ଶରଦ କହିଛନ୍ତି, ଭାଜପା ଲୋକମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରିବାକୁ ଚାହୁଁଛି ଏବଂ ଧର୍ମ, ସମ୍ପ୍ରଦାୟ ଆଧାରରେ ଲୋକଙ୍କୁ ବିଭକ୍ତ କରୁଛି। ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ସରକାରକୁ ଭାଜପା ଅସ୍ଥିର କରିଥିଲ। 'ଇଣ୍ଡିଆ'ର ପରବର୍ତ୍ତୀ ବୈଠକ ମୁମ୍ବାଇରେ ଅନୁଷ୍ଠିତ ହେବ। ଭାଜପା ସହିତ ଲଢିବା ପାଇଁ ଏଠାରେ ଏକ ସଫଳ ରଣନୀତି ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି।



ପୃଥ୍ୱୀରାଜ ଚୌହ୍ୱାନ



ଶରଦ ପାୱାର

# ଏଏପି ଭାଜପାର ଲାଞ୍ଜ: ସନ୍ଦୀପ ଦୀକ୍ଷିତ

ନୂଆଦିଲ୍ଲୀ,୧୬।୮

ଦିଲ୍ଲୀର ୭ଟି ଲୋକ ସଭା ଆସନରେ ଆମ ଆଦମୀ ପାର୍ଟି (ଏଏପି) ସହିତ କଂଗ୍ରେସର ସମ୍ଭାବ୍ୟ ମିଳିତ ମେଣ୍ଟକୁ ନେଇ ଚର୍ଚ୍ଚା ଚାଲିଥିବାବେଳେ କଂଗ୍ରେସ ନେତା ସନ୍ଦୀପ ଦୀକ୍ଷିତ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ଏଏପି ଭାରତୀୟ ଜନତା ପାର୍ଟି (ଭାଜପା)ର ଲାଞ୍ଜ ବୋଲି ସେ କହିଛନ୍ତି। ସନ୍ଦୀପଙ୍କ ଏଭଳି ମନ୍ତବ୍ୟ ଦିଲ୍ଲୀର ଲୋକ ସଭା ଆସନରେ ଏଏପି ଏବଂ କଂଗ୍ରେସ ମଧ୍ୟରେ ମେଣ୍ଟ ଉପରେ ସନ୍ଦେହ ସୃଷ୍ଟି କରିଛି।

ସନ୍ଦୀପ କହିଛନ୍ତି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଭୟଭୀତ ହୋଇ ବିରୋଧୀ ଦଳର ମିଳିତ ମେଣ୍ଟ 'ଇଣ୍ଡିଆ'ରେ ଯୋଗ ଦେଇଛନ୍ତି। ଦିଲ୍ଲୀରେ କଂଗ୍ରେସର ମିଳିତ ମେଣ୍ଟର ଆବଶ୍ୟକତା ନାହିଁ।

ବୁଧବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାହୁଲ ଗାନ୍ଧୀ ଦିଲ୍ଲୀର ଦଳୀୟ ବରିଷ୍ଠ ନେତାଙ୍କ ସହ ଏକ ବୈଠକ କରିଥିଲେ। ସନ୍ଦୀପ ଦୀକ୍ଷିତ ମଧ୍ୟ ସେହି ବୈଠକରେ ଭାଗ ନେଇଥିଲେ। ଖାର୍ଗେ ଏବଂ ରାହୁଲଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ନେଇ କଳ୍ପନାଜଳ୍ପନା କରାଯାଇଥିଲା ଯେ, ଏଏପି ଏବଂ କଂଗ୍ରେସ ମଧ୍ୟରେ ଏକ ମେଣ୍ଟ ହୋଇପାରେ। କିନ୍ତୁ ସନ୍ଦୀପଙ୍କ ମନ୍ତବ୍ୟ ଏହି ମେଣ୍ଟ ବିଷୟକୁ ପାଣିଚିଆ କରିଦେଇଛି।

# ୧୮ରେ ସବୁ ବ୍ଲକ ଘେରାଉ: କଂଗ୍ରେସ

ଭୁବନେଶ୍ୱର, ୧୬।୮(ବ୍ୟୁରୋ)

ରାଜ୍ୟର ୩୧୪ ବ୍ଲକକୁ ଆସନ୍ତା ୧୮ରେ ଘେରାଉ କରାଯିବ। ୯ ଦଫା ଦାବି ନେଇ ୩୦ ଜିଲାରେ ଏହି ଘେରାଉ କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। କଂଗ୍ରେସ ଭବନ ଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ଦଳୀୟ ଏମ୍‌ପି, ବିଧାୟକ, ଜିଲା ଓ ବ୍ଲକ ସଭାପତି, ଯୁବ ଛାତ୍ର, ମହିଳା, ସେବାଦଳ ଏବଂ ସମସ୍ତ ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟଙ୍କ ସମେତ ଦଳର କର୍ମୀ, ସମର୍ଥକ, ଶୁଭେଚ୍ଛୁମାନେ ସାମିଲହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

# ମହିଳା କାର୍ଯ୍ୟକର୍ତ୍ତା ଭାଜପାର ବଡ଼ ସମ୍ପତ୍ତି: ସୀତାରାମନ



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳୀୟ ନେତୃବୃନ୍ଦଙ୍କ ସହ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ।

**ଭୁବନେଶ୍ୱର, ୧୬।୮(ବ୍ୟୁରୋ):** ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୁଧବାର ସନ୍ଧ୍ୟାରେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପୂର୍ବତନ ବିଧାୟିକା ତଥା କଟକ ମହାନଗର ନିଗମର ମେୟର ସ୍ୱର୍ଗତା ନିବେଦିତା ପ୍ରଧାନଙ୍କ ସ୍ମୃତିରେ ଆୟୋଜିତ ସଭାରେ ଯୋଗଦେଇଥିଲେ। ଏହି ଅବସରରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଅବସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହାସହ ନିବେଦିତା ପ୍ରଧାନଙ୍କ ଫଟୋଚିତ୍ରରେ ମଧ୍ୟ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

ଏହିଅବସର ସୀତାରାମନ ନିଜ ଭାଷଣରେ କହିଥିଲେ, ମହିଳା କାର୍ଯ୍ୟକର୍ତ୍ତା ଭାଜପାର ସବୁଠାରୁ ବଡ଼ ସମ୍ପତ୍ତି।

**ନିବେଦିତା ପ୍ରଧାନଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସ୍ମୃତିସଭାରେ କେନ୍ଦ୍ରମନ୍ତ୍ରୀ**

ନିବେଦିତା ପ୍ରଧାନ ଘର ଘର ବୁଲି ଲୋକଙ୍କୁ ଦଳ ସହିତ ଯୋଡ଼ିଛନ୍ତି। ସମସ୍ତଙ୍କ ନାଁ ସହ ସେ ଲୋକଙ୍କୁ ଚିହ୍ନନ୍ତି। ଏଭଳି ଶ୍ରେଣୀର ଜଣେ ନେତ୍ରୀ ଯିଏ ଅନ୍ୟକୁ ପ୍ରେରଣା ଦେଉଥିଲେ ସେ ହେଉଛନ୍ତି ନିବେଦିତା ପ୍ରଧାନ। ଯାହା ଜାଣିବାକୁ ପାଇଲି ସେ ଜଣେ ଓକିଲ ସାଙ୍ଗକୁ ବିଧାୟକ ମଧ୍ୟ ଥିଲେ। ବିଧାୟିକା ଥିବା ବେଳେ ହିଁ କର୍ପୋରେଟର ଭାବେ ଜିତିବା ସହ ମେୟର ବି ହୋଇପାରିଥିଲେ। ଏଭଳି ଭାବେ ନିର୍ବାଚନ ଜିତି ସେ ଏକ ପ୍ରେରଣାଦାୟୀ ନେତୃତ୍ୱ ଦେଖାଇଥିଲେ। ଓଡ଼ିଶାରେ ଏବେ ବହୁ ମହିଳା କାର୍ଯ୍ୟକର୍ତ୍ତା ଭାଜପା ସହିତ ଯୋଡି ହୋଇଛନ୍ତି। ମହିଳା ନେତୃତ୍ୱ ଯେବେ ଦଳକୁ ମିଳିଥାଏ ଏବଂ ସେମାନଙ୍କଠାରୁ ଯେବେ କାର୍ଯ୍ୟକର୍ତ୍ତାଙ୍କୁ ପ୍ରେରଣା ମିଳେ ଦଳ ବହୁ ସଶକ୍ତ ହୁଏ ବୋଲି ସେ କହିଥିଲେ।

# ବିଜେଡି ଏବେ ପିସି ସରକାର: ସଞ୍ଜୀବ ଗିରି




ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

**ବାଲେଶ୍ୱର,୧୬।୮ (ମାନସ ବିଶ୍ୱାଳ):** ଓଡ଼ିଶାରେ ୨୪ ବର୍ଷ ଧରି ଶାସନ କରୁଥିବା ବିଜେଡି ସରକାର ପିସି ସରକାରରେ ପରିଣତ ହୋଇଯାଇଛି। ମିଛ ପ୍ରତିଶ୍ରୁତି ଦେଇ, ଛଳନା କରି କଂଗ୍ରେସ କରିଥିବା ଜନହିତକର କାର୍ଯ୍ୟକୁ ନିଜ ନାଁରେ ବିଜ୍ଞାପନ ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସାଧାରଣ ଲୋକଙ୍କୁ ବୋକା ବନେଇ ଚାଲିଛନ୍ତି। ବ୍ଲକ, ଡିଆରଡିଏ, ପିଡବ୍ଲୁଡି, ଆରଡି ଆଦି ସମସ୍ତ ସରକାରୀ କାର୍ଯ୍ୟାଳୟରେ ୫୦% ପର୍ଯ୍ୟନ୍ତ ପିସି କାରବାର ବୈଧଡ଼କ ଚାଲିଛି। ଦୁଃଖର ବିଷୟ ଜନ ଜୀବନ ରକ୍ଷାକାରୀ ଦୁଇଟି ସରକାରୀ ବିଭାଗ ଥାନା ଓ ଡାକ୍ତରଖାନାରେ ବ୍ୟାପକ ଦୁର୍ନୀତି ଚାଲିଛି। ଯେଉଁ ବାର୍ଦ୍ଧକ୍ୟ ଭତ୍ତା, ଇନ୍ଦିରା ଆବାସ ଆଦି ଯୋଜନା ଲୋକଙ୍କ ବଞ୍ଚିବାରେ କିଞ୍ଚିତ ସହାୟତା ପ୍ରଦାନ କରିବା ପାଇଁ କଂଗ୍ରେସ ସରକାର ସମୟରେ ପ୍ରଣୟନ କରାଯାଇଥିଲା ସେସବୁର ନାଁ ପରିବର୍ତ୍ତନ କରି ଦଳୀୟ ଢାଞ୍ଚାରେ ନିଜ ଦଳୀୟ କର୍ମୀଙ୍କୁ ଏହାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି ବୋଲି ମଙ୍ଗଳବାର କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ସଂଜୀବ କୁମାର ଗିରି କହିଛନ୍ତି।

ବିଜେଡି ଶାସନକଳକୁ ରାଜନୀତି କରଣ କରି ନିଜ ଦଳୀୟ କାର୍ଯ୍ୟରେ ନିୟୋଜିତ କରିବା ଅଣସାମ୍ବିଧାନିକ। ବିଜେଡି ସରକାର ନିଜ ନାମକୁ ପ୍ରଚାର କରିବା ପାଇଁ "ନବୀନ ଓଡ଼ିଶା' ର ସ୍ଲୋଗାନ ଦେଇ ଆଗାମୀ ନିର୍ବାଚନରେ ନିଜ କର୍ମୀଙ୍କ ପକେଟ ଗରମ କରିବା ଉଦ୍ଦେଶ୍ୟରେ ଯେଉଁଭଳି ୫୦ ଲକ୍ଷ ଟଙ୍କା ବିନା ଗ୍ରାମସଭା ଓ ଗ୍ରାମପଞ୍ଚାୟତର ହସ୍ତକ୍ଷେପରେ ପ୍ରତ୍ୟେକ ପଞ୍ଚାୟତକୁ ଦେବାପାଇଁ ଘୋଷଣା କରିଛନ୍ତି, ତାହା ନବୀନ ସରକାର ଯେ ଦୁର୍ନୀତିଗ୍ରସ୍ତ ବୋଲି ସ୍ପଷ୍ଟ ପ୍ରମାଣିତ କରୁଛି। କେନ୍ଦ୍ର ସରକାରଙ୍କ ଭୁଲ ତଥା ଜନମାରଣ ନୀତି କାରଣରୁ ପେଟ୍ରୋଲ,ଡିଜେଲ,ଗ୍ୟାସ ତଥା ତେଲ ଠାରୁ ଲୁଣ ଯାଏଁ ସବୁ ଜିନିଷର ମୂଲ୍ୟ ୧୦୦% ରୁ ଅଧିକ ବୃଦ୍ଧି ହୋଇ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିସବୁ ବିଷୟକୁ ନେଇ ଆସନ୍ତା ଅଗଷ୍ଟ ୧୮ ତାରିଖ ଶୁକ୍ରବାର ଦିନ ସମସ୍ତ ବ୍ଲକ ଆଗରେ ଧାରଣା ସହ ପ୍ରତିବାଦ ସଭା କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃବର୍ଗ ସୂଚନା ଦେଇଛନ୍ତି।

Ministry of Finance
Government of India

G20 भारत 2023 INDIA

## ଜିଏସ୍‌ଟି ଅଧୀନରେ କ୍ଷମା (ଆମ୍ନେଷ୍ଟି) ଯୋଜନା

- ଜିଏସ୍‌ଟିଆର୍-୪ | ଜିଏସ୍‌ଟିଆର୍ -୯ | ଜିଏସ୍‌ଟିଆର୍-୧୦ | ରିଟର୍ନ ଫାଇଲ୍ ନ କରିଥିବା ଟିକସଦାତାଙ୍କ ପାଇଁ
- ରଦ୍ଦ ହୋଇଥିବା ପଞ୍ଜୀକରଣକୁ ପ୍ରତ୍ୟାହାର କରିବା ପାଇଁ
- ବିବେଚିତ ବେଷ୍ଟ୍ ଜଜ୍‌ମେଣ୍ଟ ଆସେସ୍‌ମେଣ୍ଟ ଅର୍ଡରକୁ ପ୍ରତ୍ୟାହାର କରିବା ପାଇଁ

ଏହି ସୁଯୋଗକୁ ହାତଛଡ଼ା କରନ୍ତୁ ନାହିଁ!

ଶେଷ ତାରିଖ ତା୩୧।୦୮।୨୦୨୩ରିଖ ପର୍ଯ୍ୟନ୍ତ ବୃଦ୍ଧି

**ଏହାର ଲାଭ ଉଠାନ୍ତୁ ଏବଂ ଜଣେ ଅନୁପାଳକ ଟିକସଦାତା ହୁଅନ୍ତୁ**

| ଜିଏସ୍‌ଟି କ୍ଷମା ଯୋଜନା | ଅଧିକ ସୂଚନା ପାଇଁ ଦୟାକରି ଦେଖନ୍ତୁ |
|---|---|
| ଜୁଲାଇ ୨୦୧୭ରୁ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ତ୍ରୈମାସିକ କିମ୍ବା ୨୦୧୯-୨୦ରୁ ୨୦୨୧-୨୨ ପର୍ଯ୍ୟନ୍ତ ଆର୍ଥିକ ବର୍ଷ ପାଇଁ ଫର୍ମ **ଜିଏସ୍‌ଟିଆର୍-୪ ରିଟର୍ନ ଦାଖଲ କରିବା ପାଇଁ ବିଳମ୍ବ ଶୁଳ୍କକୁ** ନିମ୍ନ ଅନୁଯାୟୀ ହ୍ରାସ କରାଯାଇଛି<br>• Nil ରିଟର୍ନ ପାଇଁ ଶୂନ୍ୟ<br>• Nil ରିଟର୍ନ ବ୍ୟତୀତ ଅନ୍ୟଗୁଡ଼ିକ ପାଇଁ ₹ ୫୦୦/- (₹ ୨୫୦/- ସିଜିଏସ୍‌ଟି + ₹ ୨୫୦/- ଏସ୍‌ଜିଏସ୍‌ଟି),<br>ଯଦି ରିଟର୍ନ ତା୩୧।୦୮।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇଥିବ। | ଅଧିସୂଚନା ସଂ. ୨୨/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୧୭।୦୭।୨୦୨୩ ସହିତ ପଠନପୂର୍ବକ ଅଧିସୂଚନା ସଂ. ୦୨/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୩୧।୦୩।୨୦୨୩ ଏବଂ ପ୍ରଧାନ ଅଧିସୂଚନା ସଂ. ୭୩/୨୦୧୭-କେନ୍ଦ୍ରୀୟ ଟିକସ ତାରିଖ: ୨୯।୧୨।୨୦୧୭ |
| ୨୦୧୭-୧୮ରୁ ୨୦୨୧-୨୨ ପର୍ଯ୍ୟନ୍ତ ଯେକୌଣସି ଆର୍ଥିକ ବର୍ଷ ପାଇଁ **ଫର୍ମ ଜିଏସ୍‌ଟିଆର୍-୯ରେ ବାର୍ଷିକ ରିଟର୍ନ ଦାଖଲ କରିବା ପାଇଁ ବିଳମ୍ବିତ ଶୁଳ୍କର ସର୍ବାଧିକ ସୀମା ₹୨୦,୦୦୦/-** (₹ ୧୦,୦୦୦/- ସିଜିଏସ୍‌ଟି + ₹୧୦,୦୦୦/- ଏସ୍‌ଜିଏସ୍‌ଟି) ନିର୍ଦ୍ଧାରିତ ହୋଇଛି, ଯଦି ରିଟର୍ନ ତା୩୧।୦୮।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇଥିବ। | ଅଧିସୂଚନା ସଂ. ୨୫/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୧୭।୦୭।୨୦୨୩ ସହିତ ପଠନପୂର୍ବକ ଅଧିସୂଚନା ସଂ. ୦୭/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୩୧।୦୩।୨୦୨୩ |
| **ଫର୍ମ ଜିଏସ୍‌ଟିଆର୍-୧୦ରେ ଚୂଡ଼ାନ୍ତ ରିଟର୍ନ ଦାଖଲ କରିବା ପାଇଁ ବିଳମ୍ବିତ ଶୁଳ୍କକୁ** ₹ ୧,୦୦୦/- (₹ ୫୦୦/- ସିଜିଏସ୍‌ଟି + ₹ ୫୦୦ ଏସ୍‌ଜିଏସ୍‌ଟି)କୁ ହ୍ରାସ କରାଯାଇଛି, ଯଦି ରିଟର୍ନ ତା୩୧।୦୮।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇଥିବ। | ଅଧିସୂଚନା ସଂ. ୨୬/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୧୭।୦୭।୨୦୨୩ ସହିତ ପଠନପୂର୍ବକ ଅଧିସୂଚନା ସଂ. ୦୮/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୩୧।୦୩।୨୦୨୩ |
| **ଯେଉଁ ପଞ୍ଜୀକୃତ ବ୍ୟକ୍ତିମାନଙ୍କ ପଞ୍ଜୀକରଣକୁ ରିଟର୍ନ ଦାଖଲ କରା ନ ଯିବା କାରଣରୁ ତା୩୧।୧୨।୨୦୨୨ରିଖ କିମ୍ବା ତାହା ପୂର୍ବରୁ ରଦ୍ଦ କରିଦିଆଯାଇଥିଲା,** ସେମାନେ ତା୩୧।୦୮।୨୦୨୩ରିଖ କିମ୍ବା ତାହା ପୂର୍ବରୁ ପଞ୍ଜୀକରଣ ରଦ୍ଦ କରାଯିବାର ପ୍ରଭାବୀ ତାରିଖ ପର୍ଯ୍ୟନ୍ତ ବିସ୍ତୃତ ସମସ୍ତ ରିଟର୍ନ ଦାଖଲ କରିବା ସହିତ ପୈଠଯୋଗ୍ୟ ଟିକସ, ସୁଧ, ଜରିମାନା ଏବଂ ବିଳମ୍ବିତ ଶୁଳ୍କ ପରିଶୋଧ କରିବା ପରେ ପଞ୍ଜୀକରଣ ରଦ୍ଦକୁ ପ୍ରତ୍ୟାହାର କରିବା ପାଇଁ ଦରଖାସ୍ତ ଦାଖଲ କରିପାରିବେ। | ଅଧିସୂଚନା ସଂ. ୨୩/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୧୭।୦୭।୨୦୨୩ ସହିତ ପଠନପୂର୍ବକ ଅଧିସୂଚନା ସଂ. ୦୩/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୩୧।୦୩।୨୦୨୩ |
| ବୈଧ ଫର୍ମ ଜିଏସ୍‌ଟିଆର୍-୩ବି ରିଟର୍ନ ଦାଖଲ କରା ନ ଯିବା କାରଣରୁ ତା୨୮।୦୨।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଜାରି କରାଯାଇଥିବା ବେଷ୍ଟ୍ ଜଜ୍‌ମେଣ୍ଟ ଆସେସ୍‌ମେଣ୍ଟ ଅର୍ଡରକୁ ଅପ୍ରଭାବୀ ବିବେଚନା କରାଯିବ, ଯଦି ଏଭଳି ରିଟର୍ନକୁ ତା୩୧।୦୮।୨୦୨୩ରିଖ କିମ୍ବା ତାହା ପୂର୍ବରୁ ପୈଠଯୋଗ୍ୟ ଟିକସର, ସୁଧ ଏବଂ ବିଳମ୍ବିତ ଶୁଳ୍କ ପରିଶୋଧ ସହିତ ଦାଖଲ କରିଦିଆଯାଏ। | ଅଧିସୂଚନା ସଂ. ୨୪/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୧୭।୦୭।୨୦୨୩ ସହିତ ପଠନପୂର୍ବକ ଅଧିସୂଚନା ସଂ. ୦୬/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୩୧।୦୩।୨୦୨୩ |

ଅଧିକ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

Central Board of Indirect Taxes and Customs
@cbic_india @cbicindia www.cbic.gov.in @cbic @cbicindia @CBIC INDIA

cbc 15502/13/0011/2324

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ଖୋର୍ଦ୍ଧା,୧୬।୮ (ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା କୋର୍ଟ ନିକଟସ୍ଥ ଏକ ଷ୍ଟ୍ରିଟଲାଇଟ ଖୁଣ୍ଟରେ କରେଣ୍ଟ ଚାର୍ଜ ହୋଇଥିବାବେଳେ ଏହା ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୁକୁନ୍ଦପ୍ରସାଦ ଅଞ୍ଚଳର ୱାସିମ ଖାଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବୁଧବାର ସାଢେ ୯ଟା ବେଳେ ଏହି ଘଟଣା ଘଟିଛି। ଏହାକୁ ନେଇ ଉତ୍ତେଜନା ଲାଗିରହିଥିଲା। ଘଟଣାରୁ ପ୍ରକାଶ ଯେ, ୱାସିମ ଡିଭାଇଡର ଓ ଖୁଣ୍ଟି ମଝିରେ ଥିବା ଫାଙ୍କ ଦେଇ ରାସ୍ତା ପାର ହେଉଥିବା ବେଳେ ଏହି ଅଘଟଣ ଘଟିଥିଲା। ସେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଆମ୍ବୁଲାନ୍ସକୁ ଫୋନ କରିଥିଲେ। ୧୦୮ ଆମ୍ବୁଲାନ୍ସ ପହଞ୍ଚି ୱାସିମଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରିବାର ଲୋକେ ମେଡିକାଲରେ ପହଞ୍ଚିଥିଲେ। ଦୀର୍ଘ ଦିନ ହେଲା ଏହି ରାସ୍ତାରେ ଷ୍ଟ୍ରିଟଲାଇଟ ଜଳୁ ନ ଥିଲା। ଅନ୍ୟ ପଟେ ଫାଙ୍କା ରାସ୍ତା ଦେଇ ଲୋକେ ଏପଟୁ ସେପଟକୁ ଯାତାୟାତ କରୁଛନ୍ତି। ଆଜିର ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କିପରି କରେଣ୍ଟ ଚାର୍ଜ ହେଲା, ଏନେଇ ପୌର ପ୍ରଶାସନ ଓ ବିଦ୍ୟୁତ ବିଭାଗ ଅବହେଳାକୁ ସାଧାରଣରେ ଦାୟୀ କରାଯାଇଛି।

### ସାପ କାମୁଡ଼ାରେ ଶିଶୁପୁତ୍ର ମୃତ

ଜଟଣୀ,୧୬।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଞ୍ଜାରୀ ପଞ୍ଚାୟତସ୍ଥ ରାଣୀପୁର ଗ୍ରାମରେ ସାପ କାମୁଡ଼ାରେ ଜଣେ ଶିଶୁପୁତ୍ରର ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଆଦିତ୍ୟ ମାହାନା(୫)। ସୂଚନା ଅନୁଯାୟୀ, ଆଦିତ୍ୟ ଘର ନିକଟରେ ଖେଳୁଥିବାବେଳେ ଏକ ସାପ କାମୁଡ଼ି ଦେଇଥିଲା। ପାଟିଶୁଣି ପରିବାର ଲୋକେ ଆସି ଆଦିତ୍ୟଙ୍କୁ ପ୍ରଥମେ ଖୋର୍ଦ୍ଧା ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଶିଶୁଟିର ମୃତ୍ୟୁ ହୋଇଥିବା ପରିବାର ଲୋକ ପ୍ରକାଶ କରିଛନ୍ତି।

### ଗରିବ ପିଲାଙ୍କ ଲାଗି ଖୋଲିଲା ସରସ୍ୱତୀ ସଂସ୍କାର କେନ୍ଦ୍ର

ବେଗୁନିଆ,୧୬।୮ (ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସ୍ଥାନୀୟ ରଘୁନାଥପୁର ଗ୍ରାମରେ ସରସ୍ୱତୀ ସଂସ୍କାର କେନ୍ଦ୍ର ମଙ୍ଗଳବାର ଶୁଭାରମ୍ଭ ହୋଇଯାଇଛି। ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଶିଶୁ ବିକାଶ ସମିତିର ଖୋର୍ଦ୍ଧା ଜଲା ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଖୋର୍ଦ୍ଧା ଜିଲା ସଙ୍କୁଳ ପ୍ରମୁଖ ନଳିନୀକାନ୍ତ ପଣ୍ଡା ମୁଖ୍ୟବକ୍ତା ଏବଂ ବିଶିଆପଡା ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷକ ଗୋରାଚାନ୍ଦ ରାୟ, ଉପସଭାପତି ରାଜଶ୍ରୀ ପଣ୍ଡା, ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ ଓ କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗରିବ ଆଦିବାସୀ ଓ ଅନୁନ୍ନତ ବର୍ଗ ପିଲାମାନେ କିଭଳି ପାଠ ପଢ଼ିବେ, ସେମାନଙ୍କ ଶିକ୍ଷାରେ ଉନ୍ନତି ପାଇଁ ଏହି ସଂସ୍କାର କେନ୍ଦ୍ର ସହଯୋଗ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ବିଦ୍ୱତ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ, ସମ୍ପାଦକ ଶ୍ରୀକାନ୍ତ ବାହିନୀପତି, ସଭ୍ୟ ସରୋଜ ମହାପାତ୍ର ଓ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### କେଜ୍‌ରିୱାଲଙ୍କ ଜନ୍ମଦିନରେ ଲାଗିଲା ୫୫ ଗଛ

ବୋଲଗଡ,୧୬।୮ (ଦେବବ୍ରତ ହୋତା)

ଆମ ଆଦମୀ ପାର୍ଟି ରାଷ୍ଟ୍ରୀୟ ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ୫୫ତମ ଜନ୍ମ ଦିବସ ଅବସରରେ ବୋଲଗଡ଼ ଅଞ୍ଚଳର ତାଙ୍କ ଶୁଭେଚ୍ଛୁମାନେ ୫୫ଟି ଗଛ ଲଗାଇ ଜନ୍ମଦିନ ପାଳନ କରିଛନ୍ତି । ବୋଲଗଡ଼ ବ୍ଲକ ପାଟପୁର ଶାସନ ବରଡାଳିଆ କଲ୍ୟାଣ ମଣ୍ଡପ ପରିସରରେ ଚିତ୍ତରଞ୍ଜନ ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିବେଶବିତ ବଂଶୀଧର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା କଳ୍ପତରୁ ପଣ୍ଡା ଉପସ୍ଥିତ ଥିଲେ। ପରେ ଯୁବକମାନେ ଚାରା ରୋପଣ କରିଥିଲେ ଓ ବିଶ୍ୱଜିତ ହୋତା ଗଛର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିଲେ। ଅକ୍ଷୟ ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।

# ଉନ୍ନତ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ବିଭାଗୀୟ ପ୍ରକ୍ରିୟା ଆରମ୍ଭ

## ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ

ବେଗୁନିଆ,୧୬।୮ (ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)କୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ(ପବ୍ଲିକ) ବିଜୟ କୁମାର ମହାପାତ୍ର ବୁଧବାର ପରିଦର୍ଶନରେ ଆସିଥିଲେ। ଅତିରିକ୍ତ ନିର୍ଦ୍ଦେଶକ, ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଆର୍ତ୍ତବନ୍ଧୁ ନାୟକ, ବୋଡକମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ. ଦେବାଶିଷ ଆଚାର୍ଯ୍ୟ, ବିପିଏମ୍ ଦିଲୀପ ସାହୁ, ପିଏଚ୍‌ଇଓ ପ୍ରଭାସିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳବାସୀଙ୍କୁ ମିଳୁଥିବା ରୋଗୀ ସେବା ସ୍ଥିତି ଅନୁଧାନ କରିବା ସହ ବିଭାଗୀୟ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଅଞ୍ଚଳବାସୀଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ ରହିଥିବା ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ପରିଣତ କରିବା ପାଇଁ ଆରମ୍ଭ ହୋଇଥିବା ବିଭାଗୀୟ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବାକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଉନ୍ନତ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଉପଯୁକ୍ତ ଯୋଗ୍ୟତା ଏବଂ ବୃହତ ଆକାରର ଜମି ଅଛି ନା ନାହିଁ ସେନେଇ ଅନୁଧାନ କରିଥିଲେ। ଏହି ଅବସରରେ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟିର ମିଳିତ ସଦସ୍ୟମାନେ ନିର୍ଦ୍ଦେଶକ ମହାପାତ୍ରଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବେଗୁନିଆ ବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ମାଧ୍ୟମରେ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ହୃଦୟଙ୍ଗମ କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରକ୍ରିୟା ଜାରି ରହିଛି ବୋଲି ନିର୍ଦ୍ଦେଶକ କହି ଅନ୍ୟ କଥାକୁ ଏଡାଇ ଦେଇଥିଲେ। କମିଟି ସଭାପତି ଲାଲା ଦିଲୀପ ରାୟ, ସମ୍ପାଦକ ଭାଗୀରଥି ପରିଡା, ପ୍ରକାଶ ଚନ୍ଦ୍ର ବଳିୟାର ସିଂହ, ଦେବାଶିଷ ସାହୁ , ସରପଞ୍ଚ ସତ୍ୟନାରାୟଣ ପ୍ରଧାନଙ୍କ ସହ ବହୁ ସଦସ୍ୟ ଭେଟିଥିଲେ। ସୂଚନାଥାଉକି, ବେଗୁନିଆ ବ୍ଲକବାସୀଙ୍କୁ ଜରୁରିକାଳୀନ ସାସ୍ଥ୍ୟ ସେବା ମିଳୁ ନ ଥିବା ନେଇ ଦୀର୍ଘ ବର୍ଷ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଛି। ହେଲେ ବିଭାଗୀୟ ଅଧିକାରୀ, ମନ୍ତ୍ରୀ କେହି ବି କର୍ଣ୍ଣପାତ କରୁନଥିଲେ। ତେବେ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ଗତ ମେ ୨୨ରୁ ଶାନ୍ତିପୂର୍ଣ୍ଣ ଅନଶନ କରାଯାଇଥିଲା। ପରେ ଜୁଲାଇ ୧୦ରେ ବେଗୁନିଆ ଚକ ଅଖ ବନ୍ଦ ଆନ୍ଦୋଳନ କରାଯାଇଥିଲା। ଏହାକୁ ସମାଧାନ କରିବାକୁ ଯାଇ ବିଭାଗୀୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ ହସ୍ତକ୍ଷେପ କରି ଉନ୍ନତ ସାସ୍ଥ୍ୟ ସେବା ଯୋଗାଇ ଦେବାକୁ ମୌଖିକ ପ୍ରତିଶ୍ରୁତି ଦେଇଥିଲେ।



ନିର୍ଦ୍ଦେଶକଙ୍କୁ ବେଗୁନିଆ ପିଏଚ୍‌ସି ପରିସରରେ କମିଟି ସଭ୍ୟମାନେ ଭେଟୁଛନ୍ତି।

# ଟ୍ରେନରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ମୃତଦେହକୁ ନ ରଖିବାକୁ ନେଇ ଅସନ୍ତୋଷ

ନିରାକାରପୁର,୧୬।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଅନ୍ତର୍ଗତ କାଇପଦର ଷ୍ଟେଶନ ନିକଟରେ ଏକ ଚଳନ୍ତା ଟ୍ରେନରେ ବୁଧବାର ସନ୍ଧ୍ୟାରେ ଯାତ୍ରା କରୁଥିବା ଜଣେ ମହିଳାଙ୍କ ସନ୍ଦେହକଜନକ ମୃତ୍ୟୁ ହୋଇଛି। ସେ ହେଲେ ଅରଗୁଳ ଅଞ୍ଚଳର ବିଷ୍ଣୁପ୍ରିୟା ସିଂ। ଖବର ଅନୁଯାୟୀ, ବିଷ୍ଣୁପ୍ରିୟାଙ୍କ ସ୍ୱାମୀ ଖୋର୍ଦ୍ଧା ରେଳବାଇ ମେଡିକାଲରେ ସ୍ୱାସ୍ଥ୍ୟାବସ୍ଥା କାରଣକୁ ନେଇ ଚିକିତ୍ସିତ ହେଉଥିବାବେଳେ ସେ ଦେଖିବାକୁ ଯାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ବୁଝି ବିଷ୍ଣୁପ୍ରିୟା କଟକରୁ ପଲାସା ଅଭିମୁଖେ ଯାଉଥିବା ପାସେଞ୍ଜର ଟ୍ରେନରେ ଜଟଣୀରୁ ଚଢ଼ି ନିଜ ଗାଁ ଅରଗୁଳ ଷ୍ଟେଶନରେ ଓହ୍ଲାଇବାର ଥିଲା। କିନ୍ତୁ ଅରଗୁଳ ଷ୍ଟେଶନ ଚାଲିଯିବା ପରେ ଟ୍ରେନରେ ପ୍ରବଳ ଭିଡ଼ ଯୋଗୁ କାଇପଦର ଷ୍ଟେଶନକୁ ଦେଖି ହଠାତ ସେ ତରବରିଆ ହୋଇ ଯିବାବେଳେ ଅଚାନକ ତଳେ ପଡ଼ି ଅଚେତ ହୋଇଯାଇଥିଲେ। ଏହାଦେଖି ପାଖରେ ଥିବା ରେଳଯାତ୍ରୀମାନେ ପାଣି ଛିଞ୍ଚିଲେ ମଧ ତାଙ୍କର ଚେତା ନ ଫେରିବାରୁ ମୃତ୍ୟୁ ହୋଇଥିବା ଅନୁମାନ କରିଥିଲେ। ତେବେ ଟ୍ରେନ ନିରାକାରପୁର ଷ୍ଟେଶନରେ ପହଞ୍ଚିବାରେ କେତେଜଣ ଯାତ୍ରୀ ମହିଳାଙ୍କ ସମ୍ପର୍କୀୟଙ୍କୁ ଜଣାଇବା ସହ ସ୍ଥାନୀୟ ଷ୍ଟେଶନ ମାଷ୍ଟର ଓ ରେଲୱେ ଫାଣ୍ଡିକୁ ଅବଗତ କରିଥିଲେ। ରେଲୱେ ଅଧିକାରୀ ଆସି ଦେଖିଥିଲେ ମଧ ବ୍ରହ୍ମପୁର ମେଡିକାଲକୁ ନେଇଯିବା ପାଇଁ କହିବାରୁ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପଟେ ମୃତଦେହକୁ ନିକଟସ୍ଥ ଖୋର୍ଦ୍ଧା ମେଡିକାଲ ନେବା ବଦଳରେ ଏଠାରୁ ବ୍ରହ୍ମପୁର ମେଡିକାଲକୁ ପଠାଇଥିବା କେତେଦୂର ଯଥାର୍ଥ ବୋଲି ମୃତ ମହିଳାଙ୍କ ଜ୍ୱାଇଁ ରାଜେଶ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏ ନେଇ ନିରାକାରପୁର ରେଳ ବିଭାଗ ପୋଲିସ ଫାଣ୍ଡି ଅଧିକାରୀ ପରକ୍ଷିତଙ୍କୁ ପଚାରିବାରୁ ପାଣ୍ଡିରେ ଫ୍ରିଜର ନଥିବା ସହ କର୍ମଚାରୀ ଅଭାବ ଯୋଗୁ ଏଠାରେ ରଖିଲି ନାହିଁ ବୋଲି କହିଥିଲେ। ତେବେ ରେଳ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ମୃତ ପରିବାରକୁ ସହଯୋଗ କରିବାକୁ ଦାବି ହେଉଛି। ଏତଦ ବ୍ୟତୀତ ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ହୀନତା ପ୍ରତି ରେଳ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ରେଳଯାତ୍ରୀଙ୍କ ପକ୍ଷରୁ ନିବେଦନ ହେଉଛି।

# ଶ୍ରମିକ କଂଗ୍ରେସ ଶାଖାର କର୍ମକର୍ତ୍ତା ନିର୍ବାଚନ



ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ଶ୍ରମିକ କଂଗ୍ରେସର ତିନିଟି ଶାଖାର କାର୍ଯ୍ୟକର୍ତ୍ତା ନିର୍ବାଚନ ଅବସରରେ ଉପସ୍ଥିତ ନବନିର୍ବାଚିତ ସଦସ୍ୟ।

ଜଟଣୀ,୧୬।୮ (ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ଶ୍ରମିକ କଂଗ୍ରେସର ତିନିଟି ଶାଖାର ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ ବୁଧବାର ହୋଇଯାଇଛି। ସ୍ଥାନୀୟ ପୌରାଞ୍ଚଳ ଟ୍ରାଫିକ କଲୋନୀସ୍ଥ ବିଜେବି ଇନଷ୍ଟିଚ୍ୟୁଟ ପରିସରରେ ଶ୍ରମିକ କଂଗ୍ରେସର ୩ଟି ଶାଖାର ୨ବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ସଭା କାର୍ଯ୍ୟରେ ପ୍ରତ୍ୟେକ ବ୍ରାଞ୍ଚର ସମ୍ପାଦକମାନେ ନିଜ କାର୍ଯ୍ୟକାଳ ସମ୍ପର୍କରେ ପାଠ କରିଥିଲେ। କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ପରେ ସାଧାରଣ ସମ୍ପାଦକ ସାହୁ ନୂତନ ଶାଖା ପରିଷଦ ନିର୍ବାଚନ କରିଥିଲେ। ନିର୍ବାଚନ କମିଶନର ଭାବେ କେନ୍ଦ୍ରୀୟ ପଦାଧିକାରୀ ଏମ. ଜି. କେ. ରାଓଙ୍କୁ ନୂତନ ପରିଷଦ ନିର୍ବାଚନ ନିମନ୍ତେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ନିର୍ବାଚନରେ ଓପନ ଲାଇନ ଶାଖା ସମ୍ପାଦକ ଭାବେ ଏଲ୍.ଡି. ମହାନ୍ତି ପୁନଃ ନିର୍ବାଚିତ ହୋଇଥିବାବେଳେ ସଭାପତି ଭାବେ ସତ୍ୟରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ମହମ୍ମଦ ମୁସ୍ତାକ ଅଲ୍ଲୀ, ଉପସଭାପତି ଭାବେ ଜି. ଆର୍. ମୋହନ ରାଓ, ଅଶ୍ୱିନ ସାହୁ, ସହ ସମ୍ପାଦକ ଭାବେ ପି. ରାଜା ରାଓ, ରାକେଶ ଘଡ଼େଇ, ତ୍ରିଲୋଚନ ବେହେରା, କେ.ତାରକେଶ୍ୱର ରାଓ, ସାଂଗଠନିକ ସମ୍ପାଦକ ଭାବେ ପ୍ରଦୀପ ସୁନ୍ଦରାୟ, ସୁନୀଲ ପରିଡ଼ା ପ୍ରମୁଖ ନିର୍ବାଚିତ ହୋଇଥିଲେ। କୋଷାଧ୍ୟକ୍ଷ ଭାବେ ଅକ୍ଷୟ କୁମାର ପ୍ରଧାନ ନିର୍ବାଚିତ ହୋଇଥିଲେ। ରନିଂ ବ୍ରାଞ୍ଚର ସମ୍ପାଦକ ପ୍ରଫୁଲ୍ଲ ବେହେରା, ସଭାପତି ସେକ ଅବଦୁଲ କଇମ, କୋଷାଧ୍ୟକ୍ଷ ଭାବେ ସୂର୍ଯ୍ୟକାନ୍ତ ସୁବୁଦ୍ଧି ନିର୍ବାଚିତ ହୋଇଥିଲେ। ହେଡ୍‌କ୍ୱାର୍ଟର ଶାଖାର ସମ୍ପାଦକ ଭାବେ ସୁଶାସନ ସାହୁ, ସଭାପତି ଭାବେ ଗୋପାଳ ଦାସ, କାର୍ଯ୍ୟକାରୀ ସଭାପତି ଭାବେ ରୁନି ବେହେରା ଓ କୋଷାଧ୍ୟକ୍ଷ ଭାବେ ରବିନ ପରିମାଣିକ, ସହ ସମ୍ପାଦିକା ଅର୍ପିତା ମହାନ୍ତି ନିର୍ବାଚିତ ହୋଇଥିଲେ। ସମସ୍ତ ନୂତନ ନିର୍ବାଚିତ କାର୍ଯ୍ୟକର୍ତ୍ତା କର୍ମଚାରୀଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ପାଇଁ ଶପଥ ନେଇଥିଲେ। ଏହି ନିର୍ବାଚନ କାର୍ଯ୍ୟକ୍ରମରେ ମଣ୍ଡଳ ସହ ସଂଯୋଜକ ସୁନୀଲ କୁମାର ଭଞ୍ଜ, କେନ୍ଦ୍ରୀୟ ପଦାଧିକାରୀ ପ୍ରମୋଦ କୁମାର ସାହାଣୀ, ସୁବ୍ରତ ପଣ୍ଡା, ତ୍ରିଲୋଚନ ମହାନ୍ତି, ଶରତ ପଣ୍ଡା, ଆଶୁତୋଷ ମହାନ୍ତି, ଆଶୁତୋଷ ବ୍ରହ୍ମା, ଭି.ଏସ୍ ପ୍ରସାଦ, ଅମିତ କୁମାର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଉଲ୍ଲେଖନୀୟ ସେବା ପାଇଁ ସମ୍ବର୍ଦ୍ଧିତ

ଖୋର୍ଦ୍ଧା,୧୬।୮ (ପ୍ରଭାତ ପାଣିଗ୍ରାହୀ):

ରୋଟାରୀ କ୍ଲବର ଅଧିଷ୍ଠାନ ଦିବସ ମଙ୍ଗଳା ନଗରସ୍ଥିତ ରୋଟାରୀ ଭବନ ପରିସରରେ ପାଳିତ ହୋଇଯାଇଛି। ଏଥିରେ ଜିଲା ଗଭର୍ନର ଯାଜ୍ଞଶିଷ ମହାପାତ୍ର, ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ସହକାରୀ ଗଭର୍ନର ବିଜୟ ପ୍ରହରାଜ, ପ୍ରତ୍ୟୁଷ ସାହା, ଖୋର୍ଦ୍ଧା ପୌରନିର୍ବାହୀ ଅଧିକାରୀ ରିଜୱାନା କ୍ୱବ, ସେକ ଇରଫାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରୋଟାରିଆନମାନେ ସମର୍ପିତ ଭାବେ ସମାଜର ସେବା କରିବାକୁ ଅତିଥିମାନେ କହିଥିଲେ। ଏହି ଅବସରରେ ଚିକିତ୍ସା କ୍ଷେତ୍ରରେ ଉତ୍ତମ ସେବା ପାଇଁ ଡିଏଚ୍‌ଏଚ୍‌ର ଷ୍ଟାଫନର୍ସ ମଞ୍ଜୁଲତା ବେହେରା, ପି.ଏନ୍. କଲେଜ +୨ ଟପ୍ପର ଛାତ୍ର ସୌମ୍ୟରଞ୍ଜନ ସାହୁ, ମହିଳା ମହାବିଦ୍ୟାଳୟର ସ୍ମରଣିକା ରଣା, ବିଜେବି ହାଇସ୍କୁଲ ଟପ୍ପର ପର୍ଶୁରାମ ମହାପାତ୍ର, ବାଳିକା ଉଚ୍ଚ ବିଦ୍ୟାଳୟର ଶ୍ରଦ୍ଧାସୁମନ ସେନ ସମେତ ଅନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଅଗ୍ନିଶମ ଓ ଡାକବିଭାଗ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ରୋଟାରିଆନ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ରୁଦ୍ରନାରାୟଣ ଦତ୍ତ, ସବ୍ୟସାଚୀ ଚକ୍ରବର୍ତ୍ତୀ, ତାପସ ବୋଷ, ଦେବ ପ୍ରସାଦ ମଜୁମଦାର, ମନୋଜ ପ୍ରଧାନ, ଡା. ଅମୀୟ ଜେନାମଣି, ସୁକାନ୍ତ ନାୟକ, ସଞ୍ଜୟ କୁମାର ବର୍ମନ, ସିଦ୍ଧାର୍ଥ ମିତ୍ର ଏବଂ ସୌମେନ୍ଦ୍ର ସୌମ୍ୟଦର୍ଶୀ ସାହୁ ପଅମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୬ଦଫା ଦାବି ନେଇ ଆଦିବାସୀଙ୍କ ତହସିଲ ଘେରାଉ

ଗମ୍ଭାରୀମୁଣ୍ଡା,୧୬।୮ (ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକର ଆଦିବାସୀ ଲୋକମାନେ ବୁଧବାର ୧୬ଦଫା ଦାବି ନେଇ ତହସିଲ ଓ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଏଥିସହ ଆଡିସନାଲ ତହସିଲଦାର ସାହୀନ ନାଜ ଓ ବିଡିଓ ଶୀତଲ ଅଗ୍ରୱାଲଙ୍କୁ ସେମାନଙ୍କ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ବ୍ଲକ ଅଧୀନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଦାମିଆ-ବରବରା ଓ ନୀଳାଦ୍ରି ପ୍ରସାଦ ପଞ୍ଚାୟତ ଥିବାବେଳେ ଏଥିରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଛୋଟ ବଡ଼ ଗାଁ ମାନ ରହିଅଛି। ଏହିସବୁ ଗାଁରେ ହଜାର ହଜାର ଆଦିବାସୀ ଲୋକ ବସବାସ କରୁଥିବାବେଳେ ମୌଳିକ ସୁବିଧା ସୁଯୋଗରୁ ପ୍ରାୟ ବଞ୍ଚିତ ରହୁଥିବା ନେଇ ୧୬ଟି ଅଭିଯୋଗ ଆଣିଛନ୍ତି ଆଦିବାସୀମାନେ। ଏହି ଅଭିଯୋଗ ମଧ୍ୟରେ ବିଶେଷ କରି ରାସ୍ତାଘାଟ ସମସ୍ୟା, ସରକାରୀ ସୁବିଧା ନ ମିଳିବା ଓ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ସବୁ ମୁଖ୍ୟ ସମସ୍ୟା ରହିଛି। ଏହିସବୁର ସମାଧାନ ପାଇଁ ଆଦିବାସୀମାନେ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି। ଶେଷରେ ୨ଟି ପଞ୍ଚାୟତର ସହ ସହ ଆଦିବାସୀ ଲୋକମାନେ ଯଥା ଚାଷୀ ମୁଲିଆ ସଂଘ ଓଡ଼ିଶା ପକ୍ଷରୁ ନିଜ ନିଜ ଦାବିନେଇ ତହସିଲ ଓ ବ୍ଲକ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତାଘାଟ, ବିଦ୍ୟୁତ୍, ପାନୀୟ ଜଳ ଭଳି ମୁଖ୍ୟ ସମସ୍ୟାଗୁଡ଼ିକୁ ପ୍ରାଥମିକ ସ୍ତରରେ ତୁରନ୍ତ ସମାଧାନ କରିବା ପାଇଁ . ଆଡିସିନାଲ ତହସିଲଦାର ଓ ବିଡିଓଙ୍କ ନିକଟରେ ସେମାନେ ଦାବି କରିଛନ୍ତି। ଯଦି ପ୍ରଶାସନ ଏଥର ମଧ ନ ଶୁଣିବେ, ତେବେ ଆଗାମୀ ଦିନରେ ବାଧ ହୋଇ ରାଜରାସ୍ତାକୁ ଆଦିବାସୀମାନେ ଓଲ୍ହାଇବେ ବୋଲି ଚାଷୀ ମୁଲିଆ ସଙ୍ଘ, ଓଡ଼ିଶାର ରାଜ୍ୟ କମିଟିର ନିରାକାର ନାୟକ ଚେତାବନୀ ଦେଇଛନ୍ତି।

## ପି.ଏନ୍. କଲେଜରେ ପ୍ରଦୋଷ ପଟ୍ଟନାୟକ ସମ୍ବର୍ଦ୍ଧିତ

ଖୋର୍ଦ୍ଧା,୧୬।୮ (ପ୍ରଭାତ ପାଣିଗ୍ରାହୀ):

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ 'ମୋ ଦେଶ, ମୋ ମାଟି' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ଅଜନ୍ତା ଶତପଥୀ ଅଧ୍ୟକ୍ଷତା କରିଥିଲେ। କଲେଜର ଜାତୀୟ ସେବା ଯୋଜନା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକଙ୍କ ପୁତ୍ର ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଧାୟକ ତଥା କଲେଜ ପରିଚାଳନା ସମିତି ସଭାପତି ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରିଣୀ ଅଳିଭା ବେହୁରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ସୁକୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ଶିବିର

## ୪୩ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ

ଟାଙ୍ଗୀ(ଖୋର୍ଦ୍ଧା)୧୬।୮ (ରଘୁନାଥ ସାହୁ)

ଟାଙ୍ଗୀ ରତ୍ନମାଳି ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପରେ ବୁଧବାର ଭୁବନେଶ୍ୱର ଯୁଗ୍ମ ଶ୍ରମ ଆୟୁକ୍ତ ଆନୁକୂଲ୍ୟରେ ଏକ ନିର୍ମାଣ ଶ୍ରମିକ କଲ୍ୟାଣ ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜିକୃତ ୨୧ଜଣ ଶ୍ରମିକଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ୩ ଲକ୍ଷ ୮୦ ହଜାର, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ୧ ଲକ୍ଷ ୫ ହଜାର, ୫ଜଣଙ୍କୁ ବିବାହକାଳୀନ ସହାୟତା ୨ଲକ୍ଷ ୫୦ ହଜାର, ୫ଜଣଙ୍କୁ ପ୍ରସବ କାଳୀନ ସହାୟତା ୫୦ ହଜାର, ୩୫ ଜଣଙ୍କୁ ୧ଲକ୍ଷ ୪୮ହଜାର ୪୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଓଡ଼ିଶା ନିର୍ମାଣ ଶ୍ରମିକ ବୋର୍ଡର ଅଧ୍ୟକ୍ଷା ଶ୍ରୀମତୀ ମିଶ୍ର, ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨୮୧ଜଣ ଶ୍ରମିକଙ୍କୁ ପଞ୍ଜୀକରଣ ପତ୍ର ପ୍ରଦାନ କରାଯାଇଥିଲା। ଶ୍ରମ ଅଧିକାରୀ ପ୍ରଣବ କୁମାର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବାଲୁଗାଁ ସହ ଶ୍ରମ ଅଧିକାରୀ ଚନ୍ଦନ ମାଝୀ ଧନ୍ୟବାଦ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ ଜଣେ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

# ସବୁଠି ଉଡ଼ିଲା ତ୍ରିରଙ୍ଗା

ଖୋର୍ଦ୍ଧା,୧୬।୮ (ପ୍ରଭାତ ପାଣିଗ୍ରାହୀ):

ଖୋର୍ଦ୍ଧାର ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନ ପକ୍ଷରୁ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧା ସାମ୍ବାଦିକ ଭବନରେ ଈଶ୍ୱର ମଙ୍ଗରାଜ, ଓୟୁଜେରେ ଜିଲା ସଭାପତି ତପନ କୁମାର ନାୟକ, ଓୟୁଡବ୍ଲ୍ୟୁଜେରେ ପ୍ରକାଶ ହାତୀ, ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଉଦ୍ୟାନ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଉର୍ମିଳା ମହାପାତ୍ର, କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ସ୍ମାରକୀ ନିର୍ମାଣସ୍ଥଳରେ ସଭାପତି ଭୀମସେନ ପ୍ରଧାନ, ଖୋର୍ଦ୍ଧା ଜିଲା କ୍ରୀଡା ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଟାଙ୍ଗିଆପଡା ପଞ୍ଚାୟତ ଅରାଙ୍ଗ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶିବରାମ ବେହେରା, ଜୟୀ ରାଜଗୁରୁ ଓ ଜେମାଦେଈ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାବିତ ଗୌରହରି ମିଶ୍ର, ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ପତାକା ଉତ୍ତୋଳନ କରିଥିଲେ। କଂଗ୍ରେସ କାର୍ଯ୍ୟାଳୟରେ ଦଳୀୟ ନେତା ଶିଶିର ପରିଡା, ପଦ୍ମଚରଣ ରାୟ, ରଣଜିତ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପୂର୍ବତନ ଭାରତୀୟ ସୈନିକ ସଂଘ ଏବଂ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ଉତ୍ସବରେ ଯଥାକ୍ରମେ ଅନାଥବନ୍ଧୁ ଦାସ ଓ ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂ ପତାକା ଉତ୍ତୋଳନ କରି ଶହୀଦ ଓ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଖୋର୍ଦ୍ଧାଗଡ଼ରେ ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସାମାଜିକ କର୍ମୀ ନରେନ୍ଦ୍ର ପୃଷ୍ଟିଙ୍କ ସମେତ ମହାବୀର କ୍ଲବ ଓ ଖୋର୍ଦ୍ଧା ବିକାଶ ମଞ୍ଚ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିକାଶ ନଗର ନାଗରିକ ପରିଷଦ ପକ୍ଷରୁ ଆୟୋଜିତ ଉତ୍ସବରେ ସଭାପତି ବି.ବି. ରାୟ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ମନ୍ମଥ ମିଶ୍ର, ପ୍ରଦୀପ୍ତ ସାହୁ, ଆଦ୍ୱୈତ ସ୍ୱାଇଁ, ଫକିର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମା' ଦକ୍ଷିଣକାଳୀ କ୍ଲବ ସରପାରୀ ଓ ଗୋଳବାଇଠାରେ ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାପତି ବାସନ୍ତୀ ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। ଦେଶର ସର୍ବାଙ୍ଗୀନ ବିକାଶ ଦିଗରେ ସହଭାଗୀ ହେବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହିତ ସମସ୍ତ ବିଦ୍ୟାଳୟ, କଲେଜ, ସାମାଜିକ ଅନୁଷ୍ଠାନ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ସବୁଠି ଉତ୍ସାହ ଭରି ରହିଥିଲା।

## ବିତରକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ



ଖୋର୍ଦ୍ଧା,୧୬।୮ (ପ୍ରଭାତ ପାଣିଗ୍ରାହୀ):

ଖୋର୍ଦ୍ଧାର ମା' ବରୁଣେଇ ଖବରକାଗଜ ବିତରକ ସଂଘ ଆନୁକୂଲ୍ୟରେ ମଙ୍ଗଳବାର ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ବିତରକ ଘନଶ୍ୟାମ ସାମଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେବାକୁ ସେ କହିଥିଲେ। ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ଶହୀଦ ଓ ବରପୁତ୍ରଙ୍କୁ ଯଥୋଚିତ ସମ୍ମାନ ସହ ଦେଶର ପ୍ରଗତିରେ ସହାୟକ ହେବାକୁ ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଖବରଦାତା ପ୍ରଭାତ ପାଣିଗ୍ରାହୀ, ବରିଷ୍ଠ ବିତରକ କୁମର ବେହେରା, ଧନେଶ୍ୱର ସାହୁ, ଗଣେଶ ପାଢଶାଣୀ, ସୁନ୍ଦର ବେହେରା, ଜିତେନ୍ଦ୍ର ବେହେରା, ଅଜିତ ଭୋଇ, ସୁଦର୍ଶନ ବେହେରା, ଦୀପକ ସାମନ୍ତରାୟ, ସୁମନ୍ତ ସାହୁ, ବିକାଶ ମେଣ୍ଟା, ଡମ୍ବୁରୁଧର ନାୟକ, ସଦାଶିବ ବେହେରା, ଜିତନ ବେହେରା, ଧର୍ମାନନ୍ଦ ସେଠୀ, ତ୍ରିଲୋଚନ ସାହୁ,ପ୍ରକାଶ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୪ଜଣଙ୍କୁ ଗୁରୁ ନିରଞ୍ଜନ ରାଉତ ପ୍ରତିଭା ସମ୍ମାନ

**୨ଦିନିଆ ମହ୍ଲାର ମହୋତ୍ସବ ଆରମ୍ଭ**

**ଭୁବନେଶ୍ୱର,୧୬।୮(ଶର୍ମିଷ୍ଠା ପାଣିଗ୍ରାହୀ):** ନୂପୁର ପକ୍ଷରୁ ୨ଦିନିଆ ମହ୍ଲାର ମହୋତ୍ସବ – ୨୦୨୩ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାରେ ଅତିଥିଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ପ୍ରଖ୍ୟାତ ଓଡ଼ିଶୀ କଣ୍ଠ ସଙ୍ଗୀତ ଗୁରୁ ପ୍ରାଧ୍ୟାପକ ରାମହରି ଦାସ, ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ଡ. ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ଆଲୋକ କାନୁନ୍‌ଗୋ, ସୁରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୃତ୍ୟପାଇଁ ଜାତୀୟ ବୃତ୍ତି ଲାଭ କରିଥିବା ଚାରିଜଣ ଛାତ୍ରୀ ଆକାଂକ୍ଷା ଦାଶ, ସସ୍ମିତା ବେହେରା, ଶ୍ରେୟଶ୍ରୀ ମହାରଣା ଓ ଦେବାଂଶୀ ଗାନ୍ଧୀଙ୍କୁ ଗୁରୁ ନିରଞ୍ଜନ ରାଉତ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ସୋନାଲି ମହାପାତ୍ର ଏକକ ନୃତ୍ୟରେ ଅଭିନୟ 'କେତେ ଛନ୍ଦ ଜାଣେଲୋ ସଖୀ.... ପରିବେଷଣ କରିଥିବାବେଳେ କୋଲକାତାର ନିବେଦିତା ଦେଓଦତ୍ତ ଗୁରୁ ଆଲୋକା କାନୁନ୍‌ଗୋଙ୍କ ନିର୍ଦ୍ଦେଶନାରେ କୁଚିପୁଡ଼ି ନୃତ୍ୟ ପରିବେଷଣ କରିଥିଲେ। ଆନ୍ଧ୍ରପ୍ରଦେଶର ରାଧେଶ୍ୟାମ ତରାଇ ଏକ କୁଚୁପୁଡ଼ି ନୃତ୍ୟ ପ୍ରଦର୍ଶିତ କରିଥିଲେ। ସନ୍ଧ୍ୟା ଆରମ୍ଭରେ ଦଳଗତ ଓଡ଼ିଶୀ ନୃତ୍ୟ ଉପସ୍ଥାପିତ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରତିଷ୍ଠାତା ଗୁରୁ ରାଉତଙ୍କ ତତ୍ତ୍ୱାବଧାନରେ ଡ଼. ଶ୍ରୀନିବାସ ଘଟୁଆରୀ (ମିଲନ୍) ସଂଯୋଜନା କରିଥିଲେ।

### ନନ୍ଦନକାନନକୁ ଆସିଲା ୩ ଉଦ୍ଧାର ଶାରୀ

**ବାରଙ୍ଗ,୧୬।୮(ଲିଙ୍ଗରାଜ ରାଉତ):** ରାଉରକେଲା ଅଞ୍ଚଳରେ ତିନି ଶାରୀଙ୍କୁ ଚୋରାରେ ଚାଲାଣ ପାଇଁ ମୂଲଚାଲ ଚାଲିଥିଲା। ବିଶେଷ ସୂତ୍ରରୁ ଖବର ପାଇ ରାଉରକେଲା ଡିଭିଜନର ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଶାରୀଙ୍କୁ ଜବତ କରିଥିଲେ। ଏହାପରେ ଜବତ ହୋଇଥିବା ଶାରୀଙ୍କୁ ବୁଧବାର ନନ୍ଦନକାନନକୁ ଆଣି ଛାଡିଛନ୍ତି। ନନ୍ଦନକାନନ ଡାକ୍ତରମାନେ ଶାରୀଙ୍କୁ ନନ୍ଦନକାନନର ବନ୍ୟପ୍ରାଣୀ ଚିକିତ୍ସାଳୟରେ ତା'ର ପ୍ରାଥମିକ ଚିକିତ୍ସା କରାଯିବା ପରେ କ୍ୱାରେଣ୍ଟାଇନର ପୃଥକୀକରଣ ଏନକ୍ଲୋଜରରେ ଛାଡିଛନ୍ତି। ଉଦ୍ଧାର ଶାରୀଙ୍କର ଲିଙ୍ଗ ଚିହ୍ନଟ ହୋଇ ନଥିବାବେଳେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ଆଶାଶୀତ ଭାବେ ବୃଦ୍ଧିପାଇଛି। ତେବେ ଶାରୀ ତିନୋଟି ସୁସ୍ଥ ଥିବା ବିଶେଷ ସୂତ୍ରରୁ ଜଣାପଡିଛି।

### ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

**ବାରଙ୍ଗ,୧୬।୮(ଲିଙ୍ଗରାଜ ରାଉତ):** ବାରଙ୍ଗରେ ଥିବା ମାଇ ଟ୍ୟାଲେଣ୍ଟ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ମଙ୍ଗଳବାର ରାତିରେ ବାରଙ୍ଗସ୍ଥିତ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳିଙ୍ଗ ହସ୍ପିଟାଲର ସହନିର୍ଦ୍ଦେଶକ ଜ୍ଞାନେନ୍ଦୁ ମହାପାତ୍ର, କୁଞ୍ଜବିହାରୀ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପିକା ଲକ୍ଷ୍ମିପ୍ରିୟା ସ୍ୱାଇଁ, ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତଥା ୨୦୧୦ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ରଶ୍ମି ଅଗ୍ରୱାଲା ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ନବାଗତ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷାନୁଷ୍ଠାନରେ ପାଠପଢି ଯୁକ୍ତ୩ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ବାଣିଜ୍ୟ ବିଭାଗରେ ଅଧିକ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବା ଶୁଭଲକ୍ଷ୍ମୀ ସାହୁ, ରାଜକିଶୋର ସୁବୁଦ୍ଧିଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ମନୋଜ ଅଗ୍ରୱାଲା, ରାଜ ଅଗ୍ରୱାଲା, କମଲ ଅଗ୍ରୱାଲାଙ୍କ ସମେତ ଅଭିଭାବକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# କାଖରେ ଚାପି ହତ୍ୟା କରିଥିଲେ

**ପଣ୍ଡାପାର୍କ ବସ୍ତି ନିକଟରୁ ନାବାଳକଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାଶ**

■ ୧୪ ମାସ ପରେ ଗଞ୍ଜାମରୁ ଅଭିଯୁକ୍ତ ଅଶୋକ ଗିରଫ

**ଭୁବନେଶ୍ୱର,୧୬।୮ (ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱର ନୀଳାଦ୍ରିବିହାର ପଣ୍ଡାପାର୍କ ବସ୍ତି ନିକଟ ଏକ ଖାଲରୁ ନାବାଳକ ଦୈତ୍ୟରାଜ ନାୟକଙ୍କ ମୃତଦେହ ଘଟଣାର ପର୍ଦ୍ଦାଫାଶ କରିଛି ଚନ୍ଦ୍ରଶେଖର ପୋଲିସ। ଦୈତ୍ୟରାଜଙ୍କୁ ହତ୍ୟା କରାଯାଇଥିବା ପ୍ରମାଣ ମିଳିବା ପରେ ଫେରାର ଥିବା ହତ୍ୟାକାରୀଙ୍କୁ ୧୪ ମାସ ପରେ ଗଜପତି ଜିଲାରୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଞ୍ଚଳର ଅଶୋକ ଜେନା (୨୭)। ଟଙ୍କା ନ ଫେରାଇବାରୁ ଅଭିଯୁକ୍ତ ଅଶୋକ ଉତ୍‌କ୍ଷିପ୍ତ ହୋଇ ଦୈତ୍ୟରାଜଙ୍କ ଗଳାକୁ କାଖରେ ଚିପି ହତ୍ୟା କରିଥିବା ତଦନ୍ତବେଳେ ଜଣାପଡିଛି। ଅଭିଯୁକ୍ତ ଅଶୋକଙ୍କୁ ମଙ୍ଗଳବାର ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଅଭିଯୁକ୍ତ ଅଶୋକ ଜଣେ ଦିନ ମଜୁରିଆ। ସେ ଓ ଦୈତ୍ୟରାଜ ଗୋଟିଏ ବସ୍ତିରେ ରୁହନ୍ତି। ଅଶୋକ ନିୟମିତ ବ୍ୟାୟାମ କରୁଥିବାରୁ ଦୈତ୍ୟରାଜ ତାଙ୍କ ଘରକୁ ବ୍ୟାୟାମ ଶିଖିବା ପାଇଁ ଯାଉଥିଲେ। ହେଲେ ଅଶୋକ ଶୌଚ ହେବାକୁ ଯାଇଥିବାବେଳେ ଦୈତ୍ୟରାଜ ତାଙ୍କ ଆଲମାରିରୁ ଟଙ୍କା କାଢି ନେଇଥିଲେ। ଉକ୍ତ ଟଙ୍କା ଫେରାଇବାକୁ ଅଶୋକ ତାଙ୍କୁ କହିଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ଏଥିରେ ଅଭିଯୁକ୍ତ ଅଶୋକ ରାଗିଯାଇ ଦୈତ୍ୟଙ୍କ ଗଳାକୁ କାଖରେ ଚିପି ଧରିବାରୁ


ଅଶୋକ ଜେନା

ସେ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କର ମୃତ୍ୟୁ ହୋଇଥିବା ଜାଣିବା ପରେ ଅଭିଯୁକ୍ତ ମୃତଦେହକୁ ଲୁଚାଇବାକୁ ଉଦ୍ୟମ କରିଥିଲେ। ତାଙ୍କ ପୋଷାକକୁ ଏଟିଏମ ଛକ ନିକଟ ବ୍ରିଜ୍ ତଳ ଓ ମୃତଦେହକୁ ପାର୍କ ନିକଟ ଏକ ଖାଲରେ ଫୋପାଡି ଦେଇଥିଲେ। ଗତବର୍ଷ ଜୁନ୍ ୧୬ରେ ଦୈତ୍ୟରାଜଙ୍କ ଗଳିତ ମୃତଦେହକୁ ଉଦ୍ଧାର କରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିଲା। ତାଙ୍କ ଗୁପ୍ତାଙ୍ଗଙ୍କୁ ମାଡ ମାରି ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। କିନ୍ତୁ ବ୍ୟବଚ୍ଛେଦ ରିପୋର୍ଟରେ ଦୈତ୍ୟରାଜଙ୍କ ଶରୀରରେ କୌଣସି ବାହ୍ୟ ଆଘାତ ନ ଥିବା ସେତେବେଳେ ଡିସିପି ପ୍ରତୀକ ସିଂ କହିଥିଲେ। ଫଳରେ ମୃତ୍ୟୁକୁ ନେଇ ରହସ୍ୟ ଲାଗି ରହିଥିଲା। ଅଭିଯୁକ୍ତ ଅଶୋକ ସ୍ଥାନୀୟ ଅଞ୍ଚଳରୁ ଫେରାର ହୋଇଯାଇଥିବାରୁ ପୋଲିସ ସନ୍ଦେହ କରି ତାଙ୍କୁ ଧରିବାକୁ ଉଦ୍ୟମ କରିଥିଲା। ଅଭିଯୁକ୍ତ ପ୍ରଥମେ ନିଜ ଗାଁକୁ ଯାଇଥିଲେ ଓ ସେଠାରୁ ଚେନ୍ନାଇ ଯାଇ ନିଜର ମୋବାଇଲ ଫୋନ୍‌କୁ ବିକି ଦେଇଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶା ଫେରି ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଜୁବାରେ ରହିଥିଲେ। ପୋଲିସ ସୂଚନା ପାଇବା ପରେ ସେଠାରୁ ଅଶୋକଙ୍କୁ ଗିରଫ କରିଥିଲା।


ଭୁବନେଶ୍ୱର ଏମ୍‌ସର ପ୍ରତିଷ୍ଠାତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଅବସରରେ ଏମ୍‌ସ ପରିସରରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

## ଏମ୍‌ସ ପକ୍ଷରୁ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୧୬।୮(ଅଭିଜିତ ଦାସ)**

ଭୁବନେଶ୍ୱର ଏମ୍‌ସର ପ୍ରତିଷ୍ଠାତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଅବସରରେ ଏମ୍‌ସ ପରିସରରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ସର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ଶ୍ରଦ୍ଧାଞ୍ଜଳି ଦେବା ସହ ବାଜପେୟୀଙ୍କ ସ୍ମୃତିକୁ ମନେ ପକାଇ କହିଥିଲେ ଯେ, ବାଜପେୟୀଙ୍କ ଦ୍ୱାରା ଭୁବନେଶ୍ୱର ଏମ୍‌ସ ପ୍ରତିଷ୍ଠା ହୋଇପାରିଥିଲା। ବର୍ତ୍ତମାନ ଭୁବନେଶ୍ୱର ଏମ୍‌ସ ପୂର୍ବ ଭାରତର ଏକ ବିଶ୍ୱସନୀୟ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ପରିଣତ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡାକ୍ତର ଦିଲ୍ଲୀପ କୁମାର ପରିଡା, ଡିନ୍ ପି.ଆର୍ ମହାପାତ୍ର, ସତ୍ୟଜିତ ମିଶ୍ର, ସୌଭାଗ୍ୟ ଜେନା, ପ୍ରଭାସ ରଞ୍ଜନ ତ୍ରିପାଠୀ, ଭାରପ୍ରାପ୍ତ ଡିଡିଏ ରଶ୍ମିରଞ୍ଜନ ସେଠୀ ସହ ଏମ୍‌ସ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ପଶ୍ଚିମବଙ୍ଗର ୩ ଯୁବକ ଗିରଫ


ଗିରଫ ଅଭିଯୁକ୍ତ।

**ମ୍ୟାଜିକ ମିରର ନାଁରେ ୯ ଲକ୍ଷ ଠକେଇ**

■ ପ୍ରଲୋଭିତ କରିବା ପାଇଁ ନିଜେ ବିକ୍ରେତା, କ୍ରେତା ସାଜିଥିଲେ


ଜବତ କାର, ଟଙ୍କା ଓ ମୋବାଇଲ।

**ଭୁବନେଶ୍ୱର,୧୬।୮ (ସୂର୍ଯ୍ୟକାନ୍ତ ବେହେରା)**

ମ୍ୟାଜିକ ମିରର ନାଁରେ ୯ ଲକ୍ଷ ଠକେଇରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିବା ସହ ଏହି ର୍‍ୟାକେଟର ପର୍ଦ୍ଦାଫାସ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗର ପାର୍ଥ ସିଂରେ, ମଳୟ ସରକାର ଓ ସୁଦିପ୍ତ ସିହ୍ନା ରାୟ । ଏମାନଙ୍କଠାରୁ ଗୋଟିଏ କାର, ନଗଦ ୨୮ ହଜାର ଟଙ୍କା, ୫ଟି ମୋବାଇଲ, ବ୍ୟାଙ୍କ୍ ଏଗ୍ରିମେଣ୍ଟ ପେପର ଜବତ କରାଯିବା ସହ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଜବତ ପରେ ଫ୍ରିଜ୍ କରାଯାଇଛି। ମ୍ୟାଜିକ ମିରର କିଣିଲେ ରାତାରାତି କୋଟିପତି ହେବାର ସ୍ୱପ୍ନ ଦେଖାଇ କାନପୁରର ଅବନୀଶ ଶୁକ୍ଳାଙ୍କଠାରୁ ୯ ଲକ୍ଷ ଠକି ନେଇଥିବା ଅଭିଯୋଗ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅଭିଯୁକ୍ତମାନେ ଠକିବା ପାଇଁ ନିଜେ ବିକ୍ରେତା, କ୍ରେତା ଏବଂ ଆଣ୍ଟିକ ମ୍ୟାଜିକ ଦର୍ପଣର ପରୀକ୍ଷକ ସାଜି ସାଧାରଣ ଲୋକଙ୍କୁ ପ୍ରଲୋଭିତ କରିଥିଲେ। ଏହି ମ୍ୟାଜିକ ଦର୍ପଣର ମୂଲ୍ୟ ବାହାରେ କୋଟି କୋଟି ଟଙ୍କା ହେବ। ଏହା ସାମ୍ନାରେ ଯଦି କୌଣସି ବ୍ୟକ୍ତି ଛିଡା ହୁଅନ୍ତି ତା'ହେଲେ ସେ ଉଲଗ୍ନ ଦେଖାଯିବେ, ଆଉ ଦର୍ପଣର ନିକଟର ହେଲେ କଙ୍କାଳ ପରି ଦେଖାଯିବ ଏବଂ ପୂରା ପାଖକୁ ଗଲେ ତା'ହେଲେ ଉଭାନ ହୋଇଯିବେ ବୋଲି କହି ଭୂଆଁ ବୁଲାଇଥିଲେ। ସେହିପରି ଏହା ସହ ରେଡିଓ କାର୍ଯ୍ୟକଳାପ ଓ ଏକ ବୈଦ୍ୟୁତିକ ବଲବ୍ସ ଲାଇଟ୍ ସଂଯୋଗ କରିଯାଇଥିବା ଜଣାଇଥିଲେ। ତେଣୁ ଶୁକ୍ଳା ଏହି ଦର୍ପଣକୁ କିଣି ବାହାରେ ବିକ୍ରି କରିବାକୁ ଯୋଜନା କରି ଭୁବନେଶ୍ୱରରେ ରହୁଥିବା ଅଭିଯୁକ୍ତଙ୍କ ପାଖକୁ ଆସିଥିଲେ। ହେଲେ ଅଭିଯୁକ୍ତମାନେ ପ୍ରଥମେ ପ୍ରୋସେସିଂ ବାବଦକୁ ୯ ଲକ୍ଷ ଟଙ୍କା ଅଗ୍ରୀମ ବାବଦକୁ ତାଙ୍କଠାରୁ ନେଇଥିଲେ। ପରବର୍ତ୍ତୀ ସମୟରେ ଏହା ଠକ ସଂସ୍ଥା ଜାଣିବା ପରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଡେଙ୍ଗୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସମୀକ୍ଷା

**ଭୁବନେଶ୍ୱର,୧୬।୮(ଅନୁରାଧା ମହାରଣା)**

ଭୁବନେଶ୍ୱର ମହାଗନର ନିଗମ (ବିଏମ୍‌ସି) ଅଞ୍ଚଳରେ ଦିନକୁ ଦିନ ଡେ଼ଙ୍ଗୁ ସଂକ୍ରମଣ ବଢ଼ିଚାଲିଛି। ତେବେ ଏଥିରେ ଲଗାମ ଲଗାଇବା ପାଇଁ ବିଏମସି ବୁଧବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଡେଙ୍ଗୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ପୂର୍ବକ କମିଶନର ବିଜୟ ଅମୃତା କୁଲାଙ୍ଗେ କହିଲେ ଯେ ଡେଙ୍ଗୁ ନିୟନ୍ତ୍ରଣକ ରିବା ପାଇଁ ଯାହା ଯାହା ପଦକ୍ଷେପ ନିଆଯାଇଛି, ତାହାକୁ ଅଧିକ ଗତିଶୀଳ କରାଇବା ଦରକାର । ବୈଠକରେ ହୋଇଥିବା ଆଲୋଚନା ଅନୁସାରେ ଚଳିତ ବର୍ଷ ଅଧିକ ରକ୍ତ ନମୁନା ପରୀକ୍ଷା କରାଯାଇଛି। ଅଗଷ୍ଟ ୧୪ ତାରିଖ ସୁଦ୍ଧା ବିଏମ୍‌ସି ଅଞ୍ଚଳରୁ ୧୦ହଜାର ୨୮୮ଟି ରକ୍ତ ନମୁନା ପରୀକ୍ଷା କରାଯାଇଥିବା ବେଳେ ସେଥିରୁ ୧୧୬୪ଜଣଙ୍କ ଠାରେ ଡେଙ୍ଗୁ ପଜେଟିଭ୍ ଥିବା ଚିହ୍ନଟ କରାଯାଇଛି। ଏହା ଟେଷ୍ଟ ପଜିଟିଭ ରେଟ୍ ଚଳିତ ବର୍ଷ ପ୍ରାୟ ୧୧ ପ୍ରତିଶତ ଥିବାବେଳେ ପୂର୍ବ ଦୁଇ ବର୍ଷତୁଳନାରେ ଏହା କମ୍ ବୋଲି ଦର୍ଶାଯାଇଉଛି । ୨୦୨୨ରେ ଏହା ୧୯ ଏବଂ ୨୦୨୧ରେ ଏହା ୨୪ ପ୍ରତିଶତ ରହିଥିଲା । ଚଳିତ ମାସ ୧୪ ତାରିଖ ସୁଦ୍ଧା ଚିହ୍ନଟ ଡେଙ୍ଗୁ ପଜିଟିଭଙ୍କ ମଧ୍ୟରୁ ୪୭୧ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାବେଳେ ୪୨୧ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବର୍ତ୍ତମାନ ମଧ୍ୟ ୫୦ ଜଣରୋଗୀ ଚିକିତ୍ସାଧୀନ ଅଛନ୍ତି। ଡେଙ୍ଗୁକୁ ନିୟନ୍ତ୍ରଣକରିବା ପାଇଁ ବିଏମ୍‌ସି ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଯଥା ମଶା ଉତ୍ପତ୍ତିସ୍ଥଳ ଚିହ୍ନଟ କରିବା ଏବଂ ସେଗୁଡିକୁ ନଷ୍ଟ କରିବା, ମଶାତେଲ, ମଶା ଧୂଆଁ, ଘାସକଟା ଆଦି କାମକୁ ବ୍ୟାପକ କରାଇବା ସହ ତଥ୍ୟ ଉପସ୍ଥାପନା କରିଥିଲେ । ଶିକ୍ଷାନୁଷ୍ଠାନଗୁଡିକରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଛି। । ତେବେ ଘର ଘର ସଂପର୍କ ଏବଂ ସମ୍ବେଦନଶୀଳସ୍ଥାନ ପରିଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ୨୫ ହଜାରରୁ ଅଧିକ ପରିବାର ପରିଦର୍ଶନ ହୋଇଥିବାବେଳେ ପ୍ରାୟ ୩୩ ହଜାର ମଶା ଲାର୍ଭା ଉତ୍ସକୁ ନଷ୍ଟ କରିଦିଆଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ରହିଛି । ଏହାସହ ୨୫ ଗାଡି, ଅବବ୍ୟହୃତ ଟାୟାର ବିଭିନ୍ନ ସ୍ଥାନରୁ ସଂଗ୍ରହ ହୋଇଥିବା କୁହଯାଇଛି। ଏହି ବୈଠକରେ ବିଏମ୍‌ସିର ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ଡକ୍ଟର ମନୋରଞ୍ଜନ ସାହୁ, ସମସ୍ତ ଜୋନାଲ ଡେପୁଟି କମିଶନର, ଏଡିୟୁପିଏଚ୍‌ଓ ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ର ଏବଂ ସିଏଚ୍‌ଓ ଡାକ୍ତର ଦୀପକ କୁମାର ବିଶୋଇ ସମସ୍ତ ପିଏଚ୍‌ସି ଓ ସିଏଚ୍‌ସିର ମେଡିକାର ଅଫିସର, ସିଟିହେଲ୍‌ଥ ମ୍ୟାନେଜର, ପ୍ରମୁଖ ଉପସ୍ଥିତ ଥିଲେ ।

# ଦାବି ଦିବସରେ ପ୍ରତିବାଦ ଜଣାଇଲା ୬୬୨ ବର୍ଗ କଲେଜ ସଂଘ

**ଭୁବନେଶ୍ୱର,୧୬।୮(ଅନୁରାଧା ମହାରଣା)**

୬୬୨ ବର୍ଗ କଲେଜ ସଂଘ ଦାବି ଦିବସରେ ନିଜ ଦାବିକୁ ନେଇ ଦୃଢ଼ ପ୍ରତିବାଦ ଜଣାଇଛି। ଦୀର୍ଘ ୬ମାସରୁ ଊର୍ଦ୍ଧ୍ୱ ସମୟ ଧରି ଅହୋରାତ୍ର ଧାରଣାରେ ବସି ରହିଥିବା ଅଧ୍ୟାପକ ଓ କର୍ମଚାରୀମାନେ ବୁଧବାର ହଜାର ହଜାର ସଂଖ୍ୟାରେ ଏକାଠି ହୋଇ ସରକାରଙ୍କ ନିକଟରେ ସେମାନଙ୍କ ପ୍ରତିବାଦ ଜଣାଇଛନ୍ତି। ସଂଘ ତାର ନ୍ୟାଯ୍ୟଦାବି ସମାନ ଗ୍ରେଡ୍ ପେ' ଆଧାରରେ ସମାନ କାମକୁ ସମାନ ଦରମା ପ୍ରଦାନ, ଏହି ବର୍ଗର କର୍ମଚାରୀମାନଙ୍କୁ ଚାକିରୀ ସର୍ତ୍ତାବଳୀ ସହ ପେନ୍‌ସନ ପରିସରଭୁକ୍ତ କରିବା, ୨୦୧୮ ଜିଓରେ ଉପକୃତ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ ଓ ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଦାବିରେ ସଂଘ ଆନ୍ଦୋଳନ ଚଳାଇଛି। ଏହି କ୍ରମରେ ୫ଥର ମହାସମାବେଶ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜିଲାପାଳଙ୍କ ଅଫିସ ଆଗରେ ପ୍ରତିବାଦ କରାଯାଇଛି। ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି। ଆନ୍ଦୋଳନକାରୀଙ୍କ କହିବାନୁସାରେ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱକାଳ ଗ୍ରାମାଞ୍ଚଳରେ ୭୦ଭାଗ ଶିକ୍ଷା ବ୍ୟବସ୍ଥାକୁ ସମ୍ଭାଳୁଥିବା ଏହି ବର୍ଗର କର୍ମଚାରୀମାନେ ଅବସର ସମୟରେ ଖାଲି ହାତରେ ଘରକୁ ଫେରୁଛନ୍ତି। ଏପରି କି ଅନେକ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ଇହଧାମ ତ୍ୟାଗ କରୁଛନ୍ତି। ଏହି ବର୍ଗର କର୍ମଚାରୀମାନଙ୍କ ପାଇଁ କୌଣସି ସାମାଜିକ ନିରାପତ୍ତା ଯୋଜନା ସରକାର ଘୋଷଣା କଲେ ନାହିଁ। କର୍ମଚାରୀମାନଙ୍କୁ କ୍ୟାଡରଭୁକ୍ତ ନ କରିବାରୁ ଏହି ଅନୁଷ୍ଠାନଗୁଡ଼ିକର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଗଲାଣି। ଜୁଲାଇ ୨୬ତାରିଖରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ବି ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ନେଲେ ନାହିଁ। ଦୀର୍ଘ ଦିନର ଆନ୍ଦୋଳନ ସତ୍ତ୍ୱେ ଯଦି ସରକାର ଦାବି ପୂରଣ ଦିଗରେ ଆଶୁ ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ କଲେଜ ବନ୍ଦ ସହ ପାଠପଢ଼ା ଠପ କରିଦିଆଯିବ ଓ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ବାରଙ୍ଗ ଅଞ୍ଚଳରେ ସ୍ୱାଧୀନତା ଦିବସ

**ବାରଙ୍ଗ, ୧୫।୮(ଲିଙ୍ଗରାଜ ରାଉତ)**

ବାରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନରେ ୭୭ତମ ସ୍ୱାଧୀନତା ଦିବସ ପାଳନ ମହାସମାରୋହର ସହ ପାଳନ ହୋଇଯାଇଛି। ମେଣ୍ଢାଶାଳ ସେବା ସମବାୟ ସମିତିରେ ସଭାପତି ମହେନ୍ଦ୍ର କୁମାର ପ୍ରଧାନ, ମେଣ୍ଢାଶାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରତ୍ନମଞ୍ଜରୀ ବିଶ୍ୱାଳ, ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ.ମୋହନ ହେମ୍ବ୍ରମ, ପଞ୍ଚାୟତ କାର୍ଯ୍ୟାଳୟରେ କୌଶଲ୍ୟା ବଳିୟାରସିଂହ, ବାରଙ୍ଗ ତହସିଲ କାର୍ଯ୍ୟାଳୟରେ ତହସିଲଦାର ସଙ୍କଳ୍ପ ସ୍ୱସ୍ତିକ ସାହୁ, ବାରଙ୍ଗ ବ୍ଲକରେ ଅଧକ୍ଷା ସାବିତ୍ରୀ ଦଳାଇ, ଏନ୍‌ଡିଆର୍‌ଏଫ୍ ୩ୟ ବାଟାଲିୟନ ମୁଣ୍ଡଳି ପରିସରରେ ବାଟାଲିୟନର ଦୁର୍ଗପତି ଜ୍ୟାକବ କିସପୋଟାଙ୍କ, ବାରଙ୍ଗ ଥାନାରେ ଉପ–ଆରକ୍ଷୀ ହେମନ୍ତ କୁମାର ସେଠୀ, ବାରଙ୍ଗ ପ୍ରେସ କ୍ଲବ ପରିସରରେ କ୍ଲବ ସଭାପତି ଲିଙ୍ଗରାଜ ରାଉତ, ଓସ୍ତପଡାସ୍ଥିତ ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ର ଓ କାନନ ବିହାର ଫେଜ–୨ସ୍ଥିତ ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରରେ ପ୍ରଧାନଶିକ୍ଷକ ତଥା ସମ୍ପାଦକ ପ୍ରଦୀପ ପାଣି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଭାରତ ମାତା କି ଜୟ କହିଥିଲେ। ଏଥିସହ ସ୍ୱାଧୀନତା ଦିଗରେ ସଂଘର୍ଷର ଘଟଣାକୁ ମନେପକାଇଥିଲେ।

# ବାଲିଅନ୍ତା ପ୍ରେସ୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର

**ବାଲକାଟୀ,୧୬।୮(ମନୋଜ ମଣ୍ଡଳ)**

ସ୍ୱାଧୀନତା ଦିବସ ଅବସରରେ ବାଲିଅନ୍ତା ପ୍ରେସ କ୍ଲବ ପକ୍ଷରୁ ଏକ ରକ୍ତ ଦାନ ଶିବିର ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଶନରେଟ ପୋଲିସ ଓ ପ୍ରେସ କ୍ଲବର ସହଭାଗିତାରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ମୋଟ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କ୍ଲବର ସଭାପତି ସୋମନାଥ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଏହି ରକ୍ତ ଦାନ ଶିବିରରେ ମୁଖ୍ୟ ଅତିଥିଭାବେ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଯୋଗଦେଇ ରକ୍ତ ଦାନ ଏକ ମହତ କାର୍ଯ୍ୟ ବୋଲି କହିଥିଲେ। ଏହି ଅବସରରେ ମାର୍କଫେଡ୍‌ର ଅଧକ୍ଷା କବିତା ମଞ୍ଜରୀ ପରିଡା, ବାଲିଅନ୍ତା ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ, ସରପଞ୍ଚ ରୀନା ବେହେରା, ବିଜେଡି ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ସସ୍ମିତା ଦାସ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୁତି ଭୂଷଣ କର, ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ବାଲକାଟୀ ଫାଣ୍ଡି ଅଧିକାରୀ ନିରଞ୍ଜନ ବେହେରା, ପୂର୍ବତନ ତହସିଲଦାର ସରୋଜ କୁମାର ପଣ୍ଡା, ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ଶିଶୁ ସାହିତ୍ୟିକ ଅରୁଣ ଚନ୍ଦ୍ର ମହାନ୍ତି, ସମିତି ସଭ୍ୟ ଗଙ୍ଗାଧର ମହାରି. ଭାଗ୍ୟଧର ନନ୍ଦୀ, କ୍ଲବର ଉପଦେଷ୍ଟା ରଜନୀ ରଞ୍ଜନ ଉପସ୍ଥିତ ଥିଲେ। ପ୍ରତାପ ଶାସନ ଡିଗ୍ରୀ କଲେଜର ସହଯୋଗ ସହିତ କଲେଜର ଭଲ୍ୟୁଣ୍ଟର ଛାତ୍ରୀଛାତ୍ରମାନେ ରକ୍ତଦାନ କରିଥିଲେ। କଟକର କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତ ଦାନ ସଂସ୍ଥା ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରେସ କ୍ଲବର ସମ୍ପାଦକ ମନୋଜ ମଣ୍ଡଳ, ଉପସଭାପତି କିଶୋର ଚନ୍ଦ୍ର ନାୟକ, ସହ ସମ୍ପାଦକ ସୂର୍ଯ୍ୟକାନ୍ତ ଭୋଳ ପ୍ରଭାତେଂଶୁ ସାମନ୍ତରାୟ, ସନାତନ ଦଳବେହେରା, ଗୋବର୍ଦ୍ଧନ ଦାସ, ସଞ୍ଜୀବ ରଞ୍ଜନ ଦାଶ, ନବ କିଶୋର ନାୟକ, ରୂପକ ପଟ୍ଟନାୟକ ବାସୁଦେବ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ମେଣ୍ଢାଶାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ଡେଙ୍ଗୁ ରୋଗୀ ଚିହ୍ନଟ

**ବାରଙ୍ଗ, ୧୬।୮(ଲିଙ୍ଗରାଜ ରାଉତ)**

ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ଚିକିତ୍ସା ପାଇଁ ଆସିଥିବା ରୋଗୀମାନଙ୍କ ମଧ୍ୟରୁ ୫ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାର ଜଣାପଡିଛି। ସେଥିମଧ୍ୟରୁ ମେଣ୍ଢାଶାଳ ଗ୍ରାମର ୨ଜଣ, ଗୋଡିବାରୀର ଜଣେ ୧୭ବର୍ଷୀୟା ଆଦିବାସୀ ଯୁବତୀ, ଜାମୁଝରୀ ପାଣିଓରା ଗ୍ରାମର ୨ଜଣ ଚିହ୍ନଟ ହୋଇଛନ୍ତି। ଏହା ଜଣାପଡିବା ପରେ ଡାକ୍ତରଖାନା ତରଫରୁ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି ବୋଲି ମୁଖ୍ୟ ଡାକ୍ତର ମୋହନ ହେମ୍ବ୍ରମ କହିଛନ୍ତି।



ସ୍ୱାଧୀନତା ଦିବସ ଅବସରରେ ବାଲିଅନ୍ତା ପ୍ରେସ କ୍ଲବ ପକ୍ଷରୁ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ରକ୍ତଦାନ ଶିବିର।

# ମାସ ଶେଷସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନ

**ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ**

**ଭୁବନେଶ୍ୱର,୧୬।୮(ଅନୁରାଧା ମହାରଣା)**

ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିଭିନ୍ନ ଦାବି ପୂରଣ ନେଇ ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ବୁଧବାର ସରକାରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ବୁଧବାର ସଚିବାଳୟରେ ରାଜ୍ୟ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ଏବଂ ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ ମୁଖ୍ୟ ଶାସନ ସଚିବ, ୫–ଟି ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଦାବିଗୁଡ଼ିକ ମଧ୍ୟରେ ୬ ବର୍ଷର ଚୁକ୍ତି ଅବଧିକୁ ନିୟମିତ ଚାକିରିରେ ଯୋଗ କରିବା ସହ ୬ ଗୋଟି ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା, ଜୁନିୟର ଏସିଏସ୍‌କୁ ସିନିୟର ଏସିଏସ୍‌କୁ ପଦୋନ୍ନତି ହେବାକୁ ଥିବା ତାଲିକାକୁ ଯଥାଶୀଘ୍ର ଶେଷ କରି ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଖାଲିଥିବା ପ୍ରଧାନଶିକ୍ଷକ ପଦବୀକୁ ପୂରଣ କରିବା, ୨୦୧୬ବ୍ୟାଚ୍‌ରେ ନିଯୁକ୍ତ ହୋଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ୨୦୧୬ରୁ ଆର୍ଥିକ ସୁବିଧା ପ୍ରଦାନ କରିବା, ଯେଉଁ ଶିକ୍ଷୟିତ୍ରୀଶିକ୍ଷକମାନେ(୨୦୧୬ ବ୍ୟାଚ) ଓଟିଇଟି–୨ରେ କୃତକାର୍ଯ୍ୟ ହୋଇଛନ୍ତି ତାଙ୍କୁ ତୁରନ୍ତ ନିୟମିତ କରିବା ସହ ଯେଉଁ ଶିକ୍ଷୟିତ୍ରୀଶିକ୍ଷକମାନେ ଓଟିଇଟି–୨ ଏବଂ ଓଏସ୍‌ଏସ୍‌ଟିଇଟି ଉଭୟରେ କୃତକାର୍ଯ୍ୟ ହୋଇନାହାନ୍ତି, ତାଙ୍କୁ ମଧ୍ୟ ତୁରନ୍ତ ନିୟମିତ କରିବା, ଓଡିଶା ଆଦର୍ଶ ବିଦ୍ୟାଳୟ ଭଳି ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଟିଜିଟି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ୪,୨୦୦ ପରିବର୍ତ୍ତେ ୪,୬୦୦ ଗ୍ରେଡ୍ ପେ' ପ୍ରଦାନ କରିବା ଏବଂ ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକଙ୍କୁ ୪,୨୦୦ ଗ୍ରେଡ଼ ପେ' ପ୍ରଦାନ କରିବା, ନୂତନ ପେନ୍‌ସନ ବଦଳରେ ପୁରୁଣା ପେନ୍‌ସନ ପ୍ରଦାନ କରିବା ଆଦି ଦାବି ରହିଛି। ଦାବିଗୁଡ଼ିକ ଯଦି ସରକାର ଚଳିତମାସ ଶେଷ ସୁଦ୍ଧା ପୂରଣ ନ କରନ୍ତି, ତେବେ ସଂଘ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

## ୫ ଡେଙ୍ଗୁ ରୋଗୀ ଚିହ୍ନଟ

ବାରଙ୍ଗ,(ଲିଙ୍ଗରାଜ ରାଉତ): ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ଚିକିତ୍ସା ପାଇଁ ଆସିଥିବା ରୋଗୀମାନଙ୍କ ମଧ୍ୟରୁ ୫ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାର ଜଣାପଡିଛି। ସେଥିମଧ୍ୟରୁ ମେଣ୍ଢାଶାଳ ଗ୍ରାମର ୨ଜଣ, ଗୋଡିବାରୀର ଜଣେ ୧୭ବର୍ଷୀୟା ଆଦିବାସୀ ଯୁବତୀ, ଜାମୁଝରୀ ପାଣିଓରା ଗ୍ରାମର ୨ଜଣ ଚିହ୍ନଟ ହୋଇଛନ୍ତି। ଏହା ଜଣାପଡିବା ପରେ ଡାକ୍ତରଖାନା ତରଫରୁ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି ବୋଲି ମୁଖ୍ୟ ଡାକ୍ତର ମୋହନ ହେମ୍ବ୍ରମ କହିଛନ୍ତି।

## ସଂକ୍ଷେପରେ

### ୧୮ରେ ବ୍ଲକ କାର୍ଯ୍ୟାଳୟ ଘେରାଉ

କଟକ ସଦର,୧୬।୮
(ସୁଶାନ୍ତ କୁମାର ଜେନା)

ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ଜାତୀୟ କଂଗ୍ରେସ ପକ୍ଷରୁ ଆସନ୍ତା ୧୮ ତାରିଖରେ କଟକ ସଦର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ। ଏନେଇ କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାରଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବ୍ଲକ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ଜନସାଧାରଣଙ୍କୁ ଭୁଆଁ ବୁଲାଇବା ଛଡ଼ା ଅନ୍ୟ କୌଣସି ଆଖିଦୃଶିଆ କାର୍ଯ୍ୟ ଗତ ୨୪ ବର୍ଷ ଭିତରେ କରିନାହାନ୍ତି। କଟକ ଜିଲା ସଭାପତି ମାନସ ଚୌଧୁରୀ ଓ ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏହି ଘେରାଉ କରିଯିବ ବୋଲି ଗୋଚ୍ଛାୟତ କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରଞ୍ଜନ ସେନାପତି, ଆଲୋକ ପ୍ରସାଦ ନନ୍ଦ, ନିହାର ରଞ୍ଜନ ନନ୍ଦ ଓ ଉଗ୍ରସେନ ଭୂୟାଁ ଉପସ୍ଥିତ ଥିଲେ।

### ସ୍ୱଚ୍ଛ, ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ

ଚୌଦ୍ୱାର,୧୬।୮(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ୧୯ନଂ. ୱାର୍ଡ ହାଉସିଂବୋର୍ଡ ଅଞ୍ଚଳରେ ସ୍ୱଚ୍ଛ ଓ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେଦାରେଶ୍ୱର, ଗୁଣ୍ଡିଚା ବିହାର, ଲେବରଟେନାମେଣ୍ଟ, ଚାରବାଟିଆ ଅଞ୍ଚଳ ପରିକ୍ରମା କରି ପ୍ରଚାରପତ୍ର ଓ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସରକାରୀ ଘୋଷଣାନାମା ଘର ଘର ବୁଲି ଲୋକମାନଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌର ଉପାଧ୍ୟକ୍ଷ ତଥା ସ୍ୱାସ୍ଥ୍ୟ ଓ ସ୍ୱଚ୍ଛ ସବ୍ କମିଟି ଅଧ୍ୟକ୍ଷ ଶୁଭେନ୍ଦୁ ସାମଲ ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଏଥିରେ ୧୦ନଂ. ୱାର୍ଡ କାଉନସିଲର ବିଜୟ କୁମାର ମଲ୍ଲିକ, ସ୍ୱଚ୍ଛ ସୁପରଭାଇଜର କାଜଲ ଭଟ୍ଟ, ସ୍ୱାସ୍ଥ୍ୟକର୍ମୀ ସସ୍ମିତା ମଲ୍ଲ, ପ୍ରମିଳା ମଲ୍ଲିକ, ସ୍ମୃତିଶ୍ରୀ ଜଗଦେବ, ସରିତା ରଥ, ମମତା ବେହେରା, ଦମୟନ୍ତୀ ମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ମହିଳା ମହାସଂଘର ସଭାନେତ୍ରୀ ବୀଣାପାଣି ଦାସ, ଅର୍ଚ୍ଚନା ମହାନ୍ତି, ମମତା ଦାସ, ସୁରେଖା ସାହୁ, ଗୌରାଙ୍ଗ ଦାସ, ନରେନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରଞ୍ଜନ ବାରିକ ଧନ୍ୟବାଦ ଦେଇଥିଲେ।

### ଚୌଦ୍ୱାର ଜେଲରୁ ମୁକୁଳିଲେ ୩ କଏଦୀ

ଚୌଦ୍ୱାର,୧୬।୮(ଆଶୁତୋଷ ଦାସ)

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ମଙ୍ଗଳବାର ଚୌଦ୍ୱାର ଜେଲରୁ ୩ଜଣ କଏଦୀଙ୍କୁ ମୁକ୍ତ କରାଯାଇଛି। ସେମାନେ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଅଞ୍ଚଳର ସୌମ୍ୟ ରଞ୍ଜନ ନାୟକ, ପୁରୀ ଜିଲା ନିମାପଡା ଅଞ୍ଚଳର ରାଜିଆ ବାରିକ ଏବଂ କଟକ ଜିଲା ଜଗତପୁର ଥାନା ଅଧୀନ ପୀରବଜାର ଅଞ୍ଚଳର ସେକ୍ ସୁଲେମାନ୍ ମୁସ୍ତାକ। ଜେଲ ରହଣି ସମୟରେ ଉତ୍ତମ ଚରିତ୍ର, ଉତ୍ତମ ବ୍ୟବହାର ଓ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ପାଇଁ ସେମାନଙ୍କୁ ମୁକ୍ତି ଦିଆଯାଇଥିବା ଜେଲ ଅଧୀକ୍ଷକ ପ୍ରଦୀପ୍ତ ବେହେରା ସୂଚନା ଦେଇଛନ୍ତି।

### ପାଠାଗାର ନିର୍ମାଣ କାର୍ଯ୍ୟ ବନ୍ଦକଲେ ବିଡିଓ

କଟକ ସଦର,୧୬।୮(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ପରିସରସ୍ଥ ବ୍ଲକ କଲୋନି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଏକ ପାଠାଗାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଖବର ପାଇବା ପରେ ବିଡିଓ ରାଜୀବ ଲୋଚନ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ସାମୟିକ ଭାବେ କାର୍ଯ୍ୟ ବନ୍ଦ କରିଦେଇଥିଲେ। କାରଣ ଦୀର୍ଘବର୍ଷ ହେବ ଏହି ସ୍ଥାନକୁ ପିଲାମାନେ ଖେଳକୁଦ ପାଇଁ ବ୍ୟବହାର କରୁଛନ୍ତି। ବ୍ଲକ ପ୍ରଶାସନକୁ ନ ଜଣାଇ ସିଏମ୍‌ସି କିପରି ନିଷ୍ପତ୍ତି ଗ୍ରହଣ କଲା ସେ ସମ୍ପର୍କରେ ଠିକାଦାର ଓ ଯନ୍ତ୍ରୀଙ୍କଠାରୁ ବିଡିଓ ଜାଣିବାକୁ ଚାହିଁଥିଲେ। ମାତ୍ର ଏହାର ଉତ୍ତର କେହି ଦେଇ ପାରି ନ ଥିଲେ। ଅନ୍ୟପକ୍ଷରେ ଏହି ବିଷୟରେ ଜରୁରୀ ଆଲୋଚନା କରିବା ପାଇଁ କଟକ ସଦର ପଞ୍ଚାୟତ ସମିତିର ଜରୁରୀ ବୈଠକ ଆସନ୍ତା ୨୩ରେ ଡକାଯାଇଛି। ଏଥିରେ ନୂଆ ପାଠାଗାର ଉପରେ ଆଲୋଚନା ହେବ। ଏନେଇ ସିଏମସି କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

# ସ୍କୁଲ ଫାଟକରେ ତାଲା, ବାହାରେ ପିଲା

କଟକ,୧୬।୮(ସୁପ୍ରିୟା ପ୍ରିୟଦର୍ଶିନୀ)


ସ୍କୁଲ ଫାଟକରେ ତାଲା ପଡ଼ିଥିବାରୁ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ବାହାରେ ଅଛନ୍ତି।

କଟକ କେବିକେ ରୋଡ୍‌ରେ ଥିବା ଶ୍ରୀ ସତ୍ୟସାଇ ସ୍କୁଲରେ ବୁଧବାର ବିବାଦ ଦେଖାଦେଇଛି। ସ୍କୁଲ ମୁଖ୍ୟ ଫାଟକରେ ପ୍ରଧାନ ଶିକ୍ଷୟିତ୍ରୀ ରୋଶ୍ନି ଷଡ଼ଙ୍ଗୀ ତାଲା ପକାଇ ଦେଇଥିବା ନେଇ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ହଟହଟା ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ଉକ୍ତ ସ୍କୁଲର ଶିକ୍ଷକମାନେ ଦରମା ବୃଦ୍ଧି ପାଇଁ ଦାବି କରିଆସୁଛନ୍ତି। ହେଲେ ସ୍କୁଲ ମ୍ୟାନେଜମେଣ୍ଟ ଏ ଦିଗରେ କର୍ଣ୍ଣପାତ କରୁନାହିଁ। ଏଥିସହ ଅନ୍ୟାନ୍ୟ ଦାବି ପୂରଣ ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକମାନେ କହିଥିଲେ। ଦାବି ପୂରଣ ନ ହେବାରୁ ବୁଧବାର ସେମାନେ ସ୍କୁଲରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ପୂର୍ବରୁ ସୂଚନା ଦେଇଥିଲେ। ପୂର୍ବ ସୂଚନା ମୁତାବକ ସେମାନେ ବୁଧବାର ସକାଳେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଧାରଣା ଦେବା ପାଇଁ ସ୍କୁଲରେ ପହଞ୍ଚିଥିଲେ। ଅପରପକ୍ଷରେ ଛାତ୍ରୀଛାତ୍ରମାନେ ସେମାନଙ୍କ ଅଭିଭାବକଙ୍କ ସହ ଆସି ସ୍କୁଲରେ ପହଞ୍ଚିଥିଲେ। ହେଲେ ପାଠପଢ଼ା ହେବ ନାହିଁ ବୋଲି ସୂଚନା ମିଳିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଦ୍ୟାଳୟ ପରିସରରେ ଭିଡ଼ ବଢ଼ିବାରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସିକ୍ୟୁରିଟି ଗାର୍ଡ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ପ୍ରଧାନ ଶିକ୍ଷୟିତ୍ରୀ ଖଣ୍ଡନ କରି କହିଛନ୍ତି, ସ୍କୁଲ ଫାଟକରେ ତାଲା ପକାଇବା ପାଇଁ ମୁଁ ନିର୍ଦ୍ଦେଶ ଦେଇ ନ ଥିଲି। ପରିସ୍ଥିତିକୁ ଦୃଷ୍ଟିରେ ରଖି କିଛିଦିନ ପାଇଁ ସ୍କୁଲ ବନ୍ଦ ରଖିବାକୁ କୁହାଯାଇଥିଲା। ସ୍କୁଲରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଧାରଣା ଦେବେ ବୋଲି ସୂଚନା ମିଳିଥିଲା। ସ୍କୁଲ ପରିସରରେ ଥିବାବେଳେ ପୋଲିସ ଆସିଥିବା ଖବର ଶୁଣି ସେମାନେ ବାହାରକୁ ଯାଇ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି।


ସ୍ୱାଧୀନତା ଦିବସ ପାଳନ ଅବସରରେ ମଙ୍ଗଳବାର କଟକ ରେଳ ସୁରକ୍ଷା ବଳ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିର।

## ପତାକା ଉତ୍ତୋଳନ ବେଳେ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ

କୃଷ୍ଣପ୍ରସାଦ,୧୫।୮
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମଲେଶ୍ୱରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସ୍ୱାଧୀନତା ଦିବସ ଦିନ ବିଦ୍ୟାଳୟ ପରିସରରେ ପତାକା ଉତ୍ତୋଳନ ବେଳେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରଧାନ ଶିକ୍ଷକ ସାହୁ ବ୍ୟସ୍ତ ଥିଲେ। ଜାତୀୟ ପତାକା ବାନ୍ଧି ପ୍ରଭାତ ଫେରି ପାଇଁ ସଜବାଜ ହେଉଥିବା ବେଳେ ହଠାତ୍ ସେଠାରେ ସେ ଟଳିପଡିଲେ। ତତ୍‌କ୍ଷଣାତ ତାଙ୍କୁ କୃଷ୍ଣପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପ୍ରଧାନ ଶିକ୍ଷକ ସାହୁଙ୍କ ଅକାଳ ମୃତ୍ୟୁରେ ମଲେଶ୍ୱରୀ ବିଦ୍ୟାଳୟ ସମେତ ସମଗ୍ର ମାଲୁଦ ସର୍କଲ, କୃଷ୍ଣପ୍ରସାଦ ସର୍କଲ, ଚିଲିକା ନୂଆପଡା, ସାତପଡ଼ା ଶିକ୍ଷା ସର୍କଲରେ ଶୋକରଛାୟା ଖେଳିଯାଇଥିଲା। ଏ ନେଇ ପ୍ରତ୍ୟେକ ବିଦ୍ୟାଳୟରେ ଏକ ଶୋକ ସଭା କରାଯାଇଛି। ଖବରପାଇ ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ମାଲୁଦ ସର୍କଲ ସିଆର୍‌ସିସି ରମାକାନ୍ତ ଜେନା, ମାଲୁଦ ସର୍କଲ ସଭାପତି ସୁଦର୍ଶନ ସେଠୀ, ସମ୍ପାଦକ ବିମଳ ବିଶ୍ୱାଳ ପ୍ରମୁଖ ସ୍ୱର୍ଗତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ସାହୁଙ୍କ ବାସଭବନରେ ପହଞ୍ଚି ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୫୦୦୦ ଟଙ୍କା ପ୍ରଦାନ କରିଥିଲେ।

# କଣ୍ଡରେଇ ପଞ୍ଚାୟତ ହେବ ନିଶାମୁକ୍ତ

ଖୁଣ୍ଟୁଣୀ,୧୬।୮(ସଚ୍ଚିଦାନନ୍ଦ ପଣ୍ଡା)

■ ଶପଥ ନେଲା ବିକାଶ ମଞ୍ଚ
■ ସଚେତନତା ଶୋଭାଯାତ୍ରାରେ ସାମିଲ ହେଲେ ଶତାଧିକ ଯୁବକ

ସ୍ୱାଧୀନତା ଦିବସ ଅବସରରେ ଖୁଣ୍ଟୁଣୀ ଥାନା ଅଧୀନ କଣ୍ଡରେଇ ପଞ୍ଚାୟତକୁ ନିଶାମୁକ୍ତ ପଞ୍ଚାୟତ ଭାବେ ଗଢି ତୋଳିବା ପାଇଁ ଅଗ୍ରଣୀ ଯୁବ ସାମାଜିକ ସଙ୍ଗଠନ କଣ୍ଡରେଇ ବିକାଶ ମଞ୍ଚର କର୍ମକର୍ତ୍ତା ଶପଥ ନେଇଛନ୍ତି। ମଙ୍ଗଳବାର ମଞ୍ଚ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା କଣ୍ଡରେଇ ପଞ୍ଚାୟତର ଅନନ୍ତପୁରଠାରୁ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ କୁଳମଣି ବେଉରା ଯୋଗଦେଇ କହିଥିଲେ, ଉକ୍ତ ପଞ୍ଚାୟତରେ ଦୀର୍ଘବର୍ଷ ଧରି ଚୋରା ଦେଶୀମଦ କାରବାର ବୃଦ୍ଧି ପାଇଛି। ଏଥିଯୋଗୁ ପଞ୍ଚାୟତରେ ଅଶାନ୍ତିର ବାତାବରଣ ଦେଖିବାକୁ ମିଳିଛି। ତେଣୁ ବିକାଶ ମଞ୍ଚର କର୍ମକର୍ତ୍ତାମାନେ ଯେଉଁ ଶପଥ ନେଇଛନ୍ତି, ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଏହି ଶୋଭାଯାତ୍ରାରେ ୧୭ଟି ଗ୍ରାମର ୩୦୦ରୁ ଊର୍ଦ୍ଧ୍ୱ ଯୁବକ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ସେମାନେ ହାତରେ ପ୍ଲାକାର୍ଡ ଧରି ସତ୍ୟନାରାୟଣପୁର, କଣ୍ଡରେଇ, ମାଣତ୍ରୀ, ସାବିତ୍ରୀପୁର, ଅନନ୍ତପୁର, ବାଉଁଶଟାଙ୍ଗର, ଡାଲୁଆ, କଂସର ଓ ମହାଲକ୍ଷ୍ମୀପୁର ଗ୍ରାମ ପରିକ୍ରମା କରି ମଦ ବିରୋଧୀ ସ୍ଲୋଗାନ ଦେଇଥିଲେ। ବିକାଶ ମଞ୍ଚର ସଙ୍ଗଠକ ଅନିଲ ବେହେରା, ଅରୁପ ରଞ୍ଜନ ମହାନ୍ତି, ଚିତ୍ତରଞ୍ଜନ ବେହେରା, ପ୍ରକାଶ ବେହେରା, ସୀତାରାମ ବେହେରା, ସିରାଜଉଦ୍ଦିନ ବକ୍ସ, ସଞ୍ଜୀବ ମୁଦୁଲି, ବିକ୍ରମ ମୁଦୁଲି, ଟୁଟୁ ପୂର୍ତ୍ତି, ପ୍ରଦୀପ ଗଡ଼ନାୟକ, ରତିବ ଖାନ୍, ବସନ୍ତ ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖୁଣ୍ଟୁଣୀ ଥାନା ଅଧୀନ କଣ୍ଡରେଇ, ଖଣ୍ଡୁଆଳି, ଡାଲୁଆ ଓ ରାଧାକୃଷ୍ଣପୁର ପଞ୍ଚାୟତର ଦୁର୍ବୃତ୍ତମାନେ ନିକଟସ୍ଥ ଖୁଣ୍ଟୁଣୀ ବନାଞ୍ଚଳର ସଂରକ୍ଷିତ ଜଙ୍ଗଲରେ ଚୋରା ଦେଶୀ ମଦ ପ୍ରସ୍ତୁତ କରୁଛନ୍ତି। ପରେ ତାହାକୁ ବିଭିନ୍ନ ସ୍ଥାନରେ ବିକ୍ରି କରୁଛନ୍ତି। ତୁରନ୍ତ ଏହାକୁ ବନ୍ଦ କରିବା ପାଇଁ ଅବକାରୀ ମନ୍ତ୍ରୀ, ୫-ଟି ସଚିବ ଓ କମିଶନର ପଦକ୍ଷେପ ନେବାକୁ ସଂଘ ଦାବି କରିଛି।

# ସବୁଠି ଉଡ଼ିଲା ତ୍ରିରଙ୍ଗା


ହାଇକୋର୍ଟ ପରିସରରେ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ପତାକା ଉତ୍ତୋଳନ କରୁଛନ୍ତି।

କଟକ,୧୬।୮(ସୁପ୍ରିୟା ପ୍ରିୟଦର୍ଶିନୀ)/
(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଚୌଧୁରୀବଜାରସ୍ଥିତ ବିଜୁଭବନ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ସିଟି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଡେପୁଟି କମିଶନର ଶ୍ୱେତପଦ୍ମା ଡ଼ି. ଶତପଥୀ, ଅଜୟ ମହାନ୍ତି, ଆସିଷ୍ଟାଣ୍ଟ କମିଶନର ତ୍ରିନାଥ ବେହେରାଙ୍କ ସମେତ ସମସ୍ତ କର୍ପୋରେଟର ଓ ନିଗମ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଚୌଧୁରୀବଜାର ମ୍ୟୁନିସିପାଲଟି ହାଇସ୍କୁଲର ଛାତ୍ରୀଛାତ୍ରମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ବିଶ୍ୱନାଥ ପଣ୍ଡିତ ଓ ସହୀଦ ଭବନରେ ଥିବା ଗାନ୍ଧୀ ମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଅରୁଣୋଦୟନଗରସ୍ଥିତ ସିଡିଏ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସିଡିଏର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହିଅବସରରେ ମୁଖପତ୍ର 'ଡ୍ରିମ୍‌ସ ଡାଇଜେଷ୍ଟ', ସୃଜନଶୀଳ ପତ୍ରିକା 'ୟେସ୍ତିକା' ଏବଂ ପରିବେଶ ସୁରକ୍ଷା ସମ୍ପର୍କିତ ପୁସ୍ତକକୁ ଡ. ରଥ ଉନ୍ମୋଚନ କରିଥିଲେ। ଛାତ୍ରୀ ଋତୁପର୍ଣ୍ଣା ରାଉତ, ପ୍ରତୀକ୍ଷା ଦାସ ଓ ସ୍ନେହା ଦାସ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଡା. ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପରାମର୍ଶଦାତା ପ୍ରଫେସର ସୁଶାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା କାଶୀନାଥ ମଲ୍ଲିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ଅଶ୍ୱିନୀ ମହାରଣା, କେଦାର ପୃଷ୍ଟି, ଶୈଳବାଳା ଜେନା, ମୀର୍ ମୁଜାଫର ଅଲ୍ଲୀ, ରଶ୍ମିରଞ୍ଜନ ମିଶ୍ର, ବିକି ଚକ୍ରବର୍ତ୍ତୀ, ଅଜୟ ଗୋଛାୟତ, ପ୍ରତାପ ପରିଡା ପ୍ରମୁଖ ଉପସ୍ଥିତଥିଲେ।

ଓଡ଼ିଶା ହାଇକୋର୍ଟ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଏଠାରେ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତିମାନଙ୍କ ସହ ବିଚାର ବିଭାଗୀୟ ଅଧିକାରୀ ଓ ଆଇନଜୀବୀ ଉପସ୍ଥିତ ଥିଲେ।

ବାଦାମବାଡ଼ି ଖବର କାଗଜ ବିତରକ ସଂଘ ପକ୍ଷରୁ ବାଦାମବାଡ଼ିଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ସଂଘ ସଭାପତି ବସନ୍ତ କୁମାର ସାହୁ ପତାକା ଉତ୍ତଳନ କରିଥିଲେ। ଏଥିରେ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ଜେନା, ସମ୍ପାଦକ ରାଧେଶ୍ୟାମ ଦାସ, ସହସମ୍ପାଦକ ଅଭୟ କୁମାର ବେହେରାଙ୍କ ସମେତ ସଭ୍ୟମାନେ ଉପସ୍ଥିତ ଥିଲେ।

ସାରଳା ସାହିତ୍ୟ ସଂସଦ ପକ୍ଷରୁ ସାରଳା ଭବନଠାରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ କୈଳାସ ଚନ୍ଦ୍ର ଦଲାଇ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସଂସଦର ସଭାପତି ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରସନ୍ନ କୁମାର ଜେନା, ଡା. ନିରଞ୍ଜନ ତ୍ରିପାଠୀ, ଡା. ନିମାଇଁ ଚରଣ ପରିଜା, ସଞ୍ଜୀତ ପଟ୍ଟନାୟକ, ଲକ୍ଷ୍ମୀପ୍ରକାଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱାଧୀନତା ଦିବସରେ ବକ୍ସିବଜାରଠାରେ ଉପସ୍ଥିତ ସମ୍ବାଦପତ୍ର ବିକ୍ରେତା ସଂଘର କର୍ମକର୍ତ୍ତା।

# ଯୁବକଙ୍କ ମୃତ୍ୟୁ ଘଟଣା, ୪ ଗିରଫ

ଫୁଲନଖରା,୧୬।୮
(ସତ୍ୟରଞ୍ଜନ ଦାସମହାପାତ୍ର)

**ମୋବାଇଲ ଚୋରି ସନ୍ଦେହରେ ମାଡ଼ ଖାଇଥିଲେ**

ମୋବାଇଲ ଚୋରିକୁ କେନ୍ଦ୍ରକରି ଯୁବକଙ୍କୁ ମାଡ଼ ମାରିବା ଓ ମୃତ୍ୟୁ ପାଇଁ ବାଧ କରିବା ଘଟଣାରେ କଟକ ସଦର ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ସୌଭାଗ୍ୟ ରଞ୍ଜନ ଦାସ, ବାଙ୍କୀ ଥାନା ମୁଣ୍ଡୁଳି ଗ୍ରାମର ବିନୋଦ ମାଝୀ, ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ଚତୁରୀ ଗ୍ରାମର ରୁହିଆ ସିଂ ଏବଂ ମୟୂରଭଞ୍ଜ ଅରପଦା ଗ୍ରାମର ମଙ୍ଗଲ ସିଂ। ପୋଲିସ ଘଟଣାସ୍ଥଳରୁ ଦୁଇଟି ବାଡ଼ି, ରକ୍ତ ଭିଜା ଗଞ୍ଜି ଓ ଦଉଡ଼ି ଜବତ କରିଥିଲା।

ଏସ୍‌ଆଇ ରଞ୍ଜନ କୁମାର ନାୟକଙ୍କ ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ବମ୍ଫକୁଦ ଅଞ୍ଚଳରେ ଆଦିତ୍ୟ ଦାସଙ୍କ ଏକ ଇଟା କାରଖାନା ରହିଛି। ଏଥିରେ ଅନୁଗୋଳ ବାଲିଜେରଙ୍ଗ ଗ୍ରାମର ନିରଞ୍ଜନ ସାହୁ ଡ୍ରାଇଭର୍ ଭାବେ କାମ କରୁଥିଲେ। ସେହିପରି ସେଠାରେ ଅଭିଯୁକ୍ତମାନେ ମଧ୍ୟ କାମ କରୁଥିଲେ। ଗତ ୧୩ ତାରିଖରେ କାରଖାନାରୁ ରୁହିଆଙ୍କ ମୋବାଇଲ ଚୋରି ହୋଇଗଲା। କର୍ମଚାରୀମାନେ ନିରଞ୍ଜନକୁ ସନ୍ଦେହ କରି ଏକ ପରିତ୍ୟକ୍ତ ଘରେ ରଖି ମାଡ ମାରିଥିଲେ। ସେ ମାଡ, ଗାଳି ଖାଇ ଲଜ୍ଜିତ ହୋଇ ପଡିଲେ। ଶେଷରେ ୧୩ ତାରିଖ ବିଳମ୍ବିତ ରାତିରେ ରଶି ସାହାଯ୍ୟରେ ଝୁଲି ପଡିଥିଲେ। ଏହି ସମୟରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ମାଡ ଦାଗ ଓ ରକ୍ତ ଛିଟା ଲାଗିଥିବା ଦେଖିବାକୁ ମିଳିଥିଲା। ଏନେଇ ନିରଞ୍ଜନଙ୍କ ବଡ ଭାଇ ଜନ୍ମେଜୟ ସାହୁ ସଦର ଥାନାରେ ଅଭିଯୋଗ କରିଥିଲେ, ତାଙ୍କ ସାନ ଭାଇଙ୍କୁ କାରଖାନାର ମାଲିକ ଆଦିତ୍ୟ ଦାସ ଓ କର୍ମଚାରୀମାନେ ୭ ଦିନ ଧରି ଖାଇବାକୁ ନ ଦେଇ ମିଳିମିଶି ହତ୍ୟା କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୪୫୮/୨୩) ରୁଜୁ କରିଥିଲା।

# 'ସ୍ୱରାଜ୍ୟ ଆଶ୍ରମ ଥିଲା ମୁଖ୍ୟ ବିଚାରବିମର୍ଶ କେନ୍ଦ୍ର'



ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବରାବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

କଟକ,୧୬।୮(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକସ୍ଥିତ ସ୍ୱରାଜ୍ୟ ଆଶ୍ରମ ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ବିଚାର ବିମର୍ଶ କେନ୍ଦ୍ର ଥିଲା। କଟକ ଭାଇ ଚାରାର ସହର। ବାରବାଟି ଦୁର୍ଗ ଏବଂ ବାରବାଟି ଷ୍ଟାଡିୟମ ଏହାର ଐତିହ୍ୟ ଓ ଗୌରବ। ସ୍ୱାଧୀନତା ସଂଗ୍ରାମ ଇତିହାସରେ କଟକର ଅବଦାନ ଅତୁଳନୀୟ। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ସଂଗ୍ରାମୀ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ। ୧୯୨୧ ମାର୍ଚ୍ଚ ୨୩ରେ ମହାତ୍ମାଗାନ୍ଧୀ ଓଡ଼ିଶା ଗସ୍ତରେ ଆସି ସ୍ୱାଧୀନତା ଆନ୍ଦୋଳନକୁ ତୀବ୍ରତର କରିବା ନିମନ୍ତେ ସଂଗ୍ରାମୀମାନଙ୍କୁ ପରାମର୍ଶ ଦେଇଥିଲେ ବୋଲି ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। କଟକ ବାରବାଟି ଷ୍ଟାଡିୟମରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିଭାଦନ ଗ୍ରହଣ କରି ଉପରୋକ୍ତ ବିଷୟରେ କହିଥିଲେ।

ପରେଡରେ ୩୦ଟି ଦଳ ଅଂଶଗ୍ରହଣ କରିଥିଲେ। ପରେଡ କମାଣ୍ଡର ଭାବେ ସହକାରୀ ପୋଲିସ କମିଶନର ବିଷ୍ଣୁ ପ୍ରସାଦ ମିଶ୍ର ପରେଡ ପରିଚାଳନା କରିଥିବାବେଳେ ସବ୍‌ଇନ୍ସପେକ୍ଟର ଉମାକାନ୍ତ ବେହେରା ଦ୍ୱିତୀୟ କମାଣ୍ଡର ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଗଣମାଧ୍ୟମ ପ୍ରତିନିଧି ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପିନାକ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ପରେ ମୁଖ୍ୟଅତିଥି ଆରୁଖ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମିଶନ ଶକ୍ତି କାଫେ ଓ ମା ଓ ଶିଶୁ ପ୍ରଯତ୍ନ ପ୍ରକୋଷ୍ଠ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ୍ ବିଶ୍ୱାଳ, ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ପୂର୍ଣଚନ୍ଦ୍ର ମିଶ୍ର, ଶିବ ଟପୋ, ଉମାକାନ୍ତ ରାଜ, ଉପ ଜିଲାପାଳ କମଳଜିତ ଦାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମଗିରି,(ସ୍ୱାଧୀନ ଚମ୍ପତିରାୟ): ବ୍ରହ୍ମଗିରି ଥାନା ଅଧୀନ ଗୌଡିକେରା ଗ୍ରାମରେ ବୁଧବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର କାଳିଆ ପାଇକରାୟ(୨୬) ମଙ୍ଗଳବାରଠାରୁ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବାରେ ଗ୍ରାମ ନିକଟ ଏକ ଚିଙ୍ଗୁଡ଼ି ପୋଖରୀରେ ତାଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ବ୍ରହ୍ମଗିରି ଥାନାରେ ତାଙ୍କ ବାପା ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ କାଳିଆଙ୍କ ମୃତ୍ୟୁର କାରଣ ଜଣାପଡ଼ିନି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୮।୨୦୨୩

| | |
|---|---|
| ୭,୧୮,୮୮୯ଟଙ୍କା | |
| ସୁନା | ୧୨୧.୫୦୦ଗ୍ରାମ |
| ରୁପା | ୪୭୨.୨୦୦ଗ୍ରାମ |





ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମଙ୍ଗଳବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ‘ବିକାଶ ଯାତ୍ରାର ମନ୍ତ୍ର ହିଁ ସ୍ୱାଧୀନତା’

### ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

- ୨୦୨୩- ୨୪ ସ୍ୱାସ୍ଥ୍ୟ ବଜେଟରେ ୧୫୭୫୬ କୋଟିର ବ୍ୟବସ୍ଥା
- ଆମ ହସ୍ପିଟାଲ ନାମକ ନୂତନ ଯୋଜନା ଅନ୍ତର୍ଭୁକ୍ତ

ପୁରୀ, ୧୬।୮ (ଅଜିତ ମହାନ୍ତି)

ଶୃଙ୍ଖଳା, ଶାନ୍ତି ଓ ଉତ୍ତମ ବୁଝାମଣା ମଧ୍ୟରେ ବିକାଶ ଆଡ଼କୁ ଯାତ୍ରା କରିବାର ମୂଳ ମନ୍ତ୍ର ହେଉଛି ସ୍ୱାଧୀନତା। ଏହା ସ୍ୱେଚ୍ଛାଚାରିତା ନୁହେଁ। ଜାତୀୟତା, ସ୍ୱଦେଶ ପ୍ରୀତି, ସହଯୋଗ, ସଂପ୍ରୀତି ଓ ଦେଶର ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବାକୁ ପାଇଁ ସଂସଦୀୟ ବ୍ୟାପାର ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଆହ୍ୱାନ ଦେଇଛନ୍ତି। ମଙ୍ଗଳବାର ପୁରୀ ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ୭୭ତମ ପୁରୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପୂଜାରୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ଼ ଅଭିବାଦନ ଗ୍ରହଣ କରିଥିଲେ। ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ସମେତ ଶହୀଦ ଓ ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନେ ଦେଶ ପାଇଁ ଚିର ସ୍ମରଣୀୟ ବୋଲି ପୂଜାରୀ କହିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ପବିତ୍ର ପୁରୀ ଆଧ୍ୟାତ୍ମିକ କ୍ଷେତ୍ର ଓ ପର୍ଯ୍ୟଟନ କ୍ଷେତ୍ର ନିମନ୍ତେ ପ୍ରସିଦ୍ଧ। ଏହାର ନାମ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ମଧ୍ୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଶହୀଦ ରାଜଗୁରୁଙ୍କ ବୀରତ୍ୱ ଓ ଚାଖି ଖୁଣ୍ଟିଆଙ୍କ ସଂଗ୍ରାମୀ ବ୍ୟକ୍ତିତ୍ୱର ପଟାନ୍ତର ନାହିଁ। ଓଡ଼ିଶାର ସାଂସ୍କୃତିକ, ସାହିତ୍ୟିକ, ସାମାଜିକ, ରାଜନୈତିକ ଇତିହାସକୁ ପୁରୀ ଜିଲ୍ଲାର ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି ସେ କହିଥିଲେ। ୨୦୨୩- ୨୪ ସ୍ୱାସ୍ଥ୍ୟ ବଜେଟରେ ମୋଟ ୧୫୭୫୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବାକୁ ନିର୍ଣ୍ଣାୟକ ଭାବେ ଦୃଷ୍ଟିରେ ରଖି ଆମ ହସ୍ପିଟାଲ ନାମକ ଏକ ନୂତନ ଯୋଜନା ଅନ୍ତର୍ଭୁକ୍ତ କରାଯାଇଛି, ଯେଉଁଥିରେ ୧୪୭ଟି ସ୍ୱାସ୍ଥ୍ୟ ଅନୁଷ୍ଠାନ ମାତ୍ର ୯ ମାସ ଅବଧି ମଧ୍ୟରେ ରୂପାନ୍ତରଣ କରାଯାଇ ପାରିବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ରାଜ୍ୟର ୯୬.୫ ଲକ୍ଷ ପରିବାରର ପ୍ରାୟ ୩.୩ କୋଟି ସଦସ୍ୟ ୧୭ଟି ବିଭିନ୍ନ ରାଜ୍ୟରେ ଥିବା ୬୦୦ ଉନ୍ନତ ଘରୋଇ ଚିକିତ୍ସାଳୟରେ ବିନା ଦେୟରେ ସ୍ୱାସ୍ଥ୍ୟସେବା ପାଇଥାନ୍ତି। ଆଜି ପର୍ଯ୍ୟନ୍ତ ଏଭଳି ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବା ୧୦ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ପ୍ରାୟ ୨୧୦୦ କୋଟି ଟଙ୍କା ଏ ବାବଦରେ ପରୋକ୍ଷରେ ସଞ୍ଚୟ କରିଛନ୍ତି ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ।



ଜିଲ୍ଲାସ୍ତରୀୟ ପରେଡରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଅଭିବାଦନ ଗ୍ରହଣ କରୁଛନ୍ତି।

ପରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଶହୀଦ ହୋଇଥିବା ନିମାପଡ଼ା ଅମଲାପଡ଼ାର ବିଜୟ କୁମାର ଭୋଇ, ନିମାପଡ଼ା ଘୋଡ଼ା ସାଳିଆର ଜିତେନ୍ଦ୍ର କୁମାର ପ୍ରଧାନ, କାକଟପୁର ଗୋରଡ଼ିତୋଟାର ପୀତବାସ ବାରିକ, ପାଳଶ୍ରୀ ତମ୍ପାଳର ଉପେନ୍ଦ୍ର କୁମାର ଭୋଇ, କୃଷ୍ଣପ୍ରସାଦ ମାଲୁଦର ସୁଦାମ ଚରଣ ଦାସ ଏବଂ ବ୍ରହ୍ମଗିରି ରେବଣା ନୂଆଗାଁର ମନୋରଞ୍ଜନ ଲେଙ୍କାଙ୍କ ପରିବାର ସଦସ୍ୟଙ୍କୁ ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆଗ୍ନିକ ପ୍ରିୟରଞ୍ଜନ ସାହୁ, ମୋହନ କୁମାର ମଲ୍ଲିକ, ଅର୍ଜୁନ ସିକା, ସତ୍ୟରଞ୍ଜନ ବିଶ୍ୱାଳ, ଦୋଳବେଦିକୋଣ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁନୀଲ କୁମାର ତରାଇ, କଣାସ ସାହସପୁର ଉପସ୍ୱାସ୍ଥ୍ୟ କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ମଞ୍ଜୁଲତା ମହାରଣା, କୋଣାର୍କର ବାଲୁକା ଶିଳ୍ପୀ ସରିତା ଗୋଛାୟତ, ହିମାଳୟ ଆରୋହୀ ଏସ୍‌ସିଏସ୍ କଲେଜ ଛାତ୍ର ଆଶିଷ ଜେନା, କନଷ୍ଟେବଲ କଳ୍ପନା ସେଠୀ, ହୋମଗାର୍ଡ ହୃଦାନନ୍ଦ ମିଶ୍ର, ସଫେଇ କର୍ମଚାରୀ ପ୍ରଭାସିନୀ ଦେଈ, ହରି ନାଏକ, ଅମିତ ଗୋପ, ମୋନିକା ତୀର୍କେ, ଜାତୀୟ କ୍ରୀଡ଼ାରେ ସଫଳ ହୋଇଥିବା ଟାଏକୋଣ୍ଡୋ, ଥ୍ରୋ ବଲ୍ ଏବଂ ଖୋ ଖୋ ଦଳଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ପରେଡରେ ସିନିୟର ଡିଭିଜନ ଏନ୍‌ସିସିରେ ସୂରଜମଲ ଶାହା କଲେଜ, ଜୁନିୟର ଡିଭିଜନ ଏନ୍‌ସିସି ବାଳକ ବର୍ଗରେ ପୋଲିସ ହାଇସ୍କୁଲ, ବାଳିକା ବର୍ଗରେ ବିଶ୍ୱମ୍ଭର ବିଦ୍ୟାପୀଠ, ସ୍କାଉଟ୍ସ ବାଳକ ବର୍ଗରେ ସ୍ୱାମୀ ବିବେକାନନ୍ଦ ବିଦ୍ୟା ନିକେତନ, ବାଳିକା ବର୍ଗରେ ଡିଏଭି ପବ୍ଲିକ ସ୍କୁଲ ଏବଂ ଶୃଙ୍ଖଳାରେ ସେଣ୍ଟ ଜାଭିୟର ହାଇସ୍କୁଲ ବୀରହରେକୃଷ୍ଣପୁରକୁ ପୁରସ୍କୃତ କରାଯାଇଥିଲା। ପରେ ଷ୍ଟାଡ଼ିୟମ ପରିସରରେ ଚାରାରୋପଣ, ଉତ୍କଳ ବାଳାଶ୍ରମ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ପୋଷାକ ବଣ୍ଟନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ ଏବଂ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡା. କନୱର ବିଶାଲ ସିଂ, ଜିଲ୍ଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ଡ. ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ସିଡିଏମ୍‌ଓ ଡା. ସୁଜାତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମହାପ୍ରସାଦ ଦର ତାଲିକା ନେଇ ପ୍ରସ୍ତୁତି ଆରମ୍ଭ

ପୁରୀ,୧୬।୮ (ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ଆନନ୍ଦ ବଜାରରେ ମହାପ୍ରସାଦକୁ ନେଇ ଭକ୍ତ ଶୋଷଣ ହେଉଥିବା ନେଇ ଅଭିଯୋଗ ହେଇଆସୁଥିଲା। ଭକ୍ତମାନେ ମହାପ୍ରସାଦ ନେବାକୁ ଯାଇ ଦଲାଲଙ୍କ ହାବୁଡରେ ପଡୁଥିଲେ। ଏପରିକି ଅନେକ ସମୟରେ ନିର୍ଦ୍ଧାରିତ ଦର ଠାରୁ ଅଧିକ ମୂଲ୍ୟ ଦେଇ ମହାପ୍ରସାଦ କ୍ରୟ କରି ନେଉଥିବା ଅଭିଯୋଗ ହେଉଥିଲା। ତେଣୁ ମହାପ୍ରସାଦ ଦର ନିର୍ଦ୍ଧାରଣ କରିବା ପାଇଁ ବାରମ୍ବାର କୁହାଯାଉଥିଲେ ମଧ୍ୟ ଦର ତାଲିକା ପ୍ରସ୍ତୁତ ହୋଇପାରୁ ନ ଥିଲା। ତେବେ ଆନନ୍ଦବଜାରରେ ମହାପ୍ରସାଦ ବିକ୍ରି ପାଇଁ ସୁଆର ମହାସୁଆର ନିଯୋଗ ପକ୍ଷରୁ ପ୍ରାଥମିକ ସ୍ତରୀୟ ଦରତାଲିକା ପ୍ରସ୍ତୁତ କରାଯାଇଥିବା ସୂଚନା ମିଳିଛି। ପରୀକ୍ଷାମୂଳକ ଭାବେ ମହାପ୍ରସାଦ ରନ୍ଧାଯିବା ପରେ ହୋଇଥିବା ଖର୍ଚ୍ଚକୁ ଆଧାର କରି ମହାପ୍ରସାଦ ଦର ତାଲିକା ପ୍ରସ୍ତୁତ କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟିରେ ଏ ନେଇ ଆଲୋଚନା ପରେ ନିଷ୍ପତ୍ତି ହୋଇ ମୋହର ବାଜିବା ପରେ ମହାପ୍ରସାଦର ଚୂଡ଼ାନ୍ତ ଦର ତାଲିକା ହେବ ବୋଲ ଜଣାପଡ଼ିଛି। ପରୀକ୍ଷାମୂଳକ ଭାବେ ମହାପ୍ରସାଦ ରନ୍ଧାଯିବା ପରେ ହୋଇଥିବା ଖର୍ଚ୍ଚକୁ ଆଧାର କରି ମହାପ୍ରସାଦ ଦର ତାଲିକା ପ୍ରସ୍ତୁତ କରାଯାଇଛି। ଆନନ୍ଦବଜାର ରେଟଚାର୍ଟ ଅନୁଯାୟୀ ହୋଇଥିବା ଦର ତାଲିକାରେ ବାସୁମତି ବାଇହାଣ୍ଡି ଅନ୍ନର ଦାମ ଅଢେଇ ହଜାର ରହିଥିବା ବେଳେ ଜିରା ରାଇସ୍ ଦାମ ୧୩ଶହ ଟଙ୍କା ରହିଛି। ସେହିପରି ୬ଟି ଆଇଟମ ଥିବା ଥାଳିର ମୂଲ୍ୟ ୧୨୦ ଟଙ୍କା ରହିଥିବା ବେଳେ ୮ଟି ଆଇଟମ୍‌ର ମୂଲ୍ୟ ୧୫୦ ଟଙ୍କା ରଖାଯାଇଛି। ୧୧ଟି ଆଇଟମ ଥିବା ଥାଳିର ରେଟ୍ ୨୦୦ ଟଙ୍କା ରହିଛି। ବିଭିନ୍ନ ମଠ ଓ କୁଡ଼ିଆର ମୂଲ୍ୟ ଭିନ୍ନ ଭିନ୍ନ ଦର ରହିଛି। ତେବେ ସୁଆର ମହାସୁଆର ନିଯୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ରେଟ ତାଲିକାକୁ ଶ୍ରୀମନ୍ଦିର ପରିଚାଳନା କମିଟିରେ ଆଲୋଚନା କରାଯିବ। ଯଦି ସବୁ ଠିକ୍ ଥିବ ତେବେ କମିଟିରେ ନିଷ୍ପତ୍ତି ହୋଇ ମୋହର ବାଜିବା ପରେ ମହାପ୍ରସାଦର ଚୁଡାନ୍ତ ଦର ତାଲିକା ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ଅପରପକ୍ଷରେ ଦୈନନ୍ଦିନ ମହାପ୍ରସାଦ ଦର ତାଲିକା ଯାହା ବିଶେଷ ପର୍ବପର୍ବାଣିରେ ଏହାର ତିନି ଗୁଣା କି ଚାରିଗୁଣା ରେଟ ହେଇଯିବା ଫଳରେ ଭକ୍ତ ଶୋଷଣ ହେଉଛନ୍ତି। ତେବେ ବଜାର ଦରକୁ ଚାହିଁ ନୁହେଁ ଭକ୍ତଙ୍କ ଆର୍ଥିକ ସ୍ଥିତି ଓ ଭାବାବେଗକୁ ଦେଖି ଦର ତାଲିକା କରାଯାଉ ବୋଲି ସାଧାରଣରେ ଦାବି ହୋଇଛି।

## ସଂକ୍ଷେପରେ

### ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍: ପ୍ରଶାସନ ଏକାଦଶ ବିଜୟୀ

ପୁରୀ,୧୬।୮ (ଅଜିତ ମହାନ୍ତି)

ପୁରୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମଙ୍ଗଳବାର ତାଳବଣିଆସ୍ଥିତ ସ୍ପୋର୍ଟ୍ସ ପଡ଼ିଆରେ ଏକ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଶାସନ ଏକାଦଶ ୪-୦ ଗୋଲରେ ବିଜୟୀ ହୋଇଥିଲା। ପ୍ରଶାସନ ଏକାଦଶ ପକ୍ଷରୁ କେଶବ ରାଓ ୩ଟି ଏବଂ ଆଶିଷ କୁମାର ପାତ୍ର ଗୋଟିଏ ଗୋଲ ସ୍କୋର କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରଶାସନ ଏକାଦଶର କେଶବ ରାଓ ଏବଂ ଗଣମାଧ୍ୟମ ଦଳର କ୍ୟାପଟେନ୍ ଅକ୍ଷୟ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ବିଜୟୀ ଓ ଉପବିଜେତା ଦଳକୁ ଟ୍ରଫି ଏବଂ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ପୁରୀ, ୧୬।୮ (ଅଜିତ୍ ମହାନ୍ତି)

ସରକାରଙ୍କ ‘ମୋ ଘର ଯୋଜନା’ ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ଏକ ବିଫଳ ଓ ଅଗ୍ରହଣୀୟ ଯୋଜନାରେ ରୂପାନ୍ତରିତ ହୋଇଛି। ଅନେକ ଯୋଗ୍ୟ କ୍ଷତିଗ୍ରସ୍ତଙ୍କ ନାମ ତାଲିକାରୁ ବାଦ୍ ପଡ଼ିଛି। ଦାବି ପୂରଣ କରିବାରେ ସରକାର କାଳବିଳମ୍ବ ନୀତି ଆପଣେଇଛନ୍ତି। ଏ ନେଇ ପୁରୀ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି ଏବଂ ଜନଶକ୍ତି ମଞ୍ଚ ତରଫରୁ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ବିଧାନର ୨୧ ଧାରା ମୁତାବକ ଫନୀ କ୍ଷତିଗ୍ରସ୍ତଙ୍କୁ ୪ ଲକ୍ଷ ଟଙ୍କାର ଆପଦ ଶୂନ୍ୟ ଗୃହ ଯୋଗାଣ, ସହାୟତାରୁ ବଞ୍ଚିତ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ପ୍ରଦାନ ସହ କେଳେଙ୍କାରୀରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ପୁରୀ ଗଞ୍ଜାମ ସଂଯୋଗୀକରଣ ପାଇଁ ଚିଲିକା ଉପରେ ସାତପଡ଼ା ଜହ୍ନିକୁଦା ବ୍ରିଜ ନିର୍ମାଣ ଓ ଧନୁଆ ବନ୍ୟା ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ଦାବି କରାଯାଇ ଦାବିପତ୍ର ପ୍ରଦାନ କରାଯାଇଥିଲା।



ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି ଏବଂ ଜନଶକ୍ତି ମଞ୍ଚ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ବିମାନବନ୍ଦର କାର୍ଯ୍ୟ ତଦାରଖ କଲେ ପରିବହନ ମନ୍ତ୍ରୀ

### ତୁରନ୍ତ କାର୍ଯ୍ୟ ସାରିବାକୁ କେନ୍ଦ୍ରକୁ ଚିଠି

ପୁରୀ, ୧୬।୮ (ଅଜିତ୍ ମହାନ୍ତି)

ରାଜ୍ୟ ସରକାର ପର୍ଯ୍ୟଟନ ସହର ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବା ପାଇଁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରୁଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟରୁ ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ ପ୍ରସ୍ତାବ ଅନ୍ୟତମ। ଏହି ବିମାନ ବନ୍ଦରର କାର୍ଯ୍ୟ ଆଗେଇ ଚାଲିଛି। ବୁଧବାର ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ପୁରୀ ଗସ୍ତରେ ଆସି ଏହି ବିମାନବନ୍ଦର ନିର୍ମାଣସ୍ଥଳକୁ ଯାଇ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ସେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରାଥମିକ କାର୍ଯ୍ୟ ନେଇ ମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡ଼ିଛି।

ବିମାନବନ୍ଦର ପାଇଁ ପାଚେରି ନିର୍ମାଣ ସରିଥିବାବେଳେ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଛି। କେନ୍ଦ୍ର ସରକାରଙ୍କୁ ସବୁ ସହଯୋଗ ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। କେନ୍ଦ୍ରକୁ ଚିଠି ଦ୍ୱାରା ସବୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଯେଭଳି ବିମାନ ବନ୍ଦର କାର୍ଯ୍ୟ ଆରମ୍ଭ ହୋଇ ଶେଷ ହେବ ସେ ନେଇ କେନ୍ଦ୍ରକୁ ଅନୁରୋଧ କରାଯାଇଛି। ପୁରୀ ସଦର ଗିରଳ ଛକ ନିକଟ ସିପସରୁବାଲି ମୌଜାରେ ପ୍ରାୟ ୧୨ଶହ ଏକର ଜମିରେ ଏହି ଗ୍ରୀନ ଫିଲ୍ଡ ବିମାନବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ହୋଇଛି। ଏହାଦ୍ୱାରା ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ପୁରୀ ଆହୁରି ଆଗେଇବ। ବିଶ୍ୱ ପ୍ରସିଦ୍ଧ ଶ୍ରୀମନ୍ଦିର ଏବଂ କୋଣାର୍କ ମନ୍ଦିର ଦର୍ଶନ ପାଇଁ ଦେଶବିଦେଶରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଖୁବ୍‌ଶୀଘ୍ର ବିମାନ ବନ୍ଦର କାର୍ଯ୍ୟ ସାରିବାକୁ କେନ୍ଦ୍ରକୁ ଅନୁରୋଧ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ସହରର ଉନ୍ନତି ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇଆସୁଛନ୍ତି। ତେଣୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏଠାରେ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ ପ୍ରକ୍ରିୟା ଠିକ ଭାବେ ଚାଲିଛି ବୋଲି ପରିବହନ ମନ୍ତ୍ରୀ ସାହୁ କହିଛନ୍ତି।

### ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନିଶାଦ୍ରବ୍ୟ ଜବତ

ପିପିଲି,୧୬।୮ (ଦୁର୍ଗାମାଧବ ମିଶ୍ର)

ପୁରୀ ଜିଲ୍ଲା ଅବକାରୀ ବିଭାଗ ପିପିଲିର ତାରା କଲ୍ୟାଣ ମଣ୍ଡପ ଓ ସାତଶଙ୍ଖ ଦୁର୍ଗାମଣ୍ଡପ ଅଞ୍ଚଳରେ ଚଢାଉ କରି ୨ ଜଣ ନିଶା ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଳଙ୍ଗା ଥାନା ଅଧୀନ ନୂଆହାଟ ଗ୍ରାମର ଜଗନ୍ନାଥ ସେଠୀ ଏବଂ ଜପନ ଗ୍ରାମର ପ୍ରିୟବ୍ରତ ପରିଡ଼ା। ସେମାନଙ୍କ ପାଖରୁ ୧୬ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ନିଶାଦ୍ରବ୍ୟ ଜବତ ହୋଇଛି। ଜଗନ୍ନାଥଙ୍କଠାରୁ ୮ ଲକ୍ଷ ୭୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ୮୭ଗ୍ରାମ ହେରୋଇନ୍ ଜବତ ହୋଇଥିବାବେଳେ ପ୍ରିୟବ୍ରତଙ୍କଠାରୁ ୭ ଲକ୍ଷ ୬୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ୭୬ ଗ୍ରାମ ବ୍ରାଉନସୁଗାର ଏବଂ ଗୋଟିଏ ବାଇକ୍ ଜବତ କରିଛି । ପିପିଲି ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଉଥିବାରୁ ବିଶେଷସୂତ୍ରରୁ ଖବରପାଇ ଅବକାରୀ ବିଭାଗ ଚଢ଼ାଉ କରି ୨ ଜଣଙ୍କୁ କାବୁ କରିଥିଲା। ଏନେଇ ଅବକାରୀ ଥାନାରେ ୨ଟି ମାମଲା ରୁଜୁ ହେବା ସହିତ ଜାମିନ ନାମଞ୍ଜୁର ହେବାରୁ ଗିରଫ ବ୍ୟକ୍ତିଙ୍କୁ ପୁରୀ କାରାଗାରକୁ ପଠାଯାଇଛି।

## ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରୀଛାତ୍ର

### ଶିକ୍ଷକ ବଦଳିକୁ ବିରୋଧ

ସାକ୍ଷୀଗୋପାଳ, ୧୬।୮
(ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ମୂଳଅଲସା ପଞ୍ଚାୟତର ପରହାଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ବଦଳିକୁ ବିରୋଧ କରି ବୁଧବାର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁସାରେ ବିଦ୍ୟାଳୟର ଶିକ୍ଷକ ପ୍ରଫୁଲ୍ଲ କୁମାର ମୁଦୁଲିଙ୍କୁ ବଦଳି କରାଯାଇଛି। ଉକ୍ତ ଶିକ୍ଷକଙ୍କ ବଦଳିକୁ ବାତିଲ ଦାବି କରି ଛାତ୍ରୀଛାତ୍ରମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଧାରଣା ଦେଇଛନ୍ତି। ଏପରି କି ବିଦ୍ୟାଳୟକୁ ଆସିଥିବା ମଧ୍ୟାହ୍ନଭୋଜନକୁ ମଧ୍ୟ ଛାତ୍ରୀଛାତ୍ରମାନେ ଫେରାଇ ଦେଇଥିଲେ। ବିଦ୍ୟାଳୟ ଛୁଟି ସମୟ ପର୍ଯ୍ୟନ୍ତ କୌଣସି ଅଧିକାରୀ କିମ୍ବା କର୍ମକର୍ତ୍ତା ଘଟଣାସ୍ଥଳରେ ନ ପହଞ୍ଚିବାରୁ ଛାତ୍ରୀଛାତ୍ରମାନେ ଫେରିଯାଇଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଭବମ ପ୍ରଧାନ କୁହନ୍ତି, ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୪୯। ହେଲେ ଶିକ୍ଷକ ଅଛନ୍ତି ୬ଜଣ। କିନ୍ତୁ ନିକଟସ୍ଥ ଚନ୍ଦ୍ରବରହମପୁର (ୟୁଜିଏମ୍‌ଇ)ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୮୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ମାତ୍ର ୨ଜଣ ଶିକ୍ଷକ ରହିଛନ୍ତି। ତେଣୁ ଉକ୍ତ ସ୍କୁଲରେ ପିଲାଙ୍କ ପାଠପଢିବାରେ ବାଧା ସୃଷ୍ଟି ନ ହେବା ସହ ଶିକ୍ଷକ ଅଭାବ ରହିଥିବାରୁ ସେଠାକୁ ଡେପୁଟେଶନରେ ଜଣେ ଶିକ୍ଷକଙ୍କୁ ପଠାଯାଇଛି। ଅନ୍ୟପଟେ ଶିକ୍ଷକଙ୍କ ବଦଳିକୁ ନେଇ ବୁଧବାର ପିଲାମାନେ ଯେଉଁ ଧାରଣା ଦେଇଛନ୍ତି, ସେ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ସହିତ ଆଲୋଚନା କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

## ଦଦରା କାଠପୋଲ ନେଲା ଜୀବନ

### ପାଣିରେ ଗାର ପାଲଟିଲା ପ୍ରଶାସନର ପ୍ରତିଶ୍ରୁତି

ବ୍ରହ୍ମଗିରି,୧୬।୮ (ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ବ୍ଲକର ରାହାଡ଼ମଲ୍ଲଠାରେ ଭାର୍ଗବୀ ନଦୀ ଉପରେ ତିନିକୁଦୀ ବାଲିକେରା ସେତୁରେ ସୋମବାର ଜଣେ ବ୍ୟକ୍ତି ଯାଉଥିବାବେଳେ ପୋଲରୁ ଖସି ତାଙ୍କର ମୃତ୍ୟୁ ଘଟିଛି। ବ୍ୟକ୍ତିଙ୍କ ପୋଲରୁ ଗୋଡ଼ ଖସି ଯାଇଥିବାବେଳ ଘଟଣା ସ୍ଥଳରେ ୨ଟି ଛୋଟ ପିଲା ଏହା ଦେଖି ପାଟି କରି ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ହେଲେ ଲୋକ ପହଞ୍ଚିବାବେଳକୁ ଉକ୍ତ ବ୍ୟକ୍ତିଙ୍କ ପତ୍ତା ମିଳି ନ ଥିଲା। ଖବରପାଇ ବ୍ରହ୍ମଗିରି ଅଗ୍ନି ସେବାସଂସ୍ଥା ୨ଦିନ ଖୋଜାଖୋଜି କରିବା ପରେ ମଙ୍ଗଳବାର ତାଙ୍କ ମୃତଦେହ ମିଳିଥିଲା। ହେଲେ ମୃତକଙ୍କ ପରିଚୟ ମିଳିପାରି ନାହିଁ।

ପ୍ରକାଶଥାଉ କି, ଏହି ସେତୁ ଉପରେ ୩ ପଞ୍ଚାୟତର ୨୦ ଖଣ୍ଡ ଗ୍ରାମର ଲୋକେ ଗମନାଗମନ ପାଇଁ ନିର୍ଭର କରନ୍ତି। ଏଠାରେ ସ୍ଥାୟୀ ସେତୁ ନ ଥିବାରୁ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଏକ ଅସ୍ଥାୟୀ କାଠପୋଲ ନିର୍ମାଣ କରାଯାଇ ସ୍ଥାନୀୟ ଲୋକେ ଓ ଛାତ୍ରୀଛାତ୍ର ପ୍ରତ୍ୟେକ ଦିନ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଏଠାରେ ଏକ ସ୍ଥାୟୀ ସେତୁ ନିର୍ମାଣ ପାଇଁ ୨୦୧୩ ଜାନୁୟାରୀ ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଶୁଭ ଦେବାର ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ସେତୁ କେବଳ ଦୁଇଟି ପିଲାର ମଧ୍ୟରେ ନିର୍ମାଣ କାର୍ଯ୍ୟ ସୀମିତ ରହିଛି। ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ପ୍ରଶାସନକୁ ଜଣାଇ ରାସ୍ତା ଅବରୋଧକୁ ଆପଣାଇଥିଲେ। ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିବାରୁ ପୁରୀ ଗ୍ରାମ୍ୟ ନିର୍ମାଣ ବିଭାଗର ଯନ୍ତ୍ରୀ ଅଜିତ ସାହୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ୪ ଦିନରେ ଅସ୍ଥାୟୀ କାଠପୋଲକୁ ମରାମତି କରିବା ଓ ସ୍ଥାୟୀ ପୋଲର ନିର୍ମାଣ କାର୍ଯ୍ୟ ବର୍ଷାଋତୁ ପରେ କରାଯିବା ନେଇ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବୋରଧ ହଟିଥିଲା। ଏହି ପ୍ରତିଶ୍ରୁତିକୁ ସପ୍ତାହେ ପୂରିଥିଲେ ମଧ୍ୟ ଏହାର ମରାମତି ହୋଇନାହିଁ। ଉକ୍ତ ପୋଲଟି ଦିନକୁ ଦିନ ଦୁର୍ବଳ ହେବାରୁ ଯାତାୟାତ ପାଇଁ ସବୁବେଳେ ବିପଦ ଲାଗି ରହିଛି।



# ନକଲି ଆର୍ମି ଅଫିସର ଗିରଫ



ଗିରଫ ଅଭିଯୁକ୍ତ ସୁନୀଲ କୁମାର ଦାସ।

### ସ୍ୱାଧୀନତା ଦିବସ ସମାରୋହକୁ ପାରା କମାଣ୍ଡୋ ବେଶରେ ଆସିଥିଲେ

ପୁରୀ, ୧୬।୮ (ଅଜିତ ମହାନ୍ତି)

ପୁରୀ ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ଜିଲାସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ସମାରୋହ ଅବସରରେ ମଙ୍ଗଳବାର ଜଣେ ନକଲି ଆର୍ମି ଅଫିସରଙ୍କୁ ପୋଲିସ ଗିରଫ କରିଛି। ସେ ଆର୍ମି ପାରା କମାଣ୍ଡୋ ବେଶରେ ସମାରୋହ ସ୍ଥଳକୁ ଆସିଥିଲେ। ଗିରଫ ହୋଇଥିବା ନକଲି ପାରା କମାଣ୍ଡୋ ହେଲେ ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଅବକାଶ ଲେନ୍‌ର ସୁନୀଲ କୁମାର ଦାସ(୨୨)। ପୋଲିସ ତାଙ୍କଠାରୁ ଆର୍ମି ପୋଷାକ ସହ ବିଭିନ୍ନ ନ୍ୟାଶନାଲ ଏମ୍ବ୍ଲେମ୍, ଅନ୍ୟାନ୍ୟ ମନୋଗ୍ରାମ ସହ ଗୋଟିଏ ମୋବାଇଲ ଜବତ କରିଛି। ଏନେଇ କୁମ୍ଭାରପଡ଼ା ଥାନା ପୋଲିସ ଏକ କେସ୍ (ନଂ. ୨୦୮/୨୩) ରୁଜୁ କରିଛି। କଡ଼ା ସୁରକ୍ଷା ବଳୟ ମଧ୍ୟରେ କିପରି ଏହି ଘଟଣା ଘଟିଲା ତାହା ସାଧାରଣରେ ପ୍ରଶ୍ନ ହୋଇଛି।

ସୂଚନା ଅନୁଯାୟୀ, ତାଳବଣିଆସ୍ଥିତ ଷ୍ଟାଡିୟମରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଜିଲାସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ପାଳନ କରାଯାଉଥିଲା। ଜଣେ ଯୁବକ ଆର୍ମି କମାଣ୍ଡୋ ପୋଷାକ ପିନ୍ଧି ପ୍ରଶାସନ ପକ୍ଷରୁ କରାଯାଇଥିବା ଭିଆଇପି ଜୋନରେ ନିମନ୍ତ୍ରିତ ଅତିଥିମାନଙ୍କ ଚେୟାରରେ ବସିଥିବା ଦେଖିବାକୁ ମିଳିଥିଲା। ତେବେ ତାଙ୍କ ବେଶପୋଷାକ ଓ ଚାଲିଚଳଣ ଦେଖି ସନ୍ଦେହ ସୃଷ୍ଟି ହେବାରୁ ପୋଲିସକୁ ଅବଗତ କରାଯାଇଥିଲା। ପୋଲିସ ଅଧିକାରୀ ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରିବାରୁ ସେ ନକଲି ବେଶପୋଷାକ ପିନ୍ଧି ଆସିଥିବା ସ୍ୱୀକାର କରିଥିଲେ। ଦେଶ ମାତୃତ୍ୱକୁ ଭଲପାଇବା ସହ ପାରା କମାଣ୍ଡୋ ହେବାକୁ ଇଚ୍ଛା ରହିଥିବାରୁ ଏଭଳି ବେଶ ହୋଇ ଆସିଥିବା ସେ କହିଥିଲେ। ତେବେ ତାଙ୍କର ଏପରି ବୟାନକୁ ଗ୍ରହଣ ନ କରି ଅତିରିକ୍ତ ଏସ୍‌ପି, ସିଟି ଡିଏସ୍‌ପି ପ୍ରମୁଖ ସମ୍ପୃକ୍ତ ଯୁବକଙ୍କୁ ଧରି ସମୁଦ୍ରକୂଳ ଥାନାକୁ ନେଇଥିଲେ। ଥାନାର ଏସ୍‌ଆଇଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (୨୦୯/୨୩) ରୁଜୁ କରି ତାଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଛି। ଅପରପକ୍ଷରେ ତାଳବଣିଆ ଇନ୍‌ଡୋର ଷ୍ଟାଡିୟମ ପରେଡ ଗ୍ରାଉଣ୍ଡରେ କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଏହି ଯୁବକ କିଭଳି ନକଲି ଆର୍ମି ପୋଷାକ ପିନ୍ଧି ପଡ଼ିଆକୁ ପ୍ରବେଶ କଲେ ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି।

# ୧୮, ୧୯ ପ୍ରବଳ ବର୍ଷା ସମ୍ଭାବନା

### ଲଘୁଚାପ

ଭୁବନେଶ୍ୱର, ୧୬।୮ (ଅନିଲ ଦାସ)

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୭ ତାରିଖ ରାତିରୁ ୧୯ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳ ଓ ପଶ୍ଚିମ ଓଡ଼ିଶାରେ ଏହାର ପ୍ରଭାବ ଅଧିକ ରହିବ। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ୧୮ ତାରିଖରେ ପୁରୀ, ଖୋର୍ଦ୍ଧା, କଟକ, ଅନୁଗୋଳ, ସମ୍ବଲପୁର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଦେବଗଡ଼, ବରଗଡ଼, ବୌଦ୍ଧ, ସୋନପୁର, ନବରଙ୍ଗପୁର, ମାଲକାନଗିରି ଏବଂ କୋରାପୁଟ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି। ସେହିପରି ୧୯ ତାରିଖରେ କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର, ମାଲକାନଗିରି ଏବଂ କୋରାପୁଟ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିପରି ଏହି ସମୟରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ରାୟଗଡ଼ା, କଟକ, ସମ୍ବଲପୁର, ବରଗଡ଼ ଏବଂ ଝାରସୁଗୁଡ଼ା ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

# ପଥର ଖାଦାନରେ ମାଟି ଅତଡ଼ା ଖସି ଜଣେ ମୃତ, ୪ ଶ୍ରମିକ ଗୁରୁତର

ସୋର, ୧୬।୮ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ପଥର ଖାଦାନରେ ବେଆଇନ ପଥର ଖାଦାନରେ ବେଆଇନ ବ୍ଲାଷ୍ଟିଂ ଲାଗି ପ୍ରସ୍ତୁତି ଚାଲିଥିବା ବେଳେ ମାଟି ଅତଡ଼ା ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ୪ଜଣ ଶ୍ରମିକ ଗୁରୁତର ଆହତ ହୋଇ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି। ମୃତ ଶ୍ରମିକ ହେଲେ ନୀଳଗିରି ମିତ୍ରପୁର ଅଞ୍ଚଳର ତିରି ସିଂ। ଗୁରୁତର ୪ଜଣ ହେଲେ ପାଗଡାଶୋଳ ରିଙ୍ଗପୁର ଗ୍ରାମର ରଙ୍ଗା ସିଂ, ଦାମ ସିଂ, ରମା ସିଂ ଓ ଶିବୁ ସିଂ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଖାଦାନ ସଂଘ ଆମ୍ବୁଲାନ୍ସରେ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ସେଠାରେ ମାଟି ଅତଡ଼ା ତଳେ ଦୁଇ ଶ୍ରମିକ ପୋତି ହୋଇରହିଥିବା ସୂଚନା ମିଳିବା ପରେ ସୋର ଅଗ୍ନିଶମ ବିଭାଗର ଦମକଳ, ସୋର ତହସିଲଦାର ବସନ୍ତ କୁମାର ସାହାଣୀ, ସୋର ପୋଲିସ ଏଏସ୍‌ଆଇ ସବ୍ୟସାଚୀ ମହାନ୍ତି ପହଞ୍ଚି ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ କିଛି ପାଇ ନ ଥିଲେ। ତେବେ ପ୍ରଶାସନ ପହଞ୍ଚିବା ପୂର୍ବରୁ ବେଆଇନ ଖାଦାନ ମାଫିଆମାନେ ଶ୍ରମିକଙ୍କ ମୃତଦେହକୁ ଗାୟବ କରିଦେଇଥିବା ସ୍ଥାନୀୟ ଚର୍ଚ୍ଚା ହେଉଛି।

# ଅଡିଓ କ୍ଲିପ୍ ଭାଇରାଲ: ଏତଲା ଦେଲେ ପରିବାର ଲୋକେ

### ମାହାଙ୍ଗାରେ ନାବାଳିକା ମୃତ୍ୟୁ ଘଟଣା

ମାହାଙ୍ଗା, ୧୬।୮ (ଯଯାତି ସିଂହ)

କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଏକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ମୃତ୍ୟୁର ୨ ମାସ ପରେ ଏକ ଅଡିଓ କ୍ଲିପ୍ ଭାଇରାଲ ହେବାରେ ଲାଗିଛି। ଯେଉଁ ଅଡିଓରେ ନାବାଳିକାଙ୍କ ମୃତ୍ୟୁକୁ ନେଇ ୭୦ ହଜାର ଟଙ୍କାର ଡିଲ ହୋଇଥିବା ଶୁଣିବାକୁ ମିଳିଥିଲା। ଭାଇରାଲ ହୋଇଥିବା ଅଡିଓ କ୍ଲିପଟି ଜଣେ ବିଜେଡି ନେତାଙ୍କ ବୋଲି ଅଭିଯୋଗ ହେଉଛି। ତେବେ ଘଟଣାକୁ ନେଇ ଏବେ ଏକ ହାତଲେଖା ଚିଠି ଭାଇରାଲ ହେବାରେ ଲାଗିଛି। ଏହି ଚିଠିଟି ମୃତ ନାବାଳିକାଙ୍କ ବୋଲି ଆଲୋଚନା ହେଉଛି। ତେବେ ଏହି ଚିଠିରେ ସ୍ପଷ୍ଟ ଭାବେ ଲେଖା ଅଛି, ମୃତ ନାବାଳିକାଙ୍କୁ ଜୀବନରୁ ମାରିବାକୁ ତାଙ୍କର ବାପା ବିଷ ଖାଇବାକୁ ଦେଇଛନ୍ତି। ଅପରପକ୍ଷେ ଭାଇରାଲ ଅଡିଓରେ ମୃତ ନାବାଳିକା ରଶି ଦେଇ ଆତ୍ମହତ୍ୟା କରିଥିବା ଶୁଣିବାକୁ ମିଳୁଥିବା ବେଳେ ଭାଇରାଲ ଚିଠିରେ ବିଷ ଦେଇ ମାରିବାକୁ ଉଦ୍ୟମ କରାଯାଉଥିବା ଲେଖା ଅଛି। ଏଭଳିସ୍ଥିତିରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ମୃତ ନାବାଳିକାଙ୍କ ବାପା କହିଛନ୍ତି, ବାତ ମାରିବାରୁ ଝିଅର ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଏହି ଘଟଣାରେ ସବୁଠାରୁ ବେଶୀ ସନ୍ଦେହ ଘେରକୁ ଆସିଛନ୍ତି ଜଣେ ବିଜେଡି ନେତା। ଫଳରେ ପୋଲିସ ଘଟଣା ସମ୍ପର୍କରେ ଅବଗତ ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଛି। ଏପରିସ୍ଥିତିରେ ବୁଧବାର ଥାନାରେ ପରିବାର ଲୋକ ପହଞ୍ଚି ଆଇଆଇସିଙ୍କୁ ଭେଟି ଘଟଣା ସମ୍ପର୍କରେ ଏକ ଲିଖିତ ଏତଲା ଦେଇଛନ୍ତି।



ବିଭିନ୍ନ ଦାବି ନେଇ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।

# ଭାରତ ବିକାଶର ନୂଆ ଅଧ୍ୟାୟ ସୃଷ୍ଟି କରିଥିଲେ ବାଜପେୟୀ : ମନମୋହନ

ଭୁବନେଶ୍ୱର, ୧୬।୮ (ବ୍ୟୁରୋ)

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୫ମ ବାର୍ଷିକ ପୁଣ୍ୟତିଥିରେ ବୁଧବାର ଭାଜପା ରାଜ୍ୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଭୁବନେଶ୍ୱର ସ୍ଥିତ ଏମ୍‌ସ ହସ୍ପିଟାଲକୁ ଯାଇ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ସ୍ମୃତିକୁ ମନେପକାଇଥିଲେ। ଏହି ଅବସରରେ ମନମୋହନ କହିଥିଲେ, ସ୍ୱର୍ଗତ ବାଜପେୟୀ ଭାରତର ବିକାଶ ଅଗ୍ରଗତିକୁ ପ୍ରୋତ୍ସାହିତକରି ବ୍ୟାପକ କ୍ଷେତ୍ରରେ ଦେଶକୁ ଏକବିଂଶ ଶତାବ୍ଦୀକୁ ନେଇଯିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଭାରତ ବିକାଶର ନୂଆ ଅଧ୍ୟାୟ ଓ ବିପ୍ଳବ ସେ ସୃଷ୍ଟି କରିଥିଲେ। ଅଟଳଜୀଙ୍କ ପାଇଁ ଓଡ଼ିଶା ପରେ ବର୍ତ୍ତମାନ ଦେଶର ଏକାଧିକ ରାଜ୍ୟରେ ଏମ୍‌ସ ହସ୍ପିଟାଲ ନିର୍ମାଣ ହେଉଥିବାରୁ ସାଧାରଣ ଲୋକେ ଚିକିତ୍ସା ସୁବିଧା ପାଉଛନ୍ତି। ସେ ସଡ଼କ କ୍ରାନ୍ତିର ଜନକଭାବେ ପରିଚିତ। ତାଙ୍କ ଶାସନ କାଳରେ ଦେଶରେ ଗମନାଗମନ କ୍ଷେତ୍ରରେ ହୋଇଥିଲା ଯୁଗାନ୍ତକାରୀ ପରିବର୍ତ୍ତନ। ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ହେଉ କି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଭାରତକୁ ବାଜପେୟୀ ନୂଆ ଦିଶା ଦେଖାଇଛନ୍ତି। ଓଡ଼ିଶାର ବିକାଶ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ। ଦେଶର ଅଗ୍ରଣୀ ସ୍ୱାସ୍ଥ୍ୟସେବା ଯୋଗାଉଥିବା ମେଡିକାଲ କଲେଜ ମଧ୍ୟରୁ ଅନ୍ୟତମ ଭୁବନେଶ୍ୱରସ୍ଥିତ ଏମ୍‌ସ ମେଡିକାଲ କଲେଜର ପ୍ରତିଷ୍ଠା ତାଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି ମନମୋହନ କହିଛନ୍ତି।

# ୫ଲକ୍ଷ ୩୩ହଜାର ଟଙ୍କାରେ ବିକ୍ରି ହେଲା ତେଲିଆ ମାଛ

ଚାନ୍ଦବାଲି, ୧୬।୮ (ଅଶୋକ ପଣ୍ଡା)



ଭଦ୍ରକ ଜିଲା ଚାନ୍ଦବାଲି-ଧାମରା ମୁହାଣଠାରୁ ୨୫କି.ମି. ଦୂର ଗଭୀର ସମୁଦ୍ରରୁ ଧରାଯାଇଥିବା ବିରଳ ମାଟିଆ ତେଲିଆ ମାଛ(ପ୍ରୋଟନବିଅନ ଡାଇକନ୍ ଥେସିସି) ୫ ଲକ୍ଷ ୩୩ ହଜାର ଟଙ୍କାରେ ବିକ୍ରି ହୋଇଛି। ମଣ୍ଟୁ ମଣ୍ଡଳ ନାମକ ଜଣେ ମତ୍ସ୍ୟଜୀବୀ ଏହି ମାଛ ଧରିଥିଲେ। ମାଛଟିର ଓଜନ ୨୬ କେଜି ହୋଇଥିବା ବେଳେ କେଜି ପ୍ରତି ୨୦ ହଜାର ୫ ଶହ ଟଙ୍କାରେ ନିଲାମ କରାଯାଇଛି। ଏହି ମାଛକୁ ଧାମରା ଚନ୍ଦିନୀପାଳ ମାଛଧରା ବେସର କଣ୍ଟାରେ ମତ୍ସ୍ୟଜୀବୀ ଶଙ୍କର ଗିରି ନିଲାମ ନେଇଥିବା ବେଳେ ସେ ଏହାକୁ ବିଦେଶୀ କମ୍ପାନୀକୁ ବିକ୍ରି କରିଥିବା ସୂଚନା ମିଳିଛି।

# ଗଣଶିକ୍ଷା ବିଭାଗ ସହ ପ୍ରାଥମିକ ଶିକ୍ଷକ ସଂଘର ଆଲୋଚନା

ଭୁବନେଶ୍ୱର, ୧୬।୮ (ଅସମାପିକା ସାହୁ)

ବିଭିନ୍ନ ଦାବି ନେଇ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ସହିତ ଆଲୋଚନା ହୋଇଛି। ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। ସଂଘ କର୍ମକର୍ତ୍ତାମାନେ ଦାବି ଉପସ୍ଥପନା କରିଥିଲେ। ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ସମସ୍ତ ଦାବିଗୁଡ଼ିକୁ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକରେ ଉପସ୍ଥାପନ କରାଯିବ ବୋଲି ଆଲୋଚନାରେ ନିଷ୍ପତ୍ତି ହୋଇଛି।

# ୨୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୮୯ ଗ୍ରାମ ସୁନା ମିଳିଲା

### ମା' ତାରିଣୀଙ୍କ ହୁଣ୍ଡୀ ଗଣତି

ଘଟଗାଁ, ୧୬।୮ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀ ମନ୍ଦିରରେ ବୁଧବାର ହୁଣ୍ଡୀ ଗଣତି କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ବେଢ଼ା ଭିତର ଓ ବାହାରେ ମୋଟ ୧୩ ହୁଣ୍ଡୀ ଖୋଲାଯାଇ ଗଣତି କରାଯାଇଥିଲା। ମୋଟ ୨୨ଲକ୍ଷ ୧୨ ହଜାର ୫୪୦ ଟଙ୍କା, ସୁନା ୮୯ ଗ୍ରାମ, ୦୮୦ମିଲିଗ୍ରାମ ଓ ରୁପା ୧କେଜି ୨୯ଗ୍ରାମ, ୬୪୦ ମିଲିଗ୍ରାମ ମିଳିଥିବା ଜଣାଯାଇଛି। ସମ୍ବଲପୁର ଡିଭିଜିନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପୋଲିସ କର୍ମଚାରୀ ମଦନ ମୋହନ ପୂର୍ତ୍ତିଙ୍କ ଉପସ୍ଥିତରେ ଗଣତି ହୋଇଥିଲା। ଗଣତି କାର୍ଯ୍ୟରେ ମନ୍ଦିର କର୍ମଚାରୀ ଅବନୀ ଜେନା, ତରଣୀସେନ ରାଉତ, ଶରତ ବେହେରା, ହରେକୃଷ୍ଣ ପଳେଇ, ମହେଶ୍ୱର ସାହୁ ଶ୍ରୀକାନ୍ତ ଦେହୁରୀ, ଅରୁଣ ନାଏକ, ନବୀନ ମହାନ୍ତ, ବାଲ୍ମୀକି ବଳ, ପ୍ରଦୀପ ନାଏକ, ନାରାୟଣ ମୁଖି, ଚନ୍ଦ୍ରା ମୁଖି, ହରିହର ମହାନ୍ତ, ନକୁଳ ବେଜ, ବାବୁଲି ଶା, ପୋଲିସ କର୍ମଚାରୀ ଓ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ପାୟଲ ମଲ୍ଲିକ ଓ ସିପୁନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଟାଙ୍ଗିଆ ଚୋଟରେ ବୃଦ୍ଧଙ୍କ ମୃତ୍ୟୁ, ଅଭିଯୁକ୍ତ ଅଟକ

ବାଲିଗୁଡ଼ା(ସଞ୍ଜୟ କୁମାର ପାଣିଗ୍ରାହୀ)/ କୋଟଗଡ଼ (ସରୋଜ ବଳିଆରସିଂ), ୧୬।୮

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ନୂଆସାହିର ଆମ୍ବସାହିଠାରେ ବୁଧବାର ଟାଙ୍ଗିଆ ଚୋଟରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦେବରାଜ ବାଗ (୫୫)। ବାଲିଗୁଡ଼ା ନୂଆସାହିର ଜଣେ ଯୁବକ ତାଙ୍କ ଘର ଆଗରେ ରହୁଥିବା ଦେବରାଜଙ୍କୁ ଟାଙ୍ଗିଆରେ ମୁଣ୍ଡକୁ ଶକ୍ତ ପ୍ରହାର ଦେବାରୁ ସେ ଟଳି ପଡ଼ିଥିଲେ। ସାହି ବାସିନ୍ଦା ସଙ୍ଗେ ସଙ୍ଗେ ବୃଦ୍ଧଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ଦେବରାଜଙ୍କୁ ମୃତ ଘୋଷଣା କରିଥିଲେ। ହତ୍ୟାର କାରଣ ଜଣାପଡ଼ି ନ ଥିବା ବେଳେ ବାଲିଗୁଡ଼ା ପୋଲିସ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ହତ୍ୟାକାରୀ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ନଂ.୧୯୬ /୨୩ରେ ଏକ ମାମଲା ରୁଜୁ ହୋଇଥିବା ବାଲିଗୁଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ବାବା ଶଙ୍କର ସରାଫ ପ୍ରକାଶ କରିଛନ୍ତି।


## CITY HEALTH SOCIETY, CUTTACK
## NATIONAL HEALTH MISSION, ODISHA
## DEPT. OF HEALTH & FAMILY WELFARE, GOVT. OF ODISHA

**WALK-IN-INTERVIEW**

**Adv. No. 1940/NUHM/2023, CPMU/Cuttack** **Date: 16.08.2023**

Walk-in-Interview will be conducted as scheduled below for filling up the following post under National Urban Health Mission, City Health Society, Cuttack on contractual basis at UCHCs/UPHCs/UHWCs with monthly remuneration as noted below.

| Sl. No. | Name of the Post | Remuneration | Nos. of Vacancy | Venue of Registration | Date of Walk-in-Interview |
|---|---|---|---|---|---|
| 01 | Medical Officer (Contractual) at UCHCs/UPHCs/ UHWCs | Base - Rs.64,324/- per month + P.I. @ 25% on base | 7 | Council Hall, Biju Bhawan, CMC Office, Choudhury Bazar, Cuttack | Date: 25.08.2023 Registration 09.00 A.M. to 10.30 A.M. Interview 11.00 A.M. onwards |

The post are purley temporary and co-terminus with the scheme. Interested candidates can log on to **www.cmccuttack.odisha.gov.in** for details of vacancy, eligibility criteria, age, application form etc. Candidates fulfilling the eligibility criteria may appear for registration and Walk-in-Interview on the date as mentioned above. Registration timing will be from 09.00 A.M. to 10.30 A.M. only on Walk-in-Interview Date. No application will be received after scheduled timing of registration. The authority reserves the right to cancel any or all application without assigning any reason thereof.

**Sd./- Additional District Urban Public Health Officer, Cuttack**

## ODISHA STATE CIVIL SUPPLIES CORPORATION LTD.

(A Government of Odisha Undertaking)
Registered Office : C/2, Nayapalli, Bhubaneswar - 751012
CIN : U51211OR1980SGC000894

**Tender No. 12085 /P-II/91/2023/PDS Dt : 16.08.2023**

Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of transport contractor for inter-district transportation of Custom Milled Rice (CMR) from source districts to recipient districts in the State of Odisha. |
| 2 | Availability of bid document in the portal | From **17.08.2023** |
| 3. | Last Date / Time for receipt of bids in the portal | **Dt. 31.08.2023 up to 5.00 PM.** |
| 4. | Date/Time of Opening of Technical Bid | **Dt. 01.09.2023 at 11.00 AM** |
| 5. | Name and address of the Officer Inviting Tender | Managing Director, OSCSC Ltd, C/2 Nayapalli, Bhubaneswar. |

Tender Documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in. Amendments/ corrigendum/cancellation/retenders** etc. if any shall be published only in above websites.

**By Order of Managing Director**
**Sd/- General Manager (PDS)**

GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE, BHUBANESWAR

No. A-437 **'e' Procurement Notice No. ACECIC - 03/2023-24**

| Procurement Officer | Bid Identification No. | Name of Work | Cost of Work (Rs. in lakhs) | Bid Security (Rs.) E.M.D. | Cost of Bid Documents (Rs.) | Class of Contractor | Bid documents available online for bidding | | Date of Openign of Technical Bid | Period of Completion of Work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, Bhubaneswar | PRD - 02/ 2023-24 | Concrete Lining to Phulnakhara Distributary from RD 5.573 Km. to 9.601 Km. of Kakatpur Branch Canal System | 702.07 | 7,02,100/- (Online) | 10000/- (Online) | "A" & "Special" | 18.08.2023 at 10.00 hours | 01.09.2023 at 17.00 hours | 04.09.2023 at 11.00 hours | 12 (Tweleve Calendar Months) |

e-mail ID: **secic_dowr@yahoo.com**
Further details conditions can be seen from Govt. website **www.tenderorissa.gov.in**
**OIPR-32160/11/0003/2324** **Sd./- Additional Chief Engineer, Central Irrigation Circle**

## The Odisha Small Industries Corporation Ltd.

(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
**No. CAD-1697** OSIC GST No. 21AAACO2101M1Z1

**TENDER CALL NOTICE**

**Tender Notice No.4036/RE/OSIC** **Dt.16.08.2023**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works "Supplying, fitting & fixing of 158 nos. LED Street light with accessories in different wards of Paralakhemundi Municipality", "Supply and installation of 9 nos. PUF insulated prefab Pack House of 9 Mtr. X 6 Mtr. X 3 Mtr. Post Harvest Management solution under DMF, Keonjhar" and "Supply and installation of 1 no. 5.0 MT solar cold room under DMF, Keonjhar". Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

Sd/-
**GENERAL MANAGER(O)**
OIPR-14073/11/0046/2324

## DEPARTMENT OF WATER RESOURCES
## ADDITIONAL CHIEF ENGINEER
## BALANGIR MINOR IRRIGATION CIRCLE, BALANGIR

Balangir Women's College Chhowk, Palace Line, Balangir - 767001
No. A-438 E-Mail: acemicbalangir2023@gmail.com

## ODISHA INTEGRATED IRIGATION PROJECT FOR CLIMATE RESILIENT AGRICULTURE

(WORLD BANK PROJECT ID: P163533)
**REQUEST FOR BIDS (RFB) E-Procurement Notice**
**NATIONAL OPEN COMPETITIVE PROCUREMENT FOR SMALL WORKS**

**RFB No.: OIIPCRA-W2-BGR-1/2023-24** **Date: 11.08.2023**

| | |
|---|---|
| Name of the Work | Civil Construction in Minor Irrigation Projects |
| Total No. of Works | 5 Nos. |
| Estimated Cost of Work(s) | Varies approximately from Rs.146.81 lakhs to Rs.699.07 lakh (Total estimated cost for the 5 Nos. of works Rs.1631.36 lakh) |
| Cost of Bid document | Free of Cost |
| Time for Completion | Refer to DTCN |
| Availability of Bid documents | From Dt.21.08.2023 at 10.00 hrs. to Dt.21.09.2023 upto 15.00 hrs. through online |
| PP Date of Pre-Bid Meeting | Dt.31.08.2023 from 11.30 hrs. to 13.00 hrs. |
| Period for receipt of Bid(s) | From Dt.21.08.2023 at 10.00 hrs. to Dt.21.09.2023 upto 15.00 hrs. |
| Payment of Bid Cost/Bid Security | Shall be paid online through the e-procurement portal of Govt. of Odisha |
| Date of Opening of the Bid | On dated 21.09.2023 at 15.30 hrs. |
| Details about the tender | Available in website **www.dowrodisha.gov.in** and **www.tendersodisha.gov.in** |
| Name/Address of the OIT | Additional Chief Engineer, Balangir M.I. Circle, Balangir, Women's College Chowk, Palace Line, Dist.: Balangir, PIN - 767001 |

**Sd./- Er. Kalindi Charan Sethi**
**Additional Chief Engineer**
**Balangir Minor Irrigation Circle, Balangir**
OIPR-32493/11/0001/2324

Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ଶଯ୍ୟାଶାୟୀ ବୃଦ୍ଧାଙ୍କ ତଣ୍ଟିକାଟି ହତ୍ୟା

ଭୁବନେଶ୍ୱର,୧୬।୮(ସତ୍ୟଜିତ୍ ରାଉତ)

## ରାଜଧାନୀରେ ଚାଞ୍ଚଲ୍ୟ

- ଗାଁରେ ଆକ୍ରମଣ ହୋଇଥିଲା, ଏଠାରେ ରହି ଚିକିତ୍ସିତ ହେଉଥିଲେ
- ଅଚେତ ଅବସ୍ଥାରେ ଉଦ୍ଧାର ହେଲେ ବୋହୂ

ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରି ବାରି ବସ୍ତିରେ ମଙ୍ଗଳବାର ସ୍ୱାଧୀନତା ଦିବସରେ ଏକ ହତ୍ୟାକାଣ୍ଡ ଘଟିଛି। ଶଯ୍ୟାଶାୟୀ ଥିବା ଜଣେ ବୃଦ୍ଧାଙ୍କୁ ଗଳାକାଟି ଅତି ନିର୍ମମ ଭାବେ କେହି ହତ୍ୟା କରିଛନ୍ତି। ମୃତା ବୃଦ୍ଧା ହେଲେ ଏଠାରେ ରହୁଥିବା ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ଇନ୍ଦ୍ରଗଡ଼ର ମଦା ପଲେଇ (୬୦)। ଏପରିକି ଉକ୍ତ ଘର ଭିତରୁ ତାଙ୍କ ବୋହୂ ବୈଶାଖୀ ଅଚେତ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। ବୁଧବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ବୃଦ୍ଧାଙ୍କ ଭଉଣୀ ସୁନିତା ତରାଇଙ୍କ ଏତଲା ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୩୫୪/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଆହତ ବୋହୂ ବୈଶାଖୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ତାଙ୍କ ବୟାନ ଘଟଣାକୁ ଅଧିକ ରହସ୍ୟମୟ କରିଦେଉଛି। କେତେଜଣ ଦୁର୍ବୃତ୍ତ ଓନି ଦ୍ୱାରା ତାଙ୍କ ତଣ୍ଟିକୁ ଚିପି ଦେବାରୁ ସେ ଅଚେତ ହୋଇପଡିଥିଲେ। ହେଲେ ସେମାନଙ୍କ ମଧ୍ୟରୁ କାହାକୁ ଚିହ୍ନି ନ ଥିବା ସେ ପୋଲିସକୁ କହିଛନ୍ତି। ତେବେ ସେହି ହତ୍ୟାକାରୀ ଦୁର୍ବୃତ୍ତମାନେ କିଏ ତାହାକୁ ନେଇ ପୋଲିସ ଖୋଳତାଡ଼ ଚଳାଇଥିବାବେଳେ କେହି ଚିହ୍ନାପରିଚିତ ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରି ସେହି ଦିଗକୁ ତଦନ୍ତ ପରିସରଭୁକ୍ତ କରିଛି।

ସୂଚନା ଅନୁଯାୟୀ, ମୃତା ବୃଦ୍ଧା ମଦା ଗାଁରେ ଏକ ତେଜରାତି ଦୋକାନ କରିଛନ୍ତି। ପୂର୍ବରୁ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟିଥିବାବେଳେ ସାନ ପୁଅ ମଣ୍ଟୁ ଖଣ୍ଡଗିରି ବାରିରେ ରହି କାମଧନ୍ଦା କରନ୍ତି। ସେହିଭଳି ବଡ଼ ପୁଅ ରବୀନ୍ଦ୍ର ଡ୍ରାଇଭର ଭାବେ କାମ କରିବା ସହ ଅଧିକାଂଶ ସମୟ ଗାଁକୁ ଯିବାଆସିବା କରିଥାନ୍ତି। ଗାଁରେ ମଦାଙ୍କ ସହ ବଡ଼ ବୋହୂ ବୈଶାଖୀ ରହୁଥିଲେ। ଗତ ଜୁଲାଇ ୧ ରାତିରେ ତାଙ୍କ ଘରେ ପଶିଥିବା ଦୁର୍ବୃତ୍ତଙ୍କ ଆକ୍ରମଣରେ ମଦା ଗୁରୁତର ହୋଇଥିଲେ। ମଦାଙ୍କୁ ପ୍ରଥମେ ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଏହାପରେ ଆଉ ଦୁଇଟି ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ଗତ ୮ତାରିଖରେ ଖଣ୍ଡଗିରି ବାରି ବସ୍ତିସ୍ଥିତ ପୁଅ ଘରେ ରହିଥିଲେ। ସେ ଶଯ୍ୟାଶାୟୀ ଅବସ୍ଥାରେ ରହୁଥିବାବେଳେ ବୋହୂ ବୈଶାଖୀ ତାଙ୍କ ପାଖରେ ରହି ଦେଖାଶୁଣା କରୁଥିଲେ। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ସାନପୁଅ ମଣ୍ଟୁ ମେଡିସିନ୍ ପାଇଁ ବାହାରକୁ ଯାଇଥିଲେ। ଘରେ କେବଳ ବୈଶାଖୀ ଓ ଅସୁସ୍ଥ ଶାଶୁ ମଦା ଥିଲେ। କିଛି ସମୟ ପରେ ମଣ୍ଟୁ ଘରକୁ ଫେରି ବୋଉଙ୍କ ତଣ୍ଟି କଟାଯାଇଥିବା ଓ ଭାଉଜ ବୈଶାଖୀ ଅଚେତ ଅବସ୍ଥାରେ ତଳେ ପଡ଼ିଥିବା ଦେଖି ପଡ଼ୋଶୀଙ୍କୁ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ। ଡିସିପି ପ୍ରତୀକ ସିଂଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

## ସନ୍ଦେହରେ ବୋହୂଙ୍କ ଭୂମିକା

ଏହି ରହସ୍ୟମୟ ଘଟଣାରେ ବୋହୂ ବୈଶାଖୀଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୋଲିସ ମଧ୍ୟ ତାଙ୍କୁ ସ୍କାନରେ ରଖିଛି। କାରଣ ଘଟଣା ଘଟିବା ସମୟରେ ଘର ଭିତରକୁ କୌଣସି ବାହାର ଲୋକ ପଶି ନ ଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। କଥା କହିବା ଅବସ୍ଥାରେ ନ ଥିବା ମଦାଙ୍କୁ କିଏ ଏବଂ କାହିଁକି ହତ୍ୟା କରିବେ ବୋଲି ବଡ଼ ପ୍ରଶ୍ନ ଉଠିଛି। ବୈଶାଖୀ ଭୁଲ୍ ବୟାନ ଦେଇ ତଦନ୍ତକୁ ବାଟବଣା କରୁଥିବା ଚର୍ଚ୍ଚା ହେଉଛି। ସେ ସୁସ୍ଥ ହେବା ପରେ ପୋଲିସ ତାଙ୍କୁ ଜେରା କରି ସତ ଜାଣିବାକୁ ଚାହିଁବ। ଅନ୍ୟପଟେ ଏହି ଘଟଣାରେ ସାଇଣ୍ଟିଫିକ୍ ରିପୋର୍ଟ ଏକ ବଡ଼ ପ୍ରମାଣ ହୋଇଥିବାରୁ ପୋଲିସ ଏହାକୁ ଅପେକ୍ଷା କରିଛି। ତେବେ ଗାଁରେ ମଦାଙ୍କୁ ହୋଇଥିବା ଆକ୍ରମଣ ମାମଲା ସହ ବର୍ତ୍ତମାନର ଘଟଣା ଲିଙ୍କ୍ ରହିଥିବା ପୋଲିସ ସନ୍ଦେହ କରୁଛି। ବେଲଗୁଣ୍ଠା ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ କହିଛନ୍ତି, ଉକ୍ତ ଆକ୍ରମଣରେ ସମ୍ପୃକ୍ତ ଅଭିଯୁକ୍ତ ଏବେ ଜେଲ୍‌ରେ ଥିବାବେଳେ ତାଙ୍କ ଘର ସେହି ଗାଁରେ। ସେ ରାତିରେ ବୃଦ୍ଧାଙ୍କ ଘରେ ପଶି ଏପରି କାଣ୍ଡ ଘଟାଇଥିଲେ। ତେବେ ଏହି ଆକ୍ରମଣ ଘଟଣାରେ ବୋହୂ ବୈଶାଖୀଙ୍କ ହାତ ଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। କାରଣ ଉକ୍ତ ରାତିରେ ବୋହୂ ଚିତ୍କାର କରି ସ୍ଥାନୀୟ ଲୋକଙ୍କୁ ଡାକିବା ପୂର୍ବରୁ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିବାରୁ ତାଙ୍କ ଉପରେ ଲୋକଙ୍କ ସନ୍ଦେହ ଅଧିକ ଦୃଢ଼ୀଭୂତ ହୋଇଛି। ଉକ୍ତ ଯୁବକ ଚୋରି କରିବାକୁ ଆସିଥିଲେ ନା ତାଙ୍କର ଅନ୍ୟକିଛି କାର୍ଯ୍ୟକୁ ବୃଦ୍ଧା ଦେଖିଦେବାରୁ ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ସେ କୋମା ସ୍ଥିତିକୁ ଚାଲିଯାଇଥିଲେ। ତେବେ ବୃଦ୍ଧା ସୁସ୍ଥ ହେଲେ କାଳେ ଦେଖିଥିବା ଘଟଣା ପ୍ରଘଟ କରିଦେବେ, ସେଥିପାଇଁ ତାଙ୍କୁ ହତ୍ୟା କରାଯାଇଥିବା ଆଲୋଚନା ଚାଲିଛି। ପୋଲିସ ଏସବୁ ଦିଗକୁ ତଦନ୍ତ କରି ପ୍ରକୃତ ହତ୍ୟାକାରୀଙ୍କୁ ଧରି ରହସ୍ୟ ଉନ୍ମୋଚନ କରିବାକୁ ଦାବି ହେଉଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଏନ୍‌ସିଇଆର୍‌ଟି ପକ୍ଷରୁ ପୁସ୍ତକ ଉନ୍ମୋଚନ, ମେଫେୟାର କନ୍‌ଭେନଶନ୍, ଅପରାହ୍ନ ୨ଟା ୩୦।

## ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ କରି ଲୁଟ, ଜଣେ ଗିରଫ

**ଭୁବନେଶ୍ୱର,୧୬।୮(ସୂର୍ଯ୍ୟକାନ୍ତ ବେହେରା):** ଚିନ୍ତାମଣିଶ୍ୱର ଅଞ୍ଚଳରେ ଟିପିସିଓଡିଏଲ୍ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଆଶିଷ ନାୟକ। ସୂଚନାନୁସାରେ, ବିଦ୍ୟୁତ୍ ବିଭାଗର କେତେଜଣ କର୍ମଚାରୀ ବକେୟା ବିଲ୍ ପୈଠ କରୁ ନ ଥିବା ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ପାନବଜାର ବସ୍ତି ଅଭିମୁଖେ ଯାଉଥିବା ସମୟରେ ଅଭିଯୁକ୍ତ ଓ ତାଙ୍କ ସହଯୋଗୀ ସେମାନଙ୍କୁ ଭଙ୍ଗା ଇଟାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହ ସେମାନଙ୍କଠାରୁ ଏକ ମୋବାଇଲ ଫୋନ ଓ ୩୭ ହଜାର ଲୁଟିନେଇ ଥିବା ଅଭିଯୋଗ ହୋଇଥିବାବେଳେ ଏଥିରେ ଜଣେ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ଆଶିଷଙ୍କୁ ଗିରଫ କରିଥିଲା। ସେ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ପୂର୍ବରୁ ଲକ୍ଷ୍ମୀସାଗର ଥାନାରେ ୧୪ଟି ଆପରାଧିକ ମାମଲା ରହିଛି। ଜାମିନରେ ଆସି ବାରମ୍ବାର ଅପରାଧରେ ଲିପ୍ତ ରହୁଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି -୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ୪୭ଜଣ ପାଇଲେ 'ଅଗ୍ନିଶମ ଡିଜି ପଦକ'


ପଦକ ପାଇଥିବା କର୍ମଚାରୀଙ୍କ ସହ ଅଗ୍ନିଶମ ଡିଜି ସୁଧାଂଶୁ ଷଡଙ୍ଗୀ ଓ ଅନ୍ୟ ଅଧିକାରୀମାନେ। (ଫଟୋ-ବିକାଶ ନାୟକ)

ଭୁବନେଶ୍ୱର,୧୬।୮ (ସୂର୍ଯ୍ୟକାନ୍ତ ବେହେରା)

ଚଳିତବର୍ଷ ୨୯ଜଣ ଅଗ୍ନିଶମ ଓ ଜରୁରିକାଳୀନ ସେବା କର୍ମଚାରୀ, ୧୩ଜଣ ଗୃହରକ୍ଷୀ ଏବଂ ୫ଜଣ ବେସାମରିକ ପ୍ରତିରକ୍ଷା ବାହିନୀର ସେଚ୍ଛାସେବୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ 'ଅଗ୍ନିଶମ ଡିଜି ପଦକ' ପ୍ରଦାନ କରାଯାଇଛି। ସ୍ୱାଧୀନତା ଦିବସ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ଓଡିଶା ଫାୟର ଆଣ୍ଡ୍ ଡିଜାଷ୍ଟର ରେସପନ୍ସ ଏକାଡେମୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଗ୍ନିଶମ ଡିଜି ସୁଧାଂଶୁ ଷଡଙ୍ଗୀ ଏହି ସମ୍ମାନ ପ୍ରଦାନ କରିଥିଲେ। ଉତ୍ସବରେ ମୁଖ୍ୟ ଅଗ୍ନିଶମ ଅଧିକାରୀ(ଏସ୍‌ଏଜି)ଦେବେନ୍ଦ୍ର କୁମାର ସାଇଁ, ମୁଖ୍ୟ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ମାଝି, ଓଡିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶ, ଅଧକ୍ଷ ତ୍ରିଲୋକ କୁମାର ବାବୁଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଅଧ୍ୟାପକଙ୍କ ବିଷୟରେ ଫିଡ୍‌ବ୍ୟାକ୍ ଦେଲେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୬।୮(ଅସମାପିକା ସାହୁ)

ରାଜ୍ୟରେ ଥିବା ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ଅଧ୍ୟାପକଙ୍କ ପାଠପଢ଼ାରେ ଛାତ୍ରୀଛାତ୍ର ସନ୍ତୁଷ୍ଟ ନାହାନ୍ତି। ଅନ୍‌ଲାଇନ୍ ଫିଡ୍‌ବ୍ୟାକ୍ ବ୍ୟବସ୍ଥାରେ ଉଚ୍ଚଶିକ୍ଷା ବିଭାଗ ପାଖରେ ଏହି ଅଭିଯୋଗ ପହଞ୍ଚିଛି। ଛାତ୍ରୀଛାତ୍ରଙ୍କଠାରୁ ଏଭଳି ମାଳମାଳ ଅଭିଯୋଗ ପାଇବା ପରେ ଉଚ୍ଚଶିକ୍ଷା ବିଭାଗ ସମ୍ପୃକ୍ତ କଲେଜଗୁଡ଼ିକୁ ରିପୋର୍ଟ ମାଗିଛି। ୧୦ଦିନ ଭିତରେ ରିପୋର୍ଟ ଦେବାକୁ କୁହାଯାଇଛି। ଏହି ତାଲିକାରେ ବିଜେବି, ମହର୍ଷି ଓ ଏସ୍‌ସିଏସ୍ ଭଳି ଅଗ୍ରଣୀ ଡିଗ୍ରୀ କଲେଜ ଅଛନ୍ତି। ଉଲ୍ଲେଖଯୋଗ୍ୟ, ପାଠପଢ଼ା ଓ ଅଧ୍ୟାପକଙ୍କ ବ୍ୟବହାର ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନଲାଇନ ଫିଡ୍‌ବ୍ୟାକ୍ ବ୍ୟବସ୍ଥା ରହିଛି। ଯେଉଁଥିରେ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ କଲେଜର ଅଧ୍ୟାପକଙ୍କ ସମ୍ପର୍କିତ କିଛି ପ୍ରଶ୍ନ ପଚରା ଯାଇଛି। ଅଧ୍ୟାପକମାନେ ୭ ଘଣ୍ଟା ସମୟ କଲେଜରେ ରହୁଛନ୍ତି କି ବୋଲି ପଚରାଯାଇଥିବା ପ୍ରଶ୍ନରେ ଅଧିକାଂଶ ପିଲା 'ନା' ବୋଲି ଉତ୍ତର ଦେଇଛନ୍ତି। ସେହିପରି ଅଧ୍ୟାପକମାନେ ମଦ୍ୟପାନ କରି କଲେଜ ଆସୁଛନ୍ତି କି ବୋଲି ପଚରା ଯାଇଥିବା ପ୍ରଶ୍ନରେ କିଛି ଛାତ୍ରୀଛାତ୍ରଙ୍କ ଉତ୍ତର 'ହଁ' ରହିଛି। ଏହାକୁ ନେଇ ଉଚ୍ଚଶିକ୍ଷା ବିଭାଗ ଚିନ୍ତା ପ୍ରକଟ କରିଛି। ବିଭାଗ ଏହାକୁ ଗୁରୁତର ସହ ନେଇ ସମ୍ପୃକ୍ତ କଲେଜଗୁଡ଼ିକୁ ରିପୋର୍ଟ ମାଗିଛି। ସେପଟେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଏକ ଚିଠି ସାମ୍ନାକୁ ଆସିଛି, ଯାହାକୁ ରେଜିଷ୍ଟ୍ରାର ସମସ୍ତ ଅଧ୍ୟାପକ ଓ ଅନ୍ୟ କର୍ମଚାରୀଙ୍କୁ ପଠାଇଛନ୍ତି। ତାଙ୍କ ଚିଠି ଅନୁଯାୟୀ, ଏହି ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କଠାରୁ ଆରମ୍ଭ କରି ଅନ୍ୟ କର୍ମଚାରୀ କେହି ଠିକ୍ ସମୟରେ ଆସୁନାହାନ୍ତି। ସେଥିପାଇଁ ସକାଳ ୧୦ଟା ସୁଦ୍ଧା ବାୟୋମେଟ୍ରିକ ଉପସ୍ଥାନ ଦେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ବିଳମ୍ବରେ ଆସିଲେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଛି।

## ବର୍ଦ୍ଧିତ ଗ୍ରେଡ୍ ପେ'ରୁ ବଞ୍ଚିତ ୧୫୦୦ ଅମିନ

କଟକ,୧୬।୮ (କାର୍ତ୍ତିକ ସାହୁ)

### ୨ ମାସରେ ପଦକ୍ଷେପ ନିଅ: ହାଇକୋର୍ଟ

ବର୍ଦ୍ଧିତ ଗ୍ରେଡ୍‌ପେ' ପାଇବାରୁ ଦୀର୍ଘ ୧୪ ବର୍ଷ ଧରି ୧୫୦୦ ଅମିନ ବଞ୍ଚିତ ହୋଇଛନ୍ତି। ଏନେଇ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଏମାନଙ୍କ କ୍ଷେତ୍ରରେ ବର୍ଦ୍ଧିତ ଗ୍ରେଡ୍ ପେ' ଲାଗୁ କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବର୍ଦ୍ଧିତ ଗ୍ରେଡ୍‌ପେ' ମଞ୍ଜୁର ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଆଦେଶ କପି ପାଇବାର ୨ ମାସ ମଧ୍ୟରେ ପଦକ୍ଷେପ ନେବାକୁ ଅଦାଲତ ସ୍ପଷ୍ଟ କରିଛନ୍ତି। ଅମିନ ଗୋପାଳ ଚନ୍ଦ୍ର ମହାରଣା ଓ ଅନ୍ୟମାନଙ୍କ ପକ୍ଷରୁ ଏହି ମାମଲା ହାଇକୋର୍ଟରେ ରୁଜୁ ହୋଇଥିଲା।

ମାମଲାର ବିବରଣୀରୁ ପ୍ରକାଶ, ରାଜ୍ୟ ସରକାରଙ୍କ ଅଧୀନରେ ପ୍ରାୟ ୧୫୦୦ ଅମିନ କାର୍ଯ୍ୟ କରୁଛନ୍ତି। ସହକାରୀ ରାଜସ୍ୱ ନିରୀକ୍ଷକ(ଏଆରଆଇ)ଙ୍କ ଗ୍ରେଡ୍ ପେ' ବୃଦ୍ଧି କରାଯାଇଥିବାବେଳେ ସେମାନଙ୍କଠାରୁ ଉପର ପଦବୀରେ ରହୁଥିବା ଅମିନଙ୍କର ଗ୍ରେଡ୍ ପେ'ରେ ବୃଦ୍ଧି କରାଯାଇ ନାହିଁ। ୨୦୦୬ରେ ଅମିନମାନଙ୍କ ଗ୍ରେଡ୍ ପେ' ୧୮୦୦ ଟଙ୍କା ଥିଲା। ମାତ୍ର ଏଆରଆଇଙ୍କ ଗ୍ରେଡ୍ ପେ' ୧୬୫୦ ଟଙ୍କା ଥିଲା। ୨୦୦୯ରେ ଏଆରଆଇଙ୍କ ଗ୍ରେଡ୍‌ପେ'୧୯୦୦ ଟଙ୍କାକୁ ବୃଦ୍ଧି ହୋଇଥିଲାବେଳେ ଅମିନଙ୍କର ଗ୍ରେଡ୍ ପେ' ସେହି ୧୮୦୦ ଟଙ୍କାରେ ରହିଥିଲା। ଏଭଳି ପାତରଅନ୍ତରକୁ ନେଇ ରାଜ୍ୟ ଅମିନ ସଂଘ ପକ୍ଷରୁ ରାଜସ୍ୱ ପର୍ଷଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜସ୍ୱ ପର୍ଷଦ ୨୦୧୦ରେ ରାଜ୍ୟ ସରକାରଙ୍କୁ ଅମିନଙ୍କ ଗ୍ରେଡ୍ ପେ' ବୃଦ୍ଧି ଲାଗି ପ୍ରସ୍ତାବ ଦେଇଥିଲେ। ରାଜସ୍ୱ ବିଭାଗ ସଚିବ ମଧ୍ୟ ଏହି ଦାବି ଉପରେ ବିଚାର କରି ଅମିନମାନଙ୍କ ଗ୍ରେଡ୍ ପେ' ୧୮୦୦ରୁ ୨୪୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ମର୍ମରେ ରାଜସ୍ୱ ବିଭାଗ ସଚିବ, ଅର୍ଥ ବିଭାଗକୁ ଚିଠି ଲେଖି ପଦକ୍ଷେପ ନେବାକୁ କହିଥିଲେ। ଏହାସତ୍ତ୍ୱେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଆବେଦନକାରୀ ଅମିନମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବ୍ରାଉନସୁଗାର ଜବତ, ଜେଲ ଫେରନ୍ତା ଯୁବକଙ୍କ ସମେତ ୨ ଗିରଫ

**ଭୁବନେଶ୍ୱର,୧୬।୮ (ସୂର୍ଯ୍ୟକାନ୍ତ ବେହେରା):** ପଶ୍ଚିମବଙ୍ଗରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରରେ ବିଭିନ୍ନ ସହଯୋଗୀଙ୍କ ଜରିଆରେ ବେଆଇନ ଭାବେ ବିକ୍ରି କରୁଥିବା ବେଳେ ତମାଣ୍ଡୋ ଥାନା ପୋଲିସ ୨ ନିଶା ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଟାଙ୍ଗୀ ଅଞ୍ଚଳରେ ମୁଖ୍ୟ ଅଭିଯୁକ୍ତ ଦୀପକ କୁମାର ବେହେରା ଓ ନୟାଗଡର ଅଜୟ ମହାନ୍ତି। ସେମାନଙ୍କ ଠାରୁ ୨୮୨ ଗ୍ରାମ ବ୍ରାଉନସୁଗାର ଓ ଗୋଟିଏ ମୋବାଇଲ ଜବତ ହୋଇଛି। ତେବେ ଜବତ ବ୍ରାଉନସୁଗାରର ମୂଲ୍ୟ ୨୮ ଲକ୍ଷ ଟଙ୍କାରୁ ଅଧିକ ହେବ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଦ୍ୱୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଅଜୟ ପୂର୍ବରୁ ଭରତପୁର ଥାନାରେ ୫ଟି ଅପରାଧିକ ମାମଲାରେ ଜେଲ ଯାଇସାରିଥିବା ତଦନ୍ତବେଳେ ଜଣାପଡିଛି।

## ଟାଇମ୍ସ ସ୍କୋୟାର୍‌ରେ ପ୍ରଦର୍ଶିତ ହେଲା କୋଣାର୍କ ଚକର ପ୍ରତିକୃତି

ଭୁବନେଶ୍ୱର,୧୬।୮(ଶର୍ମିଷ୍ଠା ପାଣିଗ୍ରାହୀ)

### ସାରା ବିଶ୍ୱ ଦେଖିଲା ଓଡ଼ିଶାର ଭାସ୍କର୍ଯ୍ୟ

### ସ୍ୱପ୍ନ ସାକାର ହେଲା - ବିକାଶ ଖାନ୍ନା



କୋଣାର୍କର କଳା, ଭାସ୍କର୍ଯ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରଚାର ପ୍ରସାରରେ ଲାଗିପଡିଛନ୍ତି ସେଫ୍ ବିକାଶ ଖାନ୍ନା। ଯେଉଁମାନେ କୋଣାର୍କ ଆସି ଏହାର ସୌନ୍ଦର୍ଯ୍ୟକୁ ଉପଲବ୍ଧି କରି ପାରିନାହାନ୍ତି ଏବେ ସେମାନେ ପ୍ରତିକୃତି ଦେଖି ଓଡ଼ିଶାର କଳା ଓ ଭାସ୍କର୍ଯ୍ୟକଳାକୁ ଜାଣିପାରିବେ। ଏହି ପରିପ୍ରେକ୍ଷୀରେ ୭୭ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ସେ ୟୁଏସ୍‌ଏର ନ୍ୟୁୟର୍କସ୍ଥିତ ଟାଇମ୍ସ ସ୍କୋୟାର୍‌ରେ ସ୍ଥାପନ କରିଛନ୍ତି କୋଣାର୍କ ଚକର ପ୍ରତିକୃତି। ଏହାର ଓଜନ ୧୭୫୦ କିଲୋଗ୍ରାମ ରହିଛି। ୮ଫୁଟ ଲମ୍ବ, ୬ଫୁଟ ଉଚ୍ଚ ଓ ୧ଫୁଟ ମୋଟେଇ ବିଶିଷ୍ଟ ଏହି ପ୍ରତିକୃତି ବାଲି ପଥରରେ ତିଆରି ହୋଇଛି। ଅଗଷ୍ଟ ୨୨ ପର୍ଯ୍ୟନ୍ତ ଏହା ସେଠାରେ ପ୍ରଦର୍ଶିତ ହେବ। ସେଫ୍ ଖାନ୍ନା ସୋସିଆଲ ମିଡିଆ ପୋଷ୍ଟରେ ଏ ନେଇ ଶିଳ୍ପୀ ଅମରେଶ ଚନ୍ଦ୍ର ବିଦ୍ଧାଣୀ ଓ ତାଙ୍କ ଟିମ୍‌କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, କୋଣାର୍କ ମନ୍ଦିର ତ୍ରୟୋଦଶ ଶତାବ୍ଦୀରୁ ତିଆରି ହେଲାଣି। ଅନେକ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କଲା ପରେ ତାହା ଆଜି ବି ଅକ୍ଷୁର୍ଣ୍ଣ ଓ ସୁନ୍ଦର। ଏହାର କଳା ଅନନ୍ୟ। ପ୍ରାୟ ୫ବର୍ଷ ଧରି ଏହାକୁ ଆଣିବାକୁ ଚେଷ୍ଟା କରିଛି। ଶେଷରେ ସ୍ୱପ୍ନ ସାକାର ହୋଇଛି। ଏବେ ଏହାକୁ ସାରା ବିଶ୍ୱ ଦେଖୁଛି ବୋଲି ସେ ଖୁସିରେ ପରିପ୍ରକାଶ କରିଛନ୍ତି। ସେ ମଧ୍ୟ ତାଙ୍କ ପୋଷ୍ଟରେ ଫିଲ୍ମ ନିର୍ମାତା ଜିତେନ୍ଦ୍ର ମିଶ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କର ଏହି ପୋଷ୍ଟ ସୋସିଆଲ ମିଡିଆରେ ଆସିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ଫିଲ୍ମ ନିର୍ମାତା ନୀଳମାଧବ ପଣ୍ଡା ପ୍ରମୁଖ କୃତଜ୍ଞତା ଜଣାଇବା ସହ ଓଡ଼ିଶାର ଏହି ଦୁର୍ଲଭ କଳାକୁ ସାରା ବିଶ୍ୱରେ ପରିଚିତ କରାଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପ୍ରତୀକ


@ ଯୁଗଳକିଶୋର


@ ବିନୋଦ


@ ବିଶ୍ୱଜିତ୍


@ ଆଶିଫ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## କପିଳେଶ୍ୱର ମନ୍ଦିରକୁ ଜାତୀୟ ସଂରକ୍ଷିତ କ୍ଷେତ୍ର ଘୋଷଣା କଲା ଏଏସ୍ଆଇ

ଭୁବନେଶ୍ୱର,୧୬।୮ (ଅନୁରାଧା ମହାରଣା)



ଭୁବନେଶ୍ୱରସ୍ଥିତ ବହୁ ପୁରାତନ କପିଳେଶ୍ୱର ମନ୍ଦିରକୁ କେନ୍ଦ୍ର ସଂସ୍କୃତି ବିଭାଗ ଅନ୍ତର୍ଗତ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ପକ୍ଷରୁ ଜାତୀୟ ସଂରକ୍ଷିତ କ୍ଷେତ୍ର ଭାବେ ଘୋଷଣା କରାଯାଇଛି। ଏନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଏହି ଶୈବପୀଠର ରକ୍ଷଣାବେକ୍ଷଣା ତଥା ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଛି। ୨ ଏକରରୁ ଅଧିକ ଅଞ୍ଚଳ ପରିମିତ ସ୍ଥାନରେ ଏହି ପୀଠ ରହିଛି। ସ୍ଥାନୀୟ ବାସିନ୍ଦା ଓ ସେବାୟତମାନେ ଏହି ପୀଠର ଉନ୍ନତିକରଣ ପାଇଁ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ। ତେବେ ନିକଟରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏନେଇ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି କିଶନ ରେଡ଼ିଙ୍କୁ ଅବଗତ କରାଇଥିବା ଟୁଇଟ୍ କରି ଜଣାଇଛନ୍ତି।

# ପତାକା ଉତ୍ତୋଳନ ବେଳେ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ

**କୃଷ୍ଣପ୍ରସାଦ,୧୫।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମଲେଶ୍ୱରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସ୍ୱାଧୀନତା ଦିବସ ଦିନ ବିଦ୍ୟାଳୟ ପରିସରରେ ପତାକା ଉତ୍ତୋଳନ ବେଳେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରଧାନ ଶିକ୍ଷକ ସାହୁ ବ୍ୟସ୍ତ ଥିଲେ। ଜାତୀୟ ପତାକା ବାନ୍ଧି ପ୍ରଭାତ ଫେରି ପାଇଁ ସଜବାଜ ହେଉଥିବା ବେଳେ ହଠାତ୍ ସେଠାରେ ସେ ଟଳିପଡିଲେ। ତତ୍କ୍ଷଣାତ ତାଙ୍କୁ କୃଷ୍ଣପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପ୍ରଧାନ ଶିକ୍ଷକ ସାହୁଙ୍କ ଅକାଳ ମୃତ୍ୟୁରେ ମଳେଶ୍ୱରୀ ବିଦ୍ୟାଳୟ ସମେତ ସମଗ୍ର ମାଲୁଦ ସର୍କଲ, କୃଷ୍ଣପ୍ରସାଦ ସର୍କଲ, ଚିଲିକା ନୂଆପଡା, ସାତପଡ଼ା ଶିକ୍ଷା ସର୍କଲରେ ଶୋକରଛାୟା ଖେଳିଯାଇଥିଲା। ଏ ନେଇ ପ୍ରତ୍ୟେକ ବିଦ୍ୟାଳୟରେ ଏକ ଶୋକ ସଭା କରାଯାଇଛି। ଖବରପାଇ ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ମାଲୁଦ ସର୍କଲ ସିଆର୍‌ସିସି ରମାକାନ୍ତ ଜେନା, ମାଲୁଦ ସର୍କଲ ସଭାପତି ସୁଦର୍ଶନ ସେଠୀ, ସମ୍ପାଦକ ବିମଳ ବିଶ୍ୱାଳ ପ୍ରମୁଖ ସ୍ୱର୍ଗତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ସାହୁଙ୍କ ବାସଭବନରେ ପହଞ୍ଚି ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୫୦୦୦ ଟଙ୍କା ପ୍ରଦାନ କରିଥିଲେ।

# ସ୍ଥାୟୀ ବ୍ୟବସାୟୀ, ଉଠା ଦୋକାନୀ ମୁହାଁମୁହିଁ

## ପୁଣି ମାର୍କେଟ୍ ବିଲ୍ଡିଂ ଅଶାନ୍ତ

**ଭୁବନେଶ୍ୱର,୧୬।୮ (ଅନୁରାଧା ମହାରଣା)**



ଉତ୍ୟକ୍ତ ବ୍ୟବସାୟୀମାନଙ୍କୁ ପୋଲିସ ବୁଝାଶୁଝା କରୁଛି।

ଭୁବନେଶ୍ୱର ମାର୍କେଟ ବିଲ୍ଡିଂରେ ଉଠାଦୋକାନୀ ଓ ସ୍ଥାୟୀ ଦୋକାନୀ ପୁଣି ମୁହାଁମୁହିଁ ହୋଇଛନ୍ତି। ଉଠା ଦୋକାନୀମାନେ ମାର୍କେଟ ବିଲ୍ଡିଂ ପରିସରରେ ବଳପୂର୍ବକ ବସିବାକୁ ଉଦ୍ୟମ କରିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲଶ। ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ପକ୍ଷରୁ ବିରୋଧ କରାଯିବା ସହ ଉଠା ଦୋକାନୀଙ୍କ ଜିନିଷପତ୍ର ଫିଙ୍ଗାଫୋପଡ଼ା କରାଯାଇଥିଲା। ଫଳରେ ଏହାକୁ ନେଇ ସେଠରେ ଦୀର୍ଘ ସମୟ ଧରି ଉତ୍ତେଜନାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବୁଧବାର ଅପରାହ୍ଣରେ ୩୦ରୁ ଅଧିକ ଉଠା ଦୋକାନୀ ହଠାତ୍ ମାର୍କେଟ ବିଲ୍ଡିଂ ଭିତରକୁ ପଶି ନିଜର ପସରା ମେଲାଇବାକୁ ଚେଷ୍ଟା କରିଥିଲେ। ମାତ୍ର ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନର କର୍ମକର୍ତ୍ତାମାନେ ସେମାନଙ୍କୁ ବିରୋଧ କରି ଏଠାରେ ଦୋକାନ ଖୋଲିପାରିବ ନାହିଁ ବୋଲି କହିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା। ଏହା ଭିତରେ ସ୍ଥାୟୀ ଦୋକାନୀମାନେ ଏକାଠି ହୋଇ ଉଠାଦୋକାନୀଙ୍କ ଜିନିଷ ପତ୍ର ଫିଙ୍ଗାଫୋପଡ଼ା କରିଥିଲେ। ଏନେଇ ଉଠାଦୋକାନୀଙ୍କ ପକ୍ଷରୁ ସେଣ୍ଟ୍ରାଲ ମାର୍କେଟ୍ ଆସୋସିଏଶନ ବିରୋଧରେ ଥାନାରେ ଏତଲା ଦିଆଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଥାନା ଆଗରେ ଗୁରୁବାର ଧାରଣା ଦିଆଯିବ ବୋଲି ଉଠାଦୋକାନୀମାନେ କହିଛନ୍ତି। ସୂଚନା ଥାଉ କି, ମାର୍କେଟ ବିଲ୍ଡିଂରେ ଉଠା ଦୋକାନୀଙ୍କୁ ହଟାଇବା ପାଇଁ ପୂର୍ବରୁ ବାରମ୍ବାର ଉତ୍ତେଜନମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗତକିଛିଦିନ ତଳେ ଏପରି ଗଣ୍ଡଗୋଳ ପାଇଁ ଆସୋସିଏଶନ ପକ୍ଷରୁ ମାର୍କେଟ ବିଲ୍ଡିଂକୁ ୧୫ ଦିନ ପାଇଁ ବନ୍ଦ କରି ଦିଆଯାଇଥିଲା। ସମାଧାନର ବାଟ ନ ବାହାରିଲେ ମାର୍କେଟ୍ ଆସୋସିଏଶନ ପକ୍ଷରୁ ମାର୍କେଟ ଖୋଲାଯିବ ନାହିଁ ବୋଲି ଭୁବନେଶ୍ୱର ମହାନଗର ନିଗମ(ବିଏମସି)କୁ ଚେତାବନୀ ଦିଆଯାଇଥିଲା। ଉଠାଦୋକାନୀଙ୍କୁ ଅନ୍ୟତ୍ର ଥଇଥାନ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ମାର୍କେଟ୍ ଆସୋସିଏଶନର କର୍ମକର୍ତ୍ତାଙ୍କୁ ବହୁ ବୁଝାଶୁଝା ପରେ ମାର୍କେଟ ବିଲ୍ଡିଂ ଖୋଲିଥିଲା। ତେବେ ବୁଧବାର ଉଠାଦୋକାନୀଙ୍କ ସହ ଆଲୋଚନା ପାଇଁ ବିଏମ୍‌ସି ପକ୍ଷରୁ ପୂର୍ବରୁ ସୂଚନା ଦିଆଇଯାଇଥିଲା। ମାତ୍ର କୌଣସି ଆଲୋଚନା ନ ହେବାରୁ ସେମାନେ ଜବରଦସ୍ତ ମାର୍କେଟ ବିଲ୍ଡିଂରେ ବସି ବ୍ୟବସାୟ କରିବାକୁ ନିଷ୍ପତ୍ତି ନେଇଥିଲେ।


ନୁପୂର ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ନୃତ୍ୟ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ମହ୍ଲାର'ରେ ଶିଳ୍ପୀ ସୋନାଲି ମହାପାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ମୌସମ ନନ୍ଦ)



ପୋଲିସ ପଦକ ପାଇଥିବା ଅଧିକାରୀ ଓ କର୍ମଚାରଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଅନ୍ୟମାନେ। (ଫଟୋ- ମୌସମ ନନ୍ଦ)

# କମିଶନରେଟ ପୋଲିସ ପକ୍ଷରୁ ବସ୍ତିରେ ପତାକା ଉତ୍ତୋଳନ



**ଭୁବନେଶ୍ୱର,୧୬।୮ (ସୂର୍ଯ୍ୟକାନ୍ତ ବେହେରା)**

କମିଶନରେଟ ପୋଲିସ ପକ୍ଷରୁ ବିଭିନ୍ନ ବସ୍ତିରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଖଣ୍ଡଗିରି ଥାନା ଅନ୍ତର୍ଗତ ତପୋବନ ଓ ରଘୁନାଥ ବସ୍ତି, କ୍ୟାପିଟାଲ ଥାନା ଅନ୍ତର୍ଗତ ଫାଳିକିଆ ବସ୍ତି, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଆଖଣ୍ଡଳମଣି ଓ ହାଡବାଇ ବସ୍ତି, ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଖଣ୍ଡୁଆଳ ଓ ଅଭିରାମ ବସ୍ତି, ତମାଣ୍ଡୋ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ବସ୍ତି, ଏୟାରପୋର୍ଟ ଥାନା ଅନ୍ତର୍ଗତ କାରଗିଲ ବସ୍ତି, ଲିଙ୍ଗରାଜ ଥାନା ଅନ୍ତର୍ଗତ ମୋହିନୀ ସାହି ବସ୍ତି, ମୈତ୍ରିବିହାର ଥାନା ଅନ୍ତର୍ଗତ ଗୌଡପଡ଼ିଆ ବସ୍ତି, ଇନ୍‌ଫୋସିଟି ଥାନା ଅନ୍ତର୍ଗତ ସାଇବନଫୁଲ ଓ ଭଗବତୀ ବସ୍ତିରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ଜାତୀୟ ପତାକା ଉତ୍ତୋଳନ କରିବା ସହିତ କୁନି ପିଲାଙ୍କୁ ଚକୋଲେଟ ବାଣ୍ଟିଥିଲେ। ସେହିପରି ଭୁବନେଶ୍ୱର ପୋଲିସ ସେବା ଭବନ ପରିସରରେ ଅନୁଷ୍ଠିତ 'ମା ତୁଝେ ସଲାମ' କାର୍ଯ୍ୟକ୍ରମରେ ଗତ ମାଟ୍ରିକ ବୋର୍ଡ ପରୀକ୍ଷା ଓ +୨ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ 'ଭାରତୀୟମ୍'



**ଭୁବନେଶ୍ୱର,୧୬।୮(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଙ୍ଗଳବାର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପ୍ରସ୍ତୁତିରେ ରବୀନ୍ଦ୍ର ମଣ୍ଡପଠାରେ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ 'ଭାରତୀୟମ୍' ଅନୁଷ୍ଠିତ ହୋଇଯାଇଛି। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସଙ୍ଗୀତ ନାଟକ ଏକାଡେମୀ ଅଧ୍ୟକ୍ଷ ଅରୁଣା ମହାନ୍ତି ଓ ସଚିବ ପ୍ରବୋଧ ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ଗୁରୁ ଲକ୍ଷ୍ମୀକାନ୍ତ ପାଲିତଙ୍କ ସଂଯୋଜନାରେ କଣ୍ଠଶିଳ୍ପୀମାନେ 'ସାରେ ଜହାଁ ସେ ଅଚ୍ଛା...' ପରିବେଷଣ କରିଥିଲେ। ପରେ ସିଦ୍ଧାର୍ଥ ମିଶ୍ରଙ୍କ 'ଆର୍ଯ୍ୟଭୂମି ମାତୃଭୂମି...', କଣ୍ଠଶିଳ୍ପୀ ଶଶାଙ୍କ ଶେଖରଙ୍କ 'ତେରି ମିଟି ମେଁ ମିଲଜାୱା...', ଶିଉଳି ଘୋଷଙ୍କ କଣ୍ଠରେ 'ଜନନୀ ମୋର ଜନ୍ମଭୂମି...', ବନ୍ଦିଶ ପାଲିତଙ୍କ 'ତୋର ବିଜୟ ବାଦ୍ୟ ...' ହୃଦୟ ଛୁଆଁ ହୋଇଥିଲା। କଣ୍ଠଶିଳ୍ପୀ ପ୍ରଦୀପ ପଲେଇ, ଅର୍ପିତା ଚୌଧୁରୀ, ନେହା ନିହାରିକା କର ଓ ପ୍ରତିଭା ପ୍ରଧାନ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଆଜାଦ୍ ହିନ୍ଦ୍ ଫୌଜ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ

**ଭୁବନେଶ୍ୱର, ୧୬।୮ (ସୂର୍ଯ୍ୟକାନ୍ତ ବେହେରା):** ଓଡ଼ିଶା ରାଜ୍ୟ ଆଜାଦ୍ ହିନ୍ଦ୍ ଫୌଜ ସଂଘ ପକ୍ଷରୁ ୟୁନିଟ୍-୩ ରାଜ୍ୟ କାର୍ଯ୍ୟାଳୟରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ବସନ୍ତ କୁମାର ପାଇକରାୟ ଜାତୀୟ ପତାକା ଉତ୍ତୋଳନ କରି ଏହି ମହାନ୍ ପତାକାର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ବିଷୟରେ କହିବା ସହ ଆମର ସମ୍ବିଧାନ ଓ ଗଣତନ୍ତ୍ରକୁ ଅକ୍ଷୁର୍ଣ୍ଣ ରଖିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଫୁଲ୍ଲ ତ୍ରିପାଠୀ, ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର, ପ୍ରବୋଧ ଚନ୍ଦ୍ର ଦାସ, ଅଜୟ ମଙ୍ଗରାଜ, ଭାରତ ପାଣିଗ୍ରାହୀ, ପ୍ରତାପ ସାମନ୍ତ, ସତୀଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାଧିନତା ଦିବସ: ଶିକ୍ଷାନୁଷ୍ଠାନରେ ଉଡ଼ିଲା ତ୍ରିରଙ୍ଗା

ଭୁବନେଶ୍ୱର, ୧୬।୮(ଅସମାପିକା ସାହୁ)- ସାରା ଦେଶ ମଙ୍ଗଳବାର ୭୭ତମ ସ୍ୱାଧୀନତା ଦିବସ ପାଳନ କରିଛି। ଏହି ଅବସରରେ ଭୁବନେଶ୍ୱରର ସବୁ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପତାକା ଉତ୍ତୋଳନ, ପରେଡ଼ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ସାଇ ଇଣ୍ଟରନ୍ୟାଶନାଲ୍ ରସିଡେନ୍ସିଆଲ୍ ସ୍କୁଲ

ସାଇ ଇଣ୍ଟରନ୍ୟାଶନାଲ୍ ରସିଡେନ୍ସିଆଲ୍ ସ୍କୁଲରେ ସ୍ୱାଧୀନତା ଦିବସ ଓ ବାର୍ଷିକ ପଦାଭିଷେକ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲର ହେଡ୍‌ମାଷ୍ଟର ଅମିତାଭ ଅଗ୍ନିହୋତ୍ରୀ ପତାକା ଉତ୍ତୋଳନ କରିବା ସହ ସୁନାର ଭାରତ ଗଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ର ପ୍ରତିବଦ୍ଧତା ଓ ଆତ୍ମବିଶ୍ୱାସ ବଳରେ ନିଜର ଶିକ୍ଷା ସହିତ ନିଜ ଦାୟିତ୍ୱକୁ କିପରି ଠିକ୍ ଭାବେ ନେତୃତ୍ୱ ନେଇ ସମ୍ପାଦିତ କରିବେ ସେ ବିଷୟରେ କହିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଥିଲା। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

### ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ

ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲରେ ଚେୟାରମ୍ୟାନ ସୂର୍ଯ୍ୟ ପ୍ରକାଶ ପତି ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ଅଧ୍ୟକ୍ଷ ଜି. ରାମ କିଶୋର ଓ ଉପାଧ୍ୟକ୍ଷ ମହେଶ କୁମର ମିଶ୍ର ୧୯୪୭ ସ୍ୱାଧୀନତା ଦିବସର ପ୍ରାସଙ୍ଗିକତାକୁ ବର୍ଣ୍ଣନା କରିଥିଲେ। ଛାତ୍ରୀଛାତ୍ର ଦେଶ ପାଇଁ ବଳିଦାନ ଦେଇଥିବା ମହାପୁରୁଷଙ୍କ ସମ୍ପର୍କରେ ବକ୍ତୃତା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଧୀନତା ଦିବସ ଉପରେ ଆଧାରିତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ମ୍ୟାନେଜର ବସନ୍ତ କୁମାର ତ୍ରିପାଠୀ ସ୍ୱାଧୀନତା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

### କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍

କିଟ୍, କିସ୍, କିମ୍ସ ଓ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କିସ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଟନା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସନ୍ଦୀପ କୁମାର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇ ଜଷ୍ଟିସ୍ କୁମାର କହିଲେ, ସମାଜର ଦୁର୍ବଳ ବର୍ଗ ତଥା ଜନଜାତି ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଜରିଆରେ ସେମାନଙ୍କର ବିକାଶ ସହ ଦେଶର ବିକାଶ ହୋଇପାରିବ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ଲାଭ କରିପାରିଲେ ସ୍ୱାଧୀନତାର ମୂଲ୍ୟ ବୁଝିପାରିବେ। କିଟ୍ ଓ କିସ୍ ସମ୍ପାଦକ ଆର ଏନ୍ ଦାଶ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ କିସ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ପରେଡ଼ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି କିଟ୍ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠାତା ଡ. ସାମନ୍ତ ଜାତୀୟ ପତାକା ଉତ୍ତୋଳନ କରି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଠାରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ, ଉପକୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଡ. ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ ବହୁ ଅଧ୍ୟାପକ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କିମ୍ସରେ ଉପକୁଳପତି ଡା. ସିବିକେ ମହାନ୍ତି ପତାକା ଉତ୍ତୋଳନ କରିଥିବା ବେଳେ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍‌ରେ ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ ପତାକା ଉତ୍ତୋଳନ କରିଥିଲେ।

### ନିସ୍‌ରେ ସ୍ୱାଧୀନତା ଦିବସ

ମଦନପୁର ସ୍ଥିତ ନିସ୍‌ରେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡ୍‌ରେ ଅଭିଭାଦନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଡେପୁଟି ଡାଇରେକ୍ଟର ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଜଏଣ୍ଟ ରେଜିଷ୍ଟ୍ରାର ପ୍ରଫେସର ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀଙ୍କ ସମେତ ସମସ୍ତ ଅଧାପିକା, ଅଧାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ

ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ମୁଖ୍ୟ ଅତିଥି ଭାବେ ୬ ବାଟାଲିୟନ୍ ଏନ୍.ସି.ସି. ପୁରୀର ଲେଫ୍ଟନାଣ୍ଟ କମାଣ୍ଡର ପ୍ରସନ୍ନ କୁମାର ପଣ୍ଡା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେ ଜାତୀୟ ପତାକାର ମହାତ୍ମ୍ୟକୁ ବୁଝାଇବା ସହ ପ୍ରତ୍ୟେକ ଭାରତୀୟ ଇତିହାସକୁ ରୋମନ୍ଥନ ପୂର୍ବକ ମାତୃଭୂମିକୁ ନେଇ ଗର୍ବ ଅନୁଭବ କରିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ରଘୁନାଥ ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟ ଅଧକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ ଏବଂ ବିଦ୍ୟାଳୟର ଉପାଧକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଦ୍ୟାଳୟର ପର୍ଯ୍ୟବେକ୍ଷକ ବରଦା ପ୍ରସାଦ ପାଇକରାୟ, ଶିବାନୀ ପଟ୍ଟନାୟକ, ସ୍ମିତା ମହାନ୍ତି, ସୁଚରିତା ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧ ସଙ୍ଗୀତ, ନୃତ୍ୟ, ବକ୍ତୃତା ଆଦି ପରିବେଷିତ ହୋଇଥିଲା।

### ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ

ଭିଏସ୍‌ଏସ୍ ନଗରସ୍ଥିତ ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ଶିକ୍ଷାଭୂମି ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସମ୍ପାଦିକା ବୀଣାପାଣି ରଥ ଓ କୋଷାଧକ୍ଷ ଶୋଭାକର ଦାସ ଫତେସିଂହଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିକ୍ଷାନୁଷ୍ଠାନର ଅଧକ୍ଷ ଅଭୟକୁମାର ରଥ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ବିଶିଷ୍ଟ ସମାଲୋଚକ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ପରିଚାଳନା ସମିତି ସଦସ୍ୟା ବୀଣାପାଣି ମହାପାତ୍ର ବିଦ୍ୟାଳୟର ନିର୍ଦ୍ଦେଶକ ଉମେଶ କୁମାର ଦାସ, ନିରୀକ୍ଷକ ପବିତ୍ର ମୋହନ ପଣ୍ଡା ଓ ପ୍ରଦୀପ୍ତ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯିବା ସହ ସଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଶ୍ରୀ ସାଗରୀକା ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

### ସରସ୍ୱତୀ ଶିକ୍ଷା ମନ୍ଦିର

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ମଙ୍ଗଳବାର ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ ଓ ସମସ୍ତ ଗୁରୁମା ଗୁରୁଜୀ ଉପସ୍ଥିତ ଥିଲେ। ପରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ଗୀତ, ବକ୍ତୃତା, ଫ୍ୟାନ୍‌ସି ଡ୍ରେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଖବରଦାତା ନୀଳମାଧବ ସାହୁ ଅତିଥି ରୂପେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏହି ପୁରସ୍କାର ବଣ୍ଟନ ଉତ୍ସବକୁ ମମତା ସାମଲ, ପ୍ରଭାସିନୀ ମହାନ୍ତି ଓ ବିଶ୍ୱଭୂଷଣ ବାରିକ ପରିଚାଳନାରେ ସହଯୋଗ କରିଥିଲେ।


ପ୍ରଭୁଜୀ ଇଂରାଜୀ ମାଧ୍ୟମ ସ୍କୁଲରେ ପତାକା ଉତ୍ତୋଳନ କରାଯାଉଛି।


ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର ଓ ଅତିଥି।

## ୪ ଫୁଟର ନାଗ ସାପ ଉଦ୍ଧାର

ନିଶ୍ଚିନ୍ତକୋଇଲି,(ଅଶୋକ କୁମାର ମହାପାତ୍ର): କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ ପୁବଂଶ ଗ୍ରାମରୁ ଏକ ୪ଫୁଟ ଲମ୍ବର ନାଗସାପକୁ ଉଦ୍ଧାର କରାଯାଇଛି। ଗଣମାଧ୍ୟମ ପ୍ରତିନିଧି ଫାଲ୍‌ଗୁନୀ ପ୍ରସାଦ ପଣ୍ଡାଙ୍କ ପୁବଂଶସ୍ଥିତ ବାସଭବନରେ ଏହି ସାପଟି ପ୍ରବେଶ କରିଥିଲା। ସାପକୁ ଦେଖି ପଣ୍ଡା ସ୍ନେକ ହେଲ୍‌ପଲାଇନକୁ ଫୋନ କରିଥିଲେ। ଖବରପାଇ ଜଣାଶୁଣା ସାପ ଧରାଳି ମାନସ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ନାଗସାପଟିକୁ ଉଦ୍ଧାର କରିଥିଲେ। ସାପଟିକୁ ଧରି ନେଇ ଅନ୍ୟତ୍ର ଛାଡି ଦେଇଥିବା ଜଣାଯାଇଛି।

## ସଂକ୍ଷେପରେ

### ୨୪୦୮ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ମାହାଙ୍ଗା,୧୬।୮(ଯଯାତି ସିଂହ)

ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତସ୍ଥିତ ଗୋବରୀ ପୋଲ ପଡ଼ିଆଠାରେ ବ୍ଲକ ପ୍ରଶାସନ ପକ୍ଷରୁ ଏକ ଭତ୍ତା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା ଦୀପା ମଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛଶାସନ, ଗରିବ କଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରିବା ସହ ବିଧବା, ଦିବ୍ୟାଙ୍ଗ, ବୃଦ୍ଧାବୃଦ୍ଧା ଆଦି ୨୪୦୮ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏଥିରେ ବ୍ଲକ୍ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ରାଜକିଶୋର ଜେନା, ଭାରପ୍ରାପ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା, ଜିଲା ପରିଷଦ ସଭ୍ୟ ରିଆଜୁଲ ହୋଦା, ବ୍ଲକ ସାମାଜିକ ସୁରକ୍ଷା କଲ୍ୟାଣ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ମଲିକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏପିଓ ରାମାନୁଜ ମହାରଣା, ମମତା ବେହେରା ଓ ଲଲାଟ ସେଠୀଙ୍କ ସମେତ ବ୍ଲକ କର୍ମଚାରୀ, ସରପଞ୍ଚ, ସମିତିସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଛାତ୍ରୀଛାତ୍ରଙ୍କ ଉଚ୍ଚ ଅଭିଳାଷ ଗୌରବ ଆଣିଥାଏ

**ବୃନ୍ଦାବନ ବିଜ୍ଞାନ ଆବାସିକ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ**



ବଡ଼ମ୍ବା,୧୬।୮(ମାୟାଧର ମଲ୍ଲିକ)

ବଡ଼ମ୍ବାସ୍ଥିତ ବୃନ୍ଦାବନ ବିଜ୍ଞାନ ଯୁକ୍ତ ୩ ଆବାସିକ ମହାବିଦ୍ୟାଳୟର ଷଷ୍ଠ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହନଶୀଳତା ଓ ଉଚ୍ଚ ଅଭିଳାଷ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ବଡ଼ମ୍ବା ବ୍ଲକ ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ତହସିଲଦାର ନୀଳକଣ୍ଠ ବେହେରା, ମହାବିଦ୍ୟାଳୟ ନିର୍ଦ୍ଦେଶକ ଦେବାଶିଷ ପରିଡ଼ା, ପ୍ରତିଷ୍ଠାତା ବୃନ୍ଦାବନ ପରିଡ଼ା ପ୍ରମୁଖ ଯୋଗଦେଇ ନିଜର ଉଦବୋଧନରେ ମହାବିଦ୍ୟାଳୟର ଉନ୍ନତି ପାଇଁ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇ ଦେବା ସହ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଅବଦୁଲ ଇସମାଇଲ ଖାଁ ସଂଯୋଜନା କରିଥିଲେ। ଚଳିତ ବର୍ଷ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା ପତ୍ର ସହିତ ମେଡାଲ ପ୍ରଦାନ କରାଯାଇଥିଲା।

# ବେଙ୍ଗାଲୁରୁରୁ ୩ ଅଭିଯୁକ୍ତ ଗିରଫ

**ରାଜମିସ୍ତ୍ରି ହତ୍ୟା ଘଟଣା**

ଫୁଲନଖରା,୧୬।୮
(ସତ୍ୟରଞ୍ଜନ ଦାସମହାପାତ୍ର)

ରାଜମିସ୍ତ୍ରିଙ୍କୁ ହତ୍ୟା କରିବା ଘଟଣାରେ କଟକ ସଦର ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଓସ୍ତପୁର ଗ୍ରାମର ଜଗନ ପ୍ରଧାନ, ତାଙ୍କ ବଡ଼ଭାଇ ରାକେଶ ପ୍ରଧାନ ଓ ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅଧୀନ ଉକୁନ୍ଦରା ଗ୍ରାମର ଶମ୍ଭୁ ଓରଫ ସଂଗ୍ରାମ ଭୋଇ। ସେମାନଙ୍କ ନିକଟରୁ ଗୋଟିଏ ଦେଶୀବନ୍ଧୁକ, ଗୋଟିଏ ଗୁଳି, ୩ଟି ମୋବାଇଲ ଫୋନ୍, ଗୋଟିଏ ବାଇକ ଓ ଦୁଇଟି ହେଲ୍‌ମେଟ୍ ଜବତ କରାଯାଇଥିବା ନେଇ କଟକ ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଡିସିପି ଅନିଲ ମିଶ୍ର କହିଛନ୍ତି।

ଅତିରିକ୍ତ ଡିସିପିଙ୍କ ସୂଚନା ଅନୁଯାୟୀ, କଟକ ସଦର ଥାନା ଅନ୍ତର୍ଗତ ସାମପୁର ଗ୍ରାମରେ ଘରଭଡା ନେଇ ବାଙ୍କୀ ପଥୁରିଆପଡା ଗ୍ରାମର ଚିନ୍ତାମଣି ସାହୁ ପରିବାର ସହ ରହୁଥିଲେ। ସେ ପେସାରେ ଜଣେ ରାଜମିସ୍ତ୍ରି ଥିଲେ। ସ୍ଥାନୀୟ



ଗିରଫ ଅଭିଯୁକ୍ତଙ୍କ ସହ ଜବତ ବନ୍ଧୁକ ଓ ମୋବାଇଲ୍।

ସୁଭଦ୍ରାପୁର ଅଞ୍ଚଳରେ କୂଅନନ୍ଦ କାରିଗର ଭାବେ ଜଗନ କାର୍ଯ୍ୟ କରିବା ସହ ତାଙ୍କର ଏକ କୂଅନନ୍ଦ ତିଆରି କାରଖାନା ଅଛି। ଚିନ୍ତାମଣି ପୂର୍ବରୁ ଜଗନଙ୍କ କାରଖାନାରେ କାମ କରୁଥିଲେ। ସେଥିପାଇଁ ଜଗନ ଓ ଚିନ୍ତାମଣିଙ୍କ ମଧ୍ୟରେ ସୁସମ୍ପର୍କ ଗଢି ଉଠିଥିଲା। ଚିନ୍ତାମଣି ଘରେ ନ ଥିବାବେଳେ ଜଗନ ତାଙ୍କ ଘରକୁ ବାରମ୍ବାର ଆସୁଥିଲେ। ଏ ନେଇ ଚିନ୍ତାମଣିଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରୁ ସେ ତାଙ୍କୁ ଘରକୁ ଆସିବା ପାଇଁ ମନା କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ଚିନ୍ତାମଣିଙ୍କୁ ହତ୍ୟା କରିବା ପାଇଁ ଜଗନ ଯୋଜନା କରିଥିଲେ। ସେଥିପାଇଁ ସଂଗ୍ରାମଙ୍କ ସହାୟତା ଲୋଡିବା ସହ ଏକ ଦେଶୀବନ୍ଧୁକ ଯୋଗାଡ କରିଥିଲେ। ଚିନ୍ତାମଣିଙ୍କ ଦେହ ଅସୁସ୍ଥ ଥିବାରୁ ସେ ଗତ ୮ ତାରିଖରେ ଘରେ ଥିଲେ। ଏହି ସମୟରେ ଜଗନ ଓ ସଂଗ୍ରାମ ବାଇକ୍‌ରେ ତାଙ୍କ ଘରକୁ ଆସିଥିଲେ। ଚିନ୍ତାମଣି ଘରେ ବିଶ୍ରାମ ନେଉଥିବାବେଳେ ଜଗନ ତାଙ୍କ ମୁଣ୍ଡକୁ ଗୁଳି କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁଳି ଫୁଟିବା ଶବ୍ଦ ଶୁଣି ଚିନ୍ତାମଣିଙ୍କ ସ୍ତ୍ରୀ ବେବିନା ଘଟଣାସ୍ଥଳକୁ ଆସି ଚିତ୍କାର କରିବାରୁ ଅଭିଯୁକ୍ତ ଦ୍ୱୟ ପଳାଇଯାଇଥିଲେ। ଏ ନେଇ ଚିନ୍ତାମଣିଙ୍କ ସମ୍ପର୍କୀୟ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ାର ସମ୍ପଦ କୁମାର ଭୂୟାଁ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା (ନଂ.୪୪୬/୨୩) ରୁଜୁ କରି ତଦନ୍ତ କରିଥିଲା। ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର ତଦନ୍ତ କରି ଜାଣିବାକୁ ପାଇଥିଲେ ଯେ, ରାକେଶ ଅଭିଯୁକ୍ତ ଦ୍ୱୟଙ୍କୁ କ୍ୟାପିଟାଲ ଥାନା ଓ ଲିଙ୍ଗରାଜ ଥାନା ଅଞ୍ଚଳରେ ୩ ଦିନ ଧରି ଲୁଚାଇ ରଖିଥିଲେ। ପରେ ଭୁବନେଶ୍ୱର ରେଳ ଷ୍ଟେଶନରୁ ଟ୍ରେନ୍‌ରେ ବେଙ୍ଗାଲୁରୁ ପଳାଇ ଯାଇଥିଲେ। ଅଭିଯୁକ୍ତଙ୍କ ମୋବାଇଲ ଫୋନ୍ ଟ୍ରାକିଂ କରିବାରୁ ସେମାନେ ବେଙ୍ଗାଲୁରୁରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ସଦର ଥାନା ପୋଲିସର ଏକ ଟିମ୍ ବେଙ୍ଗାଲୁରୁ ଯାଇ ଗତ ୧୩ ତାରିଖରେ ୟାଲାହାଙ୍କା ରେଲୱେ ଷ୍ଟେଶନରୁ ସ୍ଥାନୀୟ ପୋଲିସ ସହାୟତାରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସ୍ଥାନୀୟ କୋର୍ଟରେ ହାଜର କରିବା ପରେ ୪ ଦିନିଆ ରିମାଣ୍ଡରେ ଓଡ଼ିଶା ଆଣିଛି। ସେମାନଙ୍କ ନାଁରେ ଓଡ଼ିଶା ବିଭିନ୍ନ ଥାନାରେ ବହୁ ଆପରାଧିକ ମାମଲା ରହିଥିବା ଅତିରିକ୍ତ ଡିସିପି କହିଛନ୍ତି।

# ଜାତୀୟ ପତାକାକୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବମାନନା



ଜାତୀୟ ପତାକାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡଷ୍ଟବିନ୍ ପାଖରେ ପକାଯାଇଛି।

ମାହାଙ୍ଗା ୧୬।୮(ଯଯାତି ସିଂହ)

କଟକ ଜିଲା ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାଧୀନତା ଦିବସରେ ଜାତୀୟ ପତାକା କରାଯାଇଥିଲା। ଜାତୀୟ ପତାକାଟି ଭୁଲ୍ ବଶତଃ ଓଲଟା ବନ୍ଧା ହୋଇଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ପ୍ରତିବାଦର ସ୍ୱର ଦେଖିବାକୁ ମିଳିଥିଲା। ଘଟଣାଟି ପ୍ରଘଟ ହେଲା ପରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦୋଷ ଲୁଚାଇବାକୁ ଜୋର୍‌ଦାର ପ୍ରୟାସ କରାଯାଇଥିଲା। ତୁରନ୍ତ ଉତ୍ତୋଳନ ହୋଇଥିବା ପତାକାକୁ ଓପାଡି ତଳେ ଫୋପାଡି ଦିଆଯାଇଥିଲା। ପରେ କାନ୍ଧରେ ଧରି ଓଲଟାକୁ ସିଧା କରିବା ପରେ ନିକଟରେ ଥିବା ଏକ ଡଷ୍ଟବିନ ଉପରେ ରଖି ଚାଲି ଯାଇଥିଲେ। କିଛି ସମୟ ପରେ ଜାତୀୟ ପତାକାଟି ମାଡି ମକଚି ହୋଇ ଡଷ୍ଟବିନର ତଳେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବାରୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ତରବରିଆ ଭାବେ ଜାତୀୟ ପତାକାଟିକୁ ପୁନର୍ବାର ପୋତାଯାଇଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ ଦାୟିତ୍ୱରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ମଧ ଦେଖା ମିଳି ନ ଥିଲା।

# ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ନେମାଳ,୧୬।୮ (କିରଣ ଶଙ୍କର ନାୟକ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ନିଶ୍ଚିନ୍ତକୋଇଲି ବ୍ଲକ ବାଲିଗରଡ଼ାଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବ ନିଶ୍ଚିନ୍ତକୋଇଲି ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗିରୀଶ ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ଉଜ୍ଜ୍ୱଳ ଆଲୋକୀକରଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସ୍ୱର୍ଗତ ପଟ୍ଟନାୟକ ଏହି ଅଞ୍ଚଳର କେନାଲ ଜଳସେଚନଠାରୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦିର ଉନ୍ନତି କରି ଦ୍ୱୀପାଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କର ଅଧୁରା ସ୍ୱପ୍ନ ପୂରଣ କରିବା ପାଇଁ ସବୁବେଳେ ଉଦ୍ୟମ କରାଯିବ ବୋଲି ବିଧାୟକ ଜେନା କହିଥିଲେ। ଏହି ଉତ୍ସବରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଜିଲା ପରିଷଦ



ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ବିଧାୟକ ପ୍ରତାପ ଜେନା ଓ ଅନ୍ୟମାନେ।

ସଭ୍ୟ ବିଭୂତି ଭୂଷଣ ଷଣ୍ଢ, ସ୍ମୃତି କମିଟିର ଆବାହକ ଅନୀଲ ଭୂୟାଁ, ସରପଞ୍ଚ ଅନୀଲ ଦଳାଇ, ପୂର୍ବତନ ଜିଲା ପରିଷଦ ସଭ୍ୟ ହିମାଂଶୁ ଶେଖର ମହାନ୍ତି, ସମିତିସଭ୍ୟ ଆନନ୍ଦ ଦାସ, ସରପଞ୍ଚ ଲଳିତେନ୍ଦୁ ବିଶୋଇ, ପ୍ରଦୀପ୍ତ ଷଡଙ୍ଗୀ, ଯୁବ ସଙ୍ଗଠକ କ୍ଷୀରୋଦ କୁମାର ଷଡଙ୍ଗୀଙ୍କ ସମେତ ଅଞ୍ଚଳର ବହୁ ସୁରେନ୍ଦ୍ର ପ୍ରେମୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ପଟ୍ଟନାୟକଙ୍କ ପୁତ୍ର ପ୍ରଭାତ, ପୁତ୍ରବଧୂ ପୁଷ୍ପାଞ୍ଜଳୀ, ନାତି ସୌମ୍ୟଙ୍କ ସମେତ ପରିବାରବର୍ଗ ଉପସ୍ଥିତ ରହି ସୁରେନ୍ଦ୍ରବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଶେଷରେ ପୂର୍ବତନ ସରପଞ୍ଚ ଶାରଦା ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ପତାକା ଖୁଣ୍ଟି ପୋତିବା ବେଳେ ବିଦ୍ୟୁତ୍ ତାର ଲାଗି ୩ ଗୁରୁତର

ମାଣିଆବନ୍ଧ,୧୬।୮(ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମହୁଲିଆ ପଞ୍ଚାୟତର ବାଲିଶିରା ସାହିର ଭଗବତୀ ଯୁବକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପତାକା ଉତ୍ତୋଳନ କିଛି ସମୟ ପୂର୍ବରୁ ଖୁଣ୍ଟି ପୋତିବା ବେଳେ ଉପରେ ଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲା। ସଂଘର ୩ ଜଣ ସଦସ୍ୟ ମାଗୁଣି କରଣ, ଚନ୍ଦନ ନାହା, ବିରଞ୍ଚି ପାତ୍ର ଛିଟିକି ପଡ଼ି ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ଚନ୍ଦନ ଚେତା ଶୂନ୍ୟ ହୋଇପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ସଂଘର ଅନ୍ୟ ସଦସ୍ୟମାନେ ସେମାନଙ୍କୁ ସଙ୍ଗେ ସଙ୍ଗେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲା। ସେମାନେ ସୁସ୍ଥ ହେବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଘରକୁ ପଠାଇ ଦିଆଯାଇଥିଲା।

# ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ବାପଘର**

ନିଶ୍ଚିନ୍ତକୋଇଲି,୧୬।୮
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଞ୍ଚାୟତ ଭଗବାନପୁର ଗାଁରେ ଜଣେ ନବବଧୂଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ତାଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ୍ ତରତଶାସନ ପଞ୍ଚାୟତ ବାମରା ଗାଁର ଅଚ୍ୟୁତାନନ୍ଦ ଦାସଙ୍କ କନ୍ୟା ଲକ୍ଷ୍ମୀପ୍ରିୟା ଦାସ(୩୨)ଙ୍କୁ ଗତ ମେ' ୨୯ରେ ତିଳକଣା ପଞ୍ଚାୟତ ଭଗବାନପୁର ଗାଁର ପ୍ରଫୁଲ୍ଲ ପାତ୍ରଙ୍କ ପୁତ୍ର ରମାକାନ୍ତଙ୍କୁ ବିବାହ କରିଥିଲେ। ବରପକ୍ଷର ଦାବି ମୁତାବକ ସମସ୍ତ ଯୌତୁକ, ସୁନାଗହଣା ଓ ଆସବାବପତ୍ର ଦିଆଯାଇଥିଲା। ମଙ୍ଗଳବାର ରାତିରେ ଲକ୍ଷ୍ମୀପ୍ରିୟା ଆତ୍ମହତ୍ୟା କରିଥିବା ଶାଶୁଘର ପକ୍ଷରୁ କୁହାଯାଇଛି। ହେଲେ ଶାଶୁ ଘର ପକ୍ଷରୁ ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତହସିଲଦାରଙ୍କ ଉପସ୍ଥିତିରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି। ଏନେଇ ଥାନାରେ ଏକ ମାମଲା ନଂ.୧୩୨/୨୩ ରୁଜୁ ହୋଇଛି।

# ଏସ୍‌ଏଚ୍‌ଜି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସଚେତନତା ଶିବିର




ଶିବିରରେ ମଞ୍ଚାସୀନ ଅତିଥି।

ଟିଗିରିଆ,୧୬।୮(ଜାଫର ଖାଁ)

ଟିଗିରିଆ ବ୍ଲକ ପରିସରରେ ବୁଧବାର ଟିଗିରିଆ ବ୍ଲକ ଜୀବିକା ମିଶନ ତରଫରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଟିଗିରିଆ ବ୍ଲକର ୧୪ ପଞ୍ଚାୟତରେ କାର୍ଯ୍ୟରତ ଦକ୍ଷ ନଥିପତ୍ର ଲେଖିକା, ଗୋଷ୍ଠି ସହାୟିକା, ମହାସଂଘ ସଭାନେତ୍ରୀ, ସମ୍ପାଦିକା ଓ ଇସି ମେମ୍ବରଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଯୋଗ ଦେଇ ମିଶନ ଶକ୍ତି ଓ ଜୀବିକା ମିଶନ ଅଧୀନରେ କାର୍ଯ୍ୟରତ ମହିଳା ଗୋଷ୍ଠୀଙ୍କ ପାଇଁ ରିହାତିରେ ସରକାର ଯୋଗାଇ ଦେଉଥିବା ଉତ୍ପାଦ ଯଥା ଚୁଡା, ଅଟା, ମୁଢ଼ି, ଧାନ ପେସା ଯନ୍ତ୍ର, ମାଛ ଚାଷ, କୁକୁଡ଼ା ଚାଷ, ଛେଳି ଚାଷ ପାଇଁ ସରକାର ରିହାତି ରେ ଋଣ ଦେଉଥିବାରୁ ଏହାର ସୁଯୋଗ ନେବା ପାଇଁ କହିଥିଲେ। ଶିବିରରେ ନିରାକାର ଲେଙ୍କା ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଟିଗିରିଆ ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରୁପା ଦଳେଇ, ବିଡ଼ିଓ ପ୍ରଣବ କୁମାର ବେହେରା,ବି. ପି. ଏମ୍.ପ୍ରଦୀପ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଟିଗିରିଆ ବ୍ଲକ ଆତ୍ମା ଅଧ୍ୟକ୍ଷ ହରେନ୍ଦ୍ର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

**୭୭ତମ ସ୍ୱାଧୀନତା ଦିବସ**

# ଦେଶପ୍ରୀତି ଜାଗ୍ରତ କରାଇଲା ତ୍ରିରଙ୍ଗା

ଆଠଗଡ଼, ୧୬।୮(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ଉପଖଣ୍ଡ ସଦର ମହକୁମାରେ ୭୭ତମ ସ୍ୱାଧୀନତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଆଠଗଡ଼ ମିନି ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପରେଡ୍‌ରେ ମହାବିଦ୍ୟାଳୟ ଓ ବିଦ୍ୟାଳୟର ୨୩ଟି ଦଳ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ, ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡା. ବିଜୟ କୁମାର ମିଶ୍ର, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ମଲ୍ଲିକ, ଆଠଗଡ଼ ଥାନା ଆଇଆଇସି ବିଶ୍ୱଜିତ ଜେନା ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

**ବାଙ୍କୀ, (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

କଚେରି ପଡ଼ିଆଠାରେ ବାଙ୍କୀ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ରଞ୍ଜନ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ଓ ବାଙ୍କୀ ଥାନା ଅଧିକାରୀ କାବୁଲି ବାରିକଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ମୁଖ୍ୟଅତିଥି ଉପଜିଲାପାଳଙ୍କୁ ସଲାମୀ ପ୍ରଦର୍ଶିତ କରାଯାଇଥିଲା। ଉପଖଣ୍ଡସ୍ତରରେ ମାଟ୍ରିକ୍, ଯୁକ୍ତ ୨ ଓ ଯୁକ୍ତ ୩ ପରୀକ୍ଷାରେ ଶ୍ରେଷ୍ଠସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ ପରସ୍କୃତ କରାଯାଇଥିଲା। ସକାଳ ୭ଟାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପଣ୍ଡିତ ଗୋବିନ୍ଦ ରଥ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଉପଜିଲାପାଳ ଜେନା ମାଲ୍ୟାର୍ପଣ କରିଥିଲେ। ବାଙ୍କୀ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଅମ୍ଳାନ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଆଇନଜୀବୀ ଧର୍ମ ପ୍ରସାଦ ମଙ୍ଗରାଜ ଏହି କାର୍ଯ୍ୟକୁ ସଞ୍ଚାଳନ କରିଥିଲେ।

**ବଡ଼ମ୍ବା, (ମାୟାଧର ମଲ୍ଲିକ)**

ବଡ଼ମ୍ବା ଟେନିସ ପଡ଼ିଆରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ତହସିଲଦାର ନୀଳକଣ୍ଠ ବେହେରା ଯୋଗଦେଇ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ଜାତୀୟ ପତକା ଉତ୍ତୋଳନ କରିଥିଲେ। ମିଳିତ ପରେଡ ପୂର୍ବରୁ ବଡ଼ମ୍ବା ଗାନ୍ଧିଛକସ୍ଥିତ ଗାନ୍ଧୀ ପୀଠରେ ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ଦାଶ ଜାତୀୟ ପତକା ଉତ୍ତୋଳନ କରିବା ସହିତ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବ ପରିଚାଳନା କମିଟି ସଦସ୍ୟ ତଥା ଶିକ୍ଷକ ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ବଡ଼ମ୍ବା ଜୁଡ଼ିସିଆଲ କୋର୍ଟରେ ମାଜିଷ୍ଟ୍ରେଟ ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷ ରଘୁପତି ମହାନ୍ତି, ତହସିଲ କାର୍ଯ୍ୟାଳୟରେ ତହସିଲଦାର ନୀଳକଣ୍ଠ ବେହେରା ଜାତୀୟ ପତାକା ଉତ୍ତୋଳନ କରିଛନ୍ତି।

**ସାଲେପୁର, (ଅରବିନ୍ଦ ଭୂୟାଁ)**

ସାଲେପୁର ହାଇସ୍କୁଲ ପଡ଼ିଆରେ ସ୍ୱାଧୀନତା ଦିବସ ଅବସରରେ ସଦର ମହକୁମା ସ୍ତରୀୟ ପରେଡ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ରୂପେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଥିଲେ। ଏହି ଅବସରରେ ଏହି କାର୍ଯ୍ୟକ୍ରମରେ ସାଲେପୁର ତହସିଲଦାର ଶିବ ମଲ୍ଲିକ, ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ସାଲେପୁର ଏସ୍‌ଡିପିଓ ବିମଳ ପ୍ରସାଦ ବାରିକ, ଆଇଆଇସି ମନୋଜ କୁମାର ସ୍ୱାଇଁ, ସାଲେପୁର ବିଡିଓ ସୂର୍ଯ୍ୟକାନ୍ତ ରାଉତ, ସାଲେପୁର ସିଡିପିଓ ସୁଷମା ମହାପାତ୍ର ସମେତ ବିଭିନ୍ନ ହାଇସ୍କୁଲ ଓ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନଙ୍କୁ ଏଠାରେ ମାନପତ୍ର ପ୍ରଦାନ କରାଯାଇ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।



ବାଙ୍କୀ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ମାହାଙ୍ଗା, (ଯଯାତି ସିଂହ)**

ମାହାଙ୍ଗା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ଦୀପା ମଲିକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତିଙ୍କ ସମେତ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୩୭ ଟି ପଞ୍ଚାୟତରେ ଥିବା ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

**ଟିଗିରିଆ, (ଜାଫର ଖାଁ)**

ଟିଗିରିଆର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଚାର ବିଭାଗୀୟ ଅଦାଲତଠାରେ ବିଚାରପତି ପ୍ରେରଣାଶ୍ରୀ ଦେଓ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତହସିଲ କାର୍ଯ୍ୟାଳୟଠାରେ ତହସିଲଦାର ପ୍ରମୋଦ କୁମାର ବାସ୍କେ, ବ୍ଲକ କାର୍ଯ୍ୟାଳୟରେ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଥାନାରେ ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ସେହିପରି ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ ଓ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

**କଟକ ସଦର, (ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଧାୟକ ଚନ୍ଦ୍ର ସାରଥୀ ବେହେରା ପତାକା ଉତ୍ତୋଳନ କରିଥିଲେ। ୩୦ଟି ସ୍କୁଲ ଓ କଲେଜର ଛାତ୍ରୀଛାତ୍ର ମିଳିତ ପରେଡରେ ଅଂଶଗ୍ରହଣ କରିଥିଲେ। କିଶନ ନଗର ତହସିଲଦାର ମଧୁସୂଦନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

**ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ସଦର ଥାନା ଅନ୍ତର୍ଗତ ଉତ୍ତମାପୁରସ୍ଥିତ ଜୟ ଜଗନ୍ନାଥ ସୋସାଇଟି କାର୍ଯ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଏଠାରେ ସୋସାଇଟିର ସଭାପତି ଡ. ବ୍ରଜ କିଶୋର ନାୟକ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ. ଆଦିତ୍ୟ ପ୍ରସାଦ ପାତ୍ର, ଗୌରହରି ସାମଲ, ରମାକାନ୍ତ ସାହୁ, ଉପସଭାପତି ଶିଶିର ରଞ୍ଜନ ମହାନ୍ତି, ବିଭୂତି ଭୂଷଣ ପଟ୍ଟନାୟକ, କିଶୋର ରାୟ ଉପସ୍ଥିତ ଥିଲେ। ଅଜୟ ନାୟକ ଧନ୍ୟବାଦ ଦେଇଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ)**

ଚୌଦ୍ୱାର ପୌରପାଳିକାରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଏଥିରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ପତାକା ଉତ୍ତୋଳନ କରିଥିଲେ। ସେହିପରି ଚୌଦ୍ୱାର ପ୍ରେସ୍ କ୍ଲବ୍‌ରେ ବରିଷ୍ଠ ସଦସ୍ୟ ଗଙ୍ଗାଧର ସାହୁ ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ମ୍ୟୁନିସିପାଲ ହାଇସ୍କୁଲରେ ବିଧାୟକ ସୌଭିକ୍ ବିଶ୍ୱାଳ ପତାକା ଉତ୍ତୋଳନ କରି ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୌର ନିର୍ବାହୀ ଅଧିକାରୀ ସଞ୍ଜିବ କୁମାର ମହାପାତ୍ର, ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ବିଜେଡି ଜିଲା ଉପ ସଭାପତି ପ୍ରେମଚାନ୍ଦ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ମଙ୍ଗୁଳି-ଜଗତପୁର, (ମାନସ ସାମଲ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଇନ୍ଦ୍ରାଣୀପାଟଣା ମଣ୍ଡଳ ଭାଜପା ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ଜୟନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କୃଷକ ମୋର୍ଚ୍ଚା ସଭାପତି ଅଶୋକ କୁମାର ନାୟକ, କେଦାର ସୁବୁଦ୍ଧିରାୟ, ନାଏବ ସରପଞ୍ଚ ସୁଷମା ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଓଟିଏମ ବଞ୍ଚାଅ ସଙ୍ଗଠନ ଓ ବିରାଟ ଜନ କଲ୍ୟାଣ ସମିତି ପକ୍ଷରୁ ପତାକା ଉତ୍ତୋଳନ କରାଯାଇଥିଲା। ଉଭୟ ସଙ୍ଗଠନର ଆବାହକ ତଥା ଶ୍ରମିକ ନେତା ଦୀପକ ବାରିକ ଓଟିଏମ୍ ପରିସରରେ ପତାକା ଉତ୍ତୋଳନ କରିଥିଲେ।

**ସଂକ୍ଷେପରେ**

## ପତାକା ଉତ୍ତୋଳନ ବେଳେ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ

କୃଷ୍ଣପ୍ରସାଦ,୧୫।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମଳେଶ୍ୱରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସ୍ୱାଧୀନତା ଦିବସ ଦିନ ବିଦ୍ୟାଳୟ ପରିସରରେ ପତାକା ଉତ୍ତୋଳନ ବେଳେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରଧାନ ଶିକ୍ଷକ ସାହୁ ବ୍ୟସ୍ତ ଥିଲେ। ଜାତୀୟ ପତାକା ବାନ୍ଧି ପ୍ରଭାତ ଫେରି ପାଇଁ ସଜବାଜ ହେଉଥିବା ବେଳେ ହଠାତ୍ ସେଠାରେ ସେ ଟଳିପଡିଲେ। ତତ୍‌କ୍ଷଣାତ ତାଙ୍କୁ କୃଷ୍ଣପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପ୍ରଧାନ ଶିକ୍ଷକ ସାହୁଙ୍କ ଅକାଳ ମୃତ୍ୟୁରେ ମଳେଶ୍ୱରୀ ବିଦ୍ୟାଳୟ ସମେତ ସମଗ୍ର ମାଲୁଦ ସର୍କଲ, କୃଷ୍ଣପ୍ରସାଦ ସର୍କଲ, ଚିଲିକା ନୂଆପଡା, ସାତପଡ଼ା ଶିକ୍ଷା ସର୍କଲରେ ଶୋକରଛାୟା ଖେଳିଯାଇଥିଲା। ଏ ନେଇ ପ୍ରତ୍ୟେକ ବିଦ୍ୟାଳୟରେ ଏକ ଶୋକ ସଭା କରାଯାଇଛି। ଖବରପାଇ ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ମାଲୁଦ ସର୍କଲ ସିଆର୍‌ସିସି ରମାକାନ୍ତ ଜେନା, ମାଲୁଦ ସର୍କଲ ସଭାପତି ସୁଦର୍ଶନ ସେଠୀ, ସମ୍ପାଦକ ବିମଳ ବିଶ୍ୱାଳ୍‌ ପ୍ରମୁଖ ସ୍ୱର୍ଗତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ସାହୁଙ୍କ ବାସଭବନରେ ପହଞ୍ଚି ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୫୦୦୦ ଟଙ୍କା ପ୍ରଦାନ କରିଥିଲେ।

# 'ଏକତା ରହିଲେ ଅଖଣ୍ଡତା ବଜାୟ ରହିବ'

ଖୋର୍ଦ୍ଧା,୧୬।୮ (ପ୍ରଭାତ ପାଣିଗ୍ରାହୀ)




ଖୋର୍ଦ୍ଧାରେ ଆୟୋଜିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜିଲାପାଳ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି। ପରେଡ୍‌ରେ ଭାଗ ନେଇଥିବା ଛାତ୍ରୀଛାତ୍ର

ସ୍ୱାଧୀନତା ସଂଗ୍ରାମରେ ଦେଶର ବରପୁତ୍ରଙ୍କ ବଳିଦାନ ଓ ତ୍ୟାଗ ଅତୁଳନୀୟ। ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ପ୍ରମୁଖ ଭୂମିକା ରହିଥିଲା। ଗୋପବନ୍ଧୁ ଦାସ, ମଧୁସୁଦନ ଦାସ, ବାଜି ରାଉତଙ୍କ ଭଳି ଅନେକ ମହାପୁରୁଷଙ୍କ ବଳିଦାନ ସ୍ମରଣୀୟ। ଖୋର୍ଦ୍ଧା ମାଟିର ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ସଚ୍ଚି ରାଉତରାୟ, ପର୍ଶୁରାମ ପଟ୍ଟନାୟକ, ମାୟାଧର ମାନସିଂ, କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପରି ଯଶସ୍ୱୀ ସାଧକଙ୍କୁ ଜନ୍ମ ଦେଇଛି। ପାଇକ ବିଦ୍ରୋହର ମୁଖ୍ୟ ପୁରେଧା ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁବଳେନ୍ଦ୍ର, କୃତିବାସ ପାଟ୍ଟଶାଣୀ, ମାଧବ ଚନ୍ଦ୍ର ରାଉତରାୟ ପ୍ରମୁଖଙ୍କ ସଶସ୍ତ୍ର ସଂଗ୍ରାମ ଖୋର୍ଦ୍ଧା ମାଟିକୁ ଗୌରବାନ୍ୱିତ କରିଛି।

ବିବିଧତା ଭରା ଭାରତବର୍ଷରେ ଏକତା ଯୋଗୁ ରାଷ୍ଟ୍ର ଅଖଣ୍ଡତା ବଜାୟ ରଖିଛି। ପ୍ରତି ପାଞ୍ଚବର୍ଷରେ ଥରେ ଭୋଟଦାନ ମାଧ୍ୟମରେ ନିର୍ବାଚିତ ଜନପ୍ରତିନିଧିଙ୍କ ଦ୍ୱାରା ଶାସନ କାର୍ଯ୍ୟ ଚାଲୁଛି। ଅନେକତା ମଧ୍ୟରେ ଭାଇଚାରା, ଭ୍ରାତୃତ୍ୱ ପାଇଁ ସାରା ବିଶ୍ୱରେ ଭାରତ ସ୍ୱତନ୍ତ୍ରତା ରହିଛି ବୋଲି ସ୍ୱାଧୀନତାର ୭୭ବର୍ଷ ପାଳନ ଅବସରରେ ଜିଲା ପ୍ରଶାସନ, ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ଆୟୋଜିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଏହା କହିଛନ୍ତି। ଜିଲାପାଳ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ ଅଭିଭାଦନ ଗ୍ରହଣ କରିଥିଲେ। ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ଜିଲାପାଳ କହିଲେ ଯେ, ଖୋର୍ଦ୍ଧା ଜିଲାର ଐତିହ୍ୟ, କଳା, ସାହିତ୍ୟ, ସଂସ୍କୃତି ଅନନ୍ୟ। ଉତ୍କଳୀୟ କଳା, ସଂସ୍କୃତିର ସ୍ୱତନ୍ତ୍ରତା ରହିଛି। ଭାରତ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ତଥା କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିଛି। ଖୋର୍ଦ୍ଧା ଜିଲାର ସର୍ବାଙ୍ଗୀନ ବିକାଶ ଦିଗରେ ଜିଲାବାସୀଙ୍କ ସହାଭାଗିତା ଜରୁରୀ ବୋଲି ଜିଲାପାଳ କହିଥିଲେ।

ଏହି ସମାରୋହରେ ଆଇଟିବିପି ଯବାନ, ୬ଷ୍ଠ ବାଟାଲିୟନ ଯବାନ, ଏପିଆର, ହୋମ୍‌ଗାର୍ଡଙ୍କ ସମେତ ସ୍କୁଲ କଲେଜର ଏନ୍‌ସିସି ସିନିୟର, ଜୁନିୟର ଡିଭିଜନ, ସ୍କାଉଟ ଆଣ୍ଡ ଗାଇଡସ୍, ସିଭିଲିଆନ ମୋଟ ୪୨ ଗ୍ରୁପ୍ ଅଂଶଗ୍ରହଣ କରିଥିଲେ। ୪ଟି ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ ସାମିଲ ହୋଇଥିଲା। ସେଥିରୁ ପ୍ରଥମ ସ୍ଥାନ ସ୍ୱଚ୍ଛତା ରଥ ଲାଗି ଜିଲା

**ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ**

ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଏବଂ ୨ୟ ସ୍ଥାନରେ ଶିଶୁ ସୁରକ୍ଷା ନିମନ୍ତେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ୫-ଟି ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ସିଗ୍‌ମା ପ୍ଲବିକ ସ୍କୁଲ ପ୍ରଥମ, ଓଏଭି ୨ୟ ଏବଂ ପଲ୍ଲା ତୋଟାପଡା ସ୍କୁଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏତଦ୍‌ବ୍ୟତୀତ ଏନସିସି ସିନିୟର ଓ ଡିଭିଜନ (ବାଳକ) ଏବଂ ଜୁନିୟର ଡିଭିଜନ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କାଉଟ ଗାଇଡସ୍ ଓ ବାଳିକାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଗୁରୁଜଙ୍ଗ ହାଇସ୍କୁଲ, ବାଳିକା ହାଇସ୍କୁଲ(ସିଭିଲିଆନ), ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ପ୍ରାଥମିକ ସ୍ତରରେ ଶିଶୁ ବିହାର ଗୁରୁଜଙ୍ଗ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶ୍ରେଷ୍ଠ ଶୃଙ୍ଖଳିତ ଟ୍ରୁପ ଭାବେ ବିଜେବି ହାଇସ୍କୁଲକୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ସ୍ୱାଧିନତା ସଂଗ୍ରାମୀ ପଣ୍ଡିତ ନୀଳକଣ୍ଠ ମିଶ୍ରଙ୍କ ସହଧର୍ମିଣୀଙ୍କୁ ଉତ୍ତରୀୟ, ପୁଷ୍ପ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ପ୍ରାଥମିକ, ହାଇସ୍କୁଲ, ମାଧ୍ୟମିକ ଏବଂ କଲେଜ ସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭୁବନେଶ୍ୱର ଭୀମଟାଙ୍ଗୀ ଶିଶୁ ମନ୍ଦିର ଛାତ୍ର ଆଶୁତୋଷ ନନ୍ଦ ୫୮୫ ନମ୍ବର ରଖି ଜିଲା ସ୍ତରରେ ଟପ୍ପର ହୋଇଥିବାରୁ ପୁରସ୍କୃତ ହୋଇଥିବା ବେଳେ ବିଜେବି ଉଚ୍ଚ ମାଧ୍ୟମିକ +୨ କଳା ଛାତ୍ରୀ ଯାଜ୍ଞସେନୀ ମହାପାତ୍ର, ବିଜ୍ଞାନ ଛାତ୍ରୀ ବର୍ଷାରାଣୀ ସ୍ୱାଇଁ ୫୬୪, ଏବଂ କ୍ଷେତ୍ରବାସୀ ଡିଏଭି କଲେଜ ଛାତ୍ର ସଲାଉଦ୍ଦିନ ଖାନ ଦଳେଇ ୫୫୯ ରଖି ଜିଲା ଟପ୍ପର ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବେଟି ବଚାଓ, ବେଟି ପଢାଓ କାର୍ଯ୍ୟକ୍ରମରେ ଅଙ୍କିତା ମିଶ୍ର, ଯାଜ୍ଞସେନୀ ମହାପାତ୍ର, ଛାତ୍ରୀ ପ୍ରିୟଦର୍ଶିନୀ ବେହେରା ପ୍ରମୁଖଙ୍କୁ ୨୫ହଜାର ଟଙ୍କା ଲେଖାଏ ଚେକ୍ ପ୍ରଦାନ କରିଥିଲେ। ଶେଷରେ ସଡ଼କ ସୁରକ୍ଷା ଉପରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଇଥିଲା। ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ପ୍ରତାପ ଚନ୍ଦ୍ର ବେଉରିଆ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ଏସ୍‌ପି ଏସ୍.ଏନ୍. ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାତଃ ସମୟରେ ବନ୍ଦେ ମାତରମ ଧ୍ୱନ ପରିବେଷଣ ସହ ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## କୋର୍ଟଙ୍କ ନିର୍ଦ୍ଦେଶରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

ନିରାକାରପୁର,୧୬।୮(ମାନସଚନ୍ଦ୍ର ପଟ୍ଟନାୟକ)

ସରକାରୀ ଜମି ଅବରୋଧ ମାମଲାରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ତହସିଲ ପକ୍ଷରୁ ବୁଧବାର ଜବରଦଖଲ କରିଥିବା ଘରଗୁଡ଼ିକୁ ଉଚ୍ଛେଦ କରାଯାଇଛି। ସୂଚନାଯୋଗ୍ୟ, ଖୋର୍ଦ୍ଧା ଜିଲା ଟାଙ୍ଗୀ ତହସିଲ ଅନ୍ତର୍ଗତ ଓଳସିଂହ ପଞ୍ଚାୟତ ଗୟାବନ୍ଧ ଗ୍ରାମର ବ୍ୟକ୍ତି ଜଣକ ଗୟାବନ୍ଧ, ମୌଜା ଖାତା ନମ୍ବର -୩୩୮, ପ୍ଲଟ ନମ୍ବର-୮୬୭, କିସମ -ପୁରାତନ ପତିତ, ଡିସିମିଲି ୩୦କୁ ଜବରଦଖଲ କରି ଘରକରି ରହୁଥିଲେ। ଏହାକୁ ଅବରୋଧ ମାମଲା ସଂଖ୍ୟା ୯୩ /୨୦୨୨/୨୩ ତଫସିଲରେ ଉଲ୍ଲେଖ କରିଥିବା ସରକାରୀ ଜମି ବିନା ଅନୁମତିରେ ଦଖଲ କରାଯାଇଥିଲା। ତେଣୁ ପୂର୍ବରୁ ଫରମ "ଖ " ଅନୁସାରେ ଦଖଲରେ ଥିବା ସରକାରୀ ସ୍ଥାନ ପରିତ୍ୟାଗ ପାଇଁ ଆଦେଶ ଦିଆଯାଇଥିଲା। ସେଇ ଅନୁସାରେ ବୁଧବାର ଉକ୍ତ ସ୍ଥାନ ପୋଲିସ ଉପସ୍ଥିତିରେ ପ୍ରଶାସନ ପକ୍ଷରୁ ଜବରଦଖଲରେ ଥିବା ଘରଗୁଡ଼ିକୁ ଉଚ୍ଛେଦ କରାଯାଇଛି ବୋଲି ଟାଙ୍ଗୀ ତହସିଲଦାର ଜନ୍ମେଜୟ ସାହୁ ସୂଚନା ଦେଇଛନ୍ତି। ଜବରଦଖଲ ଉଚ୍ଛେଦ ବେଳେ ତହସିଲ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞା ରଥୁମ୍ବରା କରଙ୍କ ନିର୍ଦ୍ଦେଶରେ ପୋଲିସ ମୁତୟନ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

## ନାବାଳିକାଙ୍କୁ ବଳାତ୍କାର ଘଟଣା, ଯୁବକ ଗିରଫ

ଜଟଣୀ,୧୬।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ପରେ ବଳାତ୍କାର କରିବା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଡେଲାଙ୍ଗ ଥାନା ଅଧୀନ ହରିରାଜପୁର ଗୋଲାପଡା ଅଞ୍ଚଳର କାହ୍ନା ଓରଫ ଜୀବନ ବିଶ୍ୱାଳ। ଏନେଇ ପୋଲିସ ନଂ.୬୫/୨୪ ମାମଲା ରୁଜୁ କରିଛି। ସୂଚନା ମୁତାବକ, ଉକ୍ତ ନାବାଳିକାଙ୍କୁ ଯୁବକ ଜଣକ ବିଭିନ୍ନ ପ୍ରଲୋଭନ ଦେଖାଇ ଗତ ଫେବୃୟାରୀରେ ଅପହରଣ କରିନେଇଥିଲା। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଗତ ମାସ ୮ ତାରିଖରେ ନାବାଳିକାଙ୍କୁ ହରିରାଜପୁର ଅଞ୍ଚଳରୁ ଉଦ୍ଧାର କରିଥିବା ବେଳେ ସେ ବଳାତ୍କାରର ଶିକାର ହୋଇଥିବା ଜଣାପଡ଼ିଥିଲା। ପରେ ପୋଲିସ ବିଭିନ୍ନ ଜାଗାରେ ଚଢ଼ାଉ କରିବା ସହ ତଦନ୍ତ ଚଳାଇ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ସାଢ଼େ ୫ ମାସ ପରେ ପଞ୍ଚାୟତ ସମିତିର ତୃତୀୟ ବୈଠକ



ବୋଲଗଡ଼ ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବୋଲଗଡ଼,୧୬।୮(ଦେବବ୍ରତ ହୋତା)

ବୋଲଗଡ଼ ପଞ୍ଚାୟତ ସମିତିର ତୃତୀୟ ବୈଠକ ବୁଧବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବାଗୃହର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ବ୍ଲକ ଅଧକ୍ଷା ହୁଲାସ ପ୍ରଧାନଙ୍କ ଅଧକ୍ଷତାରେ ହୋଇଥିଲା। ତେବେ ତୃତୀୟ ବୈଠକଟି ପ୍ରାୟ ସାଢ଼େ ୫ମାସ ପରେ ହୋଇଥିବା ସୂଚନା ମିଳିଛି। ଦ୍ୱିତୀୟ ବୈଠକ ପରେ କୌଣସି କାରଣକୁ ନେଇ ନାନା ବିଚାର ବିମର୍ଶ ହେଉଥିଲେ ମଧ୍ୟ ତୃତୀୟ ବୈଠକ ହୋଇପାରୁ ନ ଥିଲା। ଫଳରେ ବିଳମ୍ବ ଯୋଗୁ ଅଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ପୁଣିଥରେ ଆଲୋଚନା ହୋଇ ଶେଷରେ ବୁଧବାର ତୃତୀୟ ବୈଠକ ହୋଇଥିଲା। ଏଥିରେ ପୂର୍ବ ବୈଠକର ବିବରଣୀ ପଠନ ଓ ଦୃଢ଼ୀକରଣ, ମହାତ୍ମାଗାନ୍ଧୀ ରୋଜଗାର ଯୋଜନା, ଖାଉଟି କଲ୍ୟାଣ, ପାନୀୟ ଜଳ ଓ ପରିମଳ, କୃଷି ଏବଂ ପଶୁ ପାଳନ, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ, ଶିଶୁ ଓ ମହିଳା ବିକାଶ, ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ପଞ୍ଚଦଶ ଅର୍ଥ କମିଶନ ଏବଂ ଅନ୍ୟାନ୍ୟ ବିଷୟରେ ପ୍ରସ୍ତାବଗୁଡିକୁ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ବିଡିଓ ଧୋବେଇ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତେବେ ଏହି ପଞ୍ଚାୟତ ସମିତି ବୈଠକ ସମ୍ପର୍କରେ ପୂର୍ବରୁ ସୂଚନା ଦିଆଯାଉ ନ ଥିବାରୁ ଗଣମାଧ୍ୟମ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

## ୫-ଟି ସଚିବଙ୍କ ଗସ୍ତ ନେଇ ପ୍ରଶାସନିକ ତତ୍ପରତା

କୃଷ୍ଣପ୍ରସାଦ,୧୬।୮(କୈଳାସ ଚନ୍ଦ୍ର ପଟନାୟକ)

କୃଷ୍ଣପ୍ରସାଦ ବ୍ଲକକୁ ୧୮ତାରିଖରେ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ଗସ୍ତର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଜିଲା ପ୍ରଶାସନିକ ଅଧିକାରୀଙ୍କର ତତ୍ପରତା ଦେଖିବାକୁ ମିଳିଛି। ବ୍ଲକର ଦ୍ୱିତୀୟ ବାଲିଯାତ୍ରା(ପଣା ପଡ଼ିଆ)କୁ ୫-ଟି ସଚିବଙ୍କ ଗସ୍ତ ରହିଥିବା ବେଳେ ବ୍ଲକ ଓ ଜିଲା ପ୍ରଶାସନିକ ଅଧିକାରୀମାନେ ଦୁଇଥର ଯାଇ ସ୍ଥିତି ପରଖିଛନ୍ତି। ପଣା ପଡ଼ିଆକୁ ବିଜେଡି ନେତା ସଞ୍ଜୟ କୁମାର ଦାସବର୍ମା, ବିଡିଓ ମନୋଜ କୁମାର ନାୟକ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ ତରେଇ, କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ ସାହୁ, ୩୫ ମୌଜା ପରିଚାଳନା କମିଟି ସଭାପତି ଅଭିମନ୍ୟୁ ଜେନା, ସମ୍ପାଦକ ମନୋଜ ସାହୁ ପ୍ରମୁଖ ଯୋଗଦେଇ ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କରିଥିଲେ। ହେଲିକ୍ୟାପ୍ଟର ଅବତରଣ କରିବା ସ୍ଥଳ, ସଭା ମଞ୍ଚ ସ୍ଥାନ ପରିଦର୍ଶନ କରିଥିଲେ। ପଣା ପଡ଼ିଆରେ ଥିବା ମୁଖ୍ୟ ପୀଠାଧିସ ଶ୍ରୀ ଶ୍ରୀ କମଳେଶ୍ୱର ଦେବଙ୍କ ପୀଠର ଉନ୍ନତିକରଣ ଏବଂ କୃଷ୍ଣପ୍ରସାଦର ମୁଖ୍ୟ ସମସ୍ୟା ସାତପଡ଼ା-ଜହ୍ନିକୁଦା ଯାଏଁ ଚିଲିକାରେ ସ୍ଥାୟୀ ବ୍ରିଜ ନିର୍ମାଣ କରାଯିବ।

## ଛାତ୍ର ସାଇ ନିହାରଙ୍କୁ ପୁରସ୍କାର ରାଶି ପ୍ରଦାନ



ଛାତ୍ର ସାଇ ନିହାରଙ୍କୁ ଅତିଥିମାନେ ପୁରସ୍କାର ରାଶି ପ୍ରଦାନ କରୁଛନ୍ତି।

ଗମ୍ଭାରୀମୁଣ୍ଡା,୧୬।୮(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧାର ଗମ୍ଭାରୀମୁଣ୍ଡା ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି ସ୍ୱାଧୀନତା ଦିବସ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ଗିନିଜି ବୁକ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଥିବା ଜର ସ୍ପେଶାଲିଷ୍ଟ ଏବଂ ସୁରେନ୍ଦ୍ରନାଥ ଦାସ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ସ୍ଥାନୀୟ ଅଞ୍ଚଳର ଛାତ୍ର ସାଇ ନିହାର ମାନସିଂଙ୍କୁ ପୁରସ୍କାର ରାଶି ସ୍ୱରୂପ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ବିଦ୍ୟାଳୟର ଗର୍ବ ଏବଂ ଗୌରବସାଇ ନିହାର ରଞ୍ଜନ ବୋଲି କହି ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୁରୁ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ, ନିକଟ ଅତୀତରେ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୀରକ ଜୟନ୍ତୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ପ୍ରଶ୍ନ ପଚାରିଥିଲେ ଏବଂ ଛାତ୍ର ସାଇ ନିହାର ଜଣକ ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲେ। ଉତ୍ତରରେ ଖୁସି ହୋଇ ରାଜ୍ୟପାଳ ତୁରନ୍ତ ଏକଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ତେବେ ସ୍ୱାଧୀନତା ଦିବସ ଦିନ ଛାତ୍ର ସାଇ ନିହାର, ପିତା ଶିକ୍ଷକ ଭାଗୀରଥି ମାନସିଂଙ୍କ ନାମରେ ୧ ଲକ୍ଷ ଟଙ୍କାର ଚେକ ପଠାଇଥିଲେ।

## ବୋଲଗଡ଼ ଫୁଟବଲ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ବୋଲଗଡ,୧୬।୮(ଦେବବ୍ରତ ହୋତା)

ସ୍ୱାଧୀନତା ଉତ୍ସବରେ ବୋଲଗଡ ଫୁଟବଲ ପ୍ରିମିୟର ଲିଗର ପଞ୍ଚମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଫ୍ରେଣ୍ଡସ କ୍ଲବ ଆନୁକୁଲ୍ୟରେ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମଠାରେ ଆୟୋଜିତ ଏହି ଫୁଟବଲ ଲିଗରେ ସ୍ଥାନୀୟ ଅଞ୍ଚଳର ଫୁଟବଲ ଖେଳାଳିମାନଙ୍କୁ ୪ଟି ଫ୍ରାଞ୍ଚାଇଜ ଦଳର ଓନରମାନେ ପୂର୍ବରୁ ନିଲାମ ମାଧ୍ୟମରେ କ୍ରୟ କରି ଦଳରେ ସାମିଲ କରିଥିଲେ। ଉଦ୍‌ଘାଟନ ମ୍ୟାଚରେ ରୁଦ୍ର ୱାରିୟର୍ସ ଓ ଗୁରୁ ୟୁନାଇଟେଡ ପରସ୍ପରକୁ ଭେଟିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ ଗୋଟିଏ ଲେଖାଏ ଗୋଲ ସ୍କୋର କରିବାରୁ ମ୍ୟାଚଟି ଅମୀମାଂସିତ ରହିଥିଲା। ଏହି ମ୍ୟାଚଟିକୁ ଅତିଥି ଭାବେ ବିଆର୍‌ସିସି ପଦ୍ମଚରଣ ବେହେରା ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ରେଫରି ଭାବେ ଭଞ୍ଜକିଶୋର ଜ୍ୟୋତି ଓ ସହାୟକ ରେଫରି ଭାବେ ଲକ୍ଷ୍ମୀଧର ଚୌଧୁରୀ, ସୌମ୍ୟରଞ୍ଜନ ଜେନା ସହଯୋଗ କରିଥିଲେ। ସେହିପରି ଅନୁଷ୍ଠିତ ଦ୍ୱିତୀୟ ଲିଗ ମ୍ୟାଚରେ ଡବ୍ଲ୍ୟୁ ୱାରିୟର୍ସ ଓ ସାଇ ଇଲେଭେନ ମଧ୍ୟରେ ଅନୁଷ୍ଠିତ ଖେଳରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନ ପାରି ମ୍ୟାଚଟିକୁ ଅମିମାଂସିତ ରଖିଥିଲେ। ଏହି ମ୍ୟାଚଟିକୁ ଶିକ୍ଷାବିତ ଦେବୀପ୍ରସାଦ ମାନ୍ଧାତା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ରେଫରି ଭାବେ ଏମ୍. ଏସ୍.ବେଗ ଓ ଲାଇନ୍ସରେ ଭଞ୍ଜକିଶୋର ଜ୍ୟୋତି ଓ ଲକ୍ଷ୍ମୀଧର ଚୌଧୁରୀ ସହାୟତା କରିଥିଲେ। ଫ୍ରେଣ୍ଡସ କ୍ଲବର ସଦସ୍ୟ ଓ କର୍ମକର୍ତ୍ତାମାନେ ଖେଳ ପରିଚାଳନା କରିଥିଲେ।



ବୋଲଗଡ଼ ଫୁଟବଲ ପ୍ରିମିୟର ଲିଗ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ଖେଳାଳିମାନେ।

# ସ୍ୱାଧୀନତାର ସଂଘର୍ଷକୁ ମନେପକାଇଲେ

ବେଗୁନିଆ,୧୬।୮(ହରପ୍ରସନ୍ନ ପଣ୍ଡା)




ଜଟଣୀ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଉଛି।

ଖୋର୍ଦ୍ଧା ଜିଲାର ବିଭିନ୍ନ ବ୍ଲକରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବେଗୁନିଆ ପରେଡ ପଡ଼ିଆ ପରିସରରେ ଶିକ୍ଷାବିତ ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ବକ୍ତା ଓ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଭାରତ ସ୍ୱାଧୀନତାର ସଂଘର୍ଷକୁ ମନେପକାଇଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିବା ସହ ପରେଡରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅତିଥି ବିଧାୟକ ୧୦୩୧ ଜଣଙ୍କୁ ନୂତନ ଭତ୍ତା ବଣ୍ଟନ କରିଥିଲେ। ବିଡିଓ ଲକ୍ଷ୍ମୀଧର ସାହୁ ପରିଚାଳନା କରିଥିବାବେଳେ ବିଇଓ ଭାସ୍କର ଲେଙ୍କା ଧନ୍ୟବାଦ ଦେଇଥିଲେ। ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ ଏବଂ ଗ୍ରାମାଞ୍ଚଳରେ ଥିବା ସଭାଗୃହ ପରିସର, ବେଗୁନିଆ ଥାନାରେ ଥାନାଧିକାରୀ ବିଶ୍ୱଜିତ ରାଉତରାୟ ଓ ବାଘମାରୀ ଥାନାରେ ଥାନାଧିକାରୀ ଶମ୍ଭୁନାଥ ନାୟକ, ବ୍ଲକ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

**ବୋଲଗଡ,(ଦେବବ୍ରତ ହୋତା)**– ବୋଲଗଡ ବ୍ଲକ ପଞ୍ଚାୟତ କାର୍ଯ୍ୟାଳୟରେ ସାମାଜିକ କର୍ମୀ କୃଷ୍ଣମୋହନ ପାଲଟାସିଂ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ଐତିହାସିକ ରବୀନ୍ଦ୍ର ପରିଡା, ଲଲାଟେନ୍ଦୁ କେଶରୀ ସିଂ, ନାରୀ ନେତ୍ରୀ ଶୈଳବାଳା ବାହାନପତି, ଜୟକୃଷ୍ଣ ଦଳବେହେରା ସଂସାରୀ ସାହ ପ୍ରମୁଖ ଉପସ୍ଥିତ ଥିଲେ। ବୋଲଗଡ ନାରାୟଣ ସେବାସଂଘରେ ଶିକ୍ଷାବିତ ସୁନୀଲ ରଥ, ବଣିକ ମହାସଂଘ କାର୍ଯ୍ୟାଳୟରେ ଥାନା ନିରୀକ୍ଷକ ଜ୍ୟୋତିପ୍ରକାଶ ପଣ୍ଡା, ଭାଜପା କାର୍ଯ୍ୟାଳୟରେ ମଣ୍ଡଳ ସଭାପତି ରଘୁନାଥ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବାମନ ସରକାରୀ ବିଦ୍ୟାଳୟ ପରିସରରେ ଆୟୋଜିତ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ବିଧାୟକ, ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ପ୍ରମୁଖ ସମୂହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ।

**ଟାଙ୍ଗୀ(ଖୋର୍ଦ୍ଧା),(ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକରେ ଅଧ୍ୟକ୍ଷା ରିମ୍ବା ମାନ୍ଧାତା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଜନ୍ମେଜୟ ସାହୁ, ଥାନାରେ ଆଇଆଇସି ସୁଶାନ୍ତ ବେହେରା, ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ କିଶୋର ବେହେରା, ବଳରାମ ଦେବ ବିଦ୍ୟାପୀଠରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ କଂଗ୍ରେସ ଭବନରେ ଡା. ମଧୁସୂଦନ ସେନାପତି, ଭାଜପା କାର୍ଯ୍ୟାଳୟରେ ଜିଲା ସମ୍ପାଦକ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବନ୍ୟପ୍ରାଣୀ କାର୍ଯ୍ୟାଳୟରେ ରେଞ୍ଜର ଚୁଡ଼ାମଣି ମୁର୍ମୁ ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତା ଦିବସ ପାଳନ କରିଥିଲେ।

**ଯାଁଳା,(ବୁଲା ବାରିକ):** ଯାଁଳା ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ସହିତ ପ୍ରୋଜେକ୍ଟ ସ୍କୁଲ, କୃଷ୍ଣଚନ୍ଦ୍ର ବିଦ୍ୟାପୀଠ ଅଙ୍ଗନୱାଡ଼ି ସହ ଦଶମ ଶ୍ରେଣୀ ପର୍ଯ୍ୟନ୍ତ, ରାଧାଚରଣ ପୁର, ଦକ୍ଷିଣ ମୁଣ୍ଡମୁହାଁଣ, ଓଗାଳପଡା ଆଦି ସ୍କୁଲରେ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। ଏଥିସହ ବିଭିନ୍ନ ସ୍କୁଲର କୁନି ପିଲାମାନେ ଗାଁ ବୁଲିବା ସହ ଚାରାରୋପଣ ଆଦି କାର୍ଯ୍ୟକ୍ରମ କରିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପୁରସ୍କାର ପାଇଥିଲେ।

**କୃଷ୍ଣପ୍ରସାଦ, (କୈଳାସ ଚନ୍ଦ୍ର ପଟ୍ଟନାୟକ):** ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ମନୋଜ କୁମାର ନାୟକ, ସିଡିପିଓ ମନୋରମା ଦେବୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ବିଜୟ ତରେଇ, ନଳିନୀ କାନ୍ତ ଜେନା ପ୍ରମୁଖ ସାମିଲ ଥିଲେ। ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାର ଶରତ ଚନ୍ଦ୍ର ଗିରି ପତାକା ଉତ୍ତୋଳନ କରିଥିବା ବେଳେ କୃଷ୍ଣପ୍ରସାଦ ବାର ଆସୋସିଏସନର କର୍ମକର୍ତ୍ତା ଏବଂ ତହସିଲ କର୍ମଚାରୀମାନେ ଉପସ୍ଥିତ ଥିଲେ ।

**ନିରାକାରପୁର, (ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁରରେ ପୂର୍ବତନ ସରପଞ୍ଚ ବିପିନ ଜୟସିଂହଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନ ସିଂହ, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଟାଙ୍ଗୀ ତହସିଲଦାର ଜନ୍ମେଜୟ ସାହୁ, ବିଡିଓ ଐଶ୍ୱାର୍ଯ୍ୟା ସାମନ୍ତରାୟ, ସରପଞ୍ଚ କାଦମ୍ବିନୀ ବେହେରା, ସମିତିସଭ୍ୟା ଲୋପାମୁଦ୍ରା ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଷୟରେ କୃତୀ ଛାତ୍ରୀଛାତ୍ର, ଶତାୟୁ ବ୍ୟକ୍ତି, ଅଙ୍ଗନୱାଡ଼ି, ଆଶାକାର୍ମୀ, ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ କର୍ମୀମାନଙ୍କୁ ଉପସ୍ଥିତ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ୧୨ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ବିଜୟ ପାଲଟାସିଂହ ଧନ୍ୟବାଦ ଦେଇଥିଲେ।

**୧୯ରେ ୫-ଟି ସଚିବଙ୍କ ସତ୍ୟବାଦୀ ଗସ୍ତ**

**ସାକ୍ଷୀଗୋପାଳ,(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର):** ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କର ୧୬ତାରିଖ ସତ୍ୟବାଦୀ ଗସ୍ତର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ କୌଣସି କାରଣକୁ ନେଇ ଏହି ଗସ୍ତ ସୂଚୀକୁ ପରିବର୍ତ୍ତନ କରାଯାଇ ୧୯ ତାରିଖ ହୋଇଥିବା ସୂଚନା ମିଳିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ସାକ୍ଷୀଗୋପାଳ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସ୍ମୃତି ମହାବିଦ୍ୟାଳୟର ପଡ଼ିଆରେ ୫-ଟି ସଚିବ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରିବେ। ସଭାରେ ମୁଖ୍ୟ ସଂଯୋଜକ ଭାବେ ବିଡିଓ ଲୋଚନ ଦାଶ, ବିଭିନ୍ନ ଅଭିଯୋଗ ଗ୍ରହଣ ଅଧିକାରୀ ଭାବେ ତହସିଲଦାର ଜୟନ୍ତ କୁମାର ଜୟସିଂ, ସତ୍ୟବାଦୀ ଅଗ୍ନିଶମ ବିଭାଗର ଅଧିକାରୀ ମନୋଜ କୁମାର ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦେବାଶିଷ ନାୟକ ପ୍ରମୁଖ ଯୋଗଦେବେ।

## ସଂକ୍ଷେପରେ

### ପତାକା ଉତ୍ତୋଳନ ବେଳେ ପ୍ରଧାନ ଶିକ୍ଷକ ଟଳିପଡ଼ିଲେ

କୃଷ୍ଣପ୍ରସାଦ,୧୫।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)



ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମଲେଶ୍ୱରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସ୍ୱାଧୀନତା ଦିବସ ଦିନ ବିଦ୍ୟାଳୟ ପରିସରରେ ପତାକା ଉତ୍ତୋଳନ ବେଳେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରଧାନ ଶିକ୍ଷକ ସାହୁ ବ୍ୟସ୍ତ ଥିଲେ। ଜାତୀୟ ପତାକା ବାନ୍ଧି ପ୍ରଭାତ ଫେରି ପାଇଁ ସଜବାଜ ହେଉଥିବା ବେଳେ ହଠାତ୍ ସେଠାରେ ସେ ଟଳିପଡିଲେ। ତତ୍କ୍ଷଣାତ ତାଙ୍କୁ କୃଷ୍ଣପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପ୍ରଧାନ ଶିକ୍ଷକ ସାହୁଙ୍କ ଅକାଳ ମୃତ୍ୟୁରେ ମଲେଶ୍ୱରୀ ବିଦ୍ୟାଳୟ ସମେତ ସମଗ୍ର ମାଲୁଦ ସର୍କଲ, କୃଷ୍ଣପ୍ରସାଦ ସର୍କଲ, ଚିଲିକା ନୂଆପଡା, ସାତପଡ଼ା ଶିକ୍ଷା ସର୍କଲରେ ଶୋକରଛାୟା ଖେଳିଯାଇଥିଲା। ଏ ନେଇ ପ୍ରତ୍ୟେକ ବିଦ୍ୟାଳୟରେ ଏକ ଶୋକ ସଭା କରାଯାଇଛି। ଖବରପାଇ ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ମାଲୁଦ ସର୍କଲ ସିଆର୍‌ସିସି ରମାକାନ୍ତ ଜେନା, ମାଲୁଦ ସର୍କଲ ସଭାପତି ସୁଦର୍ଶନ ସେଠୀ, ସମ୍ପାଦକ ବିମଳ ବିଶ୍ୱାଳ ପ୍ରମୁଖ ସ୍ୱର୍ଗତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ସାହୁଙ୍କ ବାସଭବନରେ ପହଞ୍ଚି ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୫୦୦୦ ଟଙ୍କା ପ୍ରଦାନ କରିଥିଲେ।

### ୧୮ରେ କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ

**ପୁରୀ,୧୬।୮(ଅଜିତ ମହାନ୍ତି):** ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତା, ଦୁର୍ନୀତି ବେକାରୀ ସମସ୍ୟା ବୃଦ୍ଧି ଓ ନାରୀ ନିର୍ଯ୍ୟାତନା ଆଦି ପ୍ରସଙ୍ଗ ନେଇ ପିସିସି ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୮ ତାରିଖ ପୂର୍ବାହ୍ନ ୧୦ଟାରେ ପ୍ରତି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ। ଏହି କ୍ରମରେ ପୁରୀ ଜିଲାର ସମସ୍ତ ବ୍ଲକ ଅଫିସ ସମ୍ମୁଖରେ ଜିଲା ବ୍ଲକ କଂଗ୍ରେସ କମିଟି ତରଫରୁ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଜିଲା କଂଗ୍ରେସ କମିଟି ସଭାପତି ଜୟ ନାରାୟଣ ପଟ୍ଟନାୟକ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଅମରେନ୍ଦ୍ର ପାଇକରାୟ, ନିରଞ୍ଜନ ରଥ, ଅବିନାଶ ମିଶ୍ର, ସରସ୍ୱତୀ ପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଶ୍ରୀମନ୍ଦିରର ୪ ଦ୍ୱାର ଓ ରତ୍ନଭଣ୍ଡାର ଖୋଲାଯାଉନାହିଁ। ପୁରୀ ମ୍ୟୁନିସିପାଲିଟି ନିର୍ବାଚନ କରାଯାଉନାହିଁ। ଦୀର୍ଘ ୨୦ ବର୍ଷ ହେଲା ପୁରୀ ଆଥଲେଟିକ ଆସୋସିଏଶନର ନିର୍ବାଚନ ହେଉନାହିଁ। ପୁରୀ ସହରରେ ବେକାରୀ ବଢିଚାଲିଛି। ମନଇଚ୍ଛା ବିଦ୍ୟୁତ ଶୁଳ୍କ ଆଦାୟ କରାଯାଉଛି। ଏହା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା ଓ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଦଳୀୟ ନେତୃବୃନ୍ଦ କହିଛନ୍ତି।

# ମୁକ୍ତା ଯୋଜନାରେ କେଳେଙ୍କାରୀ ଅଭିଯୋଗ

ପିପିଲି,୧୬।୮(ଦୁର୍ଗାମାଧବ ମିଶ୍ର)

ରାଜ୍ୟ ସରକାର ଲୋକଙ୍କ ସୁବିଧା ପାଇଁ ବହୁ ଯୋଜନା କରୁଥିବାବେଳେ ବାସ୍ତବରେ ତାହା କାର୍ଯ୍ୟକାରୀ ହେଉ ନ ଥିବାରୁ ଲୋକେ ସୁଫଳରୁ ବଞ୍ଚିତ ହେଉଛନ୍ତି। ପିପିଲି ଏନ୍‌ଏସିରେ ମୁକ୍ତା ଯୋଜନାରେ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ପିପିଲି ଏନ୍‌ଏସି ଅଧୀନ ୧୦ ନଂ. ୱାର୍ଡର ଜୟପୁର କିଲାରେ ଅବସ୍ଥିତ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ କବର ସ୍ଥାନରେ ବର୍ଷା ଜଳ ଅମଳ ପ୍ରକଳ୍ପ କାର୍ଯ୍ୟ ମୁକ୍ତା ଯୋଜନାରେ ୧ ଲକ୍ଷ ୨୪ ହଜାର ୧୪୯ ଟଙ୍କା ଏନ୍‌ଏସି ଚିଠି ନଂ. ୧୧୬୧ ତା.୦୧.୦୬.୨୧ରେ କାର୍ଯ୍ୟାଦେଶ ଏକ ମହିଳା ଗୋଷ୍ଠୀଙ୍କୁ ଦିଆଯାଇଥିଲା। କିନ୍ତୁ ସେଠାରେ କାମ ନ ହୋଇ ୧୩.୦୭.୨୧ରେ ଉକ୍ତ କାମର ରନିଙ୍ଗ ବିଲ- ୯୩୪୦୭ ଟଙ୍କା ପ୍ରଦାନ କରାଯିବା ସହ ୨୧.୦୯.୨୧ରେ ଫାଇନାଲ ବିଲ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ମୁକ୍ତା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ପାଇଁ ୩ ଜଣ ଯନ୍ତ୍ରୀ ନିଯୁକ୍ତି ପାଇଥିଲେ। କାମ ନ ହୋଇ ଏତେ ବଡ଼ ଘୋଟଲା କିପରି ହେଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଯନ୍ତ୍ରୀ ରଶ୍ମିରଞ୍ଜନ ବେହେରାଙ୍କୁ ପଚାରିବାରୁ, ଏହି କାର୍ଯ୍ୟ ତାଙ୍କ ସମୟରେ ହୋଇଥିବା କହିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତଙ୍କୁ ପଚାରିବାରୁ, ପ୍ରଥମ ପ୍ରକଳ୍ପ ପାଇଁ ଯେଉଁ ସ୍ଥାନ ନିରୂପଣ ହୋଇଥିଲା, ସେଠାରେ କରା ନ ଯାଇ ଅନ୍ୟ ସ୍ଥାନରେ ଉକ୍ତ ଅର୍ଥ ବିନିଯୋଗ ହୋଇଥିବା କହିଥିଲେ। ତେବେ ଏହି ପ୍ରକଳ୍ପ ପାଇଁ କିଏ ଆଦେଶ ଦେଲା ତାହା ପ୍ରଶ୍ନ ଉଠୁଛି। ଅଧିକାରୀଙ୍କ ଲାଭ ହେଉଥିବା ଯୋଜନାରେ ଏନ୍‌ଏସିକୁ ଆସୁଥିବା ଅର୍ଥ ଖର୍ଚ୍ଚ ହେଉଥିବା ନେଇ ବିଭିନ୍ନ ଅଭିଯୋଗ ହେଉଛି। ଏଠାରେ ଉକ୍ତ ଏନ୍‌ଏସିର ୪ନଂ. ୱାର୍ଡ ଭବାନିପୁରରେ ଅବସ୍ଥିତ ଗୋଲାପୋଖରୀର ପାଚେରି ନିର୍ମାଣ ପାଇଁ ମୁକ୍ତା ଯୋଜନାରେ କାମ ହେଉଥିଲା। ପରେ ପାଚେରି ଭୁଶୁଡ଼ି ପଡ଼ିଥିଲା। ସେତେବେଳେ ଏନ୍‌ଏସିର ଏଭଳି କାର୍ଯ୍ୟକୁ ନେଇ ପୂର୍ବରୁ ତଥ୍ୟ ପ୍ରକାଶ ପାଇଥିଲା। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କଲେ ବହୁ ଗୂଢ଼ ରହସ୍ୟର ପର୍ଦ୍ଦା ହଟିବ ବୋଲି ଏନ୍‌ଏସିବାସୀ ତଥା ବୁଦ୍ଧିଜୀବୀ ଦାବି କରିଛନ୍ତି।



ଅରୁଣଜ୍ୟୋତି ଗବେଷଣା ମନ୍ଦିରର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

# ଶ୍ରୀକ୍ଷେତ୍ରରେ ପୁରୁଷୋତ୍ତମ ତତ୍ତ୍ୱର ଗରିମା ଅନନ୍ୟ

**ଅରୁଣଜ୍ୟୋତି ଗବେଷଣା ମନ୍ଦିରର ବାର୍ଷିକ ଉତ୍ସବ**

ପୁରୀ, ୧୬।୮(ଅଜିତ ମହାନ୍ତି)

ଅରୁଣ ଜ୍ୟୋତି ଗବେଷଣା ମନ୍ଦିର ଆନୁକୂଲ୍ୟରେ ୫୬ତମ ଅରୁଣଜ୍ୟୋତି ଗବେଷଣା ମନ୍ଦିରର ବାର୍ଷିକ ଏବଂ ଅଷ୍ଟମ ଶ୍ରୀପୁରୁଷୋତ୍ତମ ମାସ ମାହାତ୍ମ୍ୟ ଆଲୋଚନାଚକ୍ର ସୋମବାର ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରରେ ଶିବସୁନ୍ଦର ମିଶ୍ର ସଭାପତିତ୍ୱ କରିଥିଲେ। ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ପ୍ରଫେସର ଡ. ଗୋପାଳକୃଷ୍ଣ ଦାଶ, ସାରସ୍ୱତ ଅତିଥି ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ସମ୍ମାନିତ ଅତିଥି ଭଗବାନ ସୁଆର, ବିଜୟଲକ୍ଷ୍ମୀ ଦାଶ, ମନୋଜ କୁମାର ରଥ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିବସୁନ୍ଦର ମିଶ୍ର ଅତିଥି ପରିଚୟ ଏବଂ ଅନୁଷ୍ଠାନର ସମ୍ପାଦକ ଅନାମ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଶ୍ରୀପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଏବଂ ମଳ (ନାରାୟଣ) ଓ ବାର ମାହାତ୍ମ୍ୟ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ, ଭୁବନେଶ୍ୱର ଏବଂ ପୂର୍ଣ୍ଣଦାସ ଆଧ୍ୟାତ୍ମିକ ଫାଉଣ୍ଡେଶନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀନିବାସ ଆଚାର୍ଯ୍ୟ, ଡ. ଭାସ୍କର ମିଶ୍ର, ସତ୍ୟନାରାୟଣ ମିଶ୍ର, ଡ. କଲ୍ୟାଣୀ ଶତପଥୀ, ଡ. ପ୍ରମୋଦ କୁମାର ଦଳାଇଙ୍କୁ ପ୍ରାଚ୍ୟବିଦ୍ୟା ବିଶାରଦ ଏବଂ ବୈକୁଣ୍ଠନାଥ ନାୟକ, ହରିହର ସାହୁଙ୍କୁ ଜ୍ୟୋତିଷ ପ୍ରଭାକର ଉପାଧି ପ୍ରଦାନ କରାଯାଇଥିଲା। କବିତା ପାଠୋତ୍ସବର କବି ଓ କବୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀପୁରୁଷୋତ୍ତମ ନନ୍ଦ ଧନ୍ୟବାଦ ଦେଇଥିଲେ। ଅତିଥିମାନେ ଶ୍ରୀକ୍ଷେତ୍ରରେ ପୁରୁଷୋତ୍ତମ ତତ୍ତ୍ୱର ଗରିମାକୁ ବର୍ଣ୍ଣନା କରି ଭାରତରେ ଶ୍ରୀମନ୍ଦିର ପୂଜା ପଦ୍ଧତିରେ ମଳ (ନାରାୟଣ) ମନ୍ଦିରର ଗୁରୁତ୍ୱ ତଥା ଆଷାଢ଼ ମାସରେ ଶ୍ରୀବିଗ୍ରହଙ୍କ ନବକଳେବର ବ୍ୟବସ୍ଥା ଅନନ୍ୟ ବୋଲି କହିଥିଲେ। ଅଧିକ ମାସରେ ଦାନ, ପୁଣ୍ୟର ଗୁରୁତ୍ୱ ସର୍ବାଧିକ। ଭାରତୀୟ ସଂସ୍କୃତିରେ ମଳ ବା ଅଧିମାସ ବ୍ୟବସ୍ଥା ଦ୍ୱାରା ପର୍ବପର୍ବାଣିର ସାଂସ୍କୃତିକ ଓ ସାମାଜିକ ଧାରା ସହିତ ବିଧିବିଧାନ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ରକ୍ଷାର ସୁରକ୍ଷା ମିଳିଥାଏ ବୋଲି ସେ କହିଥିଲେ। ପ୍ରଥମ ଅଧିବେଶନରେ ବାର ମାହାତ୍ମ୍ୟ ଏବଂ ଶ୍ରୀପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଶୀର୍ଷକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସଭାରେ ଅତିଥି ଭାବେ ଡ. ଶ୍ରୀନିବାସ ଆଚାର୍ଯ୍ୟ, ଡ. ନରେଶ ଚନ୍ଦ୍ର ଦାଶ, ସତ୍ୟନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ବୀରେନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ପୁସ୍ତକ ସମୀକ୍ଷକ ଭାବେ ରଘୁନାଥ ମହାପାତ୍ର ଏବଂ ଡ. ଭାସ୍କର ମିଶ୍ର ଉପସ୍ଥିତ ଥିବାବେଳେ ବିଶ୍ୱମ୍ଭର ସାହୁ ଧନ୍ୟବାଦ ଦେଇଥିଲେ। ସହଦେବ ସାହୁ, ଯୋଗେନ୍ଦ୍ର ସାହୁ, ଉମେଶ ଚନ୍ଦ୍ର ଦାସ, ଅନ୍ନପୂର୍ଣ୍ଣା ଦେବୀ, କ୍ରିଷ୍ଣା ମହାପାତ୍ର ପ୍ରମୁଖ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ସଡ଼କ ଦୁର୍ଘଟଣାରେ କଲେଜ ୱାର୍ଡେନଙ୍କ ମୃତ୍ୟୁ

ନିମାପଡ଼ା,୧୬।୮(ବିଚିତ୍ରାନନ୍ଦ ସାହୁ)

ଚାରିଛକ ରାସ୍ତାର ଖେରପୁର ଶୀତଳଭଣ୍ଡାର ଛକ ନିକଟରେ ସୋମବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିଆଳି ଥାନା ଅଧୀନ ପହଙ୍ଗା ଗ୍ରାମର ବିଭ୍ରାନ୍ତ ପ୍ରଧାନ(୪୨)। ଏ ସମ୍ପର୍କରେ ପୋଲିସ ୨୮୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବିଭ୍ରାନ୍ତ ନିମାପଡ଼ାସ୍ଥିତ ସ୍ୱାଧୀନ ଆବାସିକ ମହାବିଦ୍ୟାଳୟ ହଷ୍ଟେଲର ୱାର୍ଡେନ ଭାବେ କାର୍ଯ୍ୟ କରୁଥିଲେ। ସୋମବାର ରାତିରେ ଝିଅର ଦେହ ଖରାପ ଥିବା ଖବରପାଇ ସେ ବାଇକ ଯୋଗେ ନିମାପଡ଼ାରୁ ଘରକୁ ଯାଉଥିଲେ। ନିମାପଡ଼ା ନିକଟ ଶୀତଳ ଭଣ୍ଡାର ଛକଠାରେ ରାସ୍ତାକଡ଼ରେ ଥିବା କଂକ୍ରିଟ୍ ଖୁଣ୍ଟରେ ଭାରସାମ୍ୟ ହରାଇ ବାଇକ୍ ସହ ପିଟି ହୋଇ ରାସ୍ତାକଡ଼ରେ ଥିବା ପାଣିଖାଲରେ ଖସି ପଡ଼ିଥିଲେ। ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ବିଭ୍ରାନ୍ତଙ୍କ ମୃତଦେହ ଓ ବାଇକ୍ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଥିଲା। ୱାର୍ଡେନଙ୍କୁ ହରାଇ କଲେଜର ପରିଚାଳନା ନିର୍ଦ୍ଦେଶକ ସ୍ୱାଧୀନ ସାହୁ, ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ଦୁଃଖ ପ୍ରକାଶ କରିଥିଲେ। ଅନ୍ୟପଟେ ଗାଡ଼ି ଧକ୍କାରେ ବିଭ୍ରାନ୍ତଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ବିଭିନ୍ନ ମହଲରୁ କୁହାଯାଉଛି।

# ବ୍ରଜବନ୍ଧୁ ଜାତୀୟସ୍ତରରେ ସମ୍ମାନିତ

ନିମାପଡ଼ା,୧୬।୮(ବିଚିତ୍ରାନନ୍ଦ ସାହୁ)


ସହଧର୍ମିଣୀଙ୍କ ସହିତ ବ୍ରଜବନ୍ଧୁ ବେହେରା।

ପୁରୀ ଜିଲା ନିମାପଡ଼ା ମାଟିର ପୁଅ ବ୍ରଜବନ୍ଧୁ ବେହେରା ଏବେ ନିମାପଡ଼ାର ଗର୍ବଗୌରବ ପାଲଟିଛନ୍ତି। ବ୍ରଜବନ୍ଧୁ ଭାରତ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା କୁଶଳ ସମ୍ମାନରେ ପବିତ୍ର ୭୭ତମ ସ୍ୱାଧୀନତା ଦିବସ ଅବସରରେ ନୂଆଦିଲ୍ଲୀର ଲାଲ୍‌କିଲାଠାରେ ପ୍ରଧାନମନ୍ତ୍ରୀଙ୍କଠାରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ସେ ଜଣେ ତାଳପତ୍ର ବୁଣାକାର କାରିଗର ଭାବେ ପିଏମ୍ ବିଶ୍ୱକର୍ମା କୁଶଳୀ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଥିବା ଭାରତ ସରକାରଙ୍କ ମାଇକ୍ରୋ ସ୍ମଲ ମିଡିୟମ୍ ଏଣ୍ଟରପ୍ରାଇଜର୍ସ (ଏମ୍‌ଏସ୍‌ଏମ୍‌ଇ) ବିଭାଗର ଓଡ଼ିଶାର ବରିଷ୍ଠ ଅଧିକାରୀଙ୍କଠାରୁ ଜଣାପଡ଼ିଛି। ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଓଡ଼ିଶାରୁ ଚଳିତବର୍ଷ ରାୟଗଡ଼ା ଜିଲାରୁ ଜଣେ ଓ ପୁରୀ ଜିଲା ନିମାପଡ଼ାର ବ୍ରଜବନ୍ଧୁ ପିଏମ୍ ବିଶ୍ୱକର୍ମା କୁଶଳୀ ସମ୍ମାନରେ ବୁଣାକାର କାରିଗର ଭାବେ ଜାତୀୟସ୍ତରରେ ସମ୍ମାନିତ ହୋଇ ସାରା ରାଜ୍ୟ ଓ ନିମାପଡ଼ା ପାଇଁ ଗୌରବ ଆଣି ଏବେର ସମାଜରେ ଏକ ଉଦାହରଣ ସୃଷ୍ଟି କରି ବୁଣାକାର କାରିଗରଙ୍କ ପାଇଁ ଦିଗ୍‌ଦର୍ଶକ ପାଲଟିଛନ୍ତି। ଦିଲ୍ଲୀରୁ ଫେରି ନେତୃତ୍ୱରେ ପରିଷଦର ବହୁ ସଦସ୍ୟ ଏକ ଶୋଭାଯାତ୍ରାରେ ବ୍ରଜବନ୍ଧୁଙ୍କୁ ନେଇ ସହର ପରିକ୍ରମା କରିବା ସହ ତାଙ୍କୁ ଭବ୍ୟ ସ୍ୱାଗତ ପ୍ରଦାନ କରିଥିଲେ। ବ୍ରଜବନ୍ଧୁଙ୍କ ସହ ତାଙ୍କ ସ୍ତ୍ରୀ ପ୍ରମିଳା ବେହେରା ମଧ୍ୟ ଦିଲ୍ଲୀ ଗସ୍ତରେ ଯାଇଥିଲେ। ନିମାପଡ଼ା ମାଟିର ଟେକ ରଖିଥିବାରୁ ବିଧାୟକ ସମୀର ରଞ୍ଜନ ଦାଶ, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, କାଉନ୍‌ସିଲର ରାଜକିଶୋର ସାହୁ, ଟାଉନ କ୍ଲବ ସଭାପତି ଅକ୍ଷୟ ବେହେରା, ବ୍ୟବସାୟୀ ସଂଘ ସଭାପତି ପଦ୍ମଚରଣ ସାହୁ ପ୍ରମୁଖ ବେହେରାଙ୍କୁ ଗଭୀର କୃତଜ୍ଞତା, ସାଧୁବାଦ ଜଣାଇଛନ୍ତି।

# ପୁରୀରେ କେନ୍ଦ୍ର ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ


କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ସ୍ୱାଗତ କରୁଛନ୍ତି।

**ମହାପ୍ରଭୁଙ୍କ ଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ**

ପୁରୀ, ୧୬।୮(ଅଜିତ୍ ମହାନ୍ତି)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୩ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। କେନ୍ଦ୍ର ମନ୍ତ୍ରୀ ଦ୍ୱୟ ବୁଧବାର ଭୁବନେଶ୍ୱରରେ ପହଞ୍ଚି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ ସେମାନେ ରାତି ପ୍ରାୟ ୧୦ଟା ୩୦ରେ ପୁରୀ ଆସି ମେ'ଫେୟାର ହୋଟେଲରେ ରାତ୍ରିଯାପନ କରିଛନ୍ତି। ଗୁରୁବାର ସକାଳ ୭ଟା ୧୫ରୁ ୮ଟା ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଦ୍ୱୟ ଶ୍ରୀମନ୍ଦିର ଯାଇ ଦାରୁଦିଅଁଙ୍କୁ ଦର୍ଶନ କରିବେ। ୯ଟା ୧୫ରୁ ୧୦ଟା ୧୫ ମଧ୍ୟରେ 'ମେରି ମାଟି ମେରା ଦେଶ' କାର୍ଯ୍ୟକ୍ରମରେ ପୁରୀ ପେଣ୍ଠକଟାଠାରେ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ସଦାଶିବ ପରିସରରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେବେ। ସେହିପରି ୧୦ଟା ୩୦ରୁ ୧୧ଟା ୧୫ ମଧ୍ୟରେ ଦେଶର ପ୍ରଥମ ଶହୀଦ ସ୍ୱାଧୀନତା ସଂଗ୍ରାମୀ ଜୟୀ ରାଜଗୁରୁଙ୍କ ଉଦ୍ଦେଶ୍ୟରେ ବୀରହରେକୃଷ୍ଣପୁର ସ୍ଥିତ ଜନ୍ମସ୍ଥାନରେ ମାଲ୍ୟାର୍ପଣ କରିବେ। ଏନେଇ ସାଜସଜା ଓ ପ୍ରସ୍ତୁତି ସରିଲାଣି। ଉଭୟ କେନ୍ଦ୍ରମନ୍ତ୍ରୀଙ୍କୁ ସଂକୀର୍ତ୍ତନମଣ୍ଡଳୀ ଜରିଆରେ ସ୍ୱାଗତ କରାଯିବ ବୋଲି ସୂଚନା ମିଳିଛି।

# ସେବା ସମବାୟ ସମିତି କାର୍ଯ୍ୟାଳୟରେ ରାତିରେ ପତାକା ଅବତରଣ

ଗୋପ,୧୬।୮
(ଭାରତୀ ଭୂଷଣ ଉପାଧ୍ୟାୟ)

ସାରାଦେଶ ଜାତୀୟ ପତାକାକୁ ସମ୍ମାନ ଦେଉଥିବାବେଳେ ମଙ୍ଗଳବାର ଗୋପ ବ୍ଲକ ଅଧୀନ ବଉଳାଙ୍ଗ ପଞ୍ଚାୟତ ଅଧୀନ କରମଙ୍ଗା ପାଞ୍ଚେଣା ସେବା ସମବାୟ ସମିତିରେ ଜାତୀୟ ପତାକାକୁ ଅସମ୍ମାନ କରିଥିବା ଭଳି ଅଭିଯୋଗ ଆସିଛି। ସମ୍ପୃକ୍ତ ସମିତି ପକ୍ଷରୁ ବିଳମ୍ବିତ ରାତ୍ରିରେ ପତାକା ଅବତରଣ କରାଯାଇଥିବା ଅଭିଯୋଗ ରହିଛି।

ପ୍ରକାଶ ଯେ, ମଙ୍ଗଳବାର ସକାଳୁ କରମଙ୍ଗା ପାଞ୍ଚେଣା ସମିତି ସଭାପତି ପ୍ରିୟବ୍ରତ କଅଁର ସମିତି ଅଫିସ ମଧ୍ୟରେ ସ୍ୱାଧୀନତା ଦିବସ ଅବସରରେ ପତାକା ଉତ୍ତୋଳନ କରିଥିଲେ। ପରେ ନିୟମ ଅନୁସାରେ, ଏହି ଜାତୀୟ ପତାକାକୁ ସମ୍ମାନ ଦେଇ ଅପରାହ୍ନ ୫ଟାରେ ଅବତରଣ କରିବା କଥା। କିନ୍ତୁ ସମିତି ସମ୍ପାଦକ ଦେବରାଜ ସ୍ୱାଇଁ ବର୍ଷା ଆଳ ଦେଖାଇ ରାତି ୮ଟା ପରେ ବାରମ୍ବାର ଅଭିଯୋଗ ପରେ ପତାକାକୁ ଅନ୍ୟ ଦ୍ୱାରା ଖୋଲିଥିଲେ। ଏହି ପ୍ରସଙ୍ଗରେ ସମ୍ପାଦକ ସ୍ୱାଇଁଙ୍କୁ ପଚାରିବାରେ, ସେ ସେପରି କିଛି କରିନାହାନ୍ତି, ସନ୍ଧ୍ୟା ପୂର୍ବରୁ ପତାକା ଖୋଲାଯାଇଥିବା କହିଥିଲେ। ଜାତୀୟ ପତାକାକୁ ଅସମ୍ମାନ ଘଟଣାରେ ସ୍ଥାନୀୟ ଗ୍ରାମବାସୀ, ସମିତି ସଭାପତି କଅଁର



**ଜାତୀୟ ପତାକାକୁ ଅସମ୍ମାନ**

କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଥିବା ସମୟରେ ବଉଳାଙ୍ଗ ସରପଞ୍ଚ ନରହରି ଦଳାଇ ମଧ୍ୟ ଏହି ସମ୍ପାଦକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଯଦି ସମ୍ପାଦକ ସ୍ୱାଇଁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତା'ହେଲେ ସାଧାରଣ ଲୋକେ ରାସ୍ତାକୁ ଆସି ଆନ୍ଦୋଳନ କରିବେ ବୋଲି କହିଛନ୍ତି। ଜିଲା ବିଭାଗୀୟ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସମ୍ପୃକ୍ତ ସମିତି ସମ୍ପାଦକ ସ୍ୱାଇଁଙ୍କୁ ଗିରଫ କରିବାକୁ ମଧ୍ୟ ଦାବି କରିଛନ୍ତି।

## କଣାସରେ ପୁରୀ- ପାରାଦୀପ ଟ୍ରେନ ରହଣି ନେଇ ସ୍ୱାଗତ

ଡେଲାଙ୍ଗ,୧୬।୮(ରଶ୍ମିରଞ୍ଜନ ପ୍ରଧାନ)

ଅଗଷ୍ଟ ୧୫ ତଥା ସ୍ୱାଧୀନତା ଦିବସଠାରୁ କଣାସ ରୋଡ୍ ରେଳ ଷ୍ଟେଶନଠାରେ ପୁରୀ- ପାରାଦୀପ- ପୁରୀ ଟ୍ରେନର ରହଣି ଆରମ୍ଭ ହୋଇଯାଇଛି। ଏହି ଅବସରରେ ଅଗଷ୍ଟ ୧୫ ତାରିଖ ସକାଳୁ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ପୁରୀ ଜିଲା ସଭାପତି ଆଶ୍ରୀତ ପଟ୍ଟନାୟକ, ମଣ୍ଡଳ ସଭାପତି ଲଡୁକିଶୋର ରାୟ, ଶ୍ୱେତକୁମାର ନାୟକ, ସୁଧାଂଶୁ ଶେଖର ପରିଡାଙ୍କ ସମେତ ଶତାଧିକ କର୍ମୀ ଏହି ଟ୍ରେନକୁ ସ୍ୱାଗତ କରିବା ସହିତ ଧୂପ ଓ ପୁଷ୍ପ ଦେଇ ପୂଜାର୍ଚ୍ଚନା କରିଥିଲେ। ଟ୍ରେନ୍ ରହଣି ପାଇଁ ଅନେକ ଦିନ ହେଲା ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ଆଗାମୀ ଦିନରେ ପୁରୀ -ବଡ଼ବିଲ ଟ୍ରେନ ରହଣି ହେବ ବୋଲି ପ୍ରବକ୍ତା ପାତ୍ର ଆଶ୍ୱସନା ଦେଇଥିଲେ। ସେହିପରି ଡେଲାଙ୍ଗ ହାଟ ବଜାରରେ ଭାଜପା ଦଳୀୟ କାର୍ଯ୍ୟାଳୟକୁ ମଧ୍ୟ ପାତ୍ର ଉଦ୍‌ଘାଟନ କରିଥିଲେ। ସେଠାରୁ ଗାନ୍ଧୀ ପୀଠକୁ ଯାଇ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ସହିତ ତ୍ରିରଙ୍ଗା ଯାତ୍ରାର ଆରମ୍ଭ କରିଥିଲେ।

# ଶହୀଦ ସମ୍ମାନ ସ୍ମୃତିଫଳକ ସ୍ଥାପନ



ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

ନିମାପଡ଼ା,୧୬।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ଗଡ଼ପଦନପୁର ପଞ୍ଚାୟତରେ ୭୭ତମ ସ୍ୱାଧୀନତା ଦିବସ ଅବସରରେ ଏକ ନିଆରା କାର୍ଯ୍ୟକ୍ରମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ମେରି ମାଟି ମେରା ଦେଶ' ମାଟି କୋ ନମନ୍ ଭିରୋ କା ବନ୍ଦନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମାରୋହରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରାକେଶ ବାରିକ୍, ନେହେରୁ ଯୁବକେନ୍ଦ୍ର ପୁରୀର ଅଧିକାରୀ ଜୟଶଙ୍କର ଦ୍ୱିତୀ, ଶିକ୍ଷାବିତ୍ ନିରଞ୍ଜନ କର, ନିମାପଡ଼ା ନୟାସବେରା ୟୁଥ୍ ଟ୍ରଷ୍ଟର ସମ୍ପାଦକ ନିର୍ମଳ ପରିଜା ପ୍ରମୁଖ ଯୋଗଦେଇ ଦେଶ ମାତୃକାର ବନ୍ଦନା କରିବା ସହ ସ୍ୱାଧୀନତା ଆନ୍ଦୋଳନରେ ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ମହାପୁରୁଷ, ମହାମନୀଷୀ, ଅମର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପଞ୍ଚାୟତର ଦଳଭାଣପୁର ଗ୍ରାମଠାରେ ଅମର ଶହୀଦଙ୍କ ସମ୍ମାନାର୍ଥେ ଓ ସ୍ମୃତି ଉଦ୍ଦେଶ୍ୟରେ ଅମ୍ରିତ ସରୋବରଠାରେ ଏକ ସ୍ମୃତିଫଳକ ସ୍ଥାପନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ନିମାପଡ଼ାର ଅଗ୍ରଣୀ ସେବା ଅନୁଷ୍ଠାନ ନୟାସବେରା ୟୁଥ୍ ଟ୍ରଷ୍ଟକୁ ସରପଞ୍ଚ ରାକେଶ ବାରିକ୍ ଓ ଅତିଥିମାନେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିବାବେଳେ ଅବସରପ୍ରାପ୍ତ ସେନା କର୍ମଚାରୀ ସୁନୀଲ ତ୍ରିପାଠୀ, ଜୀବନଜ୍ୟୋତି ଶତପଥୀ, ଗୋବିନ୍ଦ କର, ଚନ୍ଦ୍ରଶେଖର ବେହେରା ପ୍ରମୁଖଙ୍କୁ ଉତ୍ତରୀୟ, ମାନପତ୍ର ପ୍ରଦାନ କରାଯାଇଥିଲା। ଆଜାଦୀ କା ଅମ୍ରିତ ମହୋତ୍ସବ ଅବସରରେ ୭୫ଟି ଚାରାରୋପଣ କରାଯିବା ସହ ପଞ୍ଚାୟତ ଅଫିସଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ବହୁ ଶିକ୍ଷାବିତ୍, ସମାଜସେବୀ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଯୁବ ସରପଞ୍ଚ ବାରିକ୍‌ଙ୍କ ଏହି ନିଆରା କାର୍ଯ୍ୟକୁ ସାଧୁବାଦ ଓ ପ୍ରଶଂସା ଜଣାଇଥିଲେ।

# ବିଭିନ୍ନ ସ୍ଥାନରେ ଉଡ଼ିଲା ତ୍ରିରଙ୍ଗା

ନିମାପଡ଼ା,୧୬।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ୭୭ତମ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ମହାସମାରେହରେ ପାଳିତ ହୋଇଯାଇଛି। ଐତିହାସିକ ବାରିବାଟି ଗ୍ରାଉଣ୍ଡରେ ବିଧାୟକ ସମୀର ରଞ୍ଜନ ଦାଶ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ସମେତ ୫ଜଣ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସ୍କୁଲ, କଲେଜର ଏନ୍‌ସିସି, ସ୍କାଉଟ୍, ଗାଇଡ୍, ଜେଆର୍‌ସି କ୍ୟାଡେଟ୍‌ଙ୍କ ପକ୍ଷରୁ ଆକର୍ଷଣୀୟ ପରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

**କଣାସ,(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକର ସମସ୍ତ ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ସରକାରୀ ବିଦ୍ୟାଳୟ, ବେସରକାରୀ ବିଦ୍ୟାଳୟ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବ୍ୟବସାୟ ପ୍ରତିଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କଣାସ ପଞ୍ଚାୟତ ସମିତି ଶହୀଦ ପୀଠରେ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ତହସିଲ ଓ ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ସମୟରେ ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ପ୍ରୟାସ ସଙ୍ଗଠନ ପକ୍ଷରୁ କଣାସ ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜଙ୍କିଆ ବଜାରସ୍ଥିତ ମା' ତାରିଣୀ ପୀଠଠାରେ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ପରେ ଚୁପୁରିଙ୍ଗିସ୍ଥିତ ମହାବୀର ମଣ୍ଡପଠାରେ ବିଶ୍ୱାଳ ବାଇକ୍ ସହ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇଥିଲା। ଶୋଭାଯାତ୍ରା ବିଭିନ୍ନ ସ୍ଥାନରେ ପହଞ୍ଚି ଶହୀଦଙ୍କୁ ପୁଷ୍ପମାଲ୍ୟ ଦିଆଯାଇଥିଲା।

**ଗୋପ,(ଭାରତୀ ଭୂଷଣ ଉପାଧ୍ୟାୟ):** ଗୋପ ବ୍ଲକ ଅଞ୍ଚଳର ବ୍ଲକ, ମହାବିଦ୍ୟାଳୟ, ଜଳ ସମ୍ପଦ, ଥାନା, ବିଦ୍ୟାଳୟ, ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପରେ ପରେଡ୍ ବଜାର ପରିକ୍ରମା କରିଥିଲା। ଏହି ଅବସରରେ ସ୍କୁଲରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**ଅସ୍ତରଙ୍ଗ,(ମମତା ଜେନା):** ଅସ୍ତରଙ୍ଗର ପୁରପଲ୍ଲୀରେ ସ୍ୱାଧୀନତା ଦିବସ ଅବସରରେ ଦେଶ ପାଇଁ ବଳିଦାନ ଦେଇଥିବା ଅଞ୍ଚଳର ଶହୀଦ ସ୍ୱାଧୀନତା ସଂଗ୍ରାମୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେହିପରି ଅସ୍ତରଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ଲକ୍ଷ୍ମୀ କଲ୍ୟାଣ ମଣ୍ଡପ ସମ୍ମୁଖରେ, ବିଜେଡି କାର୍ଯ୍ୟାଳୟ ସମ୍ମୁଖରେ, ମା' ଦୁର୍ଗା କ୍ଲବରେ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ୨ ଜଣ କୃତୀ ଛାତ୍ରୀ ଓ ଅସ୍ତରଙ୍ଗ ଗ୍ରାମରୁ ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ରାକେଶ ପରିଡ଼ାଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟରେ ମଧ୍ୟ ପତାକା ଉତ୍ତୋଳନ କରାଯାଇଥିଲା।

**ସାକ୍ଷୀଗୋପାଳ, (ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର) :** ସ୍ୱାଧୀନତା ଦିବସ ଅବସରରେ ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମରେ ଗୋପବନ୍ଧୁ ପାର୍କ ପରିସରରେ ବିଧାୟକ ଉମାକାନ୍ତ ସାମନ୍ତରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥିସହ ତହସିଲ କାର୍ଯ୍ୟାଳୟ, ଥାନା, ମହାବିଦ୍ୟାଳୟ, ବିଦ୍ୟାଳୟ, ସରକାରୀ, ବେସରକାରୀ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ହୋଇଥିଲା। ପରେ ମିଳିତ ପରେଡ୍‌ରେ ଛାତ୍ରୀଛାତ୍ର ବଜାର ପରିକ୍ରମା କରିଥିଲେ।

**ବଳଙ୍ଗା,(କେଦାରେଶ୍ୱର ନନ୍ଦ):** ବଳଙ୍ଗା ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, କଲେଜ, ବିଦ୍ୟାଳୟ, ପଞ୍ଚାୟତରେ ପବିତ୍ର ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିବାବେଳେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପ୍ରଭାତ ଫେରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିମାପଡ଼ା ଭାଜପା ପକ୍ଷରୁ ହରଘର ତ୍ରିରଙ୍ଗା ପଦଯାତ୍ରାର ଶୁଭାରମ୍ଭ ବଳଙ୍ଗା ଡାକ୍ତରଖାନା ଛକଠାରୁ ଆରମ୍ଭ ହୋଇ ନିମାପଡ଼ା ଚାରିଛକଠାରେ ସମ୍ପନ୍ନ ହୋଇଛି। ଏଥିରେ ଶତାଧିକ କର୍ମକର୍ତ୍ତା ।ମିଳ ହୋଇଥିଲେ।

# ପ୍ରୋଜେକ୍ଟ 'ସ୍ୱର୍ଣ୍ଣ'ର ଶୁଭାରମ୍ଭ

ଭୁବନେଶ୍ୱର,୧୬।୮ (ଅଭୟ ଦାଶ)



ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ଅନୁଷ୍ଠାନ ଜେଏସ୍‌ପି ଫାଉଣ୍ଡେଶନ ଏବଂ ଅନୁଗୋଳ ଜିଲା ପ୍ରଶାସନ ସହଭାଗିତାରେ ପ୍ରୋଜେକ୍ଟ 'ସ୍ୱର୍ଣ୍ଣ'ର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଛି। ବିଶେଷକରି ଜିଲାରେ ଶିଶୁ ମୃତ୍ୟୁ ହାର ଏବଂ ମାତୃ ମୃତ୍ୟୁ ହାର ହ୍ରାସ କରିବା ପାଇଁ ଉକ୍ତ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଅଗଷ୍ଟ ୧୫ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଉକ୍ତ ପ୍ରକଳ୍ପକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବା ସହିତ ଜିଲାର ୨୦୦ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଏଏନ୍‌ଏମ୍‌ମାନଙ୍କୁ ଡିଜିଟାଲ ଡାଇଗ୍ନୋଷ୍ଟିକ କିଟ୍ ପ୍ରଦାନ କରିଥିଲେ। ଉକ୍ତ ସମାରୋହରେ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ସମେତ ଜେଏସ୍‌ପିର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍) ପ୍ରଶାନ୍ତ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଦେବ ଅନୁଗୋଳ ଜିଲାରେ ଏଭଳି ଏକ ଅଭିନବ ପ୍ରକଳ୍ପର ଶୁଭାରମ୍ଭ ସହ ଆବଶ୍ୟକ ସହଯୋଗ ପାଇଁ ଜେଏସ୍‌ପିର ଚେୟାରମ୍ୟାନ୍ ନବୀନ ଜିନ୍ଦଲ ଏବଂ ଜେଏସ୍‌ପି ଫାଉଣ୍ଡେଶନର ଚେୟାରପର୍ସନ୍ ଶାଲୁ ଜିନ୍ଦଲଙ୍କୁ ପ୍ରଶଂସା କରିଥିଲେ। ଅପରପକ୍ଷରେ ଉକ୍ତ ପ୍ରକଳ୍ପ ପରିକଳ୍ପନାରେ ଜିଲାପାଳ ସ୍ୱାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସେ ମଧ ପ୍ରକଳ୍ପର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଉକ୍ତ ପ୍ରକଳ୍ପର ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଜେଏସ୍‌ପିର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍) ପ୍ରଶାନ୍ତ ହୋତା କହିଥିଲେ,ଏହି ପଦକ୍ଷେପ ଅନୁଗୋଳ ଜିଲାରେ ବିପଦପୂର୍ଣ୍ଣ ଗର୍ଭଧାରଣ ସମସ୍ୟାର ସମାଧାନ ସହିତ ଆବଶ୍ୟକ ଚିକିତ୍ସା କରିବା ଏବଂ ସ୍ତନ୍ୟପାନ କରାଉଥିବା ମା'ମାନଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି। ଏପରିକି ତୃଣମୂଳସ୍ତରର ସ୍ୱାସ୍ଥ୍ୟକର୍ମୀଙ୍କୁ ସଶକ୍ତୀକରଣ ତଥା ତାଲିମ ଦେବା ସହିତ ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଓଟି) ପରି ଉନ୍ନତ ଡିଜିଟାଲ ଜ୍ଞାନକୌଶଳକୁ ମଧ ବ୍ୟବହାର କରୁଛୁ।

# ଏମ୍‌ଏସ୍‌ଏମ୍‌ଇ ପିସିର ଓଡ଼ିଶା କାର୍ଯ୍ୟାଳୟ

ଭୁବନେଶ୍ୱର,୧୬।୮



ଏମ୍‌ଏସ୍‌ଏମ୍‌ଇ ପ୍ରୋମୋସନ କାଉନସିଲ ଇଣ୍ଡିଆ (ଏମ୍‌ଏସ୍‌ଏମ୍‌ଇପିସିଆଇ)ର ଓଡ଼ିଶା ଶାଖା କାର୍ଯ୍ୟାଳୟ ଭୁବନେଶ୍ୱରର ଖାରବେଳନଗରସ୍ଥିତ ୟୁନିଟ୍-୩ ମଲ୍ଲିକ କମ୍ପ୍ଲେକ୍ସଠାରେ ବୁଧବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ଏସ୍‌ଏମ୍‌ଇପିସିଆଇର ଜାତୀୟ ସମ୍ପାଦକ (ସେଣ୍ଟ୍ରାଲ ନୂଆଦିଲ୍ଲୀ) ଦୁଷ୍ୟନ୍ତ ଯାଦବ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଏସ୍‌ଏମ୍‌ଇ ପ୍ରମୋସନ କାଉନସିଲ (ପିସି) ଓଡ଼ିଶାର ଚେୟାରମ୍ୟାନ ରବି ମାଝି, ଭାଇସ ଚେୟାରମ୍ୟାନ ଦେବରାଜ ପ୍ରଧାନ, ସାଧାରଣ ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ ଏବଂ ଡିଭିଜନାଲ ହେଡ୍ ପ୍ରଦୀପ କୁମାର ଚକ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏମ୍‌ଏସ୍‌ଏମ୍‌ଇ ପ୍ରମୋସନ କାଉନସିଲର ଓଡ଼ିଶା କାର୍ଯ୍ୟାଳୟ ରାଜ୍ୟର ସମସ୍ତ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକ ସହ ଓଡ଼ିଶାର ଶିଳ୍ପୋଦ୍ୟୋଗୀ ତଥା ସାଧାରଣ ବର୍ଗର ଲୋକମାନଙ୍କୁ ମଧ ଆବଶ୍ୟକ ସହଯୋଗ ଓ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଇବ। ସେହିଭଳି ରାଜ୍ୟରେ କିପରି ଅଧିକରୁ ଅଧିକ ଯୁବ ଉଦ୍ୟୋଗୀ ସୃଷ୍ଟି ହୋଇପାରିବେ ସେ ଦିଗରେ ମଧ ଆବଶ୍ୟକ କାର୍ଯ୍ୟ କରିବା ସହ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଓ ପ୍ରୋତ୍ସାହିତ କରିବ ବୋଲି ମାଝି ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ସବୁ ବର୍ଗର ଲୋକଙ୍କୁ କିଭଳି ରୋଜଗାରର ମୁଖ୍ୟ ସ୍ରୋତକୁ ଅଣାଯାଇପାରିବ, ସରକାରୀ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏପରିକି ସବୁ ସ୍ତରରେ ସଚେତନତା ସୃଷ୍ଟି କରିବା ସହ ଯୋଜନାର ପ୍ରଚାର ଓ ପ୍ରସାର କରାଯିବ ବୋଲି ମଲ୍ଲିକ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଦେଶର ବିକାଶ ପାଇଁ ସରକାର ଅନେକ ଯୋଜନା ଓ ସୁବିଧା ପ୍ରଦାନ କରୁଛନ୍ତି, ହେଲେ ଯୋଜନାର କାର୍ଯ୍ୟକାରିତା ଓ ସଚେତନତା ସେହି ଅନୁସାରେ ହୋଇପାରୁନାହିଁ। ଏପରିକି ସରକାରଙ୍କର କିଛି ନିର୍ଦ୍ଦିଷ୍ଟ ଯୋଜନା ବିଭାଗୀୟସ୍ତରରେ କାର୍ଯ୍ୟ କରୁଛି। କେନ୍ଦ୍ର ସରକାରଙ୍କ ସ୍କିଲ୍ ଡେଭଲପମେଣ୍ଟ ଆଣ୍ଡ ଏଣ୍ଟରପ୍ରେନ୍ୟୁର୍ସ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏମ୍‌ଏସ୍‌ଏମ୍‌ଇ ପ୍ରମୋସନ କାଉନସିଲ ଇଣ୍ଡିଆ (ଏମ୍‌ଏସ୍‌ଏମ୍‌ଇପିସିଆଇ) ଉଭୟ ସ୍କିଲ୍ ଡେଭଲପେଣ୍ଟ ଆଣ୍ଡ ଏଣ୍ଟରପ୍ରେନ୍ୟୁର୍ସ ଓ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମଇ)ର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ କାର୍ଯ୍ୟ କରୁଛି।

# ସେକେଣ୍ଡ ଓପିନିଅନ କ୍ଲିନିକ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୬।୮




ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ କଟକ ଏବଂ ଷ୍ଟାର ଡାଏଗ୍ନୋଷ୍ଟିକ କ୍ଲିନିକ ସହଭାଗିତାରେ 'ସେକେଣ୍ଡ ଓପିନିଅନ କ୍ଲିନିକ' ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ରାଜ୍ୟ (ସମ୍ବଲପୁର)ରେ ପ୍ରଥମ ଥର ପାଇଁ ଏଭଳି ଏକ କ୍ଲିନିକ୍‌ର ଶୁଭାରମ୍ଭ ସହ କ୍ୟାନ୍‌ସର ଚିକିତ୍ସାକୁ ଅଧିକ ସୁଲଭ ଓ ସରଳ କରିବା ସହିତ ଅଧିକ ପରାମର୍ଶ ଚାହୁଁଥିବା ରୋଗୀଙ୍କ ପାଇଁ ସର୍ଜିକାଲ, ମେଡିକାଲ, ରେଡିଏସନ ଅଙ୍କୋଲୋଜି ଆଦି ବିଶେଷଜ୍ଞଙ୍କ ନିକଟରୁ ଦ୍ୱିତୀୟ ମତାମତ (ସେକେଣ୍ଡ ଓପିନିଅନ) ରୋଗୀମାନେ ପାଇପାରିବେ। ଏହି ପରିପ୍ରେକ୍ଷୀରେ ଏଚ୍‌ସିଜି କ୍ୟାନ୍‌ସର ହସ୍ପିଟାଲ ଡା. ନୀତୀଶ ଆଚାର୍ଯ୍ୟ, ଡା.ଦୀପକ ପାଣିଗ୍ରାହୀ, ଡା. ଦେବାଶିଷ ପଣ୍ଡାଙ୍କ ସମେତ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲର ଚିଫ୍ ଅପରେଟିଂ ଅଫିସର ଶାନ୍ତନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ହେଲ୍‌ଥ କେୟାର ଗ୍ଲୋବାଲ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍‌ର ରିଜିଓନାଲ ବିଜ୍‌ନେସ୍ ହେଡ୍ (ଇଷ୍ଟ ଆଣ୍ଡ ଏପି) ପ୍ରତୀକ ଜୈନ କହିଥିଲେ, ଓଡ଼ିଶାର ଜନସାଧାରଣଙ୍କୁ ପୂର୍ଣ୍ଣାଙ୍ଗ କ୍ୟାନ୍‌ସର ସେବା ଓ ଯତ୍ନ ଯୋଗାଇଦେବା ନିମନ୍ତେ ଏଚ୍‌ସିଜି ପକ୍ଷରୁ ସମ୍ପ୍ରତି ଚାଲିଥିବା ପ୍ରୟାସରେ 'ସେକେଣ୍ଡ ଓପିନିଅନ କ୍ଲିନିକ' ଏକ ଉଲ୍ଲେଖଯୋଗ୍ୟ ଭୂମିକା ରହିଛି। ସେହିଭଳି ଏଚସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲର ମେଡିକାଲ ଡାଇରେକ୍ଟର ପ୍ରଫେସର ଡା. କୃପାସିନ୍ଧୁ ପଣ୍ଡା କହିଥିଲେ, ରୋଗୀ କୈନ୍ଦ୍ରିକ ଯତ୍ନ ନିମନ୍ତେ 'ସେକେଣ୍ଡ ଓପିନିଅନ କ୍ଲିନିକ୍'ର ଶୁଭାରମ୍ଭ କରି ଆମ ପ୍ରତିବଦ୍ଧତାକୁ ପୁନଃ ସୁଦୃଢ କରିଛୁ।

# ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୧୬।୮

କ୍ରମାଗତ ୨ୟ ଦିନ ଲାଗି ଭାରତୀୟ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ବୁଧବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୩୭ (୧୩୭.୫୦) ପଏଣ୍ଟ ବଢ଼ି ୬୫,୫୩୯ (୬୫,୫୩୯.୪୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ ୩୦ (୩୦.୪୫) ପଏଣ୍ଟ ବୃଦ୍ଧି ଘଟି ୧୯,୪୬୫ (୧୯,୪୬୫.୦୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ବିଓଆଇର ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୧୬।୮




ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଆୟୋଜିତ ଏକ ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଓଆଇର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ମୁଖ୍ୟ ମହାପ୍ରବନ୍ଧକ ସୁଧୀରଞ୍ଜନ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେବା ସହ ଗ୍ରାହକମାନଙ୍କୁ ସେମାନଙ୍କର ବ୍ୟାଙ୍କ ପ୍ରତି ଥିବା ସମର୍ଥନ ପାଇଁ କୃତଜ୍ଞତା ଜଣାଇବା ସହିତ ଆର୍ଥିକ ଅଭିବୃଦ୍ଧି ପାଇଁ ବିଓଆଇ ବ୍ୟବସାୟ ତଥା ବ୍ୟକ୍ତିବିଶେଷଙ୍କୁ ସହାୟତା ପ୍ରଦାନ କରିବା ଜାରି ରଖିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ସାମାଜିକ ସୁରକ୍ଷା ଯୋଜନା ଏହଂ ବିଭିନ୍ନ ଡିଜିଟାଲ ଉତ୍ପାଦ ଯଥା ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (ପିଏମ୍‌ଏସ୍‌ବିୱାଇ), ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା (ପିଏମ୍‌ଜେଜେବିୱାଇ ), ଅଟଳ ପେନ୍‌ସନ ଯୋଜନା (ଏପିୱାଇ), ମୋବାଇଲ ବ୍ୟାଙ୍କିଙ୍ଗ୍, କ୍ୟୁ ଆର୍ କୋଡ୍, ପିଓଏସ୍ ଆଦିକୁ କାର୍ଯ୍ୟକାରୀ କରାଇବାରେ ବିଓଆଇ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଅପରପକ୍ଷରେ ବ୍ୟାଙ୍କ ପକ୍ଷରୁ ୧୦୦ କୋଟି ଟଙ୍କାର ଋଣ ଅନୁମୋଦନ କରାଯାଇଥିବା ବେଳେ ସରକାରୀ ଯୋଜନାର ହିତାଧିକାରୀମାନଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ବିଶେଷକରି ଏମ୍‌ଏସ୍‌ଏମ୍‌ଇ, କୃଷି, ରିଟେଲ୍, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀ ଋଣ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ପ୍ରଧାନ ମନ୍ତ୍ରୀ ସ୍ୱନିଧି ଯୋଜନା ଅଧୀନ ଋଣ ଏହି ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏନ୍‌ବିଜି-ଓଡିଶାର ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ର,ଏନ୍‌ବିଜି-ଓଡ଼ିଶାର ଉପ-ମହାପ୍ରବନ୍ଧକ ଆର୍.ଏନ୍ . ସରକାର, ବ୍ୟାଙ୍କର ଭୁବନେଶର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଏସ୍.ମଳୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆର ଏହି ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମ ଗ୍ରାହକମାନଙ୍କ ପ୍ରତି ଥିବା ବ୍ୟାଙ୍କର ପ୍ରତିବଦ୍ଧତାକୁ ଦର୍ଶାଉଛି। ବ୍ୟାଙ୍କର ଏହି ପଦକ୍ଷେପ ଗ୍ରାହକମାନଙ୍କ ବିଶ୍ୱାସକୁ ଦୃଢୀଭୂତ କରିବା ସହ ବ୍ୟାଙ୍କକୁ ଏକ ଉତ୍ତମ ବ୍ୟାଙ୍କିଙ୍ଗ୍ ପାର୍ଟନର ରୂପେ ଅବସ୍ଥାପିତ କରିପାରିବ। ଉକ୍ତ କାର୍ଯ୍ୟକ୍ରମରେ ୧୨୦ଜଣରୁ ଊର୍ଦ୍ଧ୍ୱ ଗ୍ରାହକ ଯୋଗ ଦେଇଥିଲେ।

# ୭୭ତମ ସ୍ୱାଧୀନତା ଦିବସ ପାଳନ




ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନାଲ୍‌କୋର କର୍ପୋରେଟ୍ ଅଫିସ୍ ସମେତ ଆଞ୍ଚଳିକ କାର୍ଯ୍ୟାଳୟ ଓ ସମସ୍ତ ୟୁନିଟ୍‌ରେ ମଧ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ନାଲ୍‌କୋର ଅନୁଗୋଳ କାରଖାନା ପରିସରରେ ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର, ଇଡି (ଏସ୍ ଆଣ୍ଡ ପି) ଏ.କେ.ସ୍ୱାଇଁ ଓ ଅନ୍ୟମାନେ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।



ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ପକ୍ଷରୁ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆର୍‌ଆଇଏଲ୍ ଅଧକ୍ଷ ମୁକେଶ ଅମ୍ବାନୀ ପରିବାର ସହ ସ୍ୱାଧୀନତା ଦିବସ ପାଳନ କରୁଛନ୍ତି। ଏହି ଅବସରରେ ରିଲାଏନ୍ସ ଫାଉଣ୍ଡେଶନର ଅଧକ୍ଷା ନୀତା ଅମ୍ବାନୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ଏନ୍‌ଏମ୍‌ଡିସି ଲିମିଟେଡ୍ ପକ୍ଷରୁ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏନ୍‌ଏମ୍‌ଡିସିର ମୁଖ୍ୟାଳୟ ହାଇଦ୍ରାବାଦଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଏନ୍‌ଏମ୍‌ଡିସିର ସିଏମ୍‌ଡି (ଇନ୍‌ଚାର୍ଜ) ଅମିତାଭ ମୁଖାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏମ୍‌ଡିସିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।



ରୁଚି ଫୁଡ୍‌ଲାଇନ ପକ୍ଷରୁ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରୁଚି ପାସ୍ତା ଭିଲେଜଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ସଲିନା ସାହୁ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ହାଇଦ୍ରାବାଦର ଗୋଲକୁଣ୍ଡାଠାରେ ଆୟୋଜିତ ୭୭ତମ ସ୍ୱାଧୀନତା ଦିବସ ଅବସରରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଅଭିବାଦନ ଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟର ସରକାରଙ୍କ ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ବିଆର୍‌ଏସ୍‌ର ମନ୍ତ୍ରୀ, ବିଧାୟକ, ଏମ୍‌ପି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ (ଓଏଚ୍‌ପିସି) ଲିମିଟେଡ୍ ପକ୍ଷରୁ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଓଏଚ୍‌ପିସିର କର୍ପୋରେଟ କାର୍ଯ୍ୟାଳୟ ସମେତ ବିଭିନ୍ନ ୟୁନିଟ୍ ଓ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଓଏଚ୍‌ପିସି କର୍ପୋରେଟ କାର୍ଯ୍ୟାଳୟଠାରେ ଆୟୋଜିତ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଯୋଗଦେଇ ଓଏଚ୍‌ପିସିର ଏମ୍‌ଡି ଅମରେଶ କୁମାର ଓ ଅନ୍ୟମାନେ ପତାକା ଉତ୍ତୋଳନ କରୁଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଲାସ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସମସ୍ତଙ୍କ ବିକାଶ ହିଁ ପ୍ରକୃତ ବିକାଶ: ମୁଖ୍ୟମନ୍ତ୍ରୀ

## ୭୭ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ

ଭୁବନେଶ୍ୱର, ୧୬।୮ (ଅନିଲ ଦାସ)

ଗରିବ ଲୋକ, ଚାଷୀ, ମହିଳା, ଜନଜାତି, କଳାକାର, ଯୁବ ସମାଜର ସବୁ ବର୍ଗର ଲୋକଙ୍କୁ ସାଥିରେ ନେଇ ଓଡ଼ିଶା ଆଗକୁ ବଢୁଛି। ସମସ୍ତଙ୍କ ବିକାଶ ହିଁ ପ୍ରକୃତ ବିକାଶ। ଏକ ସମୃଦ୍ଧ ରୂପାନ୍ତର ଓଡ଼ିଶା ଗଠନ ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି।

ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆଠାରେ ମଙ୍ଗଳବାର ଅନୁଷ୍ଠିତ ୭୭ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତର ସ୍ୱାଧୀନତା ସଂଗ୍ରାମ ବିଶ୍ୱ ଇତିହାସରେ ଏକ ନୂଆ ଯୁଗ ଆରମ୍ଭ କରିଥିଲା। ଏ ସଂଗ୍ରାମ ସମସ୍ତଙ୍କ ପାଇଁ ପ୍ରେରଣା ଥିଲା। ଆଜି ଭାରତ ବିଶ୍ୱର ପ୍ରମୁଖ ଶକ୍ତି ଭାବରେ ନିଜକୁ ପ୍ରତିଷ୍ଠା କରିପାରିଛି। ବିଭିନ୍ନ କ୍ଷେତ୍ରରେ ବିକାଶ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ଚନ୍ଦ୍ରୟାନ-୩ ମହାକାଶ ଗବେଷଣା କ୍ଷେତ୍ରରେ ଭାରତର ଗୌରବ ବଢ଼ାଇଛି। ଓଡ଼ିଶା ରୂପାନ୍ତର ଯୁଗରେ ପହଞ୍ଚିଛି। ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଭିତ୍ତିଭୂମି ଆଦି ବିକାଶର ସବୁ କ୍ଷେତ୍ରରେ ୫-ଟି ନୀତିର ପ୍ରୟୋଗ ନୂଆ ଆଶା ସୃଷ୍ଟି କରିଛି। ଧନୀ, ଗରିବ, ମଧ୍ୟବିତ୍ତ ସମସ୍ତେ ଏ ରୂପାନ୍ତରରେ ସାମିଲ ହୋଇଛନ୍ତି। ଓଡ଼ିଶାର ଅର୍ଥନୀତି ମଜଭୁତ ହେଉଛି। ଗରିବୀ କମିଛି। ଓଡ଼ିଶାକୁ ଏବେ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆସୁଛି। ସଶକ୍ତୀକରଣ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଜରୁରୀ। ରାଜ୍ୟର ୪୩୭୩ ବ୍ୟାଙ୍କ ନ ଥିବା ପଞ୍ଚାୟତରେ ରାଜ୍ୟ ସରକାର ବ୍ୟାଙ୍କିଂ ଆଉଟ୍‌ଲେଟ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ବରିଷ୍ଠ ନାଗରିକ, ମା', ଦିବ୍ୟାଙ୍ଗମାନେ ଉପକୃତ ହେବେ। ମଧୁବାବୁ ପେନ୍‌ସନ ଯୋଜନାରେ ଆଉ ୪ ଲକ୍ଷରୁ ଅଧିକ ଲୋକଙ୍କୁ ସାମିଲ କରାଯାଇଛି। ପ୍ରତି ଜୀବନ ମୂଲ୍ୟବାନ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏ ଦିଗରେ ସଫଳତାର ସହ ସେବା ଯୋଗାଉଛି। ବିଏସ୍‌କେୱାଇ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବଡ଼ ରୂପାନ୍ତର ଆଣିଛି। ମା'ମାନେ ହେଉଛନ୍ତି ବିକାଶର ମୁଖ। ମିଶନ ଶକ୍ତି ମା'ମାନଙ୍କ ଟ୍ରାନ୍ସଫରମେଶନ ଇଞ୍ଜିନ ହୋଇଛି। ଚାଷୀ ଆମର ଗୌରବ। ଚାଷୀଙ୍କ ଫସଲ ବୀମା ପ୍ରିମିୟମ ଦାୟିତ୍ୱ ରାଜ୍ୟ ସରକାର ନେଇଛନ୍ତି। ଯୁବ ସମାଜକୁ ନିଯୁକ୍ତିକ୍ଷମ କରିବା ପାଇଁ ପ୍ରତିବର୍ଷ ୧ ଲକ୍ଷ ଯୁବତୀଯୁବକଙ୍କୁ ନୂତନ ଉନ୍ନତ ଅଭିଳାଷ (ନୂଆ) ଯୋଜନାରେ ତାଲିମ ଦିଆଯିବ। ଜଗନ୍ନାଥ ସଂସ୍କୃତିର ସୁରକ୍ଷା ସହ ପ୍ରତି ଗାଁରେ ଅତ୍ୟାଧୁନିକ ଡିଜିଟାଲ ଭିତ୍ତିଭୂମି ଭିତ୍ତିର ବିକାଶ ଆମର ଲକ୍ଷ୍ୟ। ଏଥିପାଇଁ ୪,୦୦୦ କୋଟି ଟଙ୍କାର 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ସେ ଗାନ୍ଧୀ, ନେହେରୁ, ନେତାଜୀ, ଉତ୍କଳମଣି, ମଧୁବାବୁ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ଶହୀଦ ଲକ୍ଷ୍ମଣ ନାଏକ, ଶହୀଦ ବିର୍ସା ମୁଣ୍ଡା, ବୀର ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ, ମା' ରମାଦେବୀ, ମାଳତୀ ଚୌଧୁରୀ, ଡ. ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ପାର୍ବତୀ ଗିରିଙ୍କ ପରି ମହାନ୍ ସଂଗ୍ରାମୀଙ୍କୁ ସମ୍ମାନ ଜଣାଇଥିଲେ। ଏଥିସହ ଦେଶର ଶାନ୍ତି ଓ ସୁରକ୍ଷା ପାଇଁ ଶହୀଦ ହୋଇଥିବା ଅମର ଯବାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।




ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆଠାରେ ମଙ୍ଗଳବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ସମ୍ମିଳିତ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ବରଗଡ଼ ଜିଲାରେ ହେବ ୩ ବୃହତ୍ ସେତୁ

- ୩୯ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ
- ଉପକୃତ ହେବେ ୭ ଲକ୍ଷ ୨୫ ହଜାର ଲୋକ

ଭୁବନେଶ୍ୱର, ୧୬।୮ (ଅନିଲ ଦାସ)

ବରଗଡ଼ ଜିଲାରେ ୩ଟି ବୃହତ୍ ସେତୁ ନିର୍ମାଣ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୩୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ୩ଟି ନୂତନ ସେତୁ ଦ୍ୱାରା ଜିଲାର ପ୍ରାୟ ୭.୨୫ ଲକ୍ଷ ଲୋକ ଉପକୃତ ହେବେ। ଜିଲାରେ ଗମନାଗମନ, ଆର୍ଥିକ ଅଭିବୃଦ୍ଧିରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ବରପାଲିର ଜିଲୋଟ ନାଳ ଉପରେ ୧୨୦ ମିଟର ଦୀର୍ଘ ସେତୁ ନିର୍ମାଣରେ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ବରଗଡ଼ ଓ ବରପାଲି ବ୍ଲକ ମୁଖ୍ୟାଳୟକୁ ସଂଯୋଗ କରିବ। ଜିଲା ମୁଖ୍ୟାଳୟକୁ ମଧ୍ୟ ଯୋଗାଯୋଗ ସୁଗମ ହେବ। ପ୍ରାୟ ୨ ଲକ୍ଷ ୨୫ ହଜାର ଲୋକ ଉପକୃତ ହେବେ। ସେହିପରି ବରଗଡ଼ ପୌରାଞ୍ଚଳ ଆଗାଁ ନାଳ ଉପରେ ୬୦ ମିଟର ଦୀର୍ଘ ସେତୁ ନିର୍ମାଣ ପାଇଁ ୧୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ବରଗଡ଼ ଜିଲା ମୁଖ୍ୟାଳୟ ସହିତ ବରପାଲି ଓ ଭେଡେନ ବ୍ଲକ ମୁଖ୍ୟାଳୟକୁ ଯୋଡ଼ିବ। ୨ ଲକ୍ଷ ୫୦ ହଜାର ଲୋକ ଉପକୃତ ହେବେ। ଅନୁରୂପ ଭାବେ ସରଳା ନାଳ ଉପରେ ୧୫୦ ମିଟର ଦୈର୍ଘ୍ୟ ବିଶିଷ୍ଟ ସେତୁ ପାଇଁ ୧୨ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହା ଭଟଲି ବ୍ଲକ ମୁଖ୍ୟାଳୟ ସହିତ ବରଗଡ଼ ଓ ଅତାବିରା ବ୍ଲକ ମୁଖ୍ୟାଳୟକୁ ଯୋଡ଼ିବ। ଏହାଦ୍ୱାରା ୨ ଲକ୍ଷ ୫୦ ହଜାର ଲୋକ ଉପକୃତ ହେବେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗତ ଜୁନ୍ ୨୬ ଓ ୨୭ରେ ବରଗଡ଼ ଜିଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଥିଲେ। ଜନସାଧାରଣଙ୍କ ଅନୁରୋଧକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲାରେ ୩ଟି ନୂତନ ବୃହତ୍ ସେତୁର ନିର୍ମାଣ ପାଇଁ ୩୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

**Classified Everyday**
**0674-2580101, 2549949**



**MATRIMONIAL**

**BRIDE WANTED**

Retired Govt. ଚାକିରିଆ ବିଧବା ନିଃସନ୍ତାନ 60 ବୟସ୍କା ପୁଅଙ୍କୁ ଯେକୌଣସି ଜାତିର ଝିଅ ଦରକାର। 6371298869. D-1047



**REAL ESTATE**

**SALE**

New cancer hospital ନାଇଜର, ଜଟଣୀରେ ବର୍ଗଫୁଟ ୩୫୦/- ଜାଗା ବିକ୍ରି ହେଉଛି। 9938086025. D-75142

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

Ready to move / Resale 1BHK - Rs.11,00,000/- and 2BHK - Rs.23,00,000/- flats for sale at Sundarpada, Bhubaneswar. 7008346486. D-74563

**FOR RENT**

3300 sqft. well furnished building for Office / Godown purpose in Patia. Contact: 9861013414. D-1058



Healthcare

Spa Kerala body Massage only best Therapist @699/- Bhubaneswar. 9337672475. D-1033

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75023

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Newly healthcare benefited SPA experience therapist Bhubaneswar. Please visit this SPA. 7749034655. D-75139

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74562

Newly opened (one 8 SPA) / (Salon Service) with expert therapist. 9938843929. D-75143

**LOST**

I, Siva Prasad Sahu have lost my original Pass Certificate of B.Tech. (2014), Regd. No. 1001210508 B.P.U.T University in Kamapally, Berhampur. If found please contact: 7396197947. D-1060

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LAKSITA (LASYA)**




Today is your big day! I wish you a happy and fun celebration. Enjoy!!!
**From Family Members**
ଧ-୧୦୬୭

**AFFIDAVIT**

Through Affidavit No.221-Vol-1 Dt.14.8.2023 before Notary Public, Bhubaneswar, I, Sandeep Kumar Sharma, R/o Flat No.-402, Ahalya Enclave, Rangamatia, Near Mancheswar Railway Station, Mancheswar, Bhubaneswar, Odisha-751017 has changed my name from Sandeep Kumar to Sandeep Kumar Sharma for all purposes. D-1063

Hajari Majhi, S/o Manguli Majhi, V/ Gunduribadi, P.O.- Jasodapur, P.S.- Ranpur, Nayagarh, Pin- 752026 declare vide Affidavit No.5121 Dt.16.5.23 that now onwards Hajari Majhi and Sesha Majhi, S/o Manguli Majhi one and same person in our locality for all future purposes. D-1062

I, Shaikh Firoj Ali, S/o Sk. Sonaullah, At-Hoseni Mohalla Sayedpur, P.O./P.S.: Binjharpur, Dist.: Jajpur, 755004, Odisha declare by this Affidavit No.15690 Dated 16.08.2023 that now onwards I shall be known as Sk. Firoj Ali for all future purposes. D-1066

By virtue of an affidavit in the Court of Executive Magistrate, Bhadrak, I, Ruchi Rangada Kar, S/o Prasanta Kumar Kar of Village Anijo Itua declare that in my Aadhaar & Bank Pass Book my name has been recorded as Ruchi Rangada Kar. But in LIC Certificate my name is mentioned as Rebatikanta Kar. Both the names are same and one person. D-1061

By virtue of an affidavit before the Notary, Talcher, I, Prashanta Kumar Sahoo, S/o Pravakar Sahoo, R/o At- Station Road, Sikhyakapada, P.O./ P.S./Dist.- Angul, Odisha- 759122, declare by this Affidavit No.-5898 dated 16.08.2023 that now onwards I shall be known as Prasanta Kumar Sahoo for all future purpose. D-1065

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପାର୍ଥସାରଥୀ ପାତ୍ର**
ବାଲେଶ୍ୱର
ଆବିର୍ଭାବ: ୧୮।୦୭।୧୯୬୩
ତିରୋଧାନ: ୦୭।୦୮।୨୦୨୩
ଭାଇ, ଟିକିଏ ଅପେକ୍ଷା କଲନି ଚାଲିଗଲ । ସବୁବେଳେ ଯିବି ବୋଲି ଭାବି ଭାବି ତୁମକୁ ଦେଖିବାକୁ ଯାଇପାରିଲିନି । ସବୁକଥା ମୋ ଭିତରେ ରହିଗଲା । ପ୍ରଭୁ ତୁମକୁ ଏ ସଂସାରର ଯାବତୀୟ ଦୁଃଖ, କଷ୍ଟ ଓ କ୍ଲେଶରୁ ମୁକ୍ତିଦେଇ ତୁମ ଅମର ଆତ୍ମାକୁ ତାଙ୍କର ଶ୍ରୀଚରଣରେ ସ୍ଥାନ ଦେଇଛନ୍ତି । ଭାଇ, ତୁମେ ତ ମୋକ୍ଷ ପଥରେ ଆଗେଇଗଲ । ତୁମର ସ୍ମୃତି ସଦାବେଳେ ଆମ ସହିତ ତୁମର ଆଶୀର୍ବାଦ ହୋଇରହିବ ।
**ଶୋକସନ୍ତପ୍ତ : ଭାଇ ଓ ଭଉଣୀ**
ଧ-୧୦୫୭

**PH.D. AWARD**



Ms. Tanmaya Rani Sethy, D/o Late Sri Laxmidhar Sethy and Smt. Kabita Sethy, resident of Plot No.-790/1344/3157, Shampur, Dist.: Khordha, Bhubaneswar: 751029, Odisha, India, has been awarded the Doctor of Philosophy (Ph.D.) in Zoology on 4th July, 2023 vide notification No. No./CoE/Ph.D. Notification/Zoology/719 by the Dr. Harisingh Gour Central University, Sagar: 470003 (M.P.). for her thesis entitled "Studies on Diversity of Spiders in Sagar District (M.P.) and Assessment of its Egg Sac Silks". She worked under the supervision of Prof. Janak D. Ahi, Professor, Department of Zoology, Dr. Harisingh Gour Central University, Sagar: 470003 (M.P.). During her entire study period, 1,505 spider specimens from Sagar district, Madhya Pradesh, belonging to 74 species under 22 families, were collected for the first time. She completed her M.Sc. and M.Phil. in Zoology from Utkal University, Odisha in the year 2011-2012 and 2013. During her research period she presented many papers in national and international seminars. She also got awards for Best Oral Presentation in 1st International Conference on "Environment and Society (ICES 2019) Theme: Socio-economic Challenges of Agriculture, Biodiversity & Environment" at Kanpur, U.P., India and International Webinar on "Neurobiology of Behavior: The Challenge and the Promise for Translational Research" organized by Department of Zoology, Dr. Harisingh Gour Vishwavidyalaya (A Central University), Sagar, Madhya Pradesh: 470003. And also, she published many papers in International Journals.
D-1059

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**CLASSIFIED DISPLAY** ALL EDITION - B/W (Everyday)
MORE SPACE * SAME PRICE
For Booking Contact: 0674-2580385

**SOCIAL SERVICE for JOB ASPIRANTS**
Through Pre-Recruitment Training
**GOVT., PUBLIC & PRIVATE SECTORS**
OUR ASSISTENCE, TILL APPOINTMENT,
**NO TRAINING FEE**
For Details, Contact
**MAJOR DEFENCE ACADEMY**
Dhauli Chhak, Bhubaneswar
Id : majorcdr@rediffmail.com
rautcdr@gmail.com
**9938238840, 9938650175**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଧାନସଭା ପରିସରରେ ୩୨ ମିଟର ଉଚ୍ଚ ଜାତୀୟ ପତାକା ସ୍ତମ୍ଭ



ସ୍ୱାଧୀନତା ଦିବସ ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପରିସରରେ ୩୨ ମିଟର ଉଚ୍ଚର ଜାତୀୟ ପତାକା ସ୍ତମ୍ଭକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୧୬।୮ (ଅନିଲ ଦାସ)

୭୭ତମ ସ୍ୱାଧୀନତା ଦିବସ ଅବସରରେ ମଙ୍ଗଳବାର ଓଡ଼ିଶା ବିଧାନସଭା ପରିସରରେ ୩୨ ମିଟର ସୁଉଚ୍ଚ ଜାତୀୟ ପତାକା ସ୍ତମ୍ଭକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ସ୍ତମ୍ଭରେ ୨୦ ଫୁଟ ଲମ୍ବ ଓ ୩୦ ଫୁଟ ଓସାର ଜାତୀୟ ପତାକା ରହିଛି। ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବା ପରେ ରାଜ୍ୟ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ କରାଯାଇଥିଲା।

ଏହି ଉଦ୍‌ଘାଟନ ସମୟରେ ସଂସଦୀୟ ବ୍ୟାପାର ଓ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଧାନସଭାର କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ୫-ଟି ସଚିବ ଭି. କେ. ପାଣ୍ଡିଆନ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାନସଭା ସଚିବ ଦାଶରଥି ଶତପଥୀ, ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଉଚ୍ଚ ସ୍ତମ୍ଭ ଓ ବୃହତ୍ ତ୍ରିରଙ୍ଗା ଦେଶପ୍ରେମର ଏକ ଅନନ୍ୟ ସ୍ମାରକୀ ଭାବେ ରାଜଧାନୀ ଭୁବନେଶ୍ୱରର ଏକ ଅନୁପମ ଆକର୍ଷଣ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ପ୍ରଥମ ସ୍ୱାମୀଙ୍କ ଗୁଳିମାଡ଼ରେ ଦ୍ୱିତୀୟ ଗୁରୁତର

## କଟକ ବଡମେଡିକାଲ ସ୍ଥାନାନ୍ତର

ରେଢାଖୋଲ, ୧୬।୮ (ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ଚାରମାଳ ଥାନା ଅଧୀନ ଛେଡିନାଳି ଗ୍ରାମରେ ମଙ୍ଗଳବାର ରାତିରେ ପ୍ରଥମ ସ୍ୱାମୀଙ୍କ ଗୁଳିମାଡରେ ଦ୍ୱିତୀୟ ସ୍ୱାମୀ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ହେଲେ ଛେଡିନାଳିର ପଙ୍କଜ ଦେହୁରି (୩୦)। ତାଙ୍କୁ ପ୍ରଥମେ ବୁର୍ଲା ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ପ୍ରଥମ ସ୍ୱାମୀ ଝାଙ୍କରପଡ଼ା ଗ୍ରାମର ସ୍ୱାଧୀନ ପ୍ରଧାନ (୪୫) ଫେରାର ଥିବା ପୋଲିସ କହିଛି। ଘଟଣା ସମ୍ପର୍କରେ ପଙ୍କଜଙ୍କ ମା' ଉମାବତୀ ଦେହୁରି ଚାରମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ପୋଲିସ ଆଇପିସି ଦଫା ୩୦୭, ୨୫ ଆର୍ମ୍ସ ଆକ୍ଟରେ ଏକ ମାମଲା (୧୦୩/୨୩) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଝାଙ୍କରପଡାର ସ୍ୱାଧୀନ ୮-୧୦ବର୍ଷ ତଳେ ସମ୍ବଲପୁର ସିକିରାପାଲିର ମାଧବୀ ପ୍ରଧାନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ୮ବର୍ଷର ଝିଅ ଓ ୪ବର୍ଷର ଏକ ପୁଅ ଅଛନ୍ତି। ତେବେ ୨ଛୁଆର ମା' ହୋଇଥିଲେ ହେଁ ପ୍ରାୟ ୨ବର୍ଷ ହେବ ମାଧବୀ ଓ ନିକଟସ୍ଥ ଛେଡିନାଳିର ପଙ୍କଜ ଦେହୁରିଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପଙ୍କଜ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିବା ବେଳେ ଅବିବାହିତ ଥିଲେ। ଅଟୋରେ ପଙ୍କଜଙ୍କ ସହ ମାଧବୀ ଅଧିକାଂଶ ସମୟରେ ଯିବାଆସିବା କରୁଥିଲେ। ଏହାରି ଭିତରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିଲା। ଏପରିସ୍ଥଳେ ପ୍ରାୟ ୨ବର୍ଷ ହେବ ସ୍ୱାମୀ ସ୍ୱାଧୀନ ଓ ଝିଅପୁଅଙ୍କୁ ଛାଡି ମାଧବୀ ପଙ୍କଜଙ୍କ ସହ ଘରୁ ଫେରାର ହୋଇଯାଇଥିଲେ। ପରେ ମାଧବୀ ପ୍ରଥମ ସ୍ୱାମୀଙ୍କୁ ଛାଡପତ୍ର ଦେଇ ପଙ୍କଜଙ୍କ ସହ ସ୍ୱାମୀସ୍ତ୍ରୀ ଭାବେ ରହିଆସୁଥିଲେ। ଉଭୟ ରେଢାଖୋଲ ସହରରେ ରହୁଥିବା ବେଳେ ପଙ୍କଜ ଅଟୋରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେବାଆଣିବା ଘର ଚଳାଉଥିଲେ। ସ୍କୁଲ ଛୁଟି ଥିବାରୁ ପଙ୍କଜ ନିଜ ଗାଁ ଛେଡିନାଳିକୁ ଯାଇଥିଲେ। ଏହା ଜାଣିବା ପରେ ପ୍ରତିଶୋଧ ପରାୟଣ ହୋଇଥିବା ସ୍ୱାଧୀନ ମଙ୍ଗଳବାର ଏକ ଦେଶୀ ବନ୍ଧୁକ ଧରି ଛେଡିନାଳିରେ ପହଞ୍ଚିଥିଲେ। ରାତି ପ୍ରାୟ ସାଢେ ୯ଟା ବେଳେ ପଙ୍କଜ ଖାଇସାରି ହାତ ଧୋଇବାକୁ ଘରୁ ବାହାରକୁ ବାହାରିଥିବା ବେଳେ ସ୍ୱାଧୀନ ଗୁଳି କରି ଫେରାର ହୋଇଯାଥିଲେ। ପଙ୍କଜଙ୍କ ବାହୁ ଓ ପେଟରେ ଗୁଳି ବାଜିଥିବା ଜଣାପଡିଛି।

# ଅଡୁଆ ସ୍ଥିତିରେ ଓଡ଼ିଆ ସିନେମା

"ଓଡ଼ିଶାରେ ପୁରୁଖା ପ୍ରଯୋଜକମାନେ ଚଳଚ୍ଚିତ୍ର ନିର୍ମାଣରୁ ନିଜକୁ ପ୍ରାୟ ଦୂରେଇନେଲେଣି। ପ୍ରଯୋଜନା କରିବା କ୍ଷେତ୍ରରେ ଟିକେ ହେଲେ ଅଭିଜ୍ଞତା ନ ଥାଇ ଅନେକେ ପ୍ରଯୋଜକ ସାଜୁଛନ୍ତି। ତା'ପରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସିନେମାର ଅବସ୍ଥା କ'ଣ ହେଉଛି ତାହା ଜଳ ଜଳ କରି ଦେଖାଯାଉଛି। ଜଣେ ଭଲ ପ୍ରଯୋଜକଙ୍କ ଚିନ୍ତାଧାରା ତାଙ୍କ ଦ୍ୱାରା ନିର୍ମିତ ସିନେମାରେ ପ୍ରତିଫଳିତ ହୋଇଥାଏ। ଆଉ ସେଥିରେ ଅନୁପ୍ରାଣିତ ହୋଇ ନୂଆ ପ୍ରଯୋଜକମାନେ ସିନେମା ଇଣ୍ଡଷ୍ଟ୍ରିକୁ ଏଣ୍ଟ୍ରି କରିଥାଆନ୍ତି। ହେଲେ ଆମ ଓଡ଼ିଆ ସିନେମା ଆଜି ସତେ ଯେମିତି ଦିଗହରା ହୋଇଯାଇଛି।"

କରୋନ ମହାମାରୀ ପରେ ଏବେ ଓଡ଼ିଆ ସିନେମା ବେଶ୍ ଚଳଚଞ୍ଚଳ। ହେଲେ ତା' ଭିତରେ ଅନେକ ଘଟଣା ସିନେପ୍ରେମୀଙ୍କ ମନକୁ ଆନ୍ଦୋଳିତ କରୁଛି। ନିକଟରେ ପ୍ରଯୋଜକମାନଙ୍କ ଭିତରେ ଶୀତଳଯୁଦ୍ଧ ଏ ନେଇ ଆଲୋଚନା କରିବାକୁ ବେଶ୍ ଖୋରାକ ଯୋଗାଇଥିଲା। ଏପରି କି ଏକ ସାମ୍ବାଦିକ ସମ୍ମିଳନୀରେ ଯେଉଁ ପରିସ୍ଥିତି ହେଲା ତାହା ଚର୍ଚ୍ଚାର ବିଷୟ ପାଲଟିଥିଲା। ଏବର୍ଷ ମୋଟ ୨୮ଟି ସିନେମା ରିଲିଜ ହେଲାଣି। ହେଲେ ସଫଳତା କଥା ପଡ଼ିଲେ କେଉଁ ସିନେମା କେତେ ବିଜ୍‌ନେସ କରିଛି



ତାହା ନ କହିବା ଭଲ। କାରଣ ନାଁକୁ ମାତ୍ର ସିନେମାଟିଏ ପ୍ରେକ୍ଷାଳୟରେ ଖେଳାଇ ସିନା ବାହାବା ନେଉଛନ୍ତି, ହେଲେ ଦର୍ଶକମାନେ ସେଥିରୁ କେତେ ମନୋରଞ୍ଜନ ପାଉଛନ୍ତି ତାହା ନ କହିବା ଭଲ। 'ଦମନ' ପରେ ସମସ୍ତେ ଆଶା କରିଥିଲେ ଯେ ଓଡ଼ିଆ ସିନେମାରେ କିଛି ପରିବର୍ତ୍ତନ ହେବ। ହେଲେ ତାହା କେବଳ ଆଶାରେ ରହିଗଲା।

ଓଡ଼ିଆ ଚଳଚ୍ଚିତ୍ରର ବ୍ୟବସାୟିକ ଅସ୍ଥିରତା ଫଳରେ ବିତରକମାନେ ସିନେମାଟିର ବିତରଣ ଦାୟିତ୍ୱ ନେବାକୁ ସାହସ କରୁନାହାନ୍ତି। ପ୍ରେକ୍ଷାଳୟ ସଂଖ୍ୟା ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମିଗଲା। ଓଡ଼ିଆ ଚଳଚ୍ଚିତ୍ର ସୁଧାରିବା ଦିଗରେ ପ୍ରଯୋଜନା ସଂସ୍ଥାଗୁଡ଼ିକ ଶିଳ୍ପ ବିଭାଗ ସହ ଉଚ୍ଚସ୍ତରୀୟ ଆଲୋଚନା କରିବା ପ୍ରତିବଦଳରେ ପ୍ରଯୋଜକ-ପ୍ରଯୋଜକ ମଧ୍ୟରେ ଗୋଷ୍ଠୀକନ୍ଦଳ ପଦାରେ ପଡ଼ୁଛି। ଅର୍ଥ ଅନର୍ଥର କାରଣ। ଗୋଟିଏ ସିନେମା କଲେ ପ୍ରଯୋଜକ! ୧୦ଟି ସିନେମା କଲେ ବି ପ୍ରଯୋଜକ। ତେଣୁ ନିଜ ନିଜ ଭିତରେ କାଦୁଆ ଫୋପଡ଼ା ଫୋପଡ଼ି ନ ହୋଇ ଭଲ ଓଡ଼ିଆ ସିନେମାଟିଏ କିପରି ନିର୍ମାଣ କରାଯାଇପାରିବ ସେ ନେଇ ଚିନ୍ତା କରିବା କଥା।

ଓଡ଼ିଶାରେ ପୁରୁଖା ପ୍ରଯୋଜକମାନେ ଚଳଚ୍ଚିତ୍ର ନିର୍ମାଣରୁ ନିଜକୁ ପ୍ରାୟ ଦୂରେଇନେଲେଣି। ପ୍ରଯୋଜନା କରିବା କ୍ଷେତ୍ରରେ ଟିକେ ହେଲେ ଅଭିଜ୍ଞତା ନ ଥାଇ ଅନେକେ ପ୍ରଯୋଜକ ସାଜୁଛନ୍ତି। ତା'ପରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସିନେମାର ଅବସ୍ଥା କ'ଣ ହେଉଛି ତାହା ଜଳ ଜଳ କରି ଦେଖାଯାଉଛି। ଜଣେ ଭଲ ପ୍ରଯୋଜକର ଚିନ୍ତାଧାରା ତାଙ୍କ ଦ୍ୱାରା ନିର୍ମିତ ସିନେମାରେ ପ୍ରତିଫଳିତ ହୋଇଥାଏ। ଆଉ ସେଥିରେ ଅନୁପ୍ରାଣିତ ହୋଇ ନୂଆ ପ୍ରଯୋଜକମାନେ ସିନେମା ଇଣ୍ଡଷ୍ଟ୍ରିକୁ ଏଣ୍ଟ୍ରିକରିଥାଆନ୍ତି। ହେଲେ ଆମ ଓଡ଼ିଆ ସିନେମା ଆଜି ଯେମିତି ଦିଗହରା ହୋଇଯାଇଛି। ପ୍ରଯୋଜକମାନେ ନିଜ ନିଜ ଭିତରେ ସୁସ୍ଥ ପରମ୍ପରା ବଜାୟ ରଖିବା ଦରକାର। ତେବେ ତାହା ଓଡ଼ିଆ ସିନେମା ଜଗତ ପାଇଁ ଶୁଭଙ୍କର ହେବ। ଓଡ଼ିଆ ସିନେମାକୁ ଆଗଇେନେବାକୁ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଆହୁରି ଚଳଚଞ୍ଚଳ ହେବା ଦରକାର।

ଓଡ଼ିଆ ଚଳଚ୍ଚିତ୍ରକୁ ଚଳଚଞ୍ଚଳ ପାଇଁ ପାତରଅନ୍ତର ନ କରି ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ଗୁରୁତ୍ୱ ଦେଇ କାର୍ଯ୍ୟ କଲେ ଏହି ଶିଳ୍ପ ମୁଣ୍ଡ ଟେକିପାରେ। ନଚେତ୍ ସେଇ ପୁରୁଣା ସିନେମାର ପୁନରାବୃତ୍ତିକରି କେବଳ କଥା ଓ ଭାଷଣ ମାରିବା ସାର ହେବ। ଓଡ଼ିଆ ସିନେମା ବେଳକୁ ବେଳ ଅଡୁଆ ପରିସ୍ଥିତିରୁ କେବେ ବି ମୁକୁଳି ପାରିନାହିଁ। ଆମେ ଗୋଷ୍ଠୀ ମଧ୍ୟରେ ନିଜ ନିଜର ଅହଂଭାବର ପରିବର୍ତ୍ତନ ନ କଲେ ସିନେମା ପରି ବୃହତ୍ ଗଣମାଧ୍ୟମରେ ମଧ୍ୟାନ୍ତର ହୋଇଯିବ।

–ଦିଲ୍ଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ–୯୮୬୧୦୦୯୨୫୨

# ଗଣେଶ ପୂଜାରେ ଶଙ୍କର


ଦେବା–ଦିବ୍ୟା

ଆକ୍ସନ, ରୋମାଣ୍ଟିକ, ଓ ସସ୍‌ପେନ୍ସ ଭରା ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଶଙ୍କର : ଦ ଡେଷ୍ଟ୍ରୟର'। ଖାସ୍ କଥା ହେଲା ଫିଲ୍ମଟି ଚଳିତ ବର୍ଷ ଗଣେଶ ପୂଜାରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଦେବା ଏବଂ ଦିବ୍ୟା ଲିଡ୍ ରୋଲ୍‌ରେ ଥିବା ବେଳେ ଓଲିଓଡ୍‌ର ଲୋକପ୍ରିୟ ଷ୍ଟାର ସିଦ୍ଧାନ୍ତ ମହାପାତ୍ର ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। ଦେବା–ଦିବ୍ୟା ଯୋଡ଼ିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଏହାର ପ୍ରଯୋଜକ ଅରବିନ୍ଦ ସାହୁ। ସିଦ୍ଧାନ୍ତ ମହାପାତ୍ରଙ୍କ ସାନଭାଇ ଭୂମିକାରେ ଦେବା ଅଭିନୟ କରିଥିବା ବେଳେ ଦିବ୍ୟା ଜଣେ ସ୍କୁଲ ଶିକ୍ଷୟିତ୍ରୀ ରୋଲ୍‌ରେ ଦେଖାଦେବେ। ଦେବା ନିଶାକୁ ଜୀବନର ସର୍ବସ୍ୱ ଭାବି ଚାଲୁଥିବା ବେଳେ ଦେଖାହୁଏ ଦିବ୍ୟାଙ୍କ ସହ। ଦୁହେଁ ଦୁହିଁଙ୍କୁ ଭଲ ପାଇଁ ବସନ୍ତି। ବଦଳିଯାଏ ଦେବାର ଜୀବନଶୈଳୀ। ତା'ପରେ କ'ଣ ଘଟେ ତାହା ସିନେମାରେ ଦେଖିବାକୁ ପାଇବେ। ସାଇ ଦରବାର ଫିଲ୍ମସ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଏନ୍. ପାଢ଼ୀ। ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ଦାସ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ। ଏହି ଫିଲ୍ମରେ ନିଜ ଭୂମିକାକୁ ନେଇ ଆଶାବାଦୀ ଅଛନ୍ତି ଶିବ୍। କୁନା ତ୍ରିପାଠୀ, କେକେ, କାଳୀ, ବିଜୁ ବଡ଼ଜେନା, ଦୀପ୍ତିରେଖା ପଣ୍ଡା, ସୁପ୍ରିୟା, ମିତା ଚକ୍ରବର୍ତ୍ତୀ, ନୂପୁର ଘୋଷ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମର ମିଡିଆ ପ୍ଲାନର ଦାୟିତ୍ୱରେ ଅଛନ୍ତି ଅମରେଶ।

# 'ଓମ୍'କୁ ଆଡ଼ମ୍ବ


ଅକ୍ଷୟ କୁମାର

ଖିଲାଡ଼ି ମାଷ୍ଟର ଅକ୍ଷୟ କୁମାର ଅନେକ ସମୟରେ ଚର୍ଚ୍ଚାରେ ରହିଥାଆନ୍ତି। ଆକ୍ସନ ଭୂମିକାରୁ ଆରମ୍ଭ ହୋଇଥିଲା ତାଙ୍କର କ୍ୟାରିୟର। ହେଲେ ପରବର୍ତ୍ତୀ ସମୟରେ ସେ ନିଜକୁ ଜଣେ ଅଲରାଉଣ୍ଡର ଭାବରେ ପରିଚିତ କରାଇପାରିଛନ୍ତି। ଅକ୍ଷୟ ଜଣେ ଅନ୍ଧବିଶ୍ୱାସୀ। କେତେକ କଥାକୁ ସେ ବେଶ୍ ଗୁରୁତ୍ୱ ଦିଅନ୍ତି। ଦେଖୁନାହାନ୍ତି, କୌଣସି କାଗଜରେ କିଛି ଲେଖିବା ପୂର୍ବରୁ ସେ କିଛି ସମୟ ଚିନ୍ତା କରନ୍ତି। କେବଳ ସେତିକି ନୁହେଁ, ଯେଉଁ ବିଷୟରେ ଲେଖିବେ ସେଥିରୁ ଲେଖା ମଧ୍ୟ ଆରମ୍ଭ ହୋଇ ନ ଥାଏ। ପେନ୍‌କୁ ମୁଣ୍ଡରେ ମାରି ସେ ପ୍ରଥମେ କାଗଜରେ 'ଓମ୍' ଲେଖନ୍ତି। ସେ ଯେତେ ବ୍ୟସ୍ତ କିମ୍ବା ତରତର ଥାଆନ୍ତୁ, କିଛି ଲେଖିବା ପୂର୍ବରୁ ସେ ଏହାକୁ ଲେଖିବାକୁ ଆଦୌ ଭୁଲି ନ ଥାନ୍ତି।

# କେବଳ ଗୀତ ପାଇଁ...

ଯାହା କୁହନ୍ତୁ ନା କାହିଁକି ପୂଜା ହେଗ୍‌ଡେଙ୍କ ଆଇଡିଆକୁ ମାନିବାକୁ ପଡ଼ିବ। ବର୍ତ୍ତମାନ ସେ ସ୍ପେନ୍‌ରେ ଡେରା ପକାଇଛନ୍ତି। ସେଠାକୁ ସେ ବୁଲିବାକୁ ଯାଇନାହାନ୍ତି। ଲଭ୍ ରଞ୍ଜନଙ୍କର ଏକ ଅନ୍‌ଟାଇଟ୍ଲ ଫିଲ୍ମରେ ପୂଜା ବର୍ତ୍ତମାନ ଅଭିନୟ କରୁଛନ୍ତି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରଣବୀର କପୁର। ନିକଟରେ ଏହାର ଏକ ଗୀତର ଶୁଟିଂ କରାଯାଉଥାଏ। ଶୁଟିଂ ସେଟ୍‌ରେ କେହି ପହଞ୍ଚିବା ପୂର୍ବରୁ ପୂଜା ଯାଇ ସେଠାରେ ହାଜର। ଯେତେବେଳେ ୟୁନିଟ୍ ସେଠାରେ ପହଞ୍ଚିଲା, ସମସ୍ତେ ତାଙ୍କୁ ଦେଖି ତାଜୁବ ହୋଇଗଲେ। ହେଲେ ତା'ପରେ ଏହାର କାରଣ ସେ ବଖାଣିଥିଲେ। ଏ ସମ୍ପର୍କରେ ପୂଜା କହନ୍ତି, "ଏହି ଗୀତର ଶୁଟିଂ ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ମୁଁ ଏଠାକୁ ଆସିଛି। କାରଣ କ୍ୟାମେରା ସମାନା କରିବା ପୂର୍ବରୁ ମୋତେ ଭଲ ଭାବରେ ପ୍ରାକ୍ଟିସ କରିବାକୁ ପଡ଼ିବ। ଶୁଟିଂ ସମୟରେ ଯେପରି ବାରମ୍ବାର କଟ୍ ନ ହୁଏ ସେ ନେଇ ନିଶ୍ଚୟ ସଚେତନ ରହିବି। ମୋ ମତରେ ରଣବୀରଙ୍କ ସହ ଏହି ଡୁଏଟ୍‌କୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ।" ଅନ୍ୟପକ୍ଷରେ ଖୁବ୍ ଶୀଘ୍ର ଏହି ଫିଲ୍ମର ଟାଇଟଲ ଘୋଷଣା କରାଯିବ। ଏ ନେଇ ପ୍ରଯୋଜନା ସଂସ୍ଥା ଏବେ ତତ୍ପର ଅଛି ବୋଲି କହନ୍ତି ଲଭ୍ ରଞ୍ଜନ।


ପୂଜା

# ସେପ୍ଟେମ୍ବରରେ 'ସଲାର'


ଶ୍ରୁତି

କମଲ ତନୟା ଶ୍ରୁତି ହାସନ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଇଛନ୍ତି। କାରଣ ସେ ଅଭିନୟ କରିଥିବା ବିଗ୍ ବଜେଟ ଫିଲ୍ମ 'ସଲାର' ଚଳିତ ବର୍ଷ ସେପ୍ଟେମ୍ବର ୨୮ରେ ପରଦା ଉପରକୁ ଆସୁଛି। ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଶ୍ରୁତି। ଖାସ୍ କଥା ହେଲା, ତେଲୁଗୁ ଭାଷାରେ ପ୍ରସ୍ତୁତ ଏହି ଫିଲ୍ମରେ ତାଙ୍କର ନାୟକ ସାଜିଛନ୍ତି 'ବାହୁବଳୀ' ଫେମ୍ ପ୍ରଭାସ। "ଯେତେବେଳେ ମୋତେ ଏହି ଅଫରଟି ମିଳିଲା ସେତେବେଳେ କୌଣସି ପ୍ରକାରେ ଏହାକୁ ହାତଛଡ଼ା କରିବାକୁ ଚାହିଁ ନ ଥିଲି। ବର୍ତ୍ତମାନ ଏହି ଫିଲ୍ମର ସମସ୍ତ କାମ ଶେଷ ହୋଇଛି। ଆସନ୍ତା ମାସ ୨୮ରେ ଫିଲ୍ମଟି ରିଲିଜ ହେବ। ତେଣୁ ଏନେଇ ମୁଁ ବେଶ୍ ଉତ୍ସୁକ ଅଛି" ବୋଲି କହନ୍ତି ଶ୍ରୁତି।" ଏହାର ନିର୍ଦ୍ଦେଶନା ଦେଇଛନ୍ତି 'କେଜିଏଫ୍'ର ନିର୍ଦ୍ଦେଶକ ପ୍ରଶାନ୍ତ ନୀଲ୍। ସେ ମଧ୍ୟ ଏହାର କାହାଣୀ ରଚନା କରିଛନ୍ତି। ହୋମ୍ବେଲ ଫିଲ୍ମସ ବ୍ୟାନରରେ ନିର୍ମିତ ଉକ୍ତ ଚିତ୍ରଟିରେ ପାଖାପାଖି ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୦ ଡିସେମ୍ବରରେ ଏହି ଫିଲ୍ମଟିର ଟାଇଟଲ ଘୋଷଣା କରାଯାଇଥିଲା, କିନ୍ତୁ ୨୦୨୧ ଜାନୁୟାରୀରେ ଶୁଟିଂ ଆରମ୍ଭ ହୋଇଥିଲା। ଏହାର କାହାଣୀ ଆକ୍ସନ-ଥ୍ରୀଲରଭିତ୍ତିକ। ଏଥିରେ ପ୍ରଭାସ ଏବଂ ଶ୍ରୁତିଙ୍କ ବ୍ୟତୀତ ପୃଥ୍ୱୀରାଜ ସୁକୁମାରନ୍ ଏବଂ ଜଗପତି ବାବୁ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଭୁବନ ଗୌଡ଼ା ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ରବି ବସରୁର। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।

ଅପେରା ହାଲ୍‌ଚାଲ୍

# ରାଣୀ ପଣ୍ଡାକୁ ଖଣ୍ଡଗିରି ମନା

ଏଥର ଯାତ୍ରାଜଗତରେ ନୂଆ ରୂପରେ ଏଣ୍ଟ୍ରି କରିଛି ଗୌରୀ ଗଣନାଟ୍ୟ। ଉକ୍ତ ଅପେରା ପାର୍ଟି ଦ୍ୱାରା ପରିବେଷିତ ନୂଆ ନାଟକ 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା' ଏବେ ଆଲୋଚନାର ଶିରୋନାମା ପାଲଟିଛି। ସଦ୍ୟ ମଞ୍ଚସ୍ଥ ଏହି ନାଟକରେ ଟାଇଟଲ ଭୂମିକାରେ ରାଣୀ ପଣ୍ଡାଙ୍କ ଅଭିନୟ ବେଶ୍ ପ୍ରଶଂସନୀୟ ହୋଇଛି। ତା'ସହ ଏହି ପାର୍ଟିର ଅନ୍ୟ କଳାକାରମାନେ ନିଜ ନିଜ ଭୂମିକାକୁ ସୁଚାରୁ ରୂପେ ତୁଲାଇଛନ୍ତି। ଏହି ନାଟକଟିକୁ ରଚନା କରିଛନ୍ତି ଡ. ଦୀପକ ଜେନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ତଥା ଜଲିଉଡ୍‌ର ଲିଟିଲ ମାଷ୍ଟର ଭାବରେ ପରିଚିତ ବିନୋଦ ରାଉତ। ଏହାର ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ତାପସ ଦାସ ଓରଫ ଟିଟନ୍। ଅନ୍ୟତମ ପ୍ରମୁଖ ପ୍ରଯୋଜକ ଇଂ ପ୍ରମୋଦ ସ୍ୱାଇଁଙ୍କ ପ୍ରଯୋଜିତ ଗୌରୀ ଗଣନାଟ୍ୟର ମୁଖ୍ୟ ପରିଚାଳକ ଅଛନ୍ତି ଲୁଲୁ କର। ଉକ୍ତ ପାର୍ଟିଦ୍ୱାରା ପରିବେଷିତ ଅନ୍ୟ ନୂଆ ନାଟକଗୁଡ଼ିକ ହେଲା -'ଏଇ ଫଗୁଣରେ ବାଜିବ ବାଜା' (ନାଟ୍ୟକାର-ଡ. ନିହାର ରଞ୍ଜନ ମହାନ୍ତି, ନିର୍ଦ୍ଦେଶକ-ବଳିଆ ସାର୍, ସଙ୍ଗୀତ -ବିକାଶ ଶୁକ୍ଳା), 'ମିଛେଇ ମୋନାଲିସା' (ନାଟ୍ୟକାର-ଜଗନ୍ନାଥ ରାଉତ, ନିର୍ଦ୍ଦେଶନା ଏବଂ ସଙ୍ଗୀତ -ଏମ୍ ଜ୍ଞାନେନ୍ଦ୍ର), 'ଲାଗିଲାରେ ପ୍ରୀତି ରଙ୍ଗ ଲାଗିଲା'(ନାଟ୍ୟକାର -ଅରୁଣ ବାରିକ, ନିର୍ଦ୍ଦେଶକ-ଇଂ. ଯୋଗେନ୍ଦ୍ର ମଲ୍ଲିକ, ସଙ୍ଗୀତ -ମିହିର ମହାନ୍ତି)। ଏଥର ଗୌରୀ ଗଣନାଟ୍ୟର ଅନ୍ୟ କଳାକାରମାନେ ହେଲେ ଗୋପାଳ, ମାନସ ପଣ୍ଡା, କେଦାର, ଶୁଭେନ୍ଦୁ, କମଳ ନନ୍ଦ,ଖଳନାୟକ ରଞ୍ଜିତ ପାତ୍ର (ନଣ୍ଡା), ବବି , ପଙ୍କଜ(ପାଲୁ),ବାପି, ଜୁନିୟର ରବି ଶତପଥୀ,ଜପୁନ, କୁନି, ରୀତା,ମୀନାକ୍ଷୀ, ବେବୀ, ସୁକାନ୍ତି ଏବଂ ଶଶୀ (କମେଡି)।


ରାଣୀ

# ଦୁଇଟା ଇଣ୍ଟରଭାଲ

ସାଧାରଣତଃ ଗୋଟିଏ ସିନେମା ପ୍ରେକ୍ଷାଳୟରେ ଦେଖିବା ସମୟରେ ଗୋଟିଏ ମଧ୍ୟାନ୍ତର ବା ଇଣ୍ଟରଭାଲ ଥାଏ। ହେଲେ ବଲିଉଡ୍‌ରେ ଏଭଳି ଏକ ସିନେମା ଅଛି, ଯେଉଁଥିରେ ଦୁଇଟି ଇଣ୍ଟରଭାଲ ଥିଲା। ହଁ, ଫିଲ୍ମଟିର ଟାଇଟଲ ଥିଲା 'ମେରା ନାମ ଜୋକର'। ରାଜ କପୁର ଏହାର ପ୍ରଯୋଜନା କରିବା ବ୍ୟତୀତ ନିର୍ଦ୍ଦେଶନା ଦେଇଥିଲେ ଏବଂ ଟାଇଟଲ ଭୂମିକାରେ ମଧ୍ୟ ଅଭିନୟ କରିଥିଲେ। ସର୍କସ ସହ ଜଡ଼ିତ ଜଣେ ଜୋକରର ଜୀବନୀକୁ ବେଶ୍ ସୁନ୍ଦର ଭାବରେ ଏଥିରେ ଉପସ୍ଥାପନା କରାଯାଇଥିଲା। ଏହି ଫିଲ୍ମରେ ରାଜ କପୁରଙ୍କ ବ୍ୟତୀତ ମନୋଜ କୁମାର, ସିମି ଗେରେୱାଲ, ରିଷି କପୁର, ଧର୍ମେନ୍ଦ୍ର, ଦାରା ସିଂ ପ୍ରମୁଖ କଳାକାର ଅଭିନୟ କରିଥିଲେ।

# ଆଶା ଗାୟିକା, ପେସା ଅଭିନୟ


ତାରା

ତାରା ସୁଟାରିଆ ଯେତେବେଳେ ଛୋଟ ଥିଲେ ସେତେବେଳେ ତାଙ୍କର ଏକ ଇଚ୍ଛା ଥିଲା ଜଣେ ଗାୟିକା ହେବାକୁ। କେବଳ ସେତିକି ନୁହେଁ, ଯେତେବେଳେ ତାଙ୍କୁ ମାତ୍ର ୭ ବର୍ଷ ବୟସ ହୋଇଥିଲା, ସେତେବେଳେ ସେ ମଞ୍ଚରେ ଗୀତ ଗାଇ ସାଉଁଟିଥିଲେ ପ୍ରଶଂସା। କେବଳ ସେତିକି ନୁହେଁ, ବିଦେଶରେ ଗୀତ ଗାଇ ଶ୍ରୋତାଦୃତ ହୋଇପାରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଅଭିନୟକୁ ଆପଣେଇ ନେଇଥିଲେ। ଏ ନେଇ ସେ କହନ୍ତି, "ପିଲାଦିନେ ଭଲ ଗୀତ ଗାଉଥିଲି। ଅନେକ ଷ୍ଟେଜ୍‌ରେ ପରଫର୍ମ କରି ପ୍ରଶଂସିତ ହୋଇଛି। ଆଶା ରଖିଥିଲି ବଡ଼ ହେଲେ ଜଣେ ଗାୟିକା ହେବି। ହେଲେ ଏବେ ଅଭିନୟ ମାୟାରେ ପଡ଼ିଯାଇଛି। କରନ୍ ଜୋହର 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨'ରେ ମୋତେ ବ୍ରେକ୍ ଦେଇଥିଲେ। ୨୦୧୯ରୁ ଏ ପର୍ଯ୍ୟନ୍ତ ମୁଁ ମାତ୍ର ୬ଟି ସିନେମାରେ ଅଭିନୟ କରିଛି। ଏ ନେଇ ମୁଁ ଅନୁତାପ କରୁନାହିଁ। କାରଣ ମୋର ବିଶ୍ୱାସ ଦିନେ ନା ଦିନେ ମୋତେ ଭଲ ଅଫର ମିଳିବ।" ତାରାଙ୍କ ଅଭିନୀତ ଶେଷ ଫିଲ୍ମ ହେଉଛି 'ଏକ ଭିଲେନ୍ ରିଟର୍ନସ', ଯାହା ଗତ ବର୍ଷ ରିଲିଜ ହୋଇଥିଲା। ଅନ୍ୟପକ୍ଷରେ ତାଙ୍କୁ ନେଇ ନିର୍ମିତ 'ଅପୂର୍ବା'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି।

# ପ୍ରଥମ ଦିନରେ ୩ ଜାତୀୟ ରେକର୍ଡ



ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ଉଦ୍‌ଘାଟନ ଅବସରରେ ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଓ ଅନ୍ୟମାନେ।

## କଳିଙ୍ଗରେ ଆକ୍ୱାଟିକ୍ ଚାମ୍ପିୟନଶିପ୍ ଆରମ୍ଭ

ଭୁବନେଶ୍ୱର, ୧୬।୮
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମର ନବନିର୍ମିତ ଇନ୍‌ଡୋର ଆକ୍ୱାଟିକ୍ ସେଣ୍ଟରରେ ବୁଧବାର ୩୯ତମ ସବ୍‌ଜୁନିୟର ଓ ୪୯ତମ ଜୁନିୟର ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ‘‘ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ସହ ପାର୍ଟନରଶିପ୍ କରି ଆମେ କାର୍ଯ୍ୟ କରୁଛୁ। ଓଡ଼ିଶାରେ ସୁଇମିଂ ଇକୋ ସିଷ୍ଟମର ଉନ୍ନତି ପାଇଁ ଆମେ ସେମାନଙ୍କ ସାହାଯ୍ୟ ନେଉଛୁ। ଏବେ ଆମ ନିକଟରେ ନୂଆ ଆକ୍ୱାଟିକ୍ ସେଣ୍ଟର ଉପଲବ୍ଧ। ଏହା ଦେଶରେ ଅନ୍ୟତମ ଶ୍ରେଷ୍ଠ। ଆମେ କ୍ରମାଗତ ଜାତୀୟ ପ୍ରତିଯୋଗିତା ଆୟୋଜନ କରୁଛୁ। ଏହି ବର୍ଗରେ ଆମ ନିକଟରେ ଅନେକ ପ୍ରତିଭା ସମ୍ପନ୍ନ ସନ୍ତରଣକାରୀ ଅଛନ୍ତି। ସେମାନଙ୍କୁ ଶ୍ରେଷ୍ଠ ସୁବିଧା ସୁଯୋଗ ଦେବା ଆମର ଲକ୍ଷ୍ୟ’’ ବୋଲି ଭିନିଲ କ୍ରିଷ୍ଣା ପ୍ରକାଶ କରିଛନ୍ତି। ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ମହାସଚିବ ମୋନାଲ ଚୋକ୍‌ଶି କହିଛନ୍ତି ଯେ, ‘‘ଓଡ଼ିଶା ରାଜ୍ୟ ସରକାର ଏଠାରେ ବିଶ୍ୱସ୍ତରୀୟ ଆକ୍ୱାଟିକ୍ ସେଣ୍ଟର ଉପଲବ୍ଧ କରାଇଛନ୍ତି। ଅତ୍ୟାଧୁନିକ ସୁବିଧା ସୁଯୋଗଥିବା ଦେଶର ଏହା ହେଉଛି ଅନ୍ୟତମ ଶ୍ରେଷ୍ଠ ଆକ୍ୱାଟିକ୍ ସେଣ୍ଟର। ଆମ ସନ୍ତରଣକାରୀମାନେ ଏଠାରେ ସନ୍ତରଣ କରିବାର ଭଲ ସୁଯୋଗ ପାଇଛନ୍ତି’’।

ପ୍ରଥମ ଦିବସରେ ୩ଟି ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା ହୋଇଛି। ଗ୍ରୁପ୍-୧ ବାଳକ ୧୦୦ ମିଟର ବଟରଫ୍ଲାଏରେ ଆସାମର ଜନଜ୍ଞୟ ଜେ.ହଜାରିକା ୫୫.୯୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରିଲିମ୍‌ରେ ସେ ଚମତ୍କାର ପ୍ରଦର୍ଶନ କରି ୨୦୧୭ରେ ମହାରାଷ୍ଟ୍ରର ମିହିର ଆମ୍ବ୍ରେ (୫୫.୬୫) କରିଥିବା ରେକର୍ଡକୁ ଭାଙ୍ଗିଛନ୍ତି। ପ୍ରଥମ ଦିବସରେ କର୍ନାଟକ ବାଳିକାମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଗ୍ରୁପ୍-୧ ଇଣ୍ଡିଭିଜୁଆଲ ମିଡ୍‌ଲେ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତି ଏହି ରାଜ୍ୟପାଇଁ ପଦକ ଖାତା ଖୋଲିଛନ୍ତି ମାନ୍‌ଭି ବର୍ମା। ସେ ୨:୨୨.୮୬ ସେକେଣ୍ଡ ସମୟ ନେଇଛନ୍ତି। ମହାରାଷ୍ଟ୍ରର ରାଘବୀ ରାମାନୁଜମ୍ ୨:୩୦.୫୬ ସେକେଣ୍ଡ ନେଇ ରୌପ୍ୟ ପଦକ ପାଇଛନ୍ତି। କର୍ନାଟକର ତନିଶି ଗୁପ୍ତା ଗ୍ରୁପ୍-୨ ଇଣ୍ଡିଭିଜୁଆଲ ମିଡ୍‌ଲେରେ ୨:୨୪.୮୩ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିବାସହ ରେକର୍ଡର ଅଧିକାରୀ ହୋଇଛନ୍ତି। ୨୦୨୨ରେ ମାନଭି ବର୍ମା ୨:୨୬.୯୯ ସେକେଣ୍ଡ ନେଇ କରିଥିବା ରେକର୍ଡକୁ ତନିଶି ଭାଙ୍ଗିଛନ୍ତି। କର୍ନାଟକର ନିଶା ୨:୨୯.୮୪ ସେକେଣ୍ଡ ସହିତ ରୌପ୍ୟ ପଦକ ପାଇଛନ୍ତି। ଦିବସର ତୃତୀୟ ଜାତୀୟ ରେକର୍ଡ କରିଛନ୍ତି କର୍ନାଟକର ଭିଦିଥ ଏସ. ଶଙ୍କର। ଗ୍ରୁପ୍-୧ ବାଳକ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ସେ ୨୯.୪୦ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ୨୦୨୨ରେ ହରିୟାଣାର ବଂଶ ପନ୍ନୁ ୨୯.୫୯ ସେକେଣ୍ଡ ସମୟ ନେଇ ଯେଉଁ ଜାତୀୟ ରେକର୍ଡର ଅଧିକାରୀ ହୋଇଥିଲେ ତାହାକୁ ଶଙ୍କର ଏଠାରେ ଭାଙ୍ଗିଛନ୍ତି।

## କିଶୋରଙ୍କ ଭିଜା ବାତିଲ କଲା ହଙ୍ଗେରୀ ଦୂତାବାସ

ନୂଆଦିଲ୍ଲୀ,୧୬।୮(ପି.ଟି.)

ଓଡ଼ିଆ ଜାଭେଲିନ୍ ଥ୍ରୋୟର କିଶୋର ଜେନାଙ୍କ ବିଶ୍ୱ ଚାମ୍ପିୟନଶିପ୍ ଅଂଶଗ୍ରହଣ ନେଇ ଦେଖା ଦେଇଛି ନୂତନ ଅସୁବିଧା। ହଙ୍ଗେରୀ ଦୂତାବାସ ପକ୍ଷରୁ କିଶୋରଙ୍କ ଭିଜା ବାତିଲ କରି ଦିଆଯାଇଛି। ବୁଦାପେଷ୍ଟରେ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ନିମନ୍ତେ କିଶୋର ଅଗଷ୍ଟ ୨୦ ତାରିଖରେ ଯିବାର କାର୍ଯ୍ୟକ୍ରମ ରହିଥିଲା। ଜୁଲାଇ ୩୦ରେ ଶ୍ରୀଲଙ୍କାର ଜାତୀୟ ଚାମ୍ପିୟନଶିପ୍‌ରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ କିଶୋର ବିଶ୍ୱ ଚାମ୍ପିୟନଶିପ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ବୁଧବାର ଆଥଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ହଙ୍ଗେରୀ ଦୂତାବାସ ପକ୍ଷରୁ କିଶୋରଙ୍କ ଭିଜା ଆବେଦନକୁ ବାତିଲ କରି ଦିଆଯାଇଛି। ତେବେ ବାତିଲର କୌଣସି କାରଣ ଜଣା ପଡିନାହିଁ। ତେବେ ଦୂତାବାସ ଏହି ମାମଲାକୁ ଦ୍ୱରିତ ଗତିରେ ଦେଖିବା ସହିତ କିଶୋରଙ୍କୁ ଭିଜା ପ୍ରଦାନ କରିବା ପାଇଁ ଏଏଫଆଇ ପକ୍ଷରୁ ଅନୁରୋଧ କରାଯାଇଛି। କିଶୋରଙ୍କ ବ୍ୟତିତ ନୀରଜ ଚୋପ୍ରା, ଡି.ପି. ମନୁ ଓ ରୋହିତ ଯାଦବ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ନୀରଜ ଚୋପ୍ରା ଡାଇମଣ୍ଡ ଲିଗ୍ ବିଜେତା ଭାବରେ ୱାଇଲ୍ଡ କାର୍ଡ ଜରିଆରେ ଯୋଗ୍ୟତା ହାସଲ କରିଥିଲେ। ହାତରେ ଆଘାତ କାରଣରୁ ରୋହିତ ଓହରି ଯାଇଥିବା ବେଳେ ବର୍ତ୍ତମାନ କେବଳ ନୀରଜ ଓ ମନୁ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି।

## ଓଡ଼ିଶା ରୋଲର ସ୍କେଟିଂ ଦଳର ୩ ରେକର୍ଡ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ରୋଲର ସ୍କେଟିଂ ଦଳ।

ଭୁବନେଶ୍ୱର, ୧୬।୮
(ତପନ ସ୍ୱାଇଁ)

ସ୍ୱାଧୀନତା ଦିବସ ଅବସରରେ ମଙ୍ଗଳବାର ଓଡ଼ିଶା ରୋଲର ସ୍କେଟିଂ ଦଳ ଆଉ ଏକ ମାଇଲଖୁଣ୍ଟ ସ୍ପର୍ଶ କରିଛି। ଓଡ଼ିଶା ସ୍କେଟିଂ ଏକାଡେମୀର ୧୦୨ ସଦସ୍ୟ ବିଶିଷ୍ଟ ଦଳ କଳିଙ୍ଗ ଷ୍ଟାଡିୟମରେ କ୍ରମାଗତ ୫ ଘଣ୍ଟା ରୋଲର ସ୍କେଟିଂ ରିଲେ ମାରାଥନ କରି ଏସିଆ ପାସିଫିକ୍ ରେକର୍ଡ, ଏକ୍ସଟ୍ରିମ ରେକର୍ଡ ଏବଂ ଜାତୀୟ ରେକର୍ଡର ଅଧିକାରୀ ହୋଇଛି। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଓଡ଼ିଶା ନାଭାଲ ଟାଟା ହକିର ରାଜୀବ ସେଠ୍ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ଅନୁ ଚୌଧୁରୀ, ଆପୋଲୋ ହସ୍ପିଟାଲ ସିଓଓ ଆଲୋକ ଶ୍ରୀବାସ୍ତବ ଓ ଉତ୍କଳ କରାଟେ ସ୍କୁଲ ମୁଖ୍ୟ ହରି ପ୍ରସାଦ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ସ୍କେଟିଂ ଏକାଡେମୀ ଏବଂ ରାଜ୍ୟ ସମ୍ପାଦକ ପାର୍ଥ ସାରଥି ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନେମାରଙ୍କ ୮୩୧ କୋଟିର ଚୁକ୍ତି

ରିୟାଧ,୧୬।୮(ପି.ଟି.)



ସାଉଦି ଫୁଟବଲ ଲିଗ୍ ସହିତ ଯୋଡି ହୋଇଛନ୍ତ ବ୍ରାଜିଲର ତାରକା ଷ୍ଟ୍ରାଇକର ନେମାର। ବିଗତ ୬ ସିଜନ ଧରି ପ୍ୟାରିସ୍ ସେଣ୍ଟ ଜର୍ମେନ୍(ପିଏସ୍‌ଜି) ପାଇଁ ଖେଳିବା ପରେ ନେମାର ଅଲ ହିଲାଲ ସହିତ ଚୁକ୍ତି କରିଛନ୍ତି। ବାର୍ଷିକ ୧୦୦ ମିଲିୟନ୍ ଡଲାର ବା ଭାରତୀୟ ମୁଦ୍ରାରେ ତାଙ୍କୁ ୮୩୧ କୋଟି ୮୭ ଲକ୍ଷ ୬୫ ହଜାର ଟଙ୍କାର ବେତନ ପ୍ରଦାନ କରାଯିବ। ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଅଲ ନାସର କ୍ଲବ ସହିତ ୨୦୦ ମିଲିୟନ ଡଲାର ବେତନରେ ଯୋଗ ଦେଇଥିଲେ। ୩୧ ବର୍ଷୀୟ ନେମାର ଆସନ୍ତା ଦୁଇ ସିଜନ ପାଇଁ ଅଲ ହିଲାଲ ସହିତ ଯୋଗ ଦେଇଛନ୍ତି। ୟୁରୋପିଆନ୍ ଫୁଟବଲ ଲିଗ୍‌ରେ ମୁଁ ଅନେକ କିଛି ହାସଲ କରିସାରିଛି। ମାତ୍ର ବର୍ତ୍ତମାନ ମୋର ଦକ୍ଷତା ସମଗ୍ର ବିଶ୍ୱରେ ପ୍ରତିପାଦିତ କରିବାର ସମୟ ଆସିଛି ବୋଲି ନେମାର କହିଛନ୍ତି। ଜାନୁୟାରୀ ୨୦୨୨ରେ ରୋନାଲ୍ଡୋ ଅଲ ନାସର କ୍ଲବ ସହିତ ଯୋଗ ଦେବା ପରେ ସାଉଦି ଲିଗ୍‌ର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ପରବର୍ତ୍ତୀ ସମୟରେ କରିମ୍ ବେଞ୍ଜେମା, ଏନ୍‌ଗୋଲୋ କାଣ୍ଟେ ଓ ଜୋର୍ଡାନ ହେଣ୍ଡରସନ୍‌ଙ୍କ ପରି ଖେଳାଳି ସାମିଲ ହୋଇଛନ୍ତି।

DSPL-187



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୭/୨୦୨୩ Bhubaneswar, Thursday, August 17/ 2023



ସ୍ୱାଧୀନତା ଦିବସ ଅବସରରେ ଲୋକସେବା ଭବନର କନ୍‌ଭେନଶନ ସେଣ୍ଟରରେ ମଙ୍ଗଳବାର ପ୍ରାମାଣିକ ଚଳଚ୍ଚିତ୍ର 'ଇଣ୍ଡିଆଜ୍ ଗେମ୍' ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିବୃନ୍ଦ।

# 'ଇଣ୍ଡିଆଜ୍ ଗେମ୍' ପ୍ରାମାଣିକ ଚଳଚ୍ଚିତ୍ର ଉଦ୍‌ଘାଟିତ

## ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ଭାରତ ପାଇଁ ଅଲିମ୍ପିକ୍ ସ୍ୱର୍ଣ୍ଣ ଜିତିଥିବା ହକି ଖେଳାଳିଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ମୁଖ୍ୟମନ୍ତ୍ରୀ



ଭାରତୀୟ ହକି ଦଳର ସଦସ୍ୟ ମନପ୍ରୀତ ସିଂଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର, ୧୬।୮

(ତପନ ସ୍ୱାଇଁ)

ସ୍ୱାଧୀନତା ଦିବସ ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାମାଣିକ ଚଳଚ୍ଚିତ୍ର 'ଇଣ୍ଡିଆଜ୍ ଗେମ୍-ଏ ଷ୍ଟୋରି ଅଫ୍ ଏ ଟିମ୍ ଦ୍ୟାଟ୍ ୟୁନାଇଟେଡ ଦି ନେଶନ'କୁ ଉଦ୍‌ଘାଟନ କରିଛନ୍ତି। ୧୯୨୮ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ସ୍ୱର୍ଣ୍ଣ ପଦକ ବିଜୟ କିପରି ସମଗ୍ର ଭାରତକୁ ଏକତ୍ରିତ କରିଥିଲା ଏବଂ ଭାରତୀୟ ଖେଳର ଧାରା ପରିବର୍ତ୍ତନ କରିଥିଲା ତାହା ଏଥିରେ ସ୍ଥାନ ପାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ହକି ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଲୋକସେବା ଭବନର କନ୍‌ଭେନଶନ ସେଣ୍ଟରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ହକି ପ୍ରତି ଅବଦାନ ରଖିଥିବା କିମ୍ବଦନ୍ତୀ ଖେଳାଳି ଏବଂ ଐତିହାସିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ''ସ୍ୱାଧୀନତା ଦିବସ ଅବସରରେ ଆମେ ଏହି ପ୍ରାମାଣିକ ଚଳଚ୍ଚିତ୍ରକୁ ସ୍ୱାଧୀନ ଭାରତର ସ୍ୱପ୍ନ ଦେଖିଥିବା ସ୍ୱାଧୀନତା ସଂଗ୍ରାମୀ ଏବଂ ଅଲିମ୍ପିକ୍ସ ହକିରେ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗର୍ବିତ କରିଥିବା ସମସ୍ତ ଖେଳାଳିଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛୁ''। ସ୍ୱାଧୀନତା ସଂଗ୍ରାମରେ ଭାରତୀୟ ହକିର ଭୂମିକା ଉପରେ ନିର୍ମିତ ହୋଇଥିବା ଏହି ଚଳଚ୍ଚିତ୍ର ନିର୍ମାଣର ସ୍ଥୂଳ ଧାରଣା ପ୍ରକୃତରେ ଦେଇଥିଲେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ। କିମ୍ବଦନ୍ତୀ ସ୍ୱାଧୀନତା ସଂଗ୍ରାମୀ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାପା ବିଜୁ ପଟ୍ଟନାୟକଙ୍କ ଜୀବନୀରେ ସେ ଅନୁପ୍ରାଣିତ ହୋଇଥିଲେ। ସ୍ୱାଧୀନତା ଆନ୍ଦୋଳନ ଅବସରରେ ବ୍ରିଟିଶ୍ ଓ ଜର୍ମାନୀ ପରି ଔପନିବେଶିକ ଶାସକ ଦଳ ବିପକ୍ଷରେ ଭାରତର ବିଜୟରେ ସ୍ୱାଧୀନତା ସଂଗ୍ରାମୀମାନେ ପ୍ରେରିତ ହୋଇଥିଲେ। ୟୁକେର ଲେଭଲ ଫିଲ୍ମସ ଏହି ପ୍ରାମାଣିକ ଚଳଚ୍ଚିତ୍ରକୁ ପ୍ରସ୍ତୁତ କରିଛି। ଏଥିରେ ହିଟଲରଙ୍କ ଜର୍ମାନୀ, ଗ୍ରେଟ୍‌ବ୍ରିଟେନ ଓ ପାକିସ୍ତାନ ବିପକ୍ଷରେ ବିଜୟ ସହ ଭାରତ କିପରି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା ତାହାକୁ ସ୍ଥାନିତ କରାଯାଇଛି। ଏହି ଐତିହାସିକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ପାଇଁ ଓଡ଼ିଶା ସରକାର ଓ ହକି ଇଣ୍ଡିଆ ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଥିଲା। ଉକ୍ତ ସମାରୋହରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, କ୍ରୀଡ଼ା ଓ ଯୁବସେବା ସଚିବ ଆର୍. ଭିନିଲ କ୍ରିଷ୍ଣା ଏବଂ ରାଜ୍ୟ ସରକାରଙ୍କ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କିମ୍ବଦନ୍ତୀ ଖେଳାଳି ଗୁରବକ୍ସ ସିଂ, ହରବିନ୍ଦର ସିଂ ଏବଂ ବର୍ତ୍ତମାନ ଭାରତୀୟ ଦଳର ସଦସ୍ୟ ରାଣୀ ରାମପାଲ, ମନପ୍ରୀତ ସିଂ, ଅମିତ ରୋହିଦାସ ଏବଂ ରାଜ୍ୟର ଅନେକ ଅନ୍ତର୍ଜାତୀୟ ଖେଳାଳିଙ୍କ ସହ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ଓ ବର୍ତ୍ତମାନର କେତେକ ହକି ଖେଳାଳି ଏବଂ ଐତିହାସିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

କୋଷ୍ଠକାଠିନ୍ୟର ସମାଧାନ
9119788888

# ତୁଷାର, ଶ୍ୱେତପଦ୍ମା ଚାମ୍ପିୟନ

## ୱାଇଜିଜିଟିଏ ର୍‍ୟାଙ୍କିଙ୍ଗ ଟିଟି ଉଦ୍‌ଯାପିତ

ଭୁବନେଶ୍ୱର,୧୬।୮(ସରୋଜ ଜେନା)

୨୮ତମ ଆନ୍ତଃରାଜ୍ୟ ୱାଇଜିଜିଟିଏ ର୍‍ୟାଙ୍କିଙ୍ଗ ଟେବୁଲ ଟେନିସ୍ ଚାମ୍ପିୟନଶିପ୍ ୨୦୨୩ ବୁଧବାର ଉଦ୍‌ଯାପିତ ହୋଇଛି। ଅଗଷ୍ଟ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବୟସ ବର୍ଗରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ପୁରୁଷ ସିଙ୍ଗଲ୍ସରେ ତୁଷାର ଚୌହାନ ଓ ମହିଳା ସିଙ୍ଗଲ୍ସରେ ଶ୍ୱେତପଦ୍ମା ଦଳାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ପୁରୁଷ ସିଙ୍ଗଲ୍ସରେ ଏଜି ଓଡ଼ିଶାର ତୁଷାର ଚୌହାନ ୪-୨ରେ ଇଏସ୍‌ଆଇସିର ତୌଫିକ୍ ହକଙ୍କୁ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଶ୍ୱେତପଦ୍ମା ଦଳାଇ ୪-୨ରେ ଭଦ୍ରକର ମୟୂରୀ ଚାଟାର୍ଜୀଙ୍କୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି।

୧୧ ବର୍ଷରୁ କମ୍ ବାଳିକା ବର୍ଗରେ କଟକର ଆରାଧ୍ୟା ସାହୁ, ବାଳକ ବର୍ଗରେ ଆରଏସ୍‌ପିର ରିତମ ଭୂୟାଁ,୧୩ ବର୍ଷରୁ କମ୍ ବାଳିକା ବର୍ଗରେ ଶ୍ୱେତା ବର୍ମା, ବାଳକ ବର୍ଗରେ ପୁରୀର ଜିଜ୍ଞାସୁ ସାଇ କିରଣ,୧୫ବର୍ଷରୁ କମ୍ ବାଳିକାରେ ଉର୍ଜା ବର୍ମା, ବାଳକ ବର୍ଗରେ କଟକର ଜିଜ୍ଞାସୁ ସାହୁ, ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଭୁବନେଶ୍ୱରର ଶ୍ୱେତପଦ୍ମା ଦଳାଇ, ବାଳକ ବର୍ଗରେ ଜିଜ୍ଞାସୁ ସାହୁ, ୧୯ ବର୍ଷରୁ କମ୍ ବୟସ ବାଳକ ବର୍ଗରେ ଜିଜ୍ଞାସୁ ସାହୁ ଓ ବାଳିକା ବର୍ଗରେ ଶ୍ୱେତପଦ୍ମା ଦଳାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। କଟକ ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନ ସମ୍ପାଦକ ଅଭିଜିତ୍ ପଲ୍, ଓଷ୍ଟା ସମ୍ପାଦକ ରବୀନ୍ଦ୍ର କୁମାର ପରିଡା, ଉପ ସଭାପତି ଚିତ୍ତରଞ୍ଜନ ମହାନ୍ତି, ସହକାରୀ ସମ୍ପାଦକ ଜୟଦିଥ ଦେବତା ଓ କୋଷାଧ୍ୟକ୍ଷ ନିହାର ରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଆର. କ୍ରିଷ୍ଣକୁମାର, ମୁଖ୍ୟ ରେଫରି କେଏସ୍‌ଏନ ମୂର୍ତ୍ତି, ତପନ ଖା, ବିଜନ ଦାସ ମହାପାତ୍ର ଓ ସୁଜିତ ରାୟ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ।

# ଚନ୍ଦ୍ରଶେଖରପୁର ୟୁଥ୍ ବିଜୟୀ

ଭୁବନେଶ୍ୱର, ୧୬।୮

(ତପନ ସ୍ୱାଇଁ)



ଜୟ ପଟ୍ଟନାୟକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଦେଉଛନ୍ତି ଦିଲୀପ ଦାସ।

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ଚନ୍ଦ୍ରଶେଖରପୁର ୟୁଥ୍ ଆସୋସିଏଶନ ବିଜୟୀ ହୋଇଛି। ଜୟ ପଟ୍ଟନାୟକଙ୍କ ଗୋଲ ବଳରେ ୟୁଥ୍ ଆସୋସିଏଶନ ୧-୦ରେ ମଦର୍ସ ଫୁଟବଲ କ୍ଲବକୁ ପରାସ୍ତ କରିଛି। ମ୍ୟାଚର ୪ର୍ଥ ମିନିଟରେ ବିଜୟୀ ଦଳ ପକ୍ଷରୁ ଜୟ ପଟ୍ଟନାୟକ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ମଦର୍ସ ବହୁ ଚେଷ୍ଟା କରିଥିଲେ ମଧ୍ୟ ଗୋଲଟି ପରିଶୋଧ କରିପାରି ନ ଥିଲା। ଆୟୋଜକ ଆସୋସିଏଶନର ଫୁଟବଲ ସମ୍ପାଦକ ଦିଲୀପ ଦାସ ଉପସ୍ଥିତ ରହି ଜୟ ପଟ୍ଟନାୟକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ସକାଓ୍ୱତ ଖାଁ। ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ ବିଜୟ କୁମାର ମଙ୍ଗରାଜ ଓ ସାଫିକ୍ସିଲ୍ ଖାଁ, ଚତୁର୍ଥ ରେଫରି ଥିଲେ ଶିବ ଦେହୁରୀ। ଏହି ମ୍ୟାଚ ପରେ ଗ୍ରୁପ୍ 'ବି'ରେ ଚନ୍ଦ୍ରଶେଖରପୁର ଆସୋସିଏଶନ ଓ କଳିଙ୍ଗ ସ୍ପୋର୍ଟିଂ ୩ ପଏଣ୍ଟ ଲେଖାଏ ପାଇଛନ୍ତି। ୟୁନାଇଟେଡ ୟୁଥ୍ ସ୍ପୋର୍ଟ୍ସ କ୍ଲବ ୨ ପଏଣ୍ଟ ପାଇଛି। ଗୁରୁବାର ଖାରପଡ଼ା ଫୁଟବଲ କ୍ଲବ ଓ କିଟ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଭିନେଶ ଓହରିଲେ

ନୂଆଦିଲ୍ଲୀ,୧୬।୮(ପି.ଟି.)

ଆଣ୍ଠୁରେ ଆଘାତ କାରଣରୁ ଭିନେଶ ଫୋଗଟ ଏସିଆନ୍ ଗେମ୍ସ ୨୦୨୩ରୁ ଓହରି ଯାଇଛନ୍ତି। ଫଳରେ ସମାନ ଓଜନ ବର୍ଗରେ ସବ୍‌ଷ୍ଟିଚ୍ୟୁଟ୍ ଖେଳାଳି ରହିଥିବା ଅନ୍ତିମ ପଙ୍ଘାଲଙ୍କ ଅଂଶଗ୍ରହଣ ସମ୍ଭାବନା ବୃଦ୍ଧି ପାଇଛି। ମଙ୍ଗଳବାର ଭିନେଶ ଟୁଇଟ୍ କରି ନ ଖେଳିବା ସମ୍ପର୍କରେ ଘୋଷଣା କରିଛନ୍ତି। ଆଣ୍ଠୁରେ ଆଘାତ ଲାଗିଥିବା ବେଳେ ଏଥିରେ ଅସ୍ତ୍ରୋପଚାର କରାଯିବ। ଫଳରେ ସେପ୍ଟେମ୍ବର ୨୩ରେ ହେବାକୁ ଥିବା ହାଙ୍ଗଝୌ ଏସିଆନ୍ ଗେମ୍ସରେ ଅଂଶଗ୍ରହଣ ନ କରିବା ନେଇ ଭିନେଶ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏସିଆନ୍ ଗେମ୍ସ ପାଇଁ ଭିନେଶ ଓ ବଜରଙ୍ଗ ପୁନିଆଙ୍କୁ ସିଧାସଳଖ ଯୋଗ୍ୟତା ମିଳିଥିଲା। ଏହାକୁ ବିରୋଧ କରି ବିଭିନ୍ନ ଖେଳାଳି ଓ ସଙ୍ଗଠନ ବିରୋଧ ପ୍ରଦର୍ଶନ କରିଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ